# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ ) Sambalpur, Saturday, September 22/ 2018 (Career & Appointment) | ★★

୧୪ଶ ଭାଗ ୨୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





ସତ୍ୟମେବ ଜୟତେ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ରସାୟନ ଏବଂ ସାର ମନ୍ତ୍ରଣାଳୟ
ଭାରତ ସରକାର

## ପୂର୍ବୋଦୟରୁ ନୂଆ ଭାରତର ହେବ ଉଦୟ

## ସାର କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତା ଏବଂ ଓଡ଼ିଶାର ସମୃଦ୍ଧି ଦିଗରେ

## ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ

"ପୂର୍ବଭାରତର ଉନ୍ନତି ବିନା ଭାରତର ବିକାଶ ଅସମ୍ପୂର୍ଣ୍ଣ।"



## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ

କରକମଳରେ

## ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍

(ଗେଲ୍, ସିଆଇଏଲ୍, ଆର୍‌ସିଏଫ୍ ଏବଂ ଏଫ୍‌ସିଆଇଏଲ୍‌ର ସଂଯୁକ୍ତ ଉଦ୍ୟମ)

## ତାଳଚେର ସ୍ଥିତ କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା ପାଇଁ

### ଶୁଭ କାର୍ଯ୍ୟାରମ୍ଭ

### ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍‌ର ବିଶେଷତ୍ୱ

- ଦେଶର ପ୍ରଥମ କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା - ଭାରତୀୟ ଅର୍ଥନୀତି ପାଇଁ ଯୁଗ ପରିବର୍ତ୍ତନକାରୀ
- ମାତ୍ରାଧିକ ପାଉଁଶଯୁକ୍ତ ଭାରତୀୟ କୋଇଲାର ସୁପରିଚାଳନା ପାଇଁ ପେଟ୍‌କୋକ୍ ବ୍ଲେଣ୍ଡିଂ ସମ୍ବଳିତ ପ୍ରକଳ୍ପ
- ପରିତ୍ୟକ୍ତ ଭାବରେ ଉପଲବ୍ଧ ଘରୋଇ କୋଇଲାକୁ ପରିବେଶ ଅନୁକୂଳ ଭାବରେ ବିକଳ୍ପ ବ୍ୟବହାରକୁ ପ୍ରୋତ୍ସାହନଦାୟୀ ଯୁଗାନ୍ତକାରୀ ପ୍ରକଳ୍ପ
- ୧୩୦୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୧.୨୭ ମିଲିୟନ୍ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ କ୍ଷମତା
- ବାର୍ଷିକ ୧୬୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆମଦାନୀ ଦେୟ ହ୍ରାସ
- କୃଷକମାନଙ୍କ ପାଇଁ ଅଧିକ ୟୁରିଆ ଉପଲବ୍ଧକାରୀ
- ପ୍ରାୟ ୪୫୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅନନ୍ତ କୁମାର**
କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ କାର୍ଯ୍ୟ ମନ୍ତ୍ରୀ

**ଜୁଏଲ୍ ଓରାମ୍**
କେନ୍ଦ୍ର ଜନଜାତୀୟ ବ୍ୟାପାର ମନ୍ତ୍ରୀ

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ପିୟୁଷ ଗୋଏଲ**
କେନ୍ଦ୍ର ରେଳବାଇ ଏବଂ କୋଇଲା ମନ୍ତ୍ରୀ

**ତଥାଗତ ସତପଥୀ**
ସାଂସଦ, ଢେଙ୍କାନାଳ

**ବ୍ରଜ କିଶୋର ପ୍ରଧାନ**
ବିଧାୟକ, ତାଳଚେର

**ଶନିବାର, ୨୨ ସେପ୍ଟେମ୍ବର ୨୦୧୮, ପ୍ରାତଃ ୯ ଘଣ୍ଟା ୩୦ ମିନିଟ୍**
**ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍, ତାଳଚେର, ଓଡ଼ିଶା**





ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



# ଉଦ୍‌ଘାଟନୀ ଅପେକ୍ଷାରେ ଝାରସୁଗୁଡ଼ା ବିମାନବନ୍ଦର




ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଅପେକ୍ଷାରେ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗମନ ପାଇଁ କାରକେଡ ରିହରସାଲ୍ ।

## ପ୍ରସ୍ତୁତି ଶେଷ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଝାରସୁଗୁଡ଼ା ଅଫିସ,୨୧।୯

ବହୁ ପ୍ରତୀକ୍ଷାର ଅନ୍ତ ଘଟିବ। ଶନିବାର ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଦ୍‌ଘାଟିତ ହେବା ପାଇଁ ଅପେକ୍ଷା କରିଛି ଝାରସୁଗୁଡ଼ା ବିମାନ ବନ୍ଦର। ୧୦୨୭.୫ ଏକର ପରିମିତ ଜମିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ବିମାନବନ୍ଦର ନିର୍ମିତ ହୋଇଛି। ଶନିବାର ଦିନ ୧୨.୩୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନବନ୍ଦର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଏହାପରେ ପ୍ରଧାନମନ୍ତ୍ରୀ ଅମଲିପାଲିଠାରେ ଆୟୋଜିତ ବିଶାଳ ସମାବେଶରେ ଉଦ୍‌ବୋଧନ ଦେବେ । ଉଦ୍‌ଘାଟନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅଧିକାରୀ ଶୁକ୍ରବାର ସମୀକ୍ଷା କରିଛନ୍ତି। ବିଭାଗୀୟ ଯୁଗ୍ମସଚିବ ଉଷା ପାଢୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

ଏଥିପାଇଁ ଝାରସୁଗୁଡ଼ା ସହର ପୋଲିସ ଛାଉଣୀରେ ପରିଣତ ହୋଇଛି । ପଶ୍ଚିମ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲାରୁ ବଛା ବଛା ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ନେତୃତ୍ୱ ନେଉଥିବା ଅତିରିକ୍ତ ଡିଜି ୱାଇ.ବି. ଖୁରାନିଆ ଶୁକ୍ରବାର ସୁରକ୍ଷା ତଦାରଖ କରିଥିଲେ। ଏହାସହ ବିଭିନ୍ନ ଜିଲାରୁ ଆସିଥିବା ପୋଲିସ ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା ସୁରକ୍ଷା ବ୍ଲୁ-ପ୍ରିଣ୍ଟ ଅନୁସାରେ ପୋଲିସ ମୁତୟନ କରିବାକୁ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ କହିଥିଲେ। ମୋଦିଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ବିଭିନ୍ନ ଜିଲାରୁ ୩ ଜଣ ଏସ୍‌ପି, ୬ ଜଣ କମାଣ୍ଡାଣ୍ଟ, ୫୦ପ୍ଲାଟୁନ୍ ଫୋର୍ସ ଏବଂ ୩୦୦ରୁ ଅଧିକ ପୋଲିସ ଅଧିକାରୀ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ଏସ୍‌ପିଜି ହାତରେ ନ୍ୟସ୍ତ। ତେଣୁ ବିଧି ମୁତାବକ ସେମାନେ ସୁରକ୍ଷା ତଦାରଖ କରୁଥିବା ଦେଖାଯାଇଥିଲା। ସ୍ୱତନ୍ତ୍ର ସୁରକ୍ଷା ବାହିନୀ(ଏସ୍‌ପିଜି) ପକ୍ଷରୁ ମଧ୍ୟାହ୍ନ ଏବଂ ଅପରାହ୍ନରେ କାରକେଡ ରିହର୍‌ସାଲ୍ କରାଯାଇଥିଲା। ସାମ୍ନାରେ ପାଇଲଟିଂ ଗାଡି ସମେତ ବୁଲେଟ୍‌ପ୍ରୁଫ୍ କାର ମୋଦି ଆସିବାକୁ ଥିବା ରାସ୍ତା ବିମାନବନ୍ଦରରୁ ଅମଲିପାଲି ସଭାସ୍ଥଳ ଯାଏ ରିହରସାଲ୍ ହୋଇଥିଲା। ଏସ୍‌ପିଜିର କଡା ସୁରକ୍ଷା ବଳୟରେ ଏହି କାରକେଡ ରିହରସାଲ୍ ହୋଇଥିଲା।



ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମସଚିବ ଉଷା ପାଢ଼ୀ ତଦାରଖ କରୁଛନ୍ତି।



ପୋଲିସର ପ୍ରସ୍ତୁତି ବୈଠକ।

# ରାଜ୍ୟ ସରକାରଙ୍କ ମୁଖା ଖୋଲିଛି ସିଏଜି ରିପୋର୍ଟ: ଭାଜପା

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

- ଅଡିଟ୍ ନ ହେବା ଯାଏ ବିଜୁ ଯୁବବାହିନୀ ବାବଦରେ ଅର୍ଥ ଖର୍ଚ୍ଚ କରିପାରିବେନି
- ଆମକୁ କେନ୍ଦ୍ର ହିଁ ସମ୍ମାନିତ କରିଛି: ବିଜେଡି

ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନର ଅସଲ ଚେହେରା ଖୋଲିଯାଇଛି। ସିଏଜି ଦର୍ଶାଇଥିବା ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଭାଜପା ରାଜ୍ୟବାସୀଙ୍କ ପକ୍ଷରୁ ଅଦାଲତର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ବିଜୁ ଯୁବ ବାହିନୀ ବାବଦରେ ରାଜ୍ୟ ସରକାର ସବୁ ଖର୍ଚ୍ଚ ବନ୍ଦ ରଖିବା ପାଇଁ ସିଏଜିଙ୍କ ପକ୍ଷରୁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଚିଠି ଦିଆଯାଇଛି । ହକି ବିଶ୍ୱକପରେ ବ୍ୟସ୍ତ ଥିବା କାରଣରୁ ବିଜୁ ଯୁବବାହିନୀ ପାଇଁ ହେବାକୁ ଥିବା ଅଡିଟ୍ କାର୍ଯ୍ୟରେ ସହଯୋଗ କରିପାରିବ ନାହିଁ ବୋଲି କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଉତ୍ତର ଦେବାପରେ ସିଏଜି ଏଭଳି ଚିଠି ଲେଖିଥିଲେ। ଡିସେମ୍ବର ପରେ ଅଡିଟ୍ କାର୍ଯ୍ୟରେ ବିଭାଗ ସହଯୋଗ କରିବ ବୋଲି କହିଥିଲା । ବିଭାଗର ଏଭଳି ଉତ୍ତରକୁ ଉଲ୍ଲେଖ କରି ସିଏଜି କହିଛନ୍ତି, ଯଦି ହିସାବ ଦେବାପାଇଁ ସମୟ ନାହିଁ ତେବେ ଯୁବବାହିନୀ କ୍ରିୟାନ୍ୱୟନ ପାଇଁ ସମୟ କେମିତି ଅଛି। ହକି ବିଶ୍ୱକପ୍ କାମରୁ ମୁକ୍ତ ହୋଇ ହିସାବ ନ ଦେବା ପର୍ଯ୍ୟନ୍ତ ଯୁବବାହିନୀ ଖର୍ଚ୍ଚ ବାବଦରେ ତହବିଲରୁ ଟଙ୍କାଟିଏ ଖର୍ଚ୍ଚ ନ କରିବାକୁ ସିଏଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ସତ୍ୟାସତ୍ୟ ସମ୍ପର୍କରେ କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ବିଶାଲ ଦେବ ଉତ୍ତର ରଖନ୍ତୁ ବୋଲି ଆଚାର୍ଯ୍ୟ ଦାବି କରିଛନ୍ତି । ଏପରି କି ଯୁବବାହିନୀ ଶାସକ ବିଜେଡିର ଗୁଣ୍ଡାବାହିନୀ ବୋଲି ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ।

ସେ ଆହୁରି କହିଛନ୍ତି ଯେ, ପିସି ଖାଇବା ପାଇଁ ରାଜ୍ୟ ସରକାର ୟୁସି ଦେଉନାହାନ୍ତି। ତ୍ରୟୋଦଶ ଅର୍ଥ କମିଶନରୁ ଗୃହ ବିଭାଗ ପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ଏହାର ୟୁସି ନ ଦେବା କାରଣରୁ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା ହରାଇବାକୁ ପଡ଼ିଲା। ୟୁସି ନ ଦେବା ପଛର କାରଣ ହେଉଛି ରାଜ୍ୟ ସରକାର ୭୫ କୋଟି ଟଙ୍କା ଖର୍ଚ୍ଚ ନ କରି ଚଳୁ କରିଦେଇଛନ୍ତି । ଜାମର କିଣା, କର୍ମଚାରୀଙ୍କ ଗୃହ ନିର୍ମାଣ ଭଳି ବ୍ୟାପକ ଅନିୟମିତତା କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସରକାରୀ ଡାକ୍ତରଖାନାରେ ସରଞ୍ଜାମ କିଣା, ନବକଳେବର ଅର୍ଥ ବାଟମାରଣା, ବାତ୍ୟା ଅଞ୍ଚଳରେ ବାସଗୃହ ନିର୍ମାଣ ଆଦି କ୍ଷେତ୍ରରେ ମଧ ବ୍ୟାପକ ଦୁର୍ନୀତି ହୋଇଛି। ୧୯ ବର୍ଷରେ ସରକାର ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ ଓଡିଶା ଦେଶର ଏକ ନମ୍ବର ରାଜ୍ୟ ବୋଲି ରଙ୍ଗିନ ବିଜ୍ଞାପନ ଦିଆଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ମନ୍ଥର କାର୍ଯ୍ୟକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ଓଡ଼ିଶା ୧୫୫ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହେଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି, ଯାହା କି ରାଜ୍ୟ ସରକାରଙ୍କ କେନ୍ଦ୍ର ଅବହେଳା ନାରାକୁ ମିଥ୍ୟା ବୋଲି ପ୍ରମାଣିତ କରୁଛି ବୋଲି ଆଚାର୍ଯ୍ୟ କହିଛନ୍ତି । ମୟୂରଭଞ୍ଜ ଜିଲାରେ ହୋଇଥିବା କୃଷି ଦୁର୍ନୀତିକୁ ସରକାର ସ୍ୱୀକାର କରିଥିଲେ ମଧ କାହିଁକି ତଦନ୍ତ କରୁନାହାନ୍ତି ବୋଲି ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଏସବୁର ଉତ୍ତରରେ ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି, ବିଜୁ ଯୁବବାହିନୀ ଅର୍ଥ ଏ ପର୍ଯ୍ୟନ୍ତ ସବୁ ଜାଗାରେ ଖର୍ଚ୍ଚ ହୋଇନାହିଁ। ଆଗକୁ ଏ ଟଙ୍କା ଖର୍ଚ୍ଚ ହେବାପରେ ସିଏଜି ଏନେଇ ଅଡିଟ୍ କରିପାରିବେ। ଅଡିଟ୍ କରିବାକୁ ସିଏଜିଙ୍କୁ ମନା ନାହିଁ। ଭାଜପା ଏପରି ହାବଭାବ ଦେଖାଉଛି, ଯେମିତି ଲୋକମାନଙ୍କୁ ବିଭ୍ରାନ୍ତ କରିପାରିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ କେନ୍ଦ୍ର ସରକାର ଓଡ଼ିଶାକୁ ଏକ ନମ୍ବର ରାଜ୍ୟଭାବେ ସମ୍ମାନିତ କରିଛନ୍ତି। ଓଡ଼ିଶାର ଭାଜପା ନେତାମାନେ ରାଜ୍ୟ ସରକାର ଭୁଲ୍ ତଥ୍ୟ ଦେଉଛନ୍ତି ବୋଲି କହିଲା ବେଳେ କେନ୍ଦ୍ରୀୟ ନେତାମାନେ ସମ୍ମାନିତ କରୁଛନ୍ତି। ତେବେ କେଉଁଟା ଠିକ୍ ସେକଥା ସେମାନେ କୁହନ୍ତୁ ବୋଲି ଶତପଥୀ କହିଛନ୍ତି।

# ଅକ୍ଟୋବର ଓ ନଭେମ୍ବରରେ ଓଡ଼ିଶା ଆସିବେ ରାହୁଲ: ନିରଞ୍ଜନ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ ନେଇ ବିଗତ କିଛିଦିନ ହେବ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରଠାରୁ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟାଳୟଠାରେ ହେଉଥିବା ବୈଠକ ବା କାର୍ଯ୍ୟକ୍ରମରେ ଏନେଇ ନେତାମାନେ ମତ ରଖୁଛନ୍ତି। ପୂର୍ବରୁ ସେପ୍ଟେମ୍ବର ଶେଷ ସପ୍ତାହରେ ରାହୁଲ ଓଡିଶା ଗସ୍ତରେ ଆସିବେ ବୋଲି ଦଳୀୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୂଚନା ଦେଇଥିଲେ। ସେ ଓଡିଶା ଆସିବାକୁ ଆଗ୍ରହୀ ଥିଲେ ମଧ ସାଙ୍ଗଠନିକ କାର୍ଯ୍ୟ ଶେଷ ହୋଇପାରୁ ନ ଥିବା କାରଣରୁ ଏହା ସମ୍ଭବ ହେଉ ନ ଥିବା ଶୁଣିବାକୁ ମିଳିଥିଲା। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୪ବର୍ଷ ମଧରେ ବାରମ୍ବାର ଓଡିଶା ଗସ୍ତରେ ଆସି ରାଜ୍ୟରେ ଦଳୀୟ ସଙ୍ଗଠନ ମଜଭୁତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସି ଯାଇଥିବାବେଳେ ଶନିବାର ପୁନର୍ବାର ଗସ୍ତ କରୁଛନ୍ତି। ଅନ୍ୟପଟେ ଶାହ ମଧ ଆସନ୍ତା ୨୪ତାରିଖରେ ପୁରୀ ଗସ୍ତରେ ଆସି ଦଳୀୟ ସଙ୍ଗଠନ ମଜଭୁତ କରିବା ସହ ରାଜ୍ୟରେ କିଭଳି ଭାଜପା ସରକାର କରିବ ତା'ର ଭିତ୍ତିଭୂମି ଯାଞ୍ଚ କରିବେ। ଏଭଳି ସ୍ଥିତିରେ ପିସିସି ସଭାପତି ଆସନ୍ତା ମାସରେ ରାହୁଲଙ୍କ ଓଡିଶା ଗସ୍ତ ନେଇ ସୂଚନା ଦେଇଛନ୍ତି, ଯାହାକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ନିରଞ୍ଜନ କହିଛନ୍ତି ଯେ, ଅକ୍ଟୋବରରେ ରାହୁଲ ଓଡିଶା ଆସିବେ। ଏହାପରେ ନଭେମ୍ବରରେ ସେ ପୁନର୍ବାର ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସେ କେବେ ଆସିବେ ସେ ନେଇ ତାରିଖ ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ସଭାର ଆୟୋଜନ କରାଯିବ, ଯେଉଁଠାରେ ରାହୁଲ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଜଣାଇବା ସହ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେବେ। ଅନ୍ୟପଟେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ତେବେ ଭାଜପାକୁ ମଜଭୁତ କରିବାକୁ ଶାହ ଓ ପ୍ରଧାନମନ୍ତ୍ରୀ ବାରମ୍ବାର ଓଡିଶା ଗସ୍ତ କରୁଥିବାବେଳେ ରାହୁଲ ଏ ପର୍ଯ୍ୟନ୍ତ ରାଜ୍ୟ ଗସ୍ତରେ ନ ଆସିବା ଦ୍ୱାରା କିଛି ପ୍ରଭାବ ପଡିବ କି ବୋଲି ନିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟରେ ଭାଜପା ବହୁ ଦୁର୍ବଳ ଅବସ୍ଥାରେ ରହିଛି। କେନ୍ଦ୍ର ନେତାମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ସେମାନେ ଆଗକୁ ବଢ଼ିପାରୁ ନାହାନ୍ତି। ସେଥିଲାଗି ଶାହ ଓ ପ୍ରଧାନମନ୍ତ୍ରୀ ବାରମ୍ବାର ଓଡିଶା ଗସ୍ତ କରୁଛନ୍ତି ବୋଲି ସେ କହିଛନ୍ତି।




# ମୋଦିଙ୍କ ଆଭିମୁଖ୍ୟ ଉପରେ ନଜର

ଭୁବନେଶ୍ୱର୨୧।୯(ବ୍ୟୁରୋ)

- କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଲେ ବିଜେଡି, କଂଗ୍ରେସ
- ଏଠି କଳି, ଦିଲ୍ଲୀରେ କୋଳାକୋଳି: ନିରଞ୍ଜନ
- ୪ବର୍ଷ କାମ କଲୁ ଏବେ ହିସାବ ଦବୁ: ଧର୍ମେନ୍ଦ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶା ଗସ୍ତ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଛି। ଚଳିତ ଗସ୍ତ କାଳରେ ମୋଦି କଣ ଆଭିମୁଖ୍ୟ ରଖିବେ ତାଉପରେ ସମସ୍ତଙ୍କ ନଜର ରହିଛି। ଆସନ୍ତା ନିର୍ବାଚନ ପୂର୍ବରୁ ମୋଦି ସାଧାରଣ ସଭାରେ ଯେଉଁ ଆଭିମୁଖ୍ୟ ଗ୍ରହଣ କରିବେ ତାହା ରାଜ୍ୟ ରାଜନୀତିକୁ ଭିନ୍ନ ମୋଡ ଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଶେଷଥର ଓଡିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିଷ୍ପତ୍ତିକୁ ସମର୍ଥନ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ ଏବଂ ବରିଷ୍ଠ କେନ୍ଦ୍ରମନ୍ତ୍ରୀମାନେ ଅନୁରୋଧ କରିବା ପରେ ସେମାନଙ୍କ ସବୁ ଯୋଜନା ଫସର ଫାଟିଯାଇଛି। ନିକଟ ଭବିଷ୍ୟତରେ ହୋଇଥିବା ରାଷ୍ଟ୍ରପତି ଉପାଧକ୍ଷ ନିର୍ବାଚନରେ କେନ୍ଦ୍ର ସରକାରଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ପ୍ରଧାନମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ, କେନ୍ଦ୍ର ଗୃହ ମନ୍ତ୍ରୀ ପ୍ରମୁଖ ବରିଷ୍ଠ ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଯାହାକି ଜାତୀୟ ଏବଂ ରାଜ୍ୟ ରାଜନୀତିରେ ମୁଖ୍ୟମନ୍ତ୍ରୀଙ୍କ ପତିଆରାକୁ ବହୁଗୁଣିତ କରିଛି। ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ବିରୋଧୀ ଆଭିମୁଖ୍ୟ ରାଜ୍ୟବାସୀଙ୍କ ଉପରେ କୌଣସି ପ୍ରଭାବ ନ ପକାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ବିଗତ ଦିନରେ ମଧ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ଶାହ ରାଜ୍ୟ ସରକାରଙ୍କ ବିରୋଧରେ ବହୁବାର କଡ଼ା ଆଭିମୁଖ୍ୟ ରଖିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ପ୍ରଭାବ ଶୂନ୍ୟ ହୋଇଥିବା ପରିଲକ୍ଷିତ ହୋଇଛି। ରାଜ୍ୟ ଭାଜପା ନେତାମାନେ ମଧ ରାଜ୍ୟ ସରକାରଙ୍କୁ ବାରମ୍ବାର ଟାର୍ଗେଟ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରଶଂସା ସବୁ ଏପଟସେପଟ କରିପକାଉଛି। ଯାହାର ପ୍ରମାଣ ସ୍ୱରୂପ, ପଞ୍ଚାୟତ ନିର୍ବାଚନର ସଫଳତାକୁ ଛାଡିଲେ ରାଜ୍ୟବାସୀଙ୍କ ସମର୍ଥନ କୌଣସି ସମୟରେ ଭାଜପାକୁ ନ ମିଳିବା ସ୍ପଷ୍ଟ କରୁଛି। ତେବେ ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି। ମାତ୍ର ତାଙ୍କ ରାଜ୍ୟ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ବିଜେଡି ଏବଂ ଭାଜପା ମତ ରଖିଛନ୍ତି।

ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରକଳ୍ପ ଉଦ୍‌ଘାଟନ କରିବା ପାଇଁ ଆସୁଛନ୍ତି ତାହା ବହୁ ପୂର୍ବରୁ ହେବା କଥା। ମାତ୍ର ଏବେ ନିର୍ବାଚନକୁ କମ୍ ସମୟ ଥିବାରୁ ସେ ଉଦ୍‌ଘାଟନ କରି ଜନମତ ଗୋଟାଇବାର ପ୍ରୟାସ କରିବାକୁ ଆସୁଛନ୍ତି। ୩ବର୍ଷ ତଳୁ ଯୋଜନା କରିଥିଲେ ଏନେଇ ମୁଖ୍ୟମନ୍ତ୍ରୀ ମଧ ବାରମ୍ବାର ଚିଠି ଲେଖି କେନ୍ଦ୍ରକୁ ଜଣାଇଛନ୍ତି। ହେଲେ ଜାଣିଶୁଣି ବିଳମ୍ବରେ ଏହା କରାଯାଉଛି। ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି। ତାଙ୍କ ଆଭିମୁକ୍ୟକୁ ଲକ୍ଷ୍ୟ କରି ବିଜେଡି ତାର ଉତ୍ତର ଦେବ। ତେବେ ତାଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ଶତପଥୀ କହିଛନ୍ତି।

ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦିଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ। ବିଜେଡି-ଭାଜପା ଭାଇଭାଇ। ଏଠି କଳି ଦିଲ୍ଲୀରେ ଉଭୟ କୋଳାକୋଳି ବୋଲି ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସାଢେ ୪ବର୍ଷ ହେଲା କାମ କଲୁ। ଏବେ ତାର ହିସାବ ଦେବାର ସମୟ ଆସିଛି। ଯେଉଁ ରାଜ୍ୟ ଏକ ବିରାଟ ସାମ୍ବିଧାନିକ ସଙ୍କଟ ଆଡକୁ ଯାଉଛି ସେଠାର ଶାସନ କର୍ତ୍ତାଙ୍କୁ ଲୋକମାନେ ଚିହ୍ନିଲେଣି। ତେଣୁ ତାଙ୍କ ସହ ମୋଦିଙ୍କ ତୁଳନା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟସଭା ଉପାଧକ୍ଷ ପଦ ବିଜେଡିକୁ ଯଚା ଯାଇଥିଲା। ମାତ୍ର ସେମାନେ କାହିଁକେ ନେଲେ ନାହିଁ ଏକଥା ତାଙ୍କୁ ପଚାରିଲେ କହିପାରିବେ। ଅନାସ୍ଥା ପ୍ରସ୍ତାବ ବେଳେ ଭାଜପାକୁ ବିଜେଡି ସାହାଯ୍ୟ କରି ନ ଥିଲା। କୌଣସି ବାଧବାଧକତାରୁ ବିନା ବିତର୍କରେ କକ୍ଷତ୍ୟାଗ କରିଥିଲେ। ରାଷ୍ଟ୍ରପତି ନିର୍ବାଚନରେ ଆମେ ସମର୍ଥନ ମାଗିଥିଲୁ ସେମାନେ ଦେଇଥିଲେ। କିନ୍ତୁ ଉପରାଷ୍ଟ୍ରପତି ନିର୍ବାଚନରେ କାହିଁକି ସମର୍ଥନ କଲେନି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ Sambalpur, Saturday, September 22/ 2018




ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୨/୨୦୧୮



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଲକି
ପରିବାରବର୍ଗ



ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

3 bedroom flat 4000 sqft. full furnished including 4 Car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-8492

ଘରବାରି plot sale in Bhubaneswar ନଖରା sqft.- 580/-, ଅରଗୁଳ sqft.- 170/-, ପାହାଳ sqft.- 700/- Smruti. 7749090720. D-64314

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8484

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs Contact: 9937059891, 8908312315, 8908292617.** D-8487

ଜଟଣୀଗେଟ ପାଖରେ NHକୁଲାଗି ଘରବାରି ପାଚେରି ପ୍ଲଟ ମିଳୁଅଛି। 9778556265. D-64327

**3BHK flat top floor with ceiling & 3nos. 1.5 Ton split AC ready to move NR KIIT College SB-1676 sqft. price per sqft. 3100/- parking electrification & DG connection extra 2.5 lacs Govt. fee born by purchasers. Hurry up stock limited. Plz contact Mr. Jyoti Mob: 7008143144, 9668995106. (Finance LIC HFL).** D-64326

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

### construction

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect plan– SMPL: 9439483779.** D-8488

### to-let

3BHK flat with garage beside Lewis Road near Ravi Talkies Square, Bhubaneswar. Contact: 9437282739, 0674-2435359. D-63847

### healthcare

All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38531

### business

Maa Shib Durga Traders, Bhubaneswar. ଅଗରବତୀ ମେସିନ୍ ସ୍ୱଳ୍ପଅର୍ଥ ବିନିଯୋଗକରି ମାସକୁ ପାଆନ୍ତୁ 70,000/- ପର୍ଯ୍ୟନ୍ତ profit, କଞ୍ଚାମାଲ୍ freeରେ, 9337090042, 9937988891. D-8474

SSE, MSME, LSE, Agriculture, food. Want to make any Industries contact Mr. Samantaray (FCA). 7008236035, 9937309695. D-8491

### LOST

I Shiv Kumar Sharma S/o. Khemchand Sharma, Aged about-58, resident of ward no.-16, Brahmachari, P.o/Ps./ Dist.- Bargarh declare that a Regd. Gift deed bearing No.-2155 which was executed by my mother Late Durgi bai Sharma in favour of me on dated 8th August 1996. The ROR bearing Chaka Khata No.-132 area A.o. 14 dec. mouza Brahmachari has gifted to me through the aforesaid deed which was lost on dated 20th September 2018 . When I am going to Tahsil Office Bargarh. We are not responsible if any body use the aforesaid gift deed with malafide intention. D-62447

Now Matrimonial ads. only on Wednesday & Sunday Book 1 Get 1 FREE

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜନ୍ମଦିନ ଶୁଭେଚ୍ଛା



(ଛୋଟୁ)
ଆରୁଶ୍
ବାଲେଶ୍ୱର

ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ । ଶୁଭେଚ୍ଛା ସହ: **ଆୟୁଶ, ପ୍ରଥମ, ଗୁନ୍‌ଗୁନ୍, କୁମ୍‌କୁମ୍, କ୍ରିଷ୍ଣା, କାବେରୀ, ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ ଓ ମଉସା, ମାଉସୀ ଓ ପରିବାରବର୍ଗ।** ଧ-୮୪୮୯

## ୭ମ ଜନ୍ମଦିନ ଶୁଭେଚ୍ଛା



(ଲକି)
ଓମ୍‌ପ୍ରକାଶ ସାହୁ
ଗ୍ରାମ- ବାଲିପାଟଣା, ଚାନ୍ଦବାଲି, ଭଦ୍ରକ

ଆଜିର ୭ମ ଶୁଭଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେଉ, ତୋର ଉଜ୍ଜ୍ୱଳମୟ ଦୀର୍ଘ ଜୀବନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: **ଜେଜେବାପା- ଯୁଧିଷ୍ଠିର ସାହୁ, ଜେଜେମା- ଯଶୋଦା, ବାପା- ଦିଲୀପ୍, ମାତା- ରଶ୍ମିତା, ଦଦା- ମନୋଜ, ବାପୁନି, ଖୁଡୀ- ଅନୁ, ଭଉଣୀ- ଆଦ୍ୟାଶା, ମିଷ୍ଟି, ଅଜା, ଆଈ, ମାମୁ, ମଉସା, ମାଉସୀ ଓ ପରିବାରବର୍ଗ।** ଧ-୮୪୪୭


# ଇଞ୍ଜିନରୁ ଅଲଗା ହେଲା ବଗି



**ନିରାକାରପୁର, ୨୧।୯ (ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ନିରାକାରପୁର ଲେଭଲ୍ କ୍ରସିଂ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୫୮ ବଗି ବିଶିଷ୍ଟ ଏକ ମାଲବାହୀ ଟ୍ରେନ୍ ଇଞ୍ଜିନ୍‌ଟି ଅନ୍ୟ ବଗିରୁ ଅଲଗା ହୋଇଯାଇଥିଲା। ଫଳରେ ୩୫ବଗି ସହ ଇଞ୍ଜିନ୍ ଓ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇ ପ୍ରାୟ ୭୫୦ ମିଟର ପର୍ଯ୍ୟନ୍ତ ଗଡ଼ି ଚାଲିଥିଲା। ସାର ବୋଝେଇ ହୋଇ ଆନ୍ଧ୍ରପ୍ରଦେଶର କାକିନାଡ଼ାରୁ ବିହାରକୁ ଯାଉଥିବା ଏହି ଟ୍ରେନ୍‌ଟିର ଏଭଳି ସ୍ଥିତି ଲୋକଙ୍କୁ ଭୟଭୀତ କରିଥିଲା। ଏ ବିଷୟରେ ଗେଟ୍‌କିପର ଗାର୍ଡଙ୍କୁ ଜଣାଇବା ପରେ ଇଞ୍ଜିନ୍ ଚାଳକ ଓ ଗାର୍ଡ ଉଭୟ କ୍ଲିପିଂ ସେଟ୍ କରାଇଥିଲେ। ବଗି ସହ ଇଞ୍ଜିନ୍ ସଂଯୋଗ କରାଯିବା ପରେ ଟ୍ରେନ ସ୍ୱାଭାବିକ ଭାବେ ଗତି କରିଥିଲା। ହେଲେ ଏହାକୁ ନେଇ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ପଡ଼ିଯାଇଥିବାରୁ ନୂଆଁ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଘଟଣା ସମ୍ପର୍କରେ ନିରାକାରପୁର ରେଳ ଷ୍ଟେଶନ୍‌ର ବାଣିଜ୍ୟ ଅଧିକାରୀ ସନ୍ଦୀପ ସ୍ୱରୂପ ନାୟକ କହନ୍ତି, ଏହା କିପରି ଘଟିଲା ବର୍ତ୍ତମାନ ଜଣାପଡ଼ିନି, ଏ ବିଷୟରେ ଅନୁସନ୍ଧାନ କରିବି। ଷ୍ଟେଶନ୍ ପରିଚାଳକ ସୁଜିତ୍ କୁମାର ବର୍ଷାତ କହିଥିଲେ, ମୋର ୪ଟା ବେଳେ ଡ୍ୟୁଟି ଥିଲା। ପୂର୍ବାହ୍ନ ସମୟରେ ଏହା ଘଟିଥିବାରୁ ମୁ ଏ ନେଇ ବିଶେଷ କିଛି ଜାଣିନାହିଁ। କାର୍ଯ୍ୟରତ ଗେଟ୍‌କିପର୍ ଦୋଳଗୋବିନ୍ଦ ପାଢଶାଣୀ କହିଛନ୍ତି ଯେ, ଇଞ୍ଜିନ୍ ସହ ୩୫ ବଗି ଓ ଅନ୍ୟପକ୍ଷରେ ଖାଲି ବଗିଗୁଡିକୁ ଅଲଗା ହୋଇ ରେଳଧାରଣା ଉପରେ ଗଡ଼ି ଚାଲୁଥିବା ଦେଖିଥିଲି। ମୁଁ ଏ ବିଷୟରେ ଗାର୍ଡ଼ଙ୍କୁ ଜଣାଇବା ପରେ ସେ ରେଡ୍ ଫ୍ଲାଗ୍ ଦେଖାଇ ଟ୍ରେନକୁ ରଖିଦେଇଥିଲେ।




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିପାରିବେ। ଆପଣଙ୍କ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ସପ୍ତମସ୍ଥ ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରିପାଇବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ** ରବି ସ୍ୱନକ୍ଷତ୍ରରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ବୁଧ ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ମାତ୍ର ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଆଜି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ।

**କର୍କଟ** ରାହୁଙ୍କ ନକ୍ଷତ୍ରସ୍ଥ ଶୁକ୍ର କିଛିଟା ବିଶୃଙ୍ଖଳିତ ପରିସ୍ଥିତି ମଧ୍ୟରେ ଅଭିଳାଷକୁ ପୂରଣ କରାଇବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ହଠାତ୍ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ** ମିତ୍ର ନକ୍ଷତ୍ରସ୍ଥ ମଙ୍ଗଳ ଶତ୍ରୁ କ୍ଷେତ୍ରରେ ରହିଥିବାରୁ ଇଚ୍ଛାଥିଲେ ମଧ୍ୟ କେତେକ କାମ କରିବା ଦିଗରେ ପଛେଇଯାଇପାରନ୍ତି। ଅବଶ୍ୟ ଜମିଜମା କାରବାର, ଆରକ୍ଷୀ ମାମଲା ତଥା ବହୁତ ଦିନରୁ ଖୋଜୁଥିବା ଜିନିଷ ପ୍ରାପ୍ତିରେ ଶୁଭ ସଂକେତ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି।

**କନ୍ୟା** ବିଶାଖା ନକ୍ଷତ୍ରସ୍ଥ ବୃହସ୍ପତି ଏକାଧାରରେ ଅର୍ଥ, ସମ୍ମାନ ପ୍ରଦାନ କରିବା ସାଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରାଇବ। ତଥାପି ଦୀର୍ଘ ଦିନର କେତେକ ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିପାରେ। ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** କେତୁ ନକ୍ଷତ୍ରସ୍ଥ ଶନି ଧୀର ମନ୍ଥର ଗତିରେ କାର୍ଯ୍ୟ ସାଧନ କରାଇବ। ଶନିଙ୍କ କୁପ୍ରଭାବ ଜନିତ ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** କୁମ୍ଭରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଭଲ ମନ ନେଇ କାମ କଲେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ ହେବେ। କର୍ମକ୍ଷେତ୍ରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଧାର କରଜ କରି ଆବଶ୍ୟକତା ଚଳାଇନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଭାଗ୍ୟାଧିପତି କର୍ମସ୍ଥାନରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ତଥାପି ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାମାଜିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ଗୁରୁ ଓ ଶୁକ୍ର କର୍ମସ୍ଥାନରେ ରହି ପାରିବାରିକ ଜୀବନର ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବେ। ଫଳତଃ ନିଜ ଲୋକଙ୍କ ପରିବର୍ତ୍ତିତ ଚିନ୍ତାଧାରା ଓ ବନ୍ଧୁଙ୍କ ସମର୍ଥନ ସହାୟକ ହୋଇପାରିବ। ମନ ଚାହୁଁ ନ ଥିଲେ ମଧ୍ୟ ଘର ପାଇଁ ହଠାତ୍ କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ଅସଜଡା ପରିସ୍ଥିତିକୁ ସଜାଡି ନେବାର ପ୍ରୟାସ କରି ସଫଳତା ପାଇବେ। ଆର୍ଥିକ ସ୍ଥିତି ସାମୟିକ ଦୁର୍ବଳ ରହିବା କାରଣରୁ ବିକଳ୍ପ ଚିନ୍ତା ଓ ବ୍ୟବସ୍ଥା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେବଳ ବୃହସ୍ପତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଗ୍ରହ ଅନୁକୂଳ ସ୍ଥାନରେ ରହିଥିବାରୁ କାମ ହାସଲ ହେବ। ସଫଳତା ପ୍ରଚ୍ଛନ୍ନଭାବରେ ଲୁକ୍କାୟିତ ହୋଇଥିବାରୁ ପରୋକ୍ଷଭାବରେ ସହାୟତା ପାଇପାରିବେ। ଶନିଙ୍କ ଦୃଷ୍ଟିର ପ୍ରଭାବରେ ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଶନିବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୪୧ମି. ଗତେ ଘ୧।୧୧ମି. ମଧ୍ୟେ, ଘ୨।୩୯ମି. ଗତେ ଘ୪।୦୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୧୧ମି. ଗତେ ଘ୮।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ।

### କୋଣାର୍କ, ଶ୍ରୀମନ୍ଦିର ପ୍ରତି ଅରୁଚିକର ମନ୍ତବ୍ୟ

# ଆୟରଙ୍କ ନାମରେ ପୁଣି ଏତଲା



ଅଭିଜିତ୍ ଆୟରଙ୍କ ଫଟୋ ଥିବା ଫ୍ଲେକ୍ସ ପୋଡ଼ାଯାଉଛି।

**ପୁରୀ ଅଫିସ, ୨୧।୯:** ଅଭିଜିତ ଆୟର ମିତ୍ର ଓଡ଼ିଶା, ଓଡ଼ିଆ ଜାତି, ଓଡ଼ିଶାର ଐତିହ୍ୟକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଅରୁଚିକର ମନ୍ତବ୍ୟ ରଖୁଛନ୍ତି। ଶ୍ରୀଜଗନ୍ନାଥ ଓ କୋଣାର୍କ ସୂର୍ଯ୍ୟମନ୍ଦିର ବିରୋଧରେ କଦର୍ଥ ମନ୍ତବ୍ୟ ରଖିଛନ୍ତି। ଏହା ଓଡ଼ିଶା ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଭାବାବେଗକୁ କଠୋର ଆଘାତ ଦେଇଛି। ଅଭିଜିତଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ବିରୋଧ ଶୁକ୍ରବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମଞ୍ଚର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏତଲାରେ ଦର୍ଶାଇଛନ୍ତି ଯେ, ଅଭିଜିତ ବିଧାନସଭାର ସଦସ୍ୟ ଓ ସଦସ୍ୟାଙ୍କ ନାମରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୫୩(ଏ), ୨୯୫(କ), ୨୯୬, ୨୯୭, ୨୯୮, ୧୨୦(ଖ), ୩୪ ଏବଂ ବିଧାନସଭା ଆଚରଣ ବିଧି ନିୟମ ୧୪୨ ଧାରା ବଳରେ ମକଦ୍ଦମା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏହାସହିତ ସିଂହଦ୍ୱାର ଥାନା ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିଜିତଙ୍କ ଫଟୋ ଚିତ୍ର ସମ୍ବଳିତ ଫ୍ଲେକ୍ସ ପୋଡା ଯାଇଥିଲା। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଅଧିକାରୀ ଗୋକୁଳ ଚନ୍ଦ୍ର ଦାସ କହିଛନ୍ତି, ଏହି ଅଭିଯୋଗକୁ ଭିତ୍ତିକରି ଏକ ଷ୍ଟେଶନ ଡାଏରୀ କରାଯାଇଛି। ଏହାର ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଗତ ୧୫ତାରିଖରେ ଚିଲିକା ଉପରେ ହେଲିକପ୍ଟର ଉଡାଣ ହୋଇଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏହି ଉଡାଣ କରିଥିବା ଜଣାପଡିଥିଲା। ତାଙ୍କ ସହିତ ଦିଲ୍ଲୀର ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ହେଲିକପ୍ଟରରେ ଥିଲେ। ସେ ତାଙ୍କର ଟୁଇଟରରେ ଏହି ହେଲିକପ୍ଟରେ ବୁଲିବାର ଫଟୋ ପୋଷ୍ଟ କରିବା ସହିତ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ, ଓଡ଼ିଶା ଏବଂ ଓଡିଆ ଜାତି ବିରୋଧରେ ମନ୍ତବ୍ୟ ରଖିଥିଲେ। ଏହାକୁ ନେଇ ପୂର୍ବରୁ ସିଂହଦ୍ୱାର ଥାନାରେ ଏକ ଏତଲା ହୋଇଛି। ଏହାସହିତ କୋଣାର୍କ ଥାନରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ମାମଲାରେ ପୋଲିସ ଗୁରୁବାର ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିବା ବେଳେ ସାକେତ କୋର୍ଟ ତାଙ୍କ ଜମିନ ମଞ୍ଜୁର କରିଛନ୍ତି। ୨୮ତାରିଖ ସୁଦ୍ଧାରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀମନ୍ଦିରରେ ବାମନ ଜନ୍ମନୀତି ସମ୍ପନ୍ନ

**ପୁରୀ ଅଫିସ, ୨୧।୯:** ଶ୍ରୀମନ୍ଦିରରେ ଶୁକ୍ରବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ସରିବା ପରେ ତିନିବାଢ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା। ନୂଆ ଲୁଗା ଲାଗି ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପବିତ୍ର ବେଢା ନୀତି ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ତ୍ତି ମୁରୁଜରେ ବାମନ ଜନ୍ମନୀତି ମଣ୍ଡଳ ପକାଇଥିଲେ। ବାମନ ଦେବ ଭିତରକୁ ବିଜେ ହେବା ପରେ ଧଣ୍ଡି ପ୍ରସାଦ ଲାଗି ହୋଇଥିଲା। ସନ୍ଧ୍ୟାରେ ବାମନ ଜନ୍ମନୀତି ସମ୍ପନ୍ନ ହୋଇଥିଲା।

# ଗର୍ଭଗୃହରେ ଆମିକସ୍‌କ୍ୟୁରି

## ଦର୍ଶନକୁ ନେଇ ଉଠିଲା ପ୍ରଶ୍ନ

**ପୁରୀ ଅଫିସ,୨୧।୯:** ଶ୍ରୀମନ୍ଦିର ଜଗମୋହନ ମରାମତି କାମ ଆରମ୍ଭ ପରଠାରୁ ଗର୍ଭଗୃହ ଦର୍ଶନ ବନ୍ଦ ରହିଥିଲା। ମରାମତି ଶେଷ ପରେ ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସକୁ ଭିତ୍ତି କରି ଶ୍ରୀମନ୍ଦିର ପ୍ରଶାସନ ଗର୍ଭଗୃହ ଦର୍ଶନ ଉପରେ କଟକଣା ଲଗାଇଛି। ଏହା ପରଠାରୁ ଭିତରକାଠ ନିକଟରୁ ଭକ୍ତମାନେ ଦର୍ଶନ କରୁଛନ୍ତି। ପାଳିଆ ସେବକଙ୍କ ଛଡା ଅନ୍ୟ ସମସ୍ତଙ୍କ ଲାଗି ଏହି କଟକଣା ରହିଛି। ହେଲେ ଶୁକ୍ରବାର ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗର୍ଭଗୃହରେ ଦର୍ଶନ କରିଛନ୍ତି। ଆମିକସ୍‌କ୍ୟୁରିଙ୍କ ଅନିଚ୍ଛା ସତ୍ତ୍ୱେ କେତେଜଣ ସେବକ ତାଙ୍କୁ ଗର୍ଭଗୃହକୁ ନେଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ସମେତ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଏକାଧିକ ବିଚାରପତି ଶ୍ରୀମନ୍ଦିରକୁ ଆସିଛନ୍ତି। ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତି ବି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସମସ୍ତେ ଭିତରକାଠ ଏବଂ ବାହାର କାଠ ନିକଟରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିଥିବା ବେଳେ କ'ଣ ପାଇଁ କେତେଜଣ ସେବକ ଆମିକସ୍‌କ୍ୟୁରିଙ୍କୁ ଗର୍ଭଗୃହକୁ ନେଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଆମିକସ୍‌କ୍ୟୁରି ଭାବେ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କ ରିପୋର୍ଟକୁ ଆଧାର କରି ସୁପ୍ରିମ୍‌କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଦେବେ ବୋଲି କୁହାଯାଉଛି। ସେ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବା ଲାଗି ପୁରୀରେ ଅଛନ୍ତି। ଶୁକ୍ରବାର ଆମିକସ୍‌କ୍ୟୁରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବାକୁ ଆସିଥିଲେ। ସେ ଭିତର କାଠ ନିକଟରେ ଠିଆ ହୋଇ ଠାକୁରଙ୍କୁ ଦର୍ଶନ କରୁଥିଲେ। ସୁପ୍ରିମ୍‌କୋର୍ଟରେ ରୁଜୁ ମାମଲା ଦ୍ୱାରା ସେବାୟତ ପ୍ରଭାବିତ ହେବାକୁ ଯାଉଥିବାରୁ କେତେଜଣ ସେବକ ତାଙ୍କୁ ଖୁସି କରିବା ପାଇଁ ଗର୍ଭଗୃହକୁ ନେଇଥିବା କୁହାଯାଉଛି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଗର୍ଭଗୃହକୁ ସର୍ବସାଧାରଣଙ୍କ ଦର୍ଶନ ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ଆମିକସ୍‌କ୍ୟୁରି ଗର୍ଭଗୃହକୁ ପ୍ରବେଶ କଲେ କିପରି? ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ସେ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବାକୁ ଆସିଛନ୍ତି। ଏଥିରେ ଗର୍ଭଗୃହକୁ ଯିବାର ଆବଶ୍ୟକତା ଅଛି କି ନାହିଁ ତାହାର ତର୍ଜମା ହେବା ଦରକାର। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମନ୍ଦିର ପ୍ରଶାସନ ପକ୍ଷରୁ ଆମେ ବାରଣ କରିଥିଲୁ। ଗର୍ଭଗୃହ ପ୍ରବେଶ ଉପରେ ବି.ପି. ଦାସ କମିଶନଙ୍କ କଟକଣା ରହିଛି। କେବଳ ପାଳିଆ ସେବକ ଗର୍ଭଗୃହକୁ ଯାଇପାରିବେ ବୋଲି ଆମିକସ୍‌କ୍ୟୁରିଙ୍କୁ କହିଥିଲୁ। ହେଲେ କେତେଜଣ ତାଙ୍କ ହାତଧରି ଭିତରକୁ ନେଇଯାଇଥିଲେ।

ଅନ୍ୟପକ୍ଷରେ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ସାହାଣମେଳା ଦର୍ଶନ କରିବାକୁ କେତେଜଣ ସେବକ ଦାବି କରିଆସୁଛନ୍ତି। ମହାପ୍ରଭୁଙ୍କର ନୀତିକାନ୍ତି ଗର୍ଭଗୃହରେ ସମ୍ପନ୍ନ ହୋଇଥାଏ। ଆମିକସ୍‌କ୍ୟୁରି ଶ୍ରୀମନ୍ଦିରର ସେବାପୂଜା ଏବଂ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ମତ ନେବାକୁ ଆସିଛନ୍ତି। ତେଣୁ ଗର୍ଭଗୃହକୁ ଯାଇ ଦର୍ଶନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗର୍ଭଗୃହ ବିଷୟରେ ସେ ଜାଣିବା ଦରକାର ବୋଲି ସମ୍ପୃକ୍ତ ସେବକ ତାଙ୍କୁ ଗର୍ଭଗୃହକୁ ନେଉଥିବା କୁହାଯାଉଛି।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକ



ସ୍ମୃତି ରଂଜନ ମିଶ୍ର (ପପୁ)
ତଡାଶ, ଚନ୍ଦନପୁର, ପୁରୀ
ଆବିର୍ଭାବ: ଶ୍ରାବଣ କୃଷ୍ଣ ତ୍ରୟୋଦଶୀ
୨୩।୦୭।୧୯୮୭
ତିରୋଧାନ: ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ
୨୬।୦୯।୨୦୧୫
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୦୮୧୪

### ଶ୍ରଦ୍ଧାଞ୍ଜଳି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ ବର୍ଣ୍ଣିକା ପଟ୍ଟନାୟକ
ଆବିର୍ଭାବ- ୧୯।୧୧।୧୯୬୯
ତିରୋଧାନ- ୨୨।୦୯।୨୦୧୩
୪୪, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ। ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ ଏବଂ ସଦାସର୍ବଦା ରହିବ ମଧ୍ୟ। ତୁମର ତ୍ୟାଗ, ନିଷ୍କାପର ସେବା, ପରକୁ ଆପଣାର କରିବାର ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ତୁମକୁ ମନେ ପକାଉଛନ୍ତି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। -ଶୋକସନ୍ତପ୍ତ ସ୍ୱାମୀ, ଝିଅ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଧ-୬୨୯୦୯

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ Sambalpur, Saturday, September 22/ 2018 | ପୃଷ୍ଠା-୧




### ଅର୍ଜୁନ ପୁରସ୍କାର ପାଇଁ ଉତ୍ସାହିତ ମନପ୍ରୀତ

ଅର୍ଜୁନ ପୁରସ୍କାର ପାଇବାକୁ ଯାଉଥିବାରୁ ମୁଁ ବହୁତ ଖୁସି ଏବଂ ଅଧିକ ସଫଳତା ପାଇଁ ଏହା ଉତ୍ସାହିତ କରିଛି ବୋଲି ଭାରତୀୟ ହକି ତାରକା ମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

୦୯

୧୧

### 'ମଣ୍ଟୋ' ରିଲିଜ୍ ନେଇ ନନ୍ଦିତାଙ୍କ ପ୍ରତିକ୍ରିୟା

ଶୁକ୍ରବାର 'ମଣ୍ଟୋ' ମୁକ୍ତିଲାଭ କରିଛି। କିନ୍ତୁ ପ୍ରଥମ ଦିନର ମର୍ନିଂ ଶୋ' ପ୍ରଦର୍ଶିତ ହୋଇପାରି ନ ଥିବାରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାସ ନୈରାଶ୍ୟ ପ୍ରକାଶ କରିଛନ୍ତି ।








## ବ୍ୟାଙ୍କକ୍‌ରେ ଓଡ଼ିଶା ପର୍ଯ୍ୟଟନର ରୋଡ୍ ଶୋ'

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ବ୍ୟାଙ୍କକ୍‌ରେ ରାଜ୍ୟ ପର୍ଯ୍ୟଟନ ସମ୍ବଳର ପ୍ରଚାର ପ୍ରସାର ପାଇଁ ଦ୍ୱିତୀୟ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଥାଇଲାଣ୍ଡସ୍ଥିତ ଭାରତୀୟ ଦୂତାବାସ ଏବଂ ଫିକିର ମିଳିତ ସହଯୋଗରେ ବ୍ୟାଙ୍କକ୍‌ର ଏକ ହୋଟେଲରେ ଏହି ରୋଡ୍ ଶୋ' ହୋଇଥିଲା। ୧୪୦ରୁ ଊର୍ଦ୍ଧ୍ୱ ଟୁର୍ ଅପରେଟର, ଟ୍ରାଭେଲ ଏଜେଣ୍ଟ, ଦୂତାବାସ ପ୍ରତିନିଧି ଏବଂ ପର୍ଯ୍ୟଟନ ସହ ଜଡ଼ିତ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ସଞ୍ଜୟ କୁମାର, ଦୂତାବାସ ଅଧିକାରୀ ଆବାଗାନୀ ରାମୁ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୧୮ର ବିଶେଷ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା।

### ଆଜିର ମନ୍ତବ୍ୟ

"ମହିଳାଙ୍କ ସମାନ ଅଧିକାର ପାଇଁ ଆଇନ ଅପେକ୍ଷା ସାମାଜିକ ମାନସିକତାରେ ପରିବର୍ତ୍ତନ ଲୋଡ଼ା।

**–ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା**

# 'ଡାଏ' ଦୁର୍ବଳ



ଶିମିଳିପାଳରୁ ବାହାରିଥିବା ଗଙ୍ଗାହାର ନଦୀର ବନ୍ୟାଜଳ ବୈଶିଙ୍ଗା–ଉଦଳା ରାଜପଥ ଉପରେ ପ୍ରବାହିତ।



ବନ୍ୟାଜଳରେ ମାଲକାନଗିରି ଜିଲା ପୋଟେରୁ ବଜାର ବୁଡ଼ି ରହିଛି ।

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଲଘୁଚାପ ଯୋଗୁ ରାଜ୍ୟରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ଲାଗିରହିଛି। ଏଥି ଯୋଗୁ ବୁଢାବଳଙ୍ଗ, ବୈତରଣୀ ଓ ଜଳକା ନଦୀରେ ବନ୍ୟା ପାଣି ଫୁଲିବାରେ ଲାଗିଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବୈତରଣୀ ନଦୀର ଆଖୁଆପଦା ଓ ବୁଢାବଳଙ୍ଗ ନଦୀର ଏନଏଚ–୫ ଗୋବିନ୍ଦପୁରଠାରେ ବନ୍ୟା ଜଳ ବଢିବାରେ ଲାଗିଛି। ଜଳକା ନଦୀରେ ବନ୍ୟାପାଣି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ସ୍ତର ୫.୫୦ ମିଟର ଥିବା ବେଳେ ଶୁକ୍ରବାର ରାତ୍ରି ସୁଦ୍ଧା ୬.୩୫ ମିଟର ଉପରେ ପ୍ରବାହିତ ହେଉଛି। ତେବେ ବର୍ଷା ହ୍ରାସ ପାଇଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମାଲକାନଗିରି ବ୍ୟତୀତ ଅନ୍ୟ ଜିଲାରେ ପରିସ୍ଥିତି ସ୍ୱାଭାବିକ ରହିଛି। ବିଭିନ୍ନ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

୩ ଦିନ ଧରି ପ୍ରବଳବର୍ଷା ଯୋଗୁ ମାଲକାନଗିରି ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଜିଲାର କେତେକ ସ୍ଥାନରେ କଚ୍ଚାଘର ଭାଙ୍ଗିଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲା ପାଇଁ ୭ ଦିନ ସକାଶେ ରିଲିଫ ଘୋଷଣା କରିଛନ୍ତି। ବୃଦ୍ଧାବୃଦ୍ଧ ଓ ୧୨ ବର୍ଷରୁ କମ ପିଲାଙ୍କ ପାଇଁ ଦୈନିକ ଯଥା କ୍ରମେ ୬୦ ଟଙ୍କା ଏବଂ ୪୫ ଟଙ୍କା ଦେବାକୁ ଘୋଷଣା କରାଯାଇଛି।

### ବର୍ଷା ବିପ୍ଳାତ

- ମାଲକାନଗିରି ଜଳମଗ୍ନ
- କାଲିମେଳାର ୪, ମାଛକୁଣ୍ଡର ୩ ଗେଟ୍ ଖୋଲା
- ବଢୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା
- ଲଘୁଚାପ ଦୁର୍ବଳ: ବନ୍ୟା ଆଶଙ୍କା ନାହିଁ
- ୭ ଦିନ ରିଲିଫ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରବଳ ବର୍ଷା ଯୋଗୁ ବାଲିମେଳା, ଜଲାପୁଟ ଏବଂ ମାଛକୁଣ୍ଡ ଡ୍ୟାମ୍‌ର କେତେକ ଗେଟ ☞ପୃଷ୍ଠା–୪

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଫାଇଦାରେ କଶ୍ମୀର ବାବୁ

### କିଛି ତଥ୍ୟ

ଗତ ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୨୦୭ ବିଲିୟନ ବୃଦ୍ଧି ଘଟି ୪୦୦.୪୮୯ ବିଲିୟନ ଡଲାର ଛୁଇଁଛି। ପୂର୍ବ ସପ୍ତାହରେ ଏଥିରେ ୮୧୯.୫ ନିୟୁତ ହ୍ରାସ ହେବା ଯୋଗୁ ଏହା ୩୯୯.୨୮୨ ବିଲିୟନ ଡଲାରକୁ ଖସି ଆସିଥିଲା।

–ଭାରତୀୟ ରିଜର୍ଭ ବ୍ୟାଙ୍କ

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

- ଲୋକାର୍ପିତ ହେବ ଝାରସୁଗୁଡ଼ା ବିମାନବନ୍ଦର
- ତାଳଚେର ସାର କାରଖାନା ଭିତ୍ତିପ୍ରସ୍ତର ସ୍ଥାପନ ହେବ

ଭୁବନେଶ୍ୱର,(ବ୍ୟୁରୋ)/ତାଳଚେର, (ନି.ପ୍ର.)/ଝାରସୁଗୁଡ଼ା ଅଫିସ,୨୧।୯

ବହୁ ପ୍ରତୀକ୍ଷାର ଅନ୍ତ ଘଟିବ। ଶନିବାର ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ଅନୁଗୋଳ ଜିଲା ତାଳଚେର ସାରକାରଖାନାର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ୨୦୦୨ରୁ ବନ୍ଦ ପଡ଼ିଥିବା ତାଳଚେର ସାର କାରଖାନା (ବର୍ତ୍ତମାନର ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍)ର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ବଳଣ୍ଡା ହେଲିପ୍ୟାଡ୍‌ଠାରୁ ଶିଳାନ୍ୟାସ ସ୍ଥଳ ଓ



ସାଧାରଣ ସଭା ନିମନ୍ତେ ବକ୍ସି ଜଗବନ୍ଧୁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସମ୍ପୂର୍ଣ୍ଣ ତାଳଚେର ସୁରକ୍ଷା ବଳୟରେ ଥିବା ବେଳେ ଏସ୍‌ପିଜି ସହ ରାଜ୍ୟ ପୋଲିସ, ସିଆର୍‌ପିଏଫ୍ ଯବାନ ଓ ୨ଟି ସ୍ପେଶାଲ ଟାକ୍‌ଟିକାଲ ପ୍ଲାଟୁନଙ୍କୁ ମୁତୟନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସହ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର, ରେଳ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଢେଙ୍କାନାଳ–ଅନୁଗୋଳ ଏମ୍‌ପି ତଥାଗତ ସତପଥୀ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବେ।ପ୍ରଧାନମନ୍ତ୍ରୀ ସକାଳ ୮ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୯ଟାରେ ହେଲିକପ୍ଟର ଯୋଗେ ଆସି ୯ଟା ୪୫ରେ ତାଳଚେର ବଳଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ଓହ୍ଲାଇବେ। ପରେ ସଡକ ପଥରେ ☞ପୃଷ୍ଠା–୪

■ ଶୋପିଆନ୍‌ରେ ଆତଙ୍କବାଦୀଙ୍କ ବର୍ବରତା

# ଅପହୃତ ୩ ପୋଲିସଙ୍କୁ ହତ୍ୟା

ଶ୍ରୀନଗର,୨୧।୯(ପି.ଟି.)

ଦକ୍ଷିଣ କଶ୍ମୀରରେ ପୁଣିଥରେ ବର୍ବରତାର ସୀମା ଟପିଛନ୍ତି ଆତଙ୍କବାଦୀ। ସେମାନେ ଶୋପିଆନ୍ ଜିଲାର ୩ ପୋଲିସ କର୍ମୀଙ୍କୁ ଘରୁ ଅପହରଣ କରିନେଇ ଶୁକ୍ରବାର ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହିଜ୍‌ବୁଲ ମୁଜାହିଦ୍ଦିନ୍ କମାଣ୍ଡର ରିୟାଜ୍ ନାଇକୁ ନିକଟରେ ସୋସିଆଲ ମିଡିଆରେ ଭିଡିଓ ଜାରି କରି ପୋଲିସ କର୍ମୀମାନଙ୍କୁ ଏକାଧିକ ଥର ଧମକ ଦେଇଥିଲେ। ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ)ମାନେ ନିଜ ଚାକିରି ଛାଡ଼ି ଦିଅନ୍ତୁ। ନଚେତ୍ ☞ପୃଷ୍ଠା–୪

ଚାକିରି ନ ଛାଡ଼ିଲେ ଫଳ ଭୋଗିବେ ବୋଲି ଧମକ ଦେଇଥିଲା ହିଜ୍‌ବୁଲ



## ଭାରତ–ପାକ୍ ଆଲୋଚନା ବାତିଲ

ନୂଆଦିଲ୍ଲୀ,୨୧।୯(ପି.ଟି.)

ଗୋଟିଏ ପଟେ ଶାନ୍ତିବାର୍ତ୍ତାର ପ୍ରସ୍ତାବ, ଅନ୍ୟପଟେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ। ପାକିସ୍ତାନର ଏଭଳି ଦୋମୁହାଁ ନୀତି ପୁଣିଥରେ ସାମ୍ନାକୁ ଆସିବା ପରେ ଇସ୍‌ଲାମାବାଦ ସହ ପ୍ରସ୍ତାବିତ ଆଲୋଚନା ବାତିଲ କରିଦେଇଛି ☞ପୃଷ୍ଠା–୪

# ଆମିକସ୍‌କ୍ୟୁରି ବୁଝିଲେ ଶ୍ରୀମନ୍ଦିର ପରମ୍ପରା

ପୁରୀ ଅଫିସ, ୨୧।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଶୁକ୍ରବାର ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନରୁ ହିଁ ସେ ଆରମ୍ଭ କରିଛନ୍ତି ତାଙ୍କର ଏହି ଦୁଇଦିନିଆ ମାରାଥନ ଆଲୋଚନା। ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବା ପରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମତ ସଂଗ୍ରହ କରିଥିଲେ। ଅପରାହ୍ଣରେ ସର୍କିଟ ହାଉସ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି, ଆଇନ ବିଭାଗ ସଚିବ ଏବଂ ପୁରୀ ଜିଲା ଜଜ୍‌ଙ୍କ ସହ ଆଲୋଚନା କରିଥିଲେ। ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ, ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଏମ୍‌ପି ପିନାକୀ ମିଶ୍ର, ଆଡଭୋକେଟ ଜେନେରାଲଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶା ନିଯୋଗ ବୈଠକରେ ଉପସ୍ଥିତ ରହି ମତ ନେବେ। ପ୍ରତ୍ୟୁଷରେ ଆମିକସ୍‌କ୍ୟୁରି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୂର୍ବାହ୍ଣ ପ୍ରାୟ ସାଢେ ୧୦ଟାରେ ଶ୍ରୀମନ୍ଦିର ପ୍ରଶାସନ ସହ ପ୍ରଥମ ଆଲୋଚନା କରିଥିଲେ। ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶ୍ରୀମନ୍ଦିରର ☞ପୃଷ୍ଠା–୪

### ଶ୍ରୀମନ୍ଦିର ସଂସ୍କାର ମାମଲା

- ଫୋକସରେ ବଂଶାନୁକ୍ରମିକ ସେବା
- ଶଙ୍କରାଚାର୍ଯ୍ୟଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା
- ତିନିଜଣିଆ କମିଟି ଓ ଜିଲା ଜଜ୍‌ଙ୍କ ମତ ନେଲେ



ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରୁଛନ୍ତି ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 21.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


# 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ' ଗୀତରେ କମ୍ପିବ କଳିଙ୍ଗ ଷ୍ଟାଡିୟମ

ଭୁବନେଶ୍ୱର, ୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ଓସ୍କାର ପୁରସ୍କାର ବିଜେତା ସଂଗୀତ ନିର୍ଦ୍ଦେଶକ ଏ.ଆର. ରହମନ ଓ ଜଣାଶୁଣା ଗୀତିକାର ଗୁଲ୍‌ଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ ମାଥେ ପେ ବିଜୟ କି ବିନ୍ଦିଆ' ଗୀତରେ କମ୍ପିବ କଳିଙ୍ଗ। ଓଡ଼ିଶାରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ଟାଇଟଲ ସଂଗୀତ ବା ଅଫିସିଆଲ ଗୀତ ପ୍ରସ୍ତୁତ କରିବେ ରହମନ ଓ ଗୁଲ୍‌ଜାର। ଉଦ୍‌ଘାଟନୀ ଉତ୍ସବରେ ରହମନଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହେବେ ରାଜ୍ୟ,ଦେଶ ତଥା ବିଶ୍ୱର କ୍ରୀଡ଼ାପ୍ରେମୀ। ହକି ବିଶ୍ୱକପ୍‌ର ପ୍ରସ୍ତୁତିରେ ଓଡ଼ିଶା ସରକାର କୌଣସି ପ୍ରକାର ଅବହେଳା କରିବାକୁ ଚାହୁଁନାହାନ୍ତି। ସବୁ ଦୃଷ୍ଟିକୋଣରୁ ଏହାକୁ ସଫଳ କରିବାରେ ସରକାର ଚେଷ୍ଟିତ। ତେଣୁ ଏହି ମେଗା ଇଭେଣ୍ଟର ଟାଇଟଲ ଗୀତକୁ ପ୍ରସ୍ତୁତ କରିବା ପାଇଁ ରହମନ ଓ ଗୁଲ୍‌ଜାରଙ୍କ ଭଳି ବିଶ୍ୱସ୍ତରୀୟ ସଙ୍ଗୀତକାର ଓ ଗୀତିକାରଙ୍କୁ ଦାୟିତ୍ୱ ଦିଆଯାଇଛି। ବିଶ୍ୱକପ୍‌କୁ ନେଇ ସଙ୍ଗୀତକାର ତଥା ଗାୟକ ରହମନ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ହକି ପ୍ରତି ଅହେତୁକ ଭଲପାଇବା ଅଛି ଓ ଭାରତ ବିଷୟରେ ☞ପୃଷ୍ଠା–୪

### ହକି ବିଶ୍ୱକପ

- ଉଦ୍‌ଘାଟନୀ ଉତ୍ସବରେ ରହମନ ମୁଖ୍ୟ ଆକର୍ଷଣ






ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ । ସେ ସବୁକୁ ଆଲୋକିତ କର । ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧି କର । ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମର୍ଥ୍ୟପୂର୍ଣ୍ଣ କର । –ଶ୍ରୀମା



# ଫାଇଦାରେ କଶ୍ମୀର ବାବୁ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ–କଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ ହେବା ଯୋଗୁ ରାଜ୍ୟ କ୍ୟାଡର ବାବୁମାନେ ବେଶ୍ ଫାଇଦାରେ ଅଛନ୍ତି । କାରଣ ପ୍ରଶାସନରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମିଳିଛି । ୧୯୮୬ ବ୍ୟାଚ୍ ଜମ୍ମୁ–କଶ୍ମୀର କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବି.ବି. ବ୍ୟାସ ରାଜ୍ୟପାଳଙ୍କ ଉପଦେଷ୍ଟା ଭାବେ ପୁନର୍ନିଯୁକ୍ତି ପାଇଛନ୍ତି । ସେହିପରି ରାଜ୍ୟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଖୁର୍ଶିଦ ଅହମଦ ଗନାଇ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଫିସର କେ. ବିଜୟ କୁମାର ମଧ୍ୟ କ୍ୟାବିନେଟ୍‌ର ସମତୁଲ କୁହାଯାଉଥିବା ରାଜ୍ୟ ପ୍ରଶାସନିକ ପରିଷଦର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି, ଯେଉଁମାନଙ୍କର ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାର କ୍ଷମତା ରହିଛି । ବାବୁ–ନିରୀକ୍ଷକମାନଙ୍କ କହିବା ଅନୁସାରେ, ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ ଯୋଗୁ ଏହା ସମ୍ଭବ ହୋଇଛି । ସୁବ୍ରମଣ୍ୟମ୍ ହେଉଛନ୍ତି ୧୯୮୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର, ଯାହାଙ୍କୁ ଜୁନ୍ ମାସରେ ବ୍ୟାସଙ୍କ ସ୍ଥାନରେ ନିଯୁକ୍ତି ମିଳିଛି । ରାଜ୍ୟପାଳ ଶାସନ ଲାଗୁ ହେବା ପରଠାରୁ ସତ୍ୟପାଲ ମଲିକ ଓ ସୁବ୍ରମଣ୍ୟମ୍ ରାଜ୍ୟ କ୍ୟାଡର ଆଇଏଏସ୍ ଓ କେଏଏସ୍ ଅଫିସରଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି, ଯାହା କ୍ୱଚିତ୍ ପୂର୍ବ ସରକାରଗୁଡ଼ିକରେ କେହି କରିଛନ୍ତି । ତେବେ ଅନ୍ୟ ରାଜ୍ୟର ଆଇଏଏସ୍ ଅଫିସରମାନେ ଏଥିରେ ଖୁସି ନ ହେବା ସ୍ୱାଭାବିକ ।

## ଡିଜିପି ପଦ ପାଇଁ ଦୌଡ଼

ହରିୟାଣାର ଅନେକ ଆଇପିଏସ୍ ଅଫିସର ରାଜ୍ୟର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହେବା ଲାଗି ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି । ବର୍ତ୍ତମାନର ପୋଲିସ ମୁଖ୍ୟ ବି.ଏସ୍. ସାନ୍ଧୁ ଆସନ୍ତା ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଆଦେଶମତେ ଦୁଇବର୍ଷର ସୁରକ୍ଷିତ କାର୍ଯ୍ୟକାଳ ଡିଜିପି ପଦ ଲାଗି ବରିଷ୍ଠ ପୋଲିସ ବାବୁମାନଙ୍କୁ ପ୍ରଲୋଭିତ କରିଛି । ବର୍ତ୍ତମାନ ସୁଦ୍ଧା ହରିୟାଣା ପୋଲିସ ଏକାଡେମି ମଧୁବନର ମହାନିର୍ଦ୍ଦେଶକ କେ.କେ. ସିନ୍ଧୁ, ଭୋଣ୍ଡସି କମ୍ପ୍ଲେକ୍ସର ଭାରପ୍ରାପ୍ତ ମହାନିର୍ଦ୍ଦେଶକ ବି.କେ. ସିହ୍ନା ଏବଂ ରାଜ୍ୟ ଭିଜିଲାନ୍ସ ମହାନିର୍ଦ୍ଦେଶକ ପି.ଆର୍. ଦେଓ ଉକ୍ତ ପଦ ଲାଗି ଦୌଡ଼ରେ ଆଗରେ ଥିବା ଜଣାପଡ଼ିଛି । ଆଉ ଜଣେ ଆଇପିଏସ୍ ଅଫିସର, ଯିଏ କି ବିଚାର ପରିସରକୁ ଆସିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସହ ସୁସମ୍ପର୍କରେ ନାହାନ୍ତି, ସେ ମଧ୍ୟ ଶାସକ ଦଳର ବଡ଼ବଡ଼ିଆଙ୍କ ପାଖରେ ଲବି କରୁଥିବା ଶୁଣିବାକୁ ମିଳୁଛି । କିନ୍ତୁ ମନୋହରଲାଲ ଖଟ୍ଟର ସରକାର ଏ ପର୍ଯ୍ୟନ୍ତ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧିକାରୀମାନଙ୍କ ପାଖକୁ ଡିଜିପି ପଦ ଲାଗି ପ୍ରାର୍ଥୀମାନଙ୍କର ଏକ ନାମତାଲିକା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇନାହାନ୍ତି । ସୁପ୍ରିମ୍‌କୋର୍ଟଙ୍କ ରାୟ ଏହା ସ୍ପଷ୍ଟ କରିଦେଇଛି ଯେ, ରାଜ୍ୟଗୁଡ଼ିକ ତିନିମାସ ଆଗରୁ ଯୋଗ୍ୟ ଆଇପିଏସ୍ ଅଫିସରମାନଙ୍କର ଏକ ନାମତାଲିକା ୟୁପିଏସ୍‌ସିକୁ ପଠାଇବା ଦରକାର ।

## ଶୂନ୍ୟସ୍ଥାନ ପୂରଣ

କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ (ସିବିଡିଟି)ର ସଦସ୍ୟ ଭାବେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଆଦିତ୍ୟ ବିକ୍ରମ ଏବଂ ପ୍ରମୋଦ ଚନ୍ଦ୍ର ମୋଦିଙ୍କ ନିଯୁକ୍ତିକୁ ଯଥାକ୍ରମେ ୨୦୧୮ ଫେବୃୟାରୀ ୧ ଓ ମାର୍ଚ୍ଚ ୧ରୁ ଅନୁମୋଦନ କରିଛନ୍ତି । ତଥାପି ସିବିଡିଟିର ବାବୁ ଅଭାବଜନିତ ସମସ୍ୟା ଦୂର ହୋଇପାରି ନାହିଁ । ତଦନ୍ତ ଏବଂ ଆଇଟି ଓ କମ୍ପ୍ୟୁଟରୀକରଣ ବିଭାଗର ସଦସ୍ୟ ପଦ ଦୁଇଟି ଫେବୃୟାରୀ ମାସରୁ ଖାଲି ପଡ଼ିଛି । ସେହିପରି ରାଜସ୍ୱ ଓ ଟିକସଦାତା ସେବା ଏବଂ ପ୍ରଶାସନ ବିଭାଗର ସଦସ୍ୟ ପଦ ଦୁଇଟି ଯଥାକ୍ରମେ ଜୁନ୍ ୩୦ ଓ ଜୁଲାଇ ୩୧ରୁ ଖାଲି ପଡ଼ିଛି । ପୁନଶ୍ଚ ଅଡିଟ୍ ଓ ଜୁଡିସିଆଲ ବିଭାଗ ସଦସ୍ୟ ଶାଶ୍ୱତ ଭଟ୍ଟଶାଳି ଏବଂ ଲେଜିସ୍‌ଲେଶନ ବିଭାଗ ସଦସ୍ୟ ଅରବିନ୍ଦ ମୋଦି ଆଉ ଦୁଇ ସପ୍ତାହ ଭିତରେ ଅବସର ନେବାକୁ ଯାଉଛନ୍ତି । ଏଥିରୁ ଜଣାପଡୁଛି ଯେ, ବୋର୍ଡର ସଦସ୍ୟ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ଏହାକୁ ଅଚଳ କରିବାକୁ ବସିଥିବାରୁ ତୁରନ୍ତ ଖାଲି ସ୍ଥାନଗୁଡ଼ିକ ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପଡ଼ିଥିଲା । ତେବେ ସରକାର ଏବେ ଦୁଇଟି ପଦବୀ ପୂରଣ କରିଥିଲେ ମଧ୍ୟ ୨୦୧୮–୧୯ ପ୍ୟାନେଲ ବର୍ଷ ପାଇଁ ଆଉ ଚାରୋଟି ପଦ ପୂରଣ କରାଯିବାକୁ ବାକି ରହିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ସରକାର ଯଦି ଆଦିତ୍ୟ ବିକ୍ରମ ଓ ପି.ସି. ମୋଦିଙ୍କ ନିଯୁକ୍ତିକୁ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରୁ ଅନୁମୋଦନ ଦେଲେ, ତା'ହେଲେ ଏଥିପାଇଁ ଏତେ ଡେରି କଲେ କାହିଁକି ?

Email: dilipcherian@gmail.com

### ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ ,
ଖିଲ୍ଲୀ ତିରଇ କାତର–ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛ ଚାହିଁ ।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।



ଗତକାଲିର ଉତ୍ତର

# ଅନ୍ତହୀନ ତିନୋଟି ସମସ୍ୟା



ମନ–ମାନଚିତ୍ର

ଡ. ନରହରି ବେହେରା

ପ୍ରାତଃଭ୍ରମଣ ସମୟରେ ଗୋବିନ୍ଦବାବୁ କହିଲେ, ତୁମେ ମହାଭାରତର ଯକ୍ଷ–ଯୁଧିଷ୍ଠିର ସମ୍ବାଦ ପଢ଼ିଛ ? ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲେ– କେଉଁ ବ୍ୟାଧିର ଶେଷ ନାହିଁ ? ଏହାର ଉତ୍ତରରେ ଯୁଧିଷ୍ଠିର କହିଥିଲେ, ଲୋଭରୂପକ ବ୍ୟାଧିକୁ ଉପଶମ କରିହେବ ନାହିଁ । ଆଚ୍ଛା, ତୁମେ କିଛି ସମୟ ପାଇଁ ଯୁଧିଷ୍ଠିର ହୋଇଯାଅ ଏବଂ ମୁଁ ତୁମକୁ ଯକ୍ଷ ଭାବରେ ଯେଉଁ ପ୍ରଶ୍ନ କରୁଛି ତାହାର ଉତ୍ତର ଦିଅ । ମୁଁ ଦେଖିବି ତୁମର ବୁଦ୍ଧି କେତେ । ଏବେ କୁହ– ଭାରତରେ କେଉଁ ତିନୋଟି କଥାର ଅନ୍ତ ହେବ ନାହିଁ ? ମୁଁ ଏଭଳି ଅପ୍ରତ୍ୟାଶିତ ପ୍ରଶ୍ନର କି ଉତ୍ତର ଦେବି ଜାଣି ନ ପାରି ତାଙ୍କ ମୁହଁକୁ ଚାହିଁଲି । ସେ ହସି ହସି କହିଲେ– ଆରେ, ସବୁଦିନ ଦେଖୁଛ, ପଢୁଛ ତଥାପି ଜାଣିପାରୁନୁ ? ସେ ତିନୋଟି ହେଲା– ଆମ ଦେଶରେ ଦାରିଦ୍ର୍ୟର ଶେଷ ନାହିଁ, ଜାତିଆଣ ଭେଦଭାବର ଅନ୍ତ ନାହିଁ କି ସଂରକ୍ଷଣରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ନାହିଁ । ଏ ଦେଶରେ ଏହି ତିନୋଟି ଚାଲିଥିବ ହିଁ ଚାଲିଥିବ । ଏହା ଉପରେ ନେତାମାନଙ୍କର ଭାଷଣ ଚାଲିଥିବ, ଯୋଜନା ପରେ ଯୋଜନା ଚାଲିଥିବ, କିନ୍ତୁ ଏଗୁଡ଼ିକର ଶେଷ କେଉଁଠି ତାହା କେହି କହିପାରିବେନି । ଦାରିଦ୍ର୍ୟ କଥା ମନେ ପକା । 'ଗରିବୀ ହଟାଓ' ବୋଲି ଦିନେ ଭାରତର ମାଟି, ପାଣି, ପବନ ଚମକୁଥିଲା । ଇତିମଧ୍ୟରେ କେତେ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି । ଦାରିଦ୍ର୍ୟ ଯାଇଛି କି ? ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଅଠସ୍ତରି ପ୍ରତିଶତ ଲୋକଙ୍କୁ ରାଶନ କାର୍ଡ ଯୋଗାଇଦେଲେ, ତଥାପି ହଜାର ହଜାର ଲୋକ ପ୍ରତ୍ୟେକ ଦିନ ବ୍ଲକ୍ ଅଫିସ୍‌ରେ ରାଶନ କାର୍ଡ ପାଇଁ ଧାଡ଼ି ବାନ୍ଧିଛନ୍ତି । ସ୍ୱାଧୀନତାର ୭୨ ବର୍ଷ ପରେ ଯଦି ତିରିଶ ପ୍ରତିଶତ ଲୋକ ସ୍ୱଚ୍ଛଳ ହୋଇପାରିଲେ ନାହିଁ, ତେବେ ଚିନ୍ତା କର ଶତ ପ୍ରତିଶତ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାକୁ ଆଉ କେତେବର୍ଷ ଲାଗିବ । ଏ ଦେଶରେ ଦାରିଦ୍ର୍ୟର ଅନ୍ତ ଘଟିବ ନାହିଁ, କାରଣ ବନ୍ୟା–ବାତ୍ୟା ସମୟରେ କିମ୍ବା ଅନ୍ୟ ସମୟରେ ଗରିବଙ୍କ ପାଇଁ ଯାହା ଯୋଜନା ହୁଏ, ସବୁଥିରୁ ଧନୀ ଲୋକମାନେ ସୁବିଧା ହାତେଇ ନେବାକୁ ଉପାୟ କରିଥାନ୍ତି । ଆଉ କିଛି ଲୋକ ସବୁଦିନ ଗରିବ ହୋଇ ରହିବାକୁ ଭଲ ପାଆନ୍ତି । ସରକାର ସେମାନଙ୍କୁ ବେପାର ବଣିଜ କରିବାକୁ ରିହାତିରେ ଋଣ ଦେଲେ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଟଙ୍କା ଦେଲେ ସେ ଟଙ୍କାକୁ ସେଥିରେ ବିନିଯୋଗ ନ କରି କିଏ ଟିଭି କିଣିଦେଉଛି ତ କିଏ ଗାଡ଼ି କିଣିଦେଉଛି । ଏହାର ଅର୍ଥ ସେମାନେ ସବୁଦିନ ସେହି ଗରିବ ହୋଇ ଭଙ୍ଗାଘରେ ରହିବାକୁ ଚାହାନ୍ତି । ଏମିତି ହେଲେ ଦାରିଦ୍ର୍ୟ ଦୂର ହେବ କେମିତି ?

ଭାରତର ଆଉ ଗୋଟିଏ ଦୁର୍ଭାଗ୍ୟ ହେଉଛି ଜାତିଭେଦ । ଆଜି ଆମେ ଅତ୍ୟାଧୁନିକ ସଭ୍ୟ ନାଗରିକ ଭାବରେ ଯେତେ ଡିଣ୍ଡିମ ପିଟିଲେ ମଧ୍ୟ ଅଧିକାଂଶଙ୍କ ମଧ୍ୟରେ ଜାତିଆଣ ଭାବର ଗନ୍ଧ ସ୍ପଷ୍ଟ ବାରିହୁଏ । ଏହି ଜାତିଆଣ ବିଭେଦ ଦେଶ ପ୍ରଗତିର ମୁଖ୍ୟ ବାଧକ । ତେଣୁ ସ୍ୱାଧୀନତା ପରେ ଜାତିଆଣ ଭେଦକୁ ଲୋପ କରିବା ପାଇଁ ସମ୍ବିଧାନରେ ଅସ୍ପୃଶ୍ୟତାକୁ ନିଷିଦ୍ଧ କରାଯାଇଛି । ଗାନ୍ଧିଜୀ ସେମାନଙ୍କୁ ଭଗବାନଙ୍କ ସନ୍ତାନର ଆଖ୍ୟା ଦେଇ 'ହରିଜନ'ବୋଲି ସମ୍ବୋଧନ କରୁଥିଲେ । ଏପରି କି ସ୍କୁଲ, କଲେଜ ରେଜିଷ୍ଟର ବା ଆବେଦନ ଫର୍ମରେ କୌଣସି ଜାତିଗତ ସୂଚନା ରହିବ ନାହିଁ ବୋଲି ଆଇନ କରାଯାଇଥିଲା । ମାତ୍ର ଏ ସକଳ ଚେଷ୍ଟା ଆମ ସମାଜରୁ ଜାତିଆଣ ବିଭେଦକୁ ଦୂର କରିପାରିଲାନି । ତେଣୁ ଦଳିତ ଜନତାଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ସୁଧାର ଆଣିବା ପାଇଁ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା କରାଗଲା । ଆଶା କରାଯାଉଥିଲା ଏହାଦ୍ୱାରା ସେମାନେ ସମାଜର ମୁଖ୍ୟସ୍ରୋତକୁ ଆସିବେ ଓ ଆମ ଭିତରେ ଥିବା ଜାତିଆଣ ଭେଦଭାବରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ସମ୍ବିଧାନପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦ୍‌କର ଜଣେ ଦଳିତ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ନାପସନ୍ଦ କରୁଥିଲେ । କାରଣ ଏହାଦ୍ୱାରା ଦଳିତ ଏବଂ ସାଧାରଣ ବର୍ଗଙ୍କ ଭିତରେ ଅନ୍ୟ ପ୍ରକାର ବିଭେଦ ସୃଷ୍ଟି ହେବ । ଫଳରେ ଅପେକ୍ଷାକୃତ ଅଧିକ ମେଧାଶକ୍ତିସମ୍ପନ୍ନ ବ୍ୟକ୍ତିମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯିବ । ମାତ୍ର ତାଙ୍କର ଅନିଚ୍ଛା ସତ୍ତ୍ୱେ ଏହି ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଗଲା ମାତ୍ର ଦଶବର୍ଷ ପାଇଁ । ଏହା ଭିତରେ ସ୍ୱାଧୀନତାର ସତୁରି ବର୍ଷ ବିତିଗଲାଣି, ତଥାପି ସେହି ସଂରକ୍ଷଣ ବ୍ୟବସ୍ଥା ଶେଷ ନ ହୋଇ ଦିନକୁ ଦିନ ବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ ମନେପଡୁଛି, ଥରେ ବିଶିଷ୍ଟ ସାମ୍ବାଦିକ କୁଲଦୀପ ନାୟାର କହିଥିଲେ– 'ସଂରକ୍ଷଣ ହେଉଛି ଏଭଳି ଏକ ଔଷଧ, ଯାହାର କି ଏକ୍ସପାଏରି ତାରିଖ ନାହିଁ ।' ସତରେ ଏହା ଏକ ବାସ୍ତବଧର୍ମୀ ବକ୍ତବ୍ୟ । ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କେତେ ଦଳିତ ଲାଭବାନ ହେଲେଣି ତାହାର ହିସାବ କେହି ଜାଣନ୍ତି ନାହିଁ । ସରକାରୀ ସ୍ତରରେ ତର୍ଜମା ମଧ୍ୟ କରାଯାଉନାହିଁ । ଏହା କେବଳ ରାଜନୀତିଆଙ୍କ ତୁଷ୍ଟୀକରଣ ବ୍ୟବସ୍ଥାରେ ପରିଣତ ହୋଇଛି । ଦିନକୁ ଦିନ ଏହି ବ୍ୟବସ୍ଥା ଦଳିତ ଏବଂ ସାଧାରଣ ବର୍ଗଙ୍କ ମଧ୍ୟରେ ଦୂରତାର ଏକ ବଳୟ ସୃଷ୍ଟି କରୁଛି । ବିଭିନ୍ନ ରାଜନୈତିକ ଦଳ ଏଥିରୁ ଫାଇଦା ନେବାରେ ଅହରହ ଚେଷ୍ଟାରତ । କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ମକଦ୍ଦମାର ବିଚାର ବେଳେ କହିଲେ, ଏଣିକି ଜାତିଆଣ ଆକ୍ଷେପ ବାବଦରେ କୌଣସି ଦଳିତ ଅଭିଯୋଗ କଲେ ତାହାର ତଦନ୍ତ କରା ନ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ ନାହିଁ । କାରଣ ତୁରନ୍ତ ଗିରଫ କରିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ସାମାଜିକ ସମ୍ମାନରେ ଆଞ୍ଚ ଆସୁଛି । ଏହି ନିର୍ଦ୍ଦେଶ ଏତେ ବାଧିଲା ଯେ ଦଳିତମାନେ ରାସ୍ତାରୋକୋ, ପୋଡ଼ାଜଳା ଆରମ୍ଭ କରିଦେଲେ । ଏହାର ଅର୍ଥ ହେଲା, ସତ୍ୟାସତ୍ୟ ଅନୁସନ୍ଧାନ ନ କରି କିମ୍ବା ଜଣଙ୍କୁ ନ୍ୟାୟ ପାଇଁ ସୁଯୋଗ ନ ଦେଇ ତା'ଙ୍କୁ ଦଣ୍ଡ ଦେବା ଠିକ୍ ବୋଲି ସେମାନଙ୍କର ମତ । ଦଳିତମାନଙ୍କର ଏହି ପ୍ରତିକ୍ରିୟାରେ କିଛି ସାଧାରଣ ବର୍ଗ ଆନ୍ଦୋଳନ ଆରମ୍ଭ କରିଦେଲେ । ଏହିପରି କ୍ରିୟା ଏବଂ ପ୍ରତିକ୍ରିୟା ଆମ ସମାଜ ପାଇଁ କେତେ କ୍ଷତିକାରକ, ତାହା ଆମେ ଚିନ୍ତା କରିବା କଥା ।

ଦୀର୍ଘଦିନ ଧରି ସଂରକ୍ଷଣ ବ୍ୟବସ୍ଥାର ପ୍ରଚଳନ ସତ୍ତ୍ୱେ କାହିଁକି ଦଳିତ ଶ୍ରେଣୀର ଅଧିକାଂଶ ଲୋକ ଏ ପର୍ଯ୍ୟନ୍ତ ମୁଖ୍ୟସ୍ରୋତକୁ ଆସି ପାରୁନାହାନ୍ତି, ତାହାର ଏକ ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବିଧେୟ । ତେବେ ମୋଟାମୋଟି ବିଶ୍ଳେଷଣରୁ ଯାହା ଉପଲବ୍ଧ ହୁଏ, ସଂରକ୍ଷଣ ସତ୍ତ୍ୱେ ଦଳିତମାନଙ୍କର ବିଶେଷ ପ୍ରଗତି ନ ହେବାର ଯେତେ କାରଣ ଅଛି ତନ୍ମଧ୍ୟରୁ ଗୋଟିଏ ପ୍ରମୁଖ କାରଣ ହେଉଛି, ସଂରକ୍ଷଣର ସୁବିଧା ସବୁ ଦଳିତଙ୍କ ନିକଟରେ ପହଞ୍ଚି ପାରୁନାହିଁ । ପଛୁଆଶ୍ରେଣୀ କ୍ଷେତ୍ରରେ ସଂରକ୍ଷଣରେ ଯେପରି ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦିଆଯାଇଥାଏ, ସେପରି ଯଦି ଦଳିତମାନଙ୍କ କ୍ଷେତ୍ରରେ ସ୍ୱଚ୍ଛଳବର୍ଗଙ୍କୁ ବାଦ୍ ଦିଆଯାଆନ୍ତା ତେବେ ହୁଏତ ସେହି ବର୍ଗର ଆର୍ଥିକ ଅନଟନରେ ଘାଣ୍ଟିହେଉଥିବା ଅନ୍ୟମାନେ ଅଧିକ ସୁଯୋଗ ପାଇପାରନ୍ତେ । ଫଳରେ ପର୍ଯ୍ୟାୟକ୍ରମେ ସମସ୍ତେ ଏହି ସଂରକ୍ଷଣର ସୁବିଧା ପାଇ ମୁଖ୍ୟସ୍ରୋତକୁ ଆସିପାରନ୍ତେ । କାରଣ ଜଣେ ଦଳିତବର୍ଗର ଆଇଏଏସ୍ ତାଙ୍କ ପିଲାମାନଙ୍କୁ ଯେପରି ଶିକ୍ଷା ଦେଇପାରିବେ, ଗାଁରେ କାମ କରୁଥିବା ଦଳିତ ଶ୍ରେଣୀର ମୂଲିଆ ସେହି ଶିକ୍ଷା ଦେଇପାରିବେ ନାହିଁ । ତେଣୁ ସଂରକ୍ଷଣ ସୁବିଧା ଥିଲେ ମଧ୍ୟ ତାହାର ଲାଭ ସେ ପାଇପାରିବେ ନାହିଁ । ଏବେ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତି କ୍ଷେତ୍ରରେ ଦଳିତଶ୍ରେଣୀର ସ୍ୱଚ୍ଛଳବର୍ଗୀୟ କର୍ମଚାରୀମାନେ ଆର୍ଥିକ ଅନଗ୍ରସର ଦଳିତମାନଙ୍କୁ ସୁଯୋଗ ଦେବା ଉଚିତ ବୋଲି ମତ ଦେଇଛନ୍ତି । ମାତ୍ର ସହଜ ସୁଲଭ ଏହି ସୁବିଧାକୁ କିଏ ବା କାହିଁକି ଛାଡ଼ିବ ? ଅନ୍ୟପକ୍ଷରେ ଏ କ୍ଷେତ୍ରରେ ଆଇନ ପ୍ରଣୟନ କରି ବିରୁଡ଼ି ବସାରେ ହାତ ମାରିବାକୁ ବି କୌଣସି ରାଜନୈତିକ ଦଳ ଚାହୁଁନାହାନ୍ତି । ତେଣୁ ଅନନ୍ତକାଳ ଯାଏ ଏହି ସଂରକ୍ଷଣ ବ୍ୟବସ୍ଥା ଚାଲିଥିଲେ ମଧ୍ୟ ନିମ୍ନମଧ୍ୟବିତ୍ତ ଶ୍ରେଣୀର ଦଳିତ ଲୋକମାନେ ବେଶି କିଛି ଲାଭ ପାଇ ନ ପାରି ସେହି ତିମିରରେ ରହିଥିବେ ।

ସାମାଜିକ, ଆର୍ଥନୀତିକ ଏବଂ ମାନସିକତାର ପରିବର୍ତ୍ତନ ବିନା ଏ ସଂରକ୍ଷଣ ବ୍ୟବସ୍ଥା ଯେ ଅନ୍ତହୀନ ଭାବେ ଚାଲୁଥିବ ଏବଂ ଦଳିତ ତଥା ସାଧାରଣବର୍ଗଙ୍କ ମଧ୍ୟରେ ଏକ ବିଭାଜନ ରେଖା ସୃଷ୍ଟି କରିଚାଲୁଥିବ– ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଗୋବିନ୍ଦବାବୁଙ୍କର ଏ ବୟାନକୁ ଶୁଣି ଭାବୁଥିଲି, ସତରେ କ'ଣ ଏ ବ୍ୟବସ୍ଥାର କିଛି ସୁଧାର ଆସିବ ନାହିଁ ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ–୯୪୩୮୪୬୫୪୭୮

# ଧର୍ମରେ ଖେଚୁଡ଼ି



ନାରାୟଣ ପଣ୍ଡା

ଏକଦା ଭକ୍ତପ୍ରବର ହନୁମାନଙ୍କୁ ଭୀମ ପଚାରିଲେ– ଭାଇ ହନୁମାନ, ତୁମେ କ'ଣ ଶ୍ରୀକୃଷ୍ଣଙ୍କୁ ରାମଙ୍କଠାରୁ ପୃଥକ୍ ଜ୍ଞାନ କର ? ହନୁମାନ ହସି କହିଲେ,– ''ଶ୍ରୀନାଥେ ଜାନକୀନାଥେ ଅଭେଦଃ ପରମାତ୍ମନି, ତଥାପି ମମ ସର୍ବସ୍ୱଃ ରାମଃ କମଳଲୋଚନଃ ।'' ଅର୍ଥାତ୍ ରାମ ଓ କୃଷ୍ଣଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତଥାପି କମଳଲୋଚନ ଶ୍ରୀରାମ ହେଉଛନ୍ତି ମୋର ଜୀବନସର୍ବସ୍ୱ । କାରଣ ରାମଙ୍କ ଭାବ କୃଷ୍ଣଙ୍କ ପାଖରେ ଅବା କୃଷ୍ଣଙ୍କ ଭାବ ରାମଙ୍କ ପାଖରେ ମିଳିବ ନାହିଁ । ମା', ଭଗିନୀ, ପତ୍ନୀ, କନ୍ୟା ସମସ୍ତେ ନାରୀ । ହେଲେ ଭଗିନୀଙ୍କଠାରେ ମାତାଙ୍କ ଭାବ ନ ଥାଏ । ପତ୍ନୀଙ୍କ ମଧ୍ୟରେ ମା'ଙ୍କ ଭାବ ମିଳିବ ନାହିଁ । ଏହିପରି ଭାବବିପ୍ଳବକୁ ବ୍ୟଭିଚାର ହିଁ କୁହାଯାଏ ।

ଶ୍ରୀମନ୍ଦିରରେ ସବୁଧର୍ମର ଅନୁଗାମୀଙ୍କ ପ୍ରବେଶ ବାସ୍ତବରେ ଏହିଭଳି ଏକ ସ୍ଥିତି ଉତ୍ପନ୍ନ କରେ । ଧର୍ମଭିତ୍ତିରେ ଆମର ଜନସଂଖ୍ୟା ହିସାବ ହୁଏ । ସମସ୍ତଙ୍କ ଉପାସନାପୀଠ ସ୍ୱତନ୍ତ୍ର । ମନ୍ଦିର, ମସ୍‌ଜିଦ, ଗିର୍ଜା ଅବା ଗୁରୁଦ୍ୱାରା ଭିନ୍ନ ଭିନ୍ନ ଧର୍ମବିଶ୍ୱାସୀଙ୍କ ପୂଜାପୀଠ । ପ୍ରାଚୀନ ସନାତନ ଧର୍ମର କେତେକ ଧାରାକୁ ବୌଦ୍ଧ, ଜୈନ ଓ ଅଲେଖ ଆଦି ବିରୋଧ କରନ୍ତି । ଇସଲାମ ଓ ଖ୍ରୀଷ୍ଟିଆନ ଏକେଶ୍ୱରବାଦୀ ହେଲେ ମଧ୍ୟ ସେମାନଙ୍କ ଭିତରେ ଭେଦ ଅଛି । କାହାରି ଭାବ ସହ କାହାରି ଭାବ ସମାନ ନୁହେଁ । ବର୍ତ୍ତମାନ ସର୍ବଧର୍ମ ସମନ୍ୱୟ ଆଳରେ କେହି କେହି ବିଶ୍ୱଧର୍ମ ଗଠନ କରିବାକୁ ଆଗ୍ରହୀ । ସେମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତଙ୍କୁ ଏକ କରି ଖେଚୁଡ଼ି କରିବାକୁ ଚାହାନ୍ତି । ଏହା କ'ଣ ପ୍ରକୃତ ସର୍ବଧର୍ମ ସମନ୍ୱୟ ?

ସବୁ ଧର୍ମ ମହାନ । ସବୁ ଧର୍ମର ସ୍ୱତନ୍ତ୍ରତା ରହିଛି । ତେବେ ଧାର୍ମିକ ସହାବସ୍ଥାନ ପାଇଁ ଖେଚୁଡ଼ି କରିବାର ଆବଶ୍ୟକତା କ'ଣ ? ଏହାଦ୍ୱାରା ସମ୍ପୃକ୍ତ ଧର୍ମର ଭାବଗୁଡ଼ିକରେ ଅବନତି ଘଟୁଛି । ଉଦାହରଣ ସ୍ୱରୂପ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କର ପ୍ରବେଶ କଥା ନିଆଯାଇପାରେ । ଯୁଗ ଯୁଗ ଧରି ଏହା ଏକ ହିନ୍ଦୁପୀଠ । ଭାରତର ଅନ୍ୟ ବଡ ବଡ ମନ୍ଦିର ପରି ଏହି ମନ୍ଦିରର ପ୍ରବେଶ ଦ୍ୱାରରେ କେବଳ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ଉଲ୍ଲେଖ ରହିଛି । ଏକ ବିସ୍ତାରଶୀଳ ଆନ୍ତର୍ଜାତିକ ଧର୍ମୀୟ କୂଟନୀତିର ଏହା ଏକ ଅଂଶ ନୁହେଁ ତ !

ମଧ୍ୟଯୁଗରେ ହିନ୍ଦୁମାନଙ୍କୁ ଲୋପକରିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରାଯାଇଥିଲା । ବହୁ ସଂଖ୍ୟାରେ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ମନ୍ଦିର ଉପରେ ଆକ୍ରମଣ କରାଯାଇଥିଲା । ଐତିହାସିକ କେ. ଲାଲ ଲେଖିଛନ୍ତି ୧୦୦୦ ଖ୍ରୀଷ୍ଟାବ୍ଦଠାରୁ– ମହମ୍ମଦ ଗଜନୀଙ୍କ ଆକ୍ରମଣ ୧୫୨୫ ମଧ୍ୟରେ– ସୁଲତାନେଟ ଶାସନ ଶେଷ ସୁଦ୍ଧା ୮୦ ନିୟୁତ ହିନ୍ଦୁଙ୍କ ଜୀବନ ହାନି ଘଟିଥିଲା । ଷ୍ଟିଫେନ ନାପ୍ ତାଙ୍କ ପୁସ୍ତକ 'crimes against India'ରେ ଉକ୍ତ ତଥ୍ୟକୁ ସମର୍ଥନ କରି କହିଛନ୍ତି, ଏହା ବୋଧହୁଏ ମଣିଷ ଜାତିର ଇତିହାସରେ ବିଶ୍ୱର ବୃହତ୍ତମ ଗଣହତ୍ୟା । ସେହିପରି ବେଲଜିୟମର ପ୍ରାଚ୍ୟବିତ୍ କ୍ରୋଏନରାଦ ଏଲଷ୍ଟ (koenrad elast) ଉଲ୍ଲେଖ କରିଛନ୍ତି, ୮୦ନିୟୁତ ଲୋକଙ୍କୁ ହତ୍ୟାକରିବା ଭାରତରେ ଇସଲାମୀ ଜେହାଦର ଏକ ବଡ କୃତିତ୍ୱ । ଦୁଃଖର ସହିତ କୁହାଯିବ, ଐତିହାସିକ ଗଣହତ୍ୟାରେ ଭାରତ ପ୍ରଥମ ସ୍ଥାନରେ ରହିଛି । ଏହା ଥିଲା ଏକ ନିର୍ମମ ଅତୀତର କଥା । ବର୍ତ୍ତମାନ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯାଇ ନ ପାରେ । ବର୍ତ୍ତମାନ ଇସଲାମଧର୍ମୀମାନେ ତାଙ୍କର ଉପାସନା ପୀଠକୁ ନେଇ ବେଶ୍ ଗର୍ବିତ । ସେମାନଙ୍କ ମଧ୍ୟରୁ ହିନ୍ଦୁ ମନ୍ଦିରରେ ପ୍ରବେଶ କରିବା କିମ୍ବା ଦିଅଁ ଦର୍ଶନ କରିବା ପାଇଁ କେଉଁଠି ଦାବି ଉଠିନାହିଁ । କୌଣସି ଇସଲାମୀ କିମ୍ବା ଇସଲାମୀ ସାମାଜିକକର୍ମୀ ହିନ୍ଦୁ ମନ୍ଦିରରେ ପ୍ରବେଶାଧିକାର ଚାହିଁନାହାନ୍ତି । ଶ୍ରୀମନ୍ଦିର ଏକ ପର୍ଯ୍ୟଟନ କେନ୍ଦ୍ର ଅବା ସଂଗ୍ରହାଳୟ ନୁହେଁ । ଏଠାରେ କେବଳ ହିନ୍ଦୁମାନଙ୍କର ଧାର୍ମିକ, ପରମ୍ପରାଗତ ପୂଜାପାର୍ବଣ ଅନୁଷ୍ଠିତ ହୁଏ । ତେବେ ସର୍ବଧର୍ମ ସମନ୍ୱୟ ନାମରେ ଅଣହିନ୍ଦୁ ପ୍ରବେଶର ଦ୍ୱାହି ଦେଇ ମନ୍ଦିରକୁ ସେମାନଙ୍କୁ ନିମନ୍ତ୍ରଣ କରିବା କେତେଦୂର ଯଥାର୍ଥ, ତାହା ବିଚାର୍ଯ୍ୟ । ସେହିପରି 'ହେ ବିଷାଦିତ ଓ ଭାରାକ୍ରାନ୍ତ ମଣିଷ, ସମସ୍ତେ ମୋ ପାଖକୁ ଆସ, ମୁଁ ତୁମକୁ ବିଶ୍ରାମ ଦେବି' – ପ୍ରଭୁ ଯିଶୁଙ୍କ ଏହି ବାଣୀରେ ଉଦ୍‌ବୁଦ୍ଧ ହୋଇ– ଶ୍ରୀଜଗନ୍ନାଥ ଜଗତର ନାଥ ହୋଇଥିବା ପରିପ୍ରେକ୍ଷୀରେ ଇସ୍କନପନ୍ଥୀ କେତେକ ଭାଇଭଉଣୀ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ଆଗ୍ରହ ଦେଖାଉଛନ୍ତି । ନିକଟରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ବର୍ତ୍ତମାନ ସମସ୍ୟା ଅଣହିନ୍ଦୁ ପ୍ରବେଶ ନୁହେଁ, ମାତ୍ର କେତେକ ହିନ୍ଦୁଙ୍କୁ ନିଷେଧ କରାଯିବା ଭଳି ଅମାନବୀୟ ମାନସିକତା । ହିନ୍ଦୁଧର୍ମର ପ୍ରତ୍ୟେକ ବର୍ଗଙ୍କର ମନ୍ଦିର ପ୍ରବେଶ କରିବା ଜନ୍ମଗତ ଅଧିକାର । ଅସ୍ପୃଶ୍ୟତା ନାମରେ ସ୍ଥାନେ ସ୍ଥାନେ ସେମାନଙ୍କ ମନ୍ଦିର ପ୍ରବେଶକୁ ନିଷେଧ କରାଯାଇ କେତେକ ବ୍ୟକ୍ତି ମଣିଷ ସମାଜକୁ ଭାଗ ଭାଗ କରୁଛନ୍ତି । ପ୍ରଥମେ ଆମ ଧର୍ମକୁ ରକ୍ଷା କରାଯାଉ । ଉଚ୍ଚ ବର୍ଗର ଦ୍ୱାହିଦେଇ ଅନ୍ୟମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିବା ଅଗଣତାନ୍ତ୍ରିକ ନୁହେଁ, ଦେଶର ପ୍ରଚଳିତ ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ପ୍ରତି ତାଚ୍ଛଲ୍ୟ କରିବା ସହିତ ସମାନ । ପ୍ରଥମେ ସମସ୍ତ ହିନ୍ଦୁ ଭାରତର ପ୍ରତିଟି ମନ୍ଦିରରେ ପ୍ରବେଶ କରିବାର ଅଧିକାର ଲାଭ କରନ୍ତୁ । ଏହାଦ୍ୱାରା ଭାରତ ମୁହଁରେ ପ୍ରଶାନ୍ତିର ହସ ଉକୁଟି ଉଠିବ । 'ରତ୍ନାକରସ୍ତବ ଗୃହଂ ଗୃହିଣୀ ଚ ପଦ୍ମା, କିଂ ଦେୟମସ୍ତି ଭବତେ ଜଗଦୀଶ୍ୱରାୟ'– ଏହି ସଂସ୍କୃତ ଶ୍ଳୋକଟି କୌଣସି ହିନ୍ଦୁ ପଣ୍ଡିତଙ୍କ ଲେଖା ନୁହେଁ । ଅବ୍‌ଦୁଲ ରହିମ ଖାନଖାନା ଏହାର ରଚୟିତା । 'ଶ୍ରୀରଙ୍ଗାଚରଣ ତଳେ କରୁଛି ମୁଁ ଜଣାଣ' ସାଲବେଗ ଗାଇଥିଲେ । ଏମାନେ ଦିନେ ମନ୍ଦିର ଯାଇ ନ ଥିଲେ । ସେମାନଙ୍କ ହୃଦୟ ମନ୍ଦିରରେ ଆସନ ପାତି ବସିଥିଲେ ଶ୍ରୀଜଗନ୍ନାଥ ।

ନବରଙ୍ଗପୁର, ମୋ–୯୪୩୭୧୧୮୯୬୨

## ପାଠକ ଶ୍ରେଷ୍ଠ ବିଚାରକ

### ସମଲିଙ୍ଗୀ ସମ୍ପର୍କ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କ ନିବନ୍ଧ 'ନ୍ୟାୟ, ନୀତି ଓ ସମଲିଙ୍ଗୀ ସଂପର୍କ'ରେ ଲେଖକ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଉପରେ ଆଲୋଚନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ସମଲିଙ୍ଗୀ ସଂପର୍କକୁ ବୈଧ ଘୋଷଣା କରିବା ଦ୍ୱାରା ନ୍ୟାୟ କିପରି ନୈତିକତାଠାରୁ ଦୂରେଇଯାଉଛି, ସେ ସମ୍ବନ୍ଧରେ ଲେଖକ ସ୍ୱମତ ବ୍ୟକ୍ତ କରିଛନ୍ତି । ସେ ବିବାହମୁକ୍ତ ସହବାସୀ ସଂପର୍କର ନୈତିକତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସେ ଉଠାଇଥିବା ପ୍ରଶ୍ନଗୁଡ଼ିକ ପ୍ରତ୍ୟେକ ଚିନ୍ତାଶୀଳ ଭାରତୀୟ ନାଗରିକର ପ୍ରଣିଧାନଯୋଗ୍ୟ ।

ସତ୍ୟନାରାୟଣ ରଥ, ଶହୀଦନଗର, ଭୁବନେଶ୍ୱର

### ଅବ୍ୟବସ୍ଥିତ ମଧ୍ୟାହ୍ନଭୋଜନ

ଗଣେଶ ପୂଜା ଏବଂ ସରସ୍ୱତୀ ପୂଜା ଶିକ୍ଷାନୁଷ୍ଠାନମାନଙ୍କରେ ଦୁଇଟି ପବିତ୍ର ଦିବସ । ଏହି ଦିବସ ଦୁଇଟିରେ ଶିକ୍ଷାର୍ଥୀମାନେ ଆମିଷ ନ ଖାଇ ନିରାମିଷ ଖାଇଥାନ୍ତି । ଗଣେଶ ପୂଜା ଓ ସରସ୍ୱତୀ ପୂଜା ଏହି ଦିନ ଦୁଇଟି କାର୍ଯ୍ୟଦିବସ ନୁହେଁ । ଏହି ଦୁଇଟି ପାଳନୀୟ ଦିବସ । ଏବେ ସରକାର ପାଳନୀୟ ଦିବସଗୁଡ଼ିକରେ ମଧ୍ୟାହ୍ନଭୋଜନ ଯୋଗାଇଦେବାକୁ ସ୍ଥିର କରିଛନ୍ତି । ପ୍ରକାଶଥାଉ କି, ପୁରୀ ଅକ୍ଷୟପାତ୍ର ଫାଉଣ୍ଡେଶନ ଗଣେଶ ପୂଜାରେ କେବଳ ଡାଲମା ଓ ଅଳ୍ପ କିଛି ଖିରି ସ୍କୁଲମାନଙ୍କୁ ଯୋଗାଇଥିଲା । ଗଣେଶ ପୂଜାରେ ପିଲାଙ୍କୁ ଅରୁଆ ଚାଉଳରେ ଭାତ ଗଣ୍ଡେ ବି ମିଳି ନ ଥିଲା । ସରକାର ଏଭଳି ଯୋଜନା କରି ପ୍ରହସନ କରୁଛନ୍ତି କାହିଁକି ?

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ମହିଳାମାନେ ସ୍ୱାମୀଙ୍କୁ ସତ୍‌ପଥରେ ଚାଲିବାକୁ ପରାମର୍ଶ ଦେଇଥାଆନ୍ତି । କିନ୍ତୁ ନିଜର ସୁଖସମୃଦ୍ଧି ପାଇଁ ସ୍ୱାମୀଙ୍କୁ ଚୋରି କରିବାକୁ ଉତ୍ସାହିତ କରିବା ଘଟଣା କ୍ୱଚିତ୍ ଦେଖାଯାଏ । ଏପରି ଏକ ଘଟଣା ବେଙ୍ଗାଲୁରୁଠାରେ ଘଟିଛି । ମହାଦେବୀ ନାମ୍ନୀ ୨୮ ବର୍ଷୀୟା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ସୁନାଚେନ୍ ଛିଡାଇ ଆଣିବା ଭଳି କୁପ୍ରରୋଚନା ଦେଇଥିବାରୁ ଶେଷରେ ଗିରଫ ହୋଇଛନ୍ତି । ବାଲାରି ଜିଲାର ହୁବିନା ହଡାଗଳି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି । କୁମ୍ଭାଲଗୋଡୁର ବାସିନ୍ଦା ଏହି ମହିଳା ଜଣକ ବଦଖର୍ଚ୍ଚ କରି ବେଶ୍ ଅୟସରେ ଜୀବନଯାପନ ପାଇଁ ପସନ୍ଦ କରନ୍ତି । ତେଣୁ ସେ ବଡ ବଡ ମଲ୍‌କୁ ଯାଇ ନିଜ ରୁଚିର ସୌଖୀନ ଦ୍ରବ୍ୟ କିଣିବାରେ ବେଶ୍ ଅଭ୍ୟସ୍ତ । ତାଙ୍କ ସ୍ୱାମୀ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଡାଇବା ଏବଂ ଡକାୟତି କରିବା ଘଟଣାରେ ପୂର୍ବରୁ ପୋଲିସର ଗୁଳିମାଡର ଶିକାର ହେବା ସହିତ ଗିରଫ ହୋଇଥିଲେ । ମହାଦେବୀଙ୍କୁ ସୋମବାର ଗିରଫ କରାଯାଇଛି । ତଦନ୍ତରୁ ଜଣାପଡିଛି, ମହାଦେବୀ ଅର୍ଥ ଅଭାବର ସମ୍ମୁଖୀନ ହେଲେ ତାଙ୍କ ସ୍ୱାମୀଙ୍କୁ ଚୋରି, ଡକାୟତି ପାଇଁ ବାଧ୍ୟ କରନ୍ତି । ମହାଦେବୀଙ୍କ ସ୍ୱାମୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ୩.୫ କେଜି ସ୍ୱର୍ଣ୍ଣାଳଙ୍କାର ଜବତ ହେବାପରେ ସେ ପାଖାପାଖି ୧୦୫ଟି ଚୋରି ମାମଲାରେ ଜଡିତ ଥିବା ଜଣାପଡିଥିଲା । ମହାଦେବୀ ସ୍ୱାମୀଙ୍କୁ କେତେକ ଚୋରି ଘଟଣାରେ ସହାୟତା ମଧ୍ୟ କରିଥିଲେ । ଏହି ଦମ୍ପତି ନିଜ ବନ୍ଧୁଘରକୁ ଯାଇ ସେଠାରୁ ମଧ୍ୟ ୩ଲକ୍ଷ ଟଙ୍କା ଓ ସୁନା ଚୋରି କରିଥିବା ଅଭିଯୋଗ ହୋଇଛି ।

### ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୩

- ରୁଷ୍ ରାଷ୍ଟ୍ରପତି ବୋରିସ୍ ୟେଲଟସିନ୍ ଅଚାନକ ରୁଷିଆର ପାର୍ଲାମେଣ୍ଟକୁ ଭଙ୍ଗକରି ସାନି ନିର୍ବାଚନ ଘୋଷଣା କରିଛନ୍ତି ।
- ଜିମ୍ବାୱେରେ ମୋଟ ୧୦,୫୫୧ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯିବା ସହ ଏଡ୍‌ସ ରୋଗରେ ଏହା ଆଫ୍ରିକାର ୫ମ ବୃହତ୍ତମ ଦେଶ ବୋଲି ଜଣାପଡିଛି ।



ଜିଲା ଡାଏରୀ

ଯାଜପୁର

### ମିଳୁନି ନିମ୍ନତମ ପୌରସେବା

ଓଡିଶାର ପୁରାତନ ରାଜଧାନୀ ଯାଜପୁର ଏକ ଶିଳ୍ପସମୃଦ୍ଧ ଜିଲା । ଏଠାରେ ମା' ବିରଜାଙ୍କ ମନ୍ଦିର ସମେତ ଅନେକ ତୀର୍ଥସ୍ଥାନ ରହିଛି । ପ୍ରତିଦିନ ସହରକୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟରେ ଲୋକ ଆସୁଛନ୍ତି । କିନ୍ତୁ ସହରର ଏଭଳି ଏକ ମୁଖ୍ୟ ରାସ୍ତା ନାହିଁ ଯାହା ଠିକ୍ ଅବସ୍ଥାରେ ଅଛି । ଗରିଆପୁର–ମେଡିକାଲ ରାସ୍ତା, ଗାନ୍ଧୀଛକ–ମାର୍କେଟ ଛକ, ବିରଜା ମନ୍ଦିର–ଗରିଆପୁର, ଅଠରନାଳ ପୋଲ, କୁଆସରାପୁର ଛକ, ବଡ଼ବଜାର–ସାନବଜାର ପ୍ରଭୃତି ରାସ୍ତାରେ ହୋଇଥିବା ଢଳେଇ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ସହରର ପ୍ରମୁଖ ବଜାର ରାସ୍ତା ଓସାରିଆ ହୋଇଛି ସତ, ହେଲେ ଆଭ୍ୟନ୍ତରୀଣ ୱାର୍ଡମାନଙ୍କରେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ କୁଆସରାପୁର, ବ୍ରହ୍ମାକୁଣ୍ଡ, ଶିକ୍ଷା ବିଭାଗ ପ୍ରଭୃତି ଅଞ୍ଚଳ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଛି । ଦେବୀଗୌଡା ଘାଟ ନିକଟରେ କୁଢ କୁଢ ଆବର୍ଜନା ପଡିରହିଛି । କୋଟି କୋଟି ଟଙ୍କା ବିନିଯୋଗରେ କରାଯାଇଥିବା କୁସୁମା ପୋଖରୀ ସାଧାରଣ ଲୋକଙ୍କ କାମରେ ଲାଗୁନି । ନିମ୍ନତମ ପୌରସେବା ଦେବା ପରିବର୍ତ୍ତେ ମ୍ୟୁନିସିପାଲିଟୀ ଅନ୍ୟ କେଉଁ କାର୍ଯ୍ୟରେ ମାତିଛି ସହରବାସୀଙ୍କୁ ତାହା ଅଗୋଚର ।

–ହର୍ଷବର୍ଦ୍ଧନ ବେହେରା

ଧରିତ୍ରୀ
DHARITRI
ଶନିବାର, ୨୨ ସେପ୍ଟେମ୍ବର, ୨୦୧୮



“ଜମ୍ମୁ-କଶ୍ମୀରରେ କେନ୍ଦ୍ରର ଦମନମୂଳକ ନୀତି ଆଦୌ କାମ କରୁନାହିଁ। ସମାଧାନ ପାଇଁ ଆଲୋଚନା ଏକମାତ୍ର ପନ୍ଥା ହୋଇଥିଲେ ହେଁ ଏହା ଏକ ଦୂରନ୍ତ ସ୍ୱପ୍ନ ଭଳି ମନେହେଉଛି।

-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ୫ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୨୧।୯(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଶୁକ୍ରବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ପାକିସ୍ତାନୀ ଆତଙ୍କବାଦୀମାନେ ନିକଟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାରେ ଅନୁପ୍ରବେଶ କରିଥିବା ପୋଲିସ ଜାଣିବାକୁ ପାଇଛି। ବଣ୍ଡିପୋରାର ସୁମ୍‌ଲାର ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁରୁବାର ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ରାଷ୍ଟ୍ରୀୟ ରାଇଫଲ୍ସ, ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଏବଂ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଚାଲିଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଠାବ କରାଯାଇଛି।

### ୧ରେ ଆସିବେ ଗୁଟେରେସ୍

**ନୂଆଦିଲ୍ଲୀ,୨୧।୯(ପି.ଟି.):** ଅକ୍ଟୋବର ୧ରେ ଭାରତ ଗସ୍ତରେ ଆସୁଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍।



ଚାରିଦିନିଆ ଭାରତ ଯାତ୍ରାରେ ଆସି ଗୁଟେରେସ୍ ଏକାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ନିମନ୍ତ୍ରଣ କ୍ରମେ ଗୁଟେରେସ୍‌ଙ୍କ ଏହି ଯାତ୍ରା ସ୍ଥିର ହୋଇଛି। ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ଜାତିସଂଘ ମହାସଚିବ ଅନ୍ତର୍ଜାତୀୟ ସୌର ମେଣ୍ଟ(ଆଇଏସ୍‌ଏ)ର ପ୍ରଥମ ସାଧାରଣ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ଭାବେ ଉଦ୍‌ବୋଧନ ଦେବେ। ଦ୍ୱିତୀୟ ଗ୍ଲୋବାଲ୍ ରି-ଇନ୍‌ଭେଷ୍ଟ କନ୍‌ଫରେନ୍ସ ଏବଂ ଇଣ୍ଡିଏନ୍ ଓସିଏନ୍ ରିମ୍ ଆସୋସିଏଶନ୍ ଅଫ୍ ଷ୍ଟେଟେସ୍ (ଆଇଓଆର୍‌ଏ)ର ଅକ୍ଷୟ ଶକ୍ତି ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ୱଚ୍ଛତା ସମ୍ମିଳନୀରେ ମଧ୍ୟ ସେ ସାମିଲ ହେବେ।

### ପରଲୋକରେ ଭିଏତ୍‌ନାମ ରାଷ୍ଟ୍ରପତି

**ହାନୋଇ,୨୧।୯(ପି.ଟି.):** ଭିଏତ୍‌ନାମ ରାଷ୍ଟ୍ରପତି ତ୍ରାନ୍ ଦାଇ କ୍ୱାଙ୍ଗ୍‌ଙ୍କ ଶୁକ୍ରବାର ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ଦୀର୍ଘଦିନର ଅସୁସ୍ଥତା ପରେ ଶେଷରେ ସେ ଜୀବନ ଯୁଦ୍ଧରେ ପରାଜିତ ହୋଇଛନ୍ତି। ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅନେକ ଦିନ ହେଲା ତାଙ୍କର ଚିକିତ୍ସା ଚାଲିଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମରେ ସୂଚନା ଦିଆଯାଇଛି। ଏପ୍ରିଲ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ତ୍ରାନ୍ ଅସୁସ୍ଥତା ସତ୍ତ୍ୱେ ସରକାରୀ କାର୍ଯ୍ୟରେ ମୁତୟନ ରହୁଥିଲେ। ଦୁଇଦିନ ପୂର୍ବରୁ ଶେଷଥର ପାଇଁ ତ୍ରାନ୍‌ଙ୍କୁ ଗଣମାଧ୍ୟମ ସମ୍ମୁଖରେ ଦେଖିବାକୁ ମିଳିଥିଲା। ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ■ ରୁଷିଆ ସହ ପ୍ରତିରକ୍ଷା ସମ୍ପର୍କ ମହଙ୍ଗା ପଡ଼ିଲା

# ଚାଇନାକୁ ଆମେରିକାର ଛାଟ

**ୱାଶିଂଟନ/ବେଜିଂ/ମସ୍କୋ, ୨୧।୯(ପି.ଟି.)**

ରୁଷିଆକୁ ଏକପାଖିଆ କରିବା ପାଇଁ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା କ୍ଷମତା ପ୍ରୟୋଗ ଆରମ୍ଭ କରିଦେଇଛି। ରୁଷିଆଠାରୁ ସୁଖୋଇ ସୁ-୩୫ ଯୁଦ୍ଧବିମାନ ଓ ଏସ୍-୪୦୦ କ୍ଷେପଣାସ୍ତ୍ର ଆଦି ସାମରିକ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିବାରୁ ଚାଇନାକୁ ନାଲିଆଖି ଦେଖାଇବା ସହ ଏହା କଟକଣା ଲଗାଇଛି। ଟ୍ରମ୍ପ୍ ପ୍ରଶାସନ ପ୍ରଥମକରି କାଟ୍‌ସା ଆଇନ ଅନୁଯାୟୀ ତୃତୀୟ ରାଷ୍ଟ୍ରକୁ ଟାର୍ଗେଟ କରି ଆର୍ଥିକ ସହଯୋଗ କାଟ୍ କରିଛି। କେବଳ ଚାଇନା ନୁହେଁ ରୁଷିଆଠାରୁ ପ୍ରତିରକ୍ଷା ସାମଗ୍ରୀ କିଣୁଥିବା ସମସ୍ତ ରାଷ୍ଟ୍ର ସମଦଶା ଭୋଗିବେ ବୋଲି ଆମେରିକା ଚେତାବନୀ ଦେଇଛି। ପରୋକ୍ଷରେ ଏହା ଭାରତ ଆଡ଼କୁ ମଧ୍ୟ ଇଙ୍ଗିତ କରୁଛି। ଟ୍ରମ୍ପ୍ ପ୍ରଶାସନର ଏହି ଛାଟ ପରେ ରୁଷିଆ ଏବଂ ଚାଇନା ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ନେଇ ୱାଶିଂଟନ ନିଆଁ ସହ ଖେଳୁଥିବାରୁ ପରିଣାମ



ଭୋଗିବ ବୋଲି ଉଭୟ ରାଷ୍ଟ୍ର କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ଚାଲିଛି ଶୀତଳଯୁଦ୍ଧ। ସିରିଆ, କ୍ରିମିଆ ସମେତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ରୁଷିଆର ଉଗ୍ର କାର୍ଯ୍ୟକଳାପ ବାରମ୍ବାର ଦେଖି ଆମେରିକା ପୂରା ଖପ୍ପା। ପ୍ରତିଶୋଧ ବହ୍ନିରେ ରୁଷିଆ ଉପରେ ପରୋକ୍ଷ ଆକ୍ରମଣ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। କାଉଣ୍ଟରିଂ ଆମେରିକାସ୍ ଆଡଭର୍ସରିଜ୍ ଥ୍ରୋ ସାଙ୍କସନ୍ସ ଆକ୍ଟ (କାଟ୍‌ସା) କଟକଣାକୁ ଏହା ମାଧ୍ୟମ କରିଛି। ରୁଷିଆ, ଇରାନ ଓ ଉତ୍ତର କୋରିଆ ବିରୋଧରେ ଅର୍ଥନୈତିକ ଓ ରାଜନୈତିକ କଟକଣା ଜାରି କରିବା ଲାଗି ୨୦୧୭ରେ ଟ୍ରମ୍ପ ପ୍ରଶାସନ କାଟ୍‌ସା ଆଇନ ଗୃହୀତ କରିଥିଲା। ଏବେ ଏହାକୁ ଅସ୍ତ୍ର କରି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟର ଅସ୍ତ୍ର ବିକାଶ ବିଭାଗ (ଇଡିଡି) ଉପରେ କଟକଣା ଲଗାଇଛି ଆମେରିକା। ୧୦ ସୁଖୋଇ ଯୁଦ୍ଧବିମାନ ଏବଂ ବହୁକୋଟି ଡଲାର ମୂଲ୍ୟର ଏସ୍-୪୦୦ ମିଶାଇଲ ରୁଷିଆଠାରୁ କିଣି କାଟ୍‌ସା ଆଇନର ଉଲ୍ଲଂଘନ କରିଥିବାରୁ ବେଜିଂକୁ ଏହି ଦଣ୍ଡ ମିଳିଛି ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରୁଷିଆର ୩୩ ଗୋଇନ୍ଦା ଅଧିକାରୀ ଓ ସାମରିକ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି, ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇଛି। ତେବେ କୌଣସି ରାଷ୍ଟ୍ରର ପ୍ରତିରକ୍ଷା କ୍ଷମତା ହ୍ରାସ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ। ରୁଷିଆକୁ ଟାର୍ଗେଟ କରିବା ଲାଗି ଏହି ଛାଟ ଦିଆଯାଇଥିବା ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଘୋଷଣା କରିଛନ୍ତି। ୟୁକ୍ରେନ୍‌ରେ ଔଦ୍ଧତ୍ୟ, କ୍ରିମିଆକୁ କବ୍‌ଜା, ସାଇବର ଆକ୍ରମଣ ଏବଂ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଆଦି ଅନ୍ୟାନ୍ୟ ଦାଦାଗିରି ପାଇଁ ରୁଷିଆ ବିରୋଧରେ କାଟ୍‌ସା ଆଇନ ଲାଗୁ ହୋଇଛି। ତେଣୁ ଏହା ସହ ପ୍ରତିରକ୍ଷା ସମ୍ପର୍କ ରଖୁଥିବା ରାଷ୍ଟ୍ରଗୁଡ଼ିକୁ ଆମେରିକା ଶତ୍ରୁ ଭାବେ ବିବେଚନା କରୁଛି। ସେମାନଙ୍କୁ ଆର୍ଥିକ ଓ କୂଟନୈତିକ ସ୍ତରରେ ସହଯୋଗ ଯୋଗାଇବ ନାହିଁ ବୋଲି ଆମେରିକୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ରୁଷିଆର ପ୍ରମୁଖ ଅସ୍ତ୍ର ଯୋଗାଣକାରୀ କମ୍ପାନୀ ରୋସୋବୋରୋନ୍ ଏକ୍ସପୋର୍ଟକୁ କଳା ତାଲିକାରେ ସ୍ଥାନିତ କରାଯାଇଛି। ଏହାଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଥିବାରୁ ଚାଇନାର ଇଡିଡି ଓ ଏହାର ନିର୍ଦ୍ଦେଶକ ଲି ଶାଙ୍ଗ୍‌ଫୁଙ୍କୁ ଝଟକା ଦେଇଛି ଆମେରିକା। ଆମେରିକୀୟ ଆଇନ ଅନୁଯାୟୀ ଇଡିଡି କିମ୍ବା ଲି'ଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ବିଶ୍ୱ ଆର୍ଥିକ ବଜାରରେ ଏବେ ଇଡିଡି ସାମିଲ ହୋଇପାରିବ ନାହିଁ। ଆମେରିକାର ଘୋଷଣା ପରେ ଜି ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱାଧୀନ ଚାଇନା ସରକାର କଡ଼ା ଭାଷାରେ ସମାଲୋଚନା କରିଛନ୍ତି। କଟକଣା ହଟାଅ, ନଚେତ୍ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ୱାଶିଂଟନକୁ ଚେତାବନୀ ଦେଇଛନ୍ତି ଚାଇନା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଜେଙ୍ଗ୍ ଶୁଆଙ୍ଗ୍। ସେହିପରି ରୁଷିଆର ଉପ ବୈଦେଶିକ ମନ୍ତ୍ରୀ ସେର୍ଜେଇ ର୍‌ୟାବ୍‌କୋଭ କହିଛନ୍ତି ଯେ, ସାନି କଟକଣା ଜାରି କରି ଆମେରିକା ବିଶ୍ୱ ଅସ୍ଥିରତା ସୃଷ୍ଟି କରିଛି। ରୁଷିଆର ପ୍ରତିରକ୍ଷା ସଂସ୍ଥା, ରାଜନେତା ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରି ନିଆଁ ସହ ଖେଳୁଥିବାରୁ ଆମେରିକାକୁ ମହଙ୍ଗା ପଡ଼ିବ ବୋଲି ର୍‌ୟାବ୍‌କୋଭ ଚେତାଇ ଦେଇଛନ୍ତି।

### ଟ୍ରମ୍ପ୍‌ଙ୍କ ନାଲିଆଖି

- ■ କାଟ୍‌ସା ଅନୁଯାୟୀ ଇଡିଡି ଉପରେ କଟକଣା
- ■ ସୁ-୩୫, ଏସ୍-୪୦୦ କ୍ରୟ ପାଇଁ ଦଣ୍ଡ
- ■ କଟକଣା ହଟାଅ, ନଚେତ୍ ପରିଣାମ ଭୋଗିବ: ଚାଇନା
- ■ ଆମେରିକା ନିଆଁ ସହ ଖେଳୁଛି: ରୁଷିଆ

### ଭାରତକୁ ବି ଚେତାବନୀ

**ୱାଶିଂଟନ, ୨୧।୯:** ଚାଇନା ବିରୋଧରେ କଟକଣା ଜାରି କରିବା ପରେ ଏବେ ଭାରତ ଏବଂ ତୁର୍କୀ ଉପରେ ନଜର। ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ବନ୍ଧୁ ଭାବେ ପରିଗଣିତ ରୁଷିଆଠାରୁ ଏସ୍-୪୦୦ କିଣିବାକୁ ଭାରତ ଉଦ୍ୟମ ଚଳାଇଛି। ଏତିକିବେଳେ ଟ୍ରମ୍ପ୍ ପ୍ରଶାସନର ହାକିମାତି ନୂଆଦିଲ୍ଲୀକୁ ଅଡୁଆରେ ପକାଇଛି। ରୁଷିଆ ସହ ହୋଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ ବୁଝାମଣାକୁ ନେଇ ଆଗେଇବ ବୋଲି ଭାରତ ନିକଟରେ ସ୍ପଷ୍ଟ କରିସାରିଥିଲେ ସୁଦ୍ଧା ବେଜିଂ ବିରୋଧରେ କଟକଣା ଲଗାଇ ଆମେରିକା ନୂଆଦିଲ୍ଲୀକୁ ମଧ୍ୟ ପରୋକ୍ଷରେ ଚେତାବନୀ ଦେଇଛି।



ଚାଇନା ଉପରେ ଛାଟ ପଡ଼ିଥିବାରୁ ଏବେ ନରେନ୍ଦ୍ର ମୋଦି ସରକାର କ'ଣ ନିଷ୍ପତ୍ତି ନେବେ, ତାହା ଦେଖିବାର କଥା। ସେହିପରି ରୁଷିଆଠାରୁ ତୁର୍କୀ ଏସ୍-୪୦୦ ଯୁଦ୍ଧବିମାନ କ୍ରୟ କରୁଛି। ତେଣୁ ଏହା ମଧ୍ୟ ଆମେରିକା ଟାର୍ଗେଟରେ ରହିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ବୋଟ୍ ବୁଡ଼ି ୧୨୬ ମୃତ



**ନାଇରୋବି,୨୧।୯(ପି.ଟି.)**
ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଗୁରୁବାର ବୋଟ୍ ବୁଡ଼ି ୧୨୬ ଜଣ ପ୍ରାଣ ହରାଇଛନ୍ତି। ଅନେକ ଯାତ୍ରୀଙ୍କ ସନ୍ଧାନ ମିଳିପାରି ନାହିଁ। ଫଳରେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏମ୍‌ଭି ନ୍ୟେରେର୍ ନାମକ ଏକ ବୋଟ୍ ୟୁକେରେୱେ ଦ୍ୱୀପର ବୁଗୋଲୋରା ସହରରୁ ପ୍ରାୟ ୨୦୦ ଯାତ୍ରୀଙ୍କୁ ଧରି ଭିକ୍ଟୋରିଆ ହ୍ରଦରେ ଯାତ୍ରା କରୁଥିଲା। ଗନ୍ତବ୍ୟସ୍ଥଳ ୟୁକାରା ଦ୍ୱୀପ ନିକଟରେ ଏହା ବୁଡ଼ିଯାଇଥିଲା। କ୍ଷମତାଠାରୁ ଦୁଇଗୁଣ ଓଜନ ବହନ କରିଥିବା ଯୋଗୁ ବୋଟ୍‌ଟି ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି ବୋଲି ମାଞ୍ଜା ଗଭର୍ନର ଜନ୍ ମୋଙ୍ଗେଲା ଶୁକ୍ରବାର ସୂଚନା ଦେଇଛନ୍ତି। ୧୨୬ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଏପର୍ଯ୍ୟନ୍ତ ଜଣେ ହେଲେ ଯାତ୍ରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇ ନ ଥିବା ସେ କହିଛନ୍ତି। ବୋଟ୍‌ଟି ବନ୍ଦରରେ ପହଞ୍ଚିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଲୋକେ ଓହ୍ଲାଇବା ପାଇଁ ବୋଟ୍‌ର ଗୋଟିଏ ପଟକୁ ଚାଲି ଆସିଥିବାବେଳେ ଭାରସାମ୍ୟ ହରାଇ ଏହା ବୁଡ଼ି ଯାଇଥିଲା।

## ■ ନନ୍ ବଳାତ୍କାର ମାମଲା

# ବିଶପ୍ ଫ୍ରାଙ୍କୋ ଗିରଫ

**କୋଚି,୨୧।୯(ଆଇଏଏନ୍‌ଏସ୍)**

ନନ୍ ବଳାତ୍କାର ମାମଲାରେ ଶେଷରେ ଗିରଫ ହେଲେ ରୋମାନ୍ କାଥୋଲିକ୍ ଚର୍ଚ୍ଚ ବିଶପ୍ ଫ୍ରାଙ୍କୋ ମୁଲକ୍କଲ। ତିନିଦିନର ଘନଘନ ଜେରା ପରେ ଶୁକ୍ରବାର କେରଳ ପୋଲିସ ଜଲନ୍ଧର ଚର୍ଚ୍ଚ ବିଶପ୍‌ଙ୍କୁ ଗିରଫ କରିଛି। ଦେଶରେ ପ୍ରଥମକରି ଜଣେ ବିଶପ୍‌ଙ୍କୁ ବଳାତ୍କାର ମାମଲାରେ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ପଦମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ତାଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ଼ କରିବା ପରେ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୪ରୁ ୨୦୧୬ ମଧ୍ୟରେ ବିଶପ୍ ତାଙ୍କୁ ୧୩ଥର ବଳାତ୍କାର କରିଥିଲେ ଏବଂ ଏହାକୁ ବିରୋଧ କରି ପରେ ଧମକାଉଥିଲେ ବୋଲି କେରଳ ନନ୍ ଅଭିଯୋଗ ଆଣିଥିଲେ। ନନ୍‌ଙ୍କୁ ଚାରିଆଡୁ ସମର୍ଥନ ମିଳିବା ପରେ ଚାପର ବଶବର୍ତ୍ତୀ ହୋଇ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। କୋଚି ନିକଟବର୍ତ୍ତୀ



ତ୍ରିପୁନିଥୁରାସ୍ଥିତ କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟରେ ତିନିଦିନ ଧରି ଅଧିକାରୀମାନେ ଜେରା କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ମଲକ୍କଲକୁ ଗିରଫ କରିବା ପରେ ଡାକ୍ତରୀ ମାଇନା ପାଇଁ ପଠାଇଥିଲା। ସେପଟେ ତଦନ୍ତ ପ୍ରକ୍ରିୟା ଉଚିତ ଦିଗରେ ଆଗେଇଛି ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି।

## ଫୁରସତ

### ଇଭାଙ୍କାଙ୍କ ସ୍ୱପ୍ନ

**ହ୍ୟୁଷ୍ଟନ୍:** ସେ ହେଉଛନ୍ତି ଗ୍ଲୋବାଲ୍ ଫ୍ୟାଶନ୍ ଆଇକନ୍, ସଫଳ ମହିଳା ବ୍ୟବସାୟୀ, ରିୟଲିଟି ଟିଭି ବ୍ୟକ୍ତିତ୍ୱ, ଲେଖିକା, ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶଦାତା। ଏସବୁ ଉର୍ଦ୍ଧ୍ୱରେ ସେ ଜଣେ ସଫଳ ମା' ମଧ୍ୟ। ସେ ହେଉଛନ୍ତି ବିଶ୍ୱର ଜଣେ ବହୁଚର୍ଚ୍ଚିତ ଚେହେରା ଇଭାଙ୍କା ଟ୍ରମ୍ପ୍। କିନ୍ତୁ ଏସବୁଠୁ ଭିନ୍ନ ଜୀବନକୁ ନେଇ ଆଉ କିଛି ସ୍ୱପ୍ନ ଦେଖିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଝିଅ ଇଭାଙ୍କା ଟ୍ରମ୍ପ୍। ମହାକାଶ ଯାତ୍ରା କରିବା ତାଙ୍କର ଆଉ ଏକ ସ୍ୱପ୍ନ ବୋଲି ଇଭାଙ୍କା କହିଛନ୍ତି। ଏଠାରେ ଥିବା ଜନ୍‌ସନ୍ ସ୍ପେସ୍ ସେଣ୍ଟରକୁ ଗସ୍ତକରି ୩୬ ବର୍ଷୀୟା ଇଭାଙ୍କା ମହାକାଶଚାରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ମହାକାଶଚାରୀ ହୋଇ ମହାଶୂନ୍ୟରେ ଘୂରି ବୁଲିବା ପିଲାବେଳୁ ତାଙ୍କର ଇଚ୍ଛା। ସେମାନେ ତାଙ୍କ ସ୍ୱପ୍ନର କାର୍ଯ୍ୟ କରୁଛନ୍ତି ବୋଲି ଇଭାଙ୍କା କହିଛନ୍ତି।



# ଭାରତରେ ମୁସଲମାନଙ୍କ ଦାରିଦ୍ର୍ୟ କମିଛି

**ଜାତିସଂଘ:** ଭାରତ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବାବେଳେ ମୁସଲମାନ, ଅନୁସୂଚିତ ଜନଜାତି ଓ ଦଳିତମାନେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛନ୍ତି। ଜାତିସଂଘ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ସୂଚନା ମିଳିଛି। ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଏହା ହେଉଛି ଭାରତରେ 'ଅତି ସକାରାତ୍ମକ ଧାରା'। ଅତ୍ୟନ୍ତ ଦରିଦ୍ର ଲୋକମାନେ ଉନ୍ନତି କରିପାରିଛନ୍ତି ବୋଲି ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମ୍ୟାନ୍ ଡେଭଲପମେଣ୍ଟ ଇନିସିଏଟିଭ୍ (ଓପିଏଚ୍‌ଡିଆଇ)ର ନିର୍ଦ୍ଦେଶକ ସାବିନା ଆଲକାୟର କହିଛନ୍ତି। ଏଠାରେ ୨୦୧୮ ମଲ୍ଟିଡାଇମେନସନାଲ୍ ପଭର୍ଟି ଇଣ୍ଡେକ୍ସ (ଏମ୍‌ପିଆଇ) ଉପସ୍ଥାପନ କରିବା ଅବସରରେ ଆଲକାୟର ଏହା ପ୍ରକାଶ କରିଛନ୍ତି। ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଓପିଏଚ୍‌ଡିଆଇ ଦ୍ୱାରା ପ୍ରସ୍ତୁତ ଏମ୍‌ପିଆଇ ଉନ୍ନୟନର ବିଭିନ୍ନ ଦିଗକୁ ବିଚାରକୁ ନେଇଥାଏ।

ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନଙ୍କ



ଦାରିଦ୍ର୍ୟ ବିଗତ ଦଶନ୍ଧିରେ ଦ୍ରୁତ ଗତିରେ ହ୍ରାସ ପାଇଛି। ଅନୁରୂପ ଭାବରେ ଦଳିତମାନେ ମଧ୍ୟ ଉନ୍ନତି କରିପାରିଛନ୍ତି ବୋଲି ଆଲକାୟର କହିଛନ୍ତି। ମୁସଲମାନ ଭଳି ଏକ ଧର୍ମୀୟ ଗୋଷ୍ଠୀର ବ୍ୟକ୍ତିମାନେ ୧୦ବର୍ଷ ତଳେ ଅତ୍ୟନ୍ତ ଦରିଦ୍ର ଥିଲେ। ସେମାନଙ୍କ ଦାରିଦ୍ର୍ୟ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

୨୦୦୬ରୁ ୨୦୧୬ ମଧ୍ୟରେ ଅନୁସୂଚିତ ଜନଜାତିଙ୍କ ଏମ୍‌ପିଆଇ ୦.୪୪୭ରୁ ହ୍ରାସପାଇ ୦.୨୨୯ ହୋଇଛି। ଏହି ଦଶନ୍ଧି ମଧ୍ୟରେ ଦାରିଦ୍ର୍ୟ ହାର ୭୯.୮%ରୁ ୫୦%କୁ ହ୍ରାସ ପାଇଛି। ସେହିଭଳି ଦଳିତଙ୍କ ଏମ୍‌ପିଆଇ ୦.୩୩୮ରୁ ୦.୧୪୫କୁ ହ୍ରାସ ପାଇଥିବା ବେଳେ ଦାରିଦ୍ର୍ୟ ହାର ୬୫%ରୁ ୩୨.୯%କୁ ହ୍ରାସ ପାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ଏମ୍‌ପିଆଇ ୨୦୦୬ରେ ୦.୩୩୧ ଥିବା ବେଳେ ୨୦୧୬ରେ ଏହା ୦.୧୪୪କୁ ହ୍ରାସ ପାଇଛି। ଏହି ସମ୍ପ୍ରଦାୟର ଦାରିଦ୍ର୍ୟ ହାର ୬୦.୩%ରୁ ୩୧.୧%କୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ଏହି ୩ଟି ବର୍ଗର ଲୋକଙ୍କ ଦାରିଦ୍ର୍ୟ ୨୦୦୬ରେ ୫୪.୭% ଥିବାବେଳେ ୨୦୧୬ରେ ଏହା ୨୭.୫%କୁ ହ୍ରାସ ପାଇଛି। ସେହିଭଳି ଏହି ବର୍ଗ ଲୋକଙ୍କ ଏମ୍‌ପିଆଇ ୧୦ବର୍ଷ ମଧ୍ୟରେ ୦.୨୭୯ରୁ ୦.୧୨୧କୁ ହ୍ରାସ ପାଇଥିବା ଉକ୍ତ ତଥ୍ୟାବଳୀରେ ପ୍ରଦର୍ଶିତ ହୋଇଛି। ଅର୍ଥାତ୍ ୨୦୦୫-୦୬ରେ ଏହି ବର୍ଗର ଦରିଦ୍ରଙ୍କ ସଂଖ୍ୟା ୬୩୫ ନିୟୁତ ଥିବାବେଳେ ୨୦୧୫-୧୬ ବେଳକୁ ଏହା ୨୭୧ ନିୟୁତ ହ୍ରାସ ପାଇ ୩୬୪ ନିୟୁତରେ ପହଞ୍ଚିପାରିଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୨ର ପ୍ରମୁଖ ଘଟଣା

୧୯୬୫ ସେପ୍ଟେମ୍ବର ୨୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ବିଧିବଦ୍ଧ ପରିସମାପ୍ତି ଘଟିଥିଲା। ଯୁଦ୍ଧବିରତି ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଯୁଦ୍ଧବିରତିସଂକଳ୍ପନାମା ଆଗତ ହୋଇଥିଲା। ଯୁଦ୍ଧର ଅନ୍ତ ପାଇଁ ଏହିଦିନ ଉକ୍ତ ସଂକଳ୍ପନାମାକୁ ଉଭୟ ପକ୍ଷରୁ ନିଃସର୍ତ୍ତ ସମର୍ଥନ ମିଳିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଏପ୍ରିଲରେ ଆରମ୍ଭ ହୋଇଥିବା ଯୁଦ୍ଧ ସେପ୍ଟେମ୍ବରରେ ଶେଷ ହୋଇଥିଲା।

୧୯୯୧ ସେପ୍ଟେମ୍ବର ୨୨ରେ ପୁରାତନ ଇହୁଦୀ ଧାର୍ମିକ ପାଣ୍ଡୁଲିପି 'ଡେଡ୍ ସି ସ୍କ୍ରୋଲ୍' (କମ୍‌ରାନ୍ କେଭ୍‌ସ ସ୍କ୍ରୋଲ୍)ର ସାର୍ବଜନୀନ କରାଯାଇଥିଲା। ହିବ୍ରୁ ଭାଷାର ଏହି ପୁରାତନ ଲିପିକୁ ୱେଷ୍ଟ ବ୍ୟାଙ୍କ୍ ନିକଟରେ ଡେଡ୍ ସି'ରୁ ଉଦ୍ଧାର କରାଯାଇଥିଲା। ଅଧାନଷ୍ଟ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଭିନ୍ନ ପ୍ରକାରର ପ୍ରାୟ ୯୮୧ ପାଣ୍ଡୁଲିପିକୁ ଗବେଷକମାନେ ଏକତ୍ର କରିପାରିଥିଲେ। ଏହା ୧୯୪୬-୪୭ ଏବଂ ୧୯୫୬ରେ ୧୧ଟି ଗୁମ୍ଫା ମଧ୍ୟରୁ ଉଦ୍ଧାର କରାଯାଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୮ | ୨୨.୬ |
| ଚାନ୍ଦବାଲି | ୨୭.୭ | ୨୫.୦ |
| କଟକ | ୨୮.୬ | ୨୩.୪ |
| ପାରାଦ୍ୱୀପ | ୩୦.୦ | ୨୭.୧ |
| ଭୁବନେଶ୍ୱର | ୨୯.୬ | ୨୪.୯ |
| ଗୋପାଳପୁର | ୩୧.୨ | ୨୪.୮ |
| ପୁରୀ | ୩୦.୦ | ୨୫.୮ |
| ଅନୁଗୋଳ | ୨୮.୧ | ୨୨.୦ |
| ବାରିପଦା | ୨୫.୮ | ୨୩.୫ |
| ଝାରସୁଗୁଡ଼ା | ୨୮.୪ | ୨୪.୫ |
| କେନ୍ଦୁଝର | ୨୪.୭ | ୨୨.୭ |
| ସମ୍ବଲପୁର | ୨୯.୮ | ୨୩.୩ |
| ସୁନ୍ଦରଗଡ଼ | ୩୦.୦ | ୨୧.୦ |
| ହୀରାକୁଦ | ୨୯.୫ | ୨୪.୬ |
| ତାଳଚେର | ୩୦.୨ | ୨୪.୫ |
| ଭବାନୀପାଟଣା | ୨୯.୦ | ୨୩.୪ |
| ବଲାଙ୍ଗୀର | ୨୯.୦ | ୨୪.୦ |
| କୋରାପୁଟ | ୨୩.୦ | ୧୯.୦ |
| ଫୁଲବାଣୀ | ୨୭.୫ | ୨୧.୫ |
| ଟିଟିଲାଗଡ଼ | ୩୦.୦ | ୨୧.୫ |
| ମାଲକାନଗିରି | ୨୫.୦ | --- |
| ସୋନପୁର | ୩୧.୪ | ୨୨.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଗିର୍ ଜଙ୍ଗଲରେ ୧୧ ସିଂହ ମୃତ

**ରାଜକୋଟ,୨୧।୯(ପି.ଟି.)**

ଗୁଜରାଟର ଗିର୍ ଜଙ୍ଗଲରେ ୧୧ଟି ସିଂହ ମୃତଦେହ ଉଦ୍ଧାର ହୋଇଛି। ସବୁତକ ସିଂହ ଗତ ୧୦-୧୧ଦିନ ମଧ୍ୟରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ସିଂହ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ସମସ୍ତ ସିଂହଙ୍କ ଅବଶେଷ ଗିର୍ ଜଙ୍ଗଲର ପୂର୍ବ ଡିଭିଜନ୍‌ରେ ଠାବ କରାଯାଇଛି। ଅମ୍‌ରେଲୀ ଜିଲାର ରାଜୁଲା ନିକଟରେ ବୁଧବାର ଏକ ସିଂହୀର ମୃତଦେହ ଠାବ କରାଯାଇଥିଲା। ସେହିଦିନ ଦଲ୍‌ଖାନିଆ ରେଞ୍ଜ୍‌ରୁ ଆଉ ୩ ସିଂହଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜଙ୍ଗଲର ଭିନ୍ନ ଭିନ୍ନ ପ୍ରାନ୍ତରେ ଆଉ ୭ ଅର୍ଦ୍ଧଗଳିତ ମୃତଦେହ ଉଦ୍ଧାର କରାଯାଇଛି ବୋଲି ଗିର୍



(ପୂର୍ବ) ରେଞ୍ଜ୍ ଉପ ବନ ସଂରକ୍ଷକ ପି. ପୁରୁଷୋତ୍ତମ ସୂଚନା ଦେଇଛନ୍ତି। ତେବେ ଏହି ମୃତ ବନ୍ୟପ୍ରାଣୀଙ୍କ ଭିସାରା ନମୁନା ସଂଗ୍ରହ କରାଯାଇ ଜୁନାଗଡ଼ ପଶୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଗୁଜରାଟ ବନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରାଜୀବ କୁମାର ସୂଚନା ଦେଇଛନ୍ତି। ଲଢ଼େଇ ଏବଂ ରୋଗ ଯୋଗୁ ଏତେ ସଂଖ୍ୟାରେ ସିଂହ ପ୍ରାଣ ହରାଇଥିବା ବନ ବିଭାଗ ପିସିସିଏଫ୍ ଏ.କେ. ସକ୍ସେନା ଆଶଙ୍କାବ୍ୟକ୍ତ କରିଛନ୍ତି। ଲଢ଼େଇ ଏବଂ ଏହା ଜନିତ କ୍ଷତ ଯୋଗୁ ୮ଟି ସିଂହ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଏଥିରେ ଅଧିକ ସିଂହୀ ଏବଂ ଶାବକଙ୍କ ଜୀବନ ଯାଇଛି। ଏହା ଶିକାରୀଙ୍କ କାର୍ଯ୍ୟ ହୋଇଥିବା ଆଦୌ ଜଣାପଡୁନାହିଁ। ତଥାପି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସକ୍ସେନା ପ୍ରକାଶ କରିଛନ୍ତି।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ
ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଟିକ୍ରାପଡା,୨୧।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ ଅଧିନ ଚଲକି ଗ୍ରାମରେ ଦୁର୍ଗାପୂଜା ପରିଚାଳନା ସମିତି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଦୟାନିଧି ନାଗ, ସମ୍ପାଦକ ସତ୍ୟବ୍ରତ ଭୋଇ, କୋଷାଧକ୍ଷ ଭାବେ ହିରାଲାଲ ଜୈନ ମନୋନୀତ ହୋଇଛନ୍ତି। ଯଜ୍ଞେଶ୍ୱର ପାଢ଼ୀ, ପଦ୍ମଲୋଚନ ବଗର୍ତ୍ତା, ଭଜରାଜ ପୁଟେଲଙ୍କୁ ଉପଦେଷ୍ଟାଭାବେ ଗ୍ରହଣ କରାଯାଇଥିଲା। ନର୍ଭେ ବଗର୍ତ୍ତୀ, ମଧୁ ନାଗ, ସୁଶାନ୍ତ ଭୋଇ, ନରସିଂହ ଚନ୍ଦନ, ହୃଦାନନ୍ଦ ପାତ୍ର, ରାଜୁ ମୁଣ୍ଡା, ରାଜେଶ ହାତୀ, ବିପିନ ପରାଭୁଏ ପ୍ରମୁଖ ସଦସ୍ୟ ମନୋନୀତ ହୋଇଥିଲେ। ବାସନ୍ତୀ ଜାନି, ଉପେନ୍ଦ୍ର ଭୋଇ ଯଜ୍ଞ କର୍ତ୍ତା ରହିବେ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

# ପୋଲିସ କବ୍‌ଜାରେ ୩ ଆନ୍ତଃ ଜିଲା ଲୁଟେରା

ବଲାଙ୍ଗୀର ଅଫିସ, ୨୧।୯



ଗିରଫ ହୋଇଥିବା ୩ ଲୁଟେରାଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି।

- ୨ ବାଇକ, ୫ ମୋବାଇଲ ଫୋନ୍ ଜବତ
- ଲୁଟିଥିଲେ ୧ ଲକ୍ଷ ୭୫ ହଜାର ଟଙ୍କା
- ପୂର୍ବରୁ ଗିରଫ ହୋଇଥିଲେ ୩ ଲୁଟେରା
- ବିଭିନ୍ନ ଜିଲାର ଲୁଟ୍ ଘଟଣାରେ ସମ୍ପୃକ୍ତ

ଗତ ମାର୍ଚ୍ଚମାସରେ ବଲାଙ୍ଗୀର ସହର ସନ୍ନିକଟ ସଦାଇପାଲି–କନ୍ଧପାଲି ରାସ୍ତାରେ ଜଣେ ବାଇକ ଆରୋହୀଙ୍କୁ ମାଡ ମାରି ତାଙ୍କଠାରୁ ୧ଲକ୍ଷ ୭୫ହଜାର ଲୁଟ୍ ହୋଇଥିଲା। ବଲାଙ୍ଗୀର ପ୍ୟାଲେସ ଲାଇନ୍‌ଠାରେ ଥିବା ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ୍ ଲିମିଟେଡ ନାମକ ଏକ ସଂସ୍ଥାର ଗ୍ରୁପ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ନିମାଇ ଚରଣ ବେହେରା ତାଙ୍କ ବାଇକରେ ବରକାନୀ ଓ ସିନ୍ଦୁରବାହାଲ ଗାଁରୁ ବଲାଙ୍ଗୀର ସହରକୁ ଫେରୁଥିଲେ। ସଦାଇପାଲି–କନ୍ଧପାଲି ମଝି ରାସ୍ତାରେ ୬ଜଣ ଲୁଟେରା ତାଙ୍କୁ ଅଟକାଇଥିଲେ। ଲୁହାରଡ୍‌ରେ ପିଟିବା ସହ ତାଙ୍କଠାରୁ ୧ଲକ୍ଷ ୭୫ହଜାର ଟଙ୍କା, ହିରୋହଣ୍ଡା ସ୍ପ୍ଲେଣ୍ଡର ବାଇକ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗକାରୀ ବେହେରା ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୨/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ଲୁଟେରାଙ୍କୁ ଗିରଫ କରିଥିଲା। ଗିରଫ ଲୁଟେରାମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଭାଗଭାଟି ଗାଁର ଗୋପାଲ ବାରିକ(୨୬) ଓ କାକା ଓରଫ୍ ବିଜୟ ପୋଢ଼(୩୫) ଏବଂ ତୁଷରା ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗାଁର ସୁଧୀର କୁଦେଇ ଓରଫ୍ ବାଘ(୨୩)। ତିନି ଲୁଟେରାଙ୍କୁ ଗିରଫ କରିବା ପରେ ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଲୁଟ୍ ଘଟଣାରେ ପୋଲିସ ପୂର୍ବରୁ ୩ ଜଣ ଲୁଟେରା ମନୋଜ ସିଂ, ରାଜେନ୍ଦ୍ର ମିର୍ଦ୍ଧା, ଅକ୍ଷୟ ବଗର୍ତ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁକ୍ରବାର ଅନ୍ୟ ୩ ଜଣଙ୍କୁ କୋର୍ଟଚାଲାଣ କରିବା ପରେ ଏହି ଘଟଣାରେ ସମୁଦାୟ ୬ଜଣ ଗିରଫ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ଜମାଦାର ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଡାକି ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଆନ୍ତଃଜିଲା ଲୁଟ୍, ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର, ଟିଟିଲାଗଡ, କଳାହାଣ୍ଡି, ନୂଆପଡା, ବରଗଡ ଓ ନର୍ଲାଠାରେ ହୋଇଥିବା ଡକାୟତି ଘଟଣାରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତଙ୍କଠାରୁ ଏକ ଗ୍ଲାମର ମୋଟରସାଇକେଲ (ନଂ.ଓଡି୦୩ଏଚ୍‌୪୮୬୬) ଏବଂ ଏକ କଳାରଙ୍ଗର ପଲସର ବାଇକ୍ (ନଂ ଓଡି୦୩୯୬୫୪), ୫ଟି ମୋବାଇଲ ଫୋନ୍, ଗୋଟିଏ ଲୁହାରଡ୍ ଜବତ୍ ହୋଇଥିବା ସୂଚନା ଦେଇଛନ୍ତି। ତେବେ ଲୁଟେରାଙ୍କଠାରୁ ଟଙ୍କାଟିଏ ମଧ୍ୟ ଜବତ ହୋଇ ନ ଥିବା ସୂଚନା ଦିଆଯାଇଛି।

### ବିଶ୍ୱ ସହ ପଶ୍ଚିମ ଓଡ଼ିଶାକୁ ଯୋଡିବାର ଉଦ୍ୟମ ସଫଳ ହୋଇଛି: ବିଜେଡି

ଭୁବନେଶ୍ୱର, ୨୧।୯(ବ୍ୟୁରୋ): ଝାରସୁଗୁଡ଼ା ବିମାନବନ୍ଦର ପାଇଁ ଓଡ଼ିଶା ଦୀର୍ଘଦିନ ହେବ ଦାବି କରି ଆସୁଥିଲା। ପଶ୍ଚିମ ଓଡ଼ିଶାକୁ ସାରା ବିଶ୍ୱ ସହ ଯୋଡ଼ିବା ପାଇଁ ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରି ଆସୁଥିବା ଉଦ୍ୟମ ବର୍ତ୍ତମାନ ସାକାର ହୋଇଛି। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ବଳରେ ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଶନିବାର ହେବାକୁ ଯାଉଛି। ଏହି ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ମାଗଣାରେ ୧୧୮.୭୫ ଏକର ଜମି ଏବଂ ବଜେଟ୍‌ରୁ ୭୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ସେହିପରି ମାଗଣାରେ ଜଳ ଓ ବିଜୁଳି ଯୋଗାଇ ଦେଇଛନ୍ତି। ବିମାନବନ୍ଦର ସୁରକ୍ଷା ବ୍ୟବସ୍ଥା, ଆଣ୍ଟି ହାଇଜାକିଂ ସୁରକ୍ଷା ଦଳ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଝାରସୁଗୁଡ଼ା ବିମାନବନ୍ଦରକୁ 'ବୀର ସୁରେନ୍ଦ୍ର ସାଏ'ଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏହି ବିମାନବନ୍ଦର ଓଡ଼ିଶାର ସମୃଦ୍ଧି ଓ ସ୍ୱାଭିମାନର ଏକ ପ୍ରତୀକ ହେବ। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବୃଦ୍ଧାଙ୍କୁ ହତ୍ୟା ସନ୍ଦେହ: ଥାନାରେ ଅଭିଯୋଗ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧିନ ରାଜଗାଙ୍ଗପୁର ଝୁମ୍ପୁଡିପଡାଠାରେ କରମା ପର୍ବ ପାଳନ ବେଳେ ବିଳମ୍ବିତ ରାତ୍ରିରେ ଜନୈକା ୫୦ ବର୍ଷ ମହିଳାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଝୁମ୍ପୁଡିପଡାରେ କରମା ପର୍ବ ପାଳନ କରାଯାଇଥିଲା। ଶୁକ୍ରବାର ସକାଳେ ଝୁମ୍ପୁଡିପଡାର ମୁନ୍ନି ଗୋସାଇଁଙ୍କ ମୃତଦେହ ଏକ ପରିତ୍ୟକ୍ତ ସ୍ଥାନରେ ଉଲଂଗ୍ନ ଅବସ୍ଥାରେ ପଡିଥିବା ଦେଖି ଗ୍ରାମବାସୀ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ।

### ଅକ୍ଟୋବର ୯ରୁ ଭୂମିକାର ନାଟ୍ୟ କର୍ମଶାଳା

ବଲାଙ୍ଗୀର ଅଫିସ,୨୧।୯: ବଲାଙ୍ଗୀରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆଗାମୀ ଅକ୍ଟୋବର ୯ରୁ ୩୨୧ ପର୍ଯ୍ୟନ୍ତ ଏକ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହେବ। ଏଠାରେ ନାଟକ ସମ୍ପର୍କିତ ବିଭିନ୍ନ କଳା କୌଶଳ ତାଲିମ ଦିଆଯିବ। ପ୍ରଶିକ୍ଷକଭାବେ ଏନ୍‌ଏସ୍‌ଡିଆନ୍ ବିଶ୍ୱଜିତ୍ ବିଶ୍ୱାସ ଯୋଗଦେବେ। ୧୯୯୬ ମସିହାରେ ବିଶ୍ୱାସ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାରେ ଯୋଗଦେଇ ସ୍ପେଶାଲ ପେପର ଭାବେ ଅଭିନୟକୁ ବାଛିଥିଲେ। ୧୯୯୯ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସେ ପଶ୍ଚିମବଙ୍ଗର ଶାନ୍ତିପୁରଠାରେ ଶାନ୍ତିପୁର ରଙ୍ଗପୀଠ ଗଠନ କରି ସ୍ଥାନୀୟ ଯୁବକମାନଙ୍କୁ ପ୍ରଶକ୍ଷଣ ପ୍ରଦାନ କରୁଛନ୍ତି। ବିଶ୍ୱାସ ଗୋଆ କଳା ଏକାଡେମୀ ଏବଂ ମହାରାଷ୍ଟ୍ରର ୱାର୍ଦ୍ଧା ସ୍ଥିତ ମହାତ୍ମାଗାନ୍ଧୀ ଅନ୍ତରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ବିଶ୍ୱାସ ଏହି ନାଟ୍ୟ କର୍ମଶାଳାରେ ଯୋଗଦେବେ। ଏହି କର୍ମଶାଳାରେ ୨୫ ବର୍ଷରୁ କମ୍ ବୟସର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ତାଲିମ ଶିବିରରେ ଶିଖିଥିବା ପ୍ରଶିକ୍ଷାର୍ଥୀଙ୍କୁ ନେଇ ଶେଷରେ ପ୍ରଦର୍ଶନୀ ନାଟକ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି।କର୍ମଶାଳାରେ ଯୋଗଦେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ନାମ ରେଜିଷ୍ଟ୍ରେଶସନ୍ କରିନେବାକୁ ଅନୁରୋଧ କରାଯାଇଛି। ଏହା ପୂର୍ବରୁ ୧୯୯୮ ଏବଂ ୨୦୦୪ ମସିହାରେ ଭୂମିକା ପକ୍ଷରୁ ଏଭଳି ନାଟ୍ୟ କର୍ମଶାଳା ଆୟୋଜନ କରାଯାଇଥିଲା।

# ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଆଦିବାସୀ

ମୁରିବାହାଲ, ୨୧।୯(ଡି.ଏନ.ଏ.)



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ମୁରିବାହାଲ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁରଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ ଯୋଗଦେଇଥିଲେ। ଏହି ଅଞ୍ଚଳର ଆଦିବାସୀ ଯୁବତୀଯୁବକମାନେ ଶିକ୍ଷିତ ବେକାର ହୋଇ ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଉଥିବା ବେଳେ ମୁରିବାହାଲ ଓ ଗୁଡିଘାଟ ଗ୍ରୀଡକୋରେ ଠିକା ମାଧ୍ୟମରେ ଚାକିରି ପ୍ରଦାନ କରାଯାଉଥିବାକୁ ସମାଲୋଚନା କରିଥିଲେ। ତେଣୁ ଯଥାଶୀଘ୍ର ସ୍ଥାନୀୟ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ। ସମ୍ମାନୀତ ଅତିଥି ଭାବେ ସଂଘର ଜିଲା ସଂଗଠକ ସୁରେଶ ଭୋଇ, ଥବୀର ପୂଜାରୀ, ପାଟଣାଗଡ ବ୍ଲକ ସମ୍ପାଦକ ଡମ୍ବରୁଧର ଧରୁଆ ଉପସ୍ଥିତ ରହି ବିଦ୍ୟୁତ ବିଭାଗର କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ ଗ୍ରୀଡକୋ ବା ୱେସ୍କୋରେ ଖାଲି ପଡିଥିବା ପଦବୀଗୁଡିକରେ ଶିକ୍ଷା ଅନୁଯାୟୀ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ, ଲାଇନମ୍ୟାନ, ହେଲପର, ଜଗୁଆଳି, ଷ୍ଟୋର କିପର ତଥା କିରାଣୀ ପଦବୀରେ ସ୍ଥାନୀୟ ନିଯୁକ୍ତି, ସ୍ଥାନୀୟ ଠିକାଦାର ବ୍ୟବସ୍ଥା ଆଦି ପ୍ରଧାନ। ଏହି ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଏହି ଅବସରରେ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ସିଂଭୋଇ, କୈଳାଶ ପ୍ରଧାନୀ, ଜୟଲାଲ ସିଂ ମାଝୀ, ଭୁବନେ ମାଝୀ, ପତରଙ୍ଗି ମାଝୀ, ହୁଙ୍କାର ନାଥ ଯାନୀ ପ୍ରମୁଖ ସହଯୋଗ କରିଥିଲେ।

■ ବଲାଙ୍ଗୀର ଫୁଟ୍‌ବଲ ଲିଗ୍

# ପାଟଣାଗଡ଼–ବଲାଙ୍ଗୀର ଗ୍ରାଣ୍ଡ ଫାଇନାଲ

ବଲାଙ୍ଗୀର ଅଫିସ,୨୧।୯

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ଟାଇବ୍ରେକର ୩–୧ ଗୋଲରେ ଜିଓଇଡିସି ନକ୍ସାସରକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ନିର୍ଦ୍ଧାରିତ ସମୟର ଖେଳ ୩–୩ ଗୋଲରେ ଡ୍ର ରହିଥିଲା। ଖେଳ ପ୍ରଥମାର୍ଦ୍ଧରେ ପାଟଣାଗଡ ଦଳର କୁନାଲ ପଣ୍ଡା ଓ ବିକାଶ ବନଛୋର ଗୋଟିଏ ଲେଖାଏଁ ଗୋଲ ଦେଇଥିବାବେଳେ ନକ୍ସାସର ତରଫରୁ ଶାନ୍ତନୁ ଭୋଇ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ନକ୍ସାସର ଦଳର ଆଲୋକ ଧରୁଆ ଓ ସରଜନ ପଟେଲ ୨ଟି ଗୋଲ ଦେଇଥିଲେ। ଶେଷ ମୁହୂର୍ତ୍ତରେ ପାଟଣାଗଡ ଦଳର ଗୋଲକିପର ଦେବେନ୍ଦ୍ର ନାଏକ ଏକ କର୍ଣ୍ଣର ସଟ୍‌ରେ ହେଡ ମାରି ଗୋଲ ପରିଶୋଧ କରିଥିଲେ। ଫଳରେ ଖେଳ ଅମୀମାଂସିତ ରହି ନିର୍ଣ୍ଣୟ ଟାଇବ୍ରେକରକୁ ଥିଲା। ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଶିକ୍ଷା ବିଭାଗ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ଠାକୁର ଯୋଗ ଦେଇଥିଲେ। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ରେଫରି ସୁଶାନ୍ତ ନାଗ, ଖଲିଉର ରହେମାନ, ଦେବରାଜ ନାହକ ଓ ଶରତ କୁମାର ନନ୍ଦ ପରିଚାଳନା କରିଥିଲେ। ୨୨ ତାରିଖ ଶନିବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ବନାମ୍ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ଖେଳ ଅନୁଷ୍ଠିତ ହେବ। କ୍ରୀଡାପ୍ରେମୀ ବହୁସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଅନୁରୋଧ କରିଛନ୍ତି।

A grand Exhibition of Cotton & Silk
10th Cottonfab™-2018
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing



SPECIAL ATTRACTION
Handloom Dress
FASHION SHOW
Today 6.30 PM Onwards

BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.

All Debit/Credit Cards Accepted

Gate No. 3, Exhibition Ground,
Unit-III, Kharvela Nagar, Bhubaneswar
31st Aug. - 02nd Oct. 2018, Time: 10.30 AM To 9.00 PM

REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com

■ ପିଆର ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠିତ

# ଟ୍ରଷ୍ଟ ନାଁରେ ୫.୯୫ଲକ୍ଷ ଟଙ୍କାର କର୍ପସ ପାଣ୍ଠି

## ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଙ୍କୁ ମିଳିବ ଛାତ୍ରବୃତ୍ତି

ବଲାଙ୍ଗୀର ଅଫିସ,୨୧।୯



ବଲାଙ୍ଗୀର ପୃଥ୍ୱୀରାଜ(ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରାଯାଇଛି। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅର୍ଥ ଅଭାବରୁ ଏହି ହାଇସ୍କୁଲର ଯେଉଁ ମେଧାବୀ ଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେହିମାନଙ୍କୁ ଶିକ୍ଷା ସହାୟତା ଯୋଗାଇବା ଏହି ଟ୍ରଷ୍ଟର ମୂଳ ଲକ୍ଷ୍ୟ ବୋଲି ଜଣାପଡିଛି। ୨୦୧୬ମସିହରେ ପୃଥ୍ୱୀରାଜ ହାଇସ୍କୁଲର ଶତବାର୍ଷିକ ସମାରୋହ ପାଳନ କରାଯାଇଥିଲା। ସେତେବେଳେ ଶତବାର୍ଷିକ ସମାରୋହକୁ ଅନାବଶ୍ୟକ ଏବଂ ଆଡମ୍ବରପୂର୍ଣ୍ଣ କରାନଯାଇ ଖର୍ଚ୍ଚକାଟ କରାଯାଇ ଏହି ସ୍କୁଲ ଛାତ୍ରମାନଙ୍କ ଶିକ୍ଷା ସହାୟତା ପାଇଁ କିଛି ଅର୍ଥ ସଞ୍ଚୟ କରାଯାଇଥିଲା। ଉକ୍ତ ସଞ୍ଚିତ ଅର୍ଥର ସଦ୍‌ବିନିଯୋଗ କରିବା ପାଇଁ ଶତବାର୍ଷିକ ପାଳନ କମିଟି ସଭାପତି ପ୍ରଫେସର ମଧୁସୂଦନ ପତି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସେତେବେଳେ କମିଟିର ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ପୃଥ୍ୱୀରାଜ (ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରିବା ପାଇଁ ସମସ୍ତେ ରାଜି ହୋଇଥିଲେ। ନିଷ୍ପତ୍ତି ଅନୁଯାୟୀ ଶତବାର୍ଷିକ ପାଳନ କମିଟି ମୁଖ୍ୟ ସଂଯୋଜକ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନବଗଠିତ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ମନୋନୀତ କରାଯାଇଛି। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ ଟ୍ରଷ୍ଟ ସମ୍ପାଦକ ଓ ବୀରେନ୍ଦ୍ର କୁମାର ବନ୍‌ଛୋର କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଅନ୍ୟ ଟ୍ରଷ୍ଟି ଭାବେ ଜିଲା ଶିକ୍ଷା ଅଧିକାରୀ, ପିଆର ହାଇସ୍କୁଲର ଜଣେ ବରିଷ୍ଠ ଶିକ୍ଷକ, ବିକ୍ରମାନନ୍ଦ ବହିଦାର, ନୟନ କୁମାର ମହାନ୍ତି, ଗୋପାଲଜୀ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ ଓ ଅସିତ୍ କୁମାର ଷଡଙ୍ଗୀ ମନୋନୀତ ହୋଇଛନ୍ତି। ଏହି ଟ୍ରଷ୍ଟର ପ୍ରଥମ ସାଧାରଣ ସଭା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପିଆର ହାଇସ୍କୁଲର ୨୦ ଜଣ ମେଧାବୀ ଛାତ୍ରଙ୍କ ନାମ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ଆର୍ଥିକ ଅନଗ୍ରସର ଏବଂ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ଥିବା ଛାତ୍ରଙ୍କୁ ଚୟନ କରାଯାଇଥିଲା। ସମ୍ପୃକ୍ତ ଛାତ୍ରଙ୍କୁ ଆଗାମୀ ବର୍ଷଠାରୁ ପ୍ରତିମାସ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ପୃଥବୀରାଜ ହାଇସ୍କୁଲ ଶତବାର୍ଷିକୀ ସମାରୋହରୁ ସଞ୍ଚିତ ୫ଲକ୍ଷ ୯୫ ହଜାର ୯୫୦ଟଙ୍କାକୁ ଟ୍ରଷ୍ଟ ନାମରେ କର୍ପସ ପାଣ୍ଠି ଭାବେ ଜମା କରାଯାଇଛି। ଉକ୍ତ ଜମାରାଶିର ସୁଧରୁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯିବ। ବର୍ତ୍ତମାନ ଟ୍ରଷ୍ଟରେ ଜମା ହୋଇଥିବା ରାଶିକୁ ଆଖି ଆଗରେ ରଖି ଏବେ କେବଳ ଜଣେ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ହାଇସ୍କୁଲର ପୁରାତନ ଛାତ୍ର ଏବଂ ସହୃଦୟ ବ୍ୟକ୍ତିଙ୍କ ଅନୁଦାନରେ ଟ୍ରଷ୍ଟ ପାଣ୍ଠିବୃଦ୍ଧି ହେଲେ ଅଧିକ ମେଧାବୀ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଟ୍ରଷ୍ଟ ଗଠନରେ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ରଙ୍କ ବିଶେଷ ଅବଦାନ ଥିବାରୁ ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଟ୍ରଷ୍ଟର ଆୟବୃଦ୍ଧି କରିବା ପାଇଁ ହାଇସ୍କୁଲର ପୂର୍ବତନ ଛାତ୍ର, ବିଭିନ୍ନ ବ୍ୟାଚ୍‌ର ଛାତ୍ର ସମୂହଙ୍କ ସହଯୋଗ ଲୋଡା ଯିବା ପାଇଁ ଆହ୍ୱାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବଲାଙ୍ଗୀର ଜିଲାରେ ଶିକ୍ଷାକ୍ଷେତ୍ରରେ ଏହା ହେଉଛି ପ୍ରଥମ ଟ୍ରଷ୍ଟ ଏବଂ ଯେଉଁମାନେ ଏହି ଟ୍ରଷ୍ଟକୁ ସହାୟତା ଦେବା ପାଇଁ ଇଚ୍ଛୁକ ସେମାନେ ମୁଖ୍ୟଟ୍ରଷ୍ଟି, ସମ୍ପାଦକ ଓ କୋଷାଧକ୍ଷଙ୍କୁ ଯୋଗାଯୋଗ କରିପାରିବେ ବୋଲି ଟ୍ରଷ୍ଟି ପକ୍ଷରୁ ଅନୁରୋଧ କରାଯାଇଛି।

INDIAN RAILWAYS

## ପୂର୍ବ ତଟ ରେଳପଥ
### କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ । ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000 ଘଟିକା**, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଟିକା ସୁଦ୍ଧା ଇମେଲ୍ ଠିକଣା **dycpoirecor@gmail.com** କିମ୍ବା ଫ୍ୟାକ୍ସ – 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ | ପ୍ରତ୍ୟେକ ସୋମବାର 1030 ଘଟିକା, ଦରଖାସ୍ତ ସେହିଦିନ 1000 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର | ପ୍ରତ୍ୟେକ ମଙ୍ଗଳବାର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଟିକା ରୁ 1630 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ। ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ। |
| ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଟିକା ରୁ 1800 ଘଟିକା ପର୍ଯ୍ୟନ୍ତ। |

PR-351/J/18-19
*ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W*



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ସମ୍ମାନ ସମାରୋହ
  ସ୍ଥାନ- ସମଲେଶ୍ୱରୀ ମଣ୍ଡପ
  ସମୟ- ସନ୍ଧ୍ୟା ୫ଟା।
- ଉତ୍କଳ ପ୍ରାନ୍ତୀୟ ମାରୱାଡି ଯୁବା ମଞ୍ଚର ଅଧିବେଶନ
  ସ୍ଥାନ- କ୍ଷେତରାଜପୁର ଦୁର୍ଗା ମଙ୍ଗଳମ୍
  ସମୟ- ସନ୍ଧ୍ୟା ୫ଟା।

## ରେଳମଣ୍ଡଳର ସ୍ୱଚ୍ଛ ରେଳଗାଡି ଅଭିଯାନ

ସମ୍ବଲପୁର,୨୧।୯(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ ଡିଭିଜନ ପକ୍ଷରୁ ସ୍ୱଚ୍ଛ ରେଳଗାଡି ଅଭିଯାନ ଆରମ୍ଭ କରାଯାଇଛି । ଏହି ଅବସରରେ ବିଭିନ୍ନ ଷ୍ଟେଶନଗୁଡିକରେ ଟ୍ରେନଗୁଡିକରେ ସଫାସୁତୁରା ନିରୀକ୍ଷଣ କରାଯାଇଥିଲା । ଟ୍ରେନର ପ୍ରତ୍ୟେକ କୋଚର ଟଏଲେଟ, ବର୍ଥ, ୱାସ ବେସିନ, ମିରର, ବିଦ୍ୟୁତ ଯନ୍ତ୍ରପାତି ନିରୀକ୍ଷଣ କରାଯାଇଥିଲା। ଏହାସହ ଟ୍ରେନ ଯାତ୍ରୀଙ୍କଠାରୁ ତାଙ୍କର ପ୍ରସ୍ତାବ ଓ ମତାମତ ଗ୍ରହଣ କରାଯାଇଥିଲା। ଯାତ୍ରୀଙ୍କ ମତାମତ ଅନୁସାରେ ଆଗାମୀ ଦିନରେ ରେଳ ବିଭାଗ ଆହୁରି ଯତ୍ନବାନ ହେବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ସେପ୍ଟେମ୍ବର ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଶନିବାର ବିଭିନ୍ନ ଷ୍ଟେଶନଗୁଡିକରେ ସେବା ଦିବସ ପାଳନ କରାଯିବ।

## ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର

ସମ୍ବଲପୁର,୨୧।୯(ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବ ନେଇ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୧୬ଦିନରେ ପହଞ୍ଚିଛି। ଜିଲା ଓକିଲ ସଂଘ ପକ୍ଷରୁ ଏହି ଆନ୍ଦୋଳନରେ ଓକିଲମାନଙ୍କ ସହ ବିଭିନ୍ନ ସଂଗଠନ ସାମିଲ ହୋଇଛନ୍ତି। ତେବେ ଶୁକ୍ରବାର ଜିଲା ଓକିଲ ସଂଘ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଝାବେରୀଙ୍କ ଉଦ୍ଦେଶ୍ୟରେ ଜିଲା ଜଜ୍ ମଳୟ ରଞ୍ଜନ ଦାଶଙ୍କୁ ଏହି ମାମଲାର ବିଚାର କରିବା ପାଇଁ ଏକ ଦାବିପତ୍ର ଦେଇ ଅନୁରୋଧ କରାଯାଇଛି। । ଏହି ମାମଲା ଉପରେ ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଓକିଲମାନେ ଏହି ପତ୍ରରେ ଅନୁରୋଧ କରିଛନ୍ତି। ସେଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସମର୍ଥ ବର୍ମାଙ୍କୁ ଦିଆ ଯାଇଛି।

# ମହରମ୍‌ରେ ବାହାରିଲା ତାଜିଆ ଶୋଭାଯାତ୍ରା



ଶୁକ୍ରବାର ସମ୍ବଲପୁର ମହରମ୍ ଶୋଭାଯାତ୍ରାରେ ଆଖଡା ଖେଳ ।



ଶୋଭାଯାତ୍ରାରେ ଅସ୍ତ୍ରଶସ୍ତ୍ର ସଜ୍ଜିତ କରାଯାଇଛି ।



ମହରମ୍ ଶୋଭାଯାତ୍ରାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ମୋତିଝରନ ଅଞ୍ଜୁମାନ୍- ଇ ଆଖଡା କମିଟି।

ସମ୍ବଲପୁର, ୨୧।୯ (ବ୍ୟୁରୋ)

ପବିତ୍ର ମହରମ୍ ଶୋଭାଯାତ୍ରାରେ ସମ୍ବଲପୁର ସହର ଶୁକ୍ରବାର ଉତ୍ସବ ମୁଖର ହୋଇଛି। ଇସଲାମ୍ ଧର୍ମାବଲମ୍ବିମାନେ ମହରମ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆଖଡା ପ୍ରଦର୍ଶନ କରିଛନ୍ତି । ମୁଦିପଡା, ବଡବଜାର, ଦଲାଇପଡା, କୁମ୍ଭାରପଡା, ପେନସନପଡା, ଭୁତାପଡା, ମୋତିଝରନ ଅଞ୍ଚଳରୁ ଶୋଭାଯାତ୍ରାରେ ତାଜିଆ ନିଆଯାଇଥିଲା । ଗୋଲବଜାର ଛକଠାରେ ତାଜିଆ ମିଳନ ହୋଇଥିଲା। ଏହିଠାରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଆଖଡା ପ୍ରଦର୍ଶନ କରିଥିଲେ । ଏହାପରେ ତାସା ବାଦ୍ୟର ତାଳରେ ଆଖଡା ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ ଇସଲାମ୍ ଧର୍ମାବଲମ୍ବିମାନେ ମହାନଦୀରେ ତାଜିଆ ବିସର୍ଜନ (ଥଣ୍ଡା) କରି ଘରକୁ ଫେରିଥିଲେ ।

**ହିନ୍ଦୁ ପରିବାରର ତାଜିଆ**

ସମ୍ବଲପୁର ସହରରେ ହିନ୍ଦୁ ପରିବାରର ତାଜିଆ ନିଆରା ପରମ୍ପରା ରହିଛି। ୧୬୬୪ ମସିହାରେ ମୁଦିପଡା ବାସିନ୍ଦା ଜୟଦେବ ପଢ଼ିହାରି ମହରମ୍ ତାଜିଆ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବଂଶ ପରମ୍ପରା ଅନୁସାରେ ଲାଲମୋହନ ପଢ଼ିହାରି ଦୀର୍ଘ ୩୦ ବର୍ଷ ଧରି ଶୋଭାଯାତ୍ରା କରୁଥିଲେ। ଗତ ବର୍ଷ ତାଙ୍କ ପରଲୋକ ହୋଇଥିଲା। ତେଣୁ ପଢ଼ିହାରି ବଂଶର ଜୟଦେବ ପଢ଼ିହାରି ଏହି ଗୁରୁଦାୟିତ୍ୱ ବହନ କରିଛନ୍ତି । ଶୁକ୍ରବାର ସକାଳେ ମୁଦିପଡା ଇମାମ ବାଡାରୁ ତାଜିଆ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ମୁଦିପଡା ଛକ, ପଟ୍ଟନାୟକପଡା, ଗେଟି ରୋଡ, ଗୋଲବଜାର, ପୀରବାବା ଛକ, ବୈଦ୍ୟନାଥ ଛକ, କଂସାରିପଡା ପରିକ୍ରମା କରି ମୁଦିପଡାକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଶୋଭାଯାତ୍ରାରେ ରାଜେନ୍ଦ୍ରଙ୍କ ଦୁଇ ଭଉଣୀ ସମେତ କବିତା ପୁରୋହିତ ସାମିଲ ଥିଲେ। ବାଟରେ ଭକ୍ତମାନେ ତାଜିଆକୁ ପୂଜାର୍ଚ୍ଚନା କରି ଆଶିର୍ବାଦ ଗ୍ରହଣ କରିଥିଲେ।



ଶୁକ୍ରବାର ସମ୍ବଲପୁର ଗୋଲବଜାରଠାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଆଖଡା ପ୍ରଦର୍ଶନ କରୁଛନ୍ତି ।



ଗୋଲବଜାରଠାରେ ତାଜିଆ ମିଳନ୍‌ରେ ଶ୍ରଦ୍ଧାଳୁ।

- ଗୋଲବଜାରରେ ହେଲା ମିଳନ୍
- ବିଧାୟିକା ଆଖଡା ପ୍ରଦର୍ଶନ କଲେ

**ମହରମ୍ ଶୋଭାଯାତ୍ରାରେ ହାଇକୋର୍ଟ ଦାବି**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି । ଗୁରୁବାର କଚେରି ଛକ ଆନ୍ଦୋଳନରେ ସହରର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ସାମିଲ ହୋଇ ସମର୍ଥନ ଜଣାଇଥିଲେ । ଏହି କ୍ରମରେ ଶୁକ୍ରବାର ମହରମ୍ ଶୋଭାଯାତ୍ରାରେ ମଧ୍ୟ ହାଇକୋର୍ଟ ଦାବି ଝଲକ ଦେଖିବାକୁ ମିଳିଥିଲା । ମୋତିଝରନ ଅଞ୍ଜୁମାନ୍- ଇ ଆଖଡା କମିଟି ସଭ୍ୟମାନେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଲେଖାଥିବା ଟି-ସାର୍ଟ ପିନ୍ଧି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଗୋଲବଜାରଠାରେ ସେମାନେ ହାଇକୋର୍ଟ ଦାବି ନେଇ ସ୍ଲୋଗାନ ଦେଇଥିଲେ ।

**ସୁସଜ୍ଜିତ ଅସ୍ତ୍ରଶସ୍ତ୍ର**

ଶୁକ୍ରବାର ମହରମ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ତାଜିଆ ମେଢ଼ ସମ୍ମୁଖ ଭାଗରେ ରଥରେ ସୁସଜ୍ଜିତ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଦେଖିବାକୁ ମିଳିଥିଲା । କିନ୍ତୁ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ବିନା ଆଖଡା ପ୍ରଦର୍ଶିତ ହୋଇଥିଲା ।

## ଉଜ୍ଜ୍ୱଳା ଯୋଜନାରେ ୧୯ଜଣଙ୍କୁ ଗ୍ୟାସ୍ ବଣ୍ଟନ

ରିଷିଡା,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧୯ ଜଣଙ୍କୁ ଗ୍ୟାସ ବଣ୍ଟନ କରାଯାଇଛି । ପଞ୍ଚାୟତ ଭବନରେ ଆୟୋଜିତ ଉତ୍ସବରେ ରିଷିଡା ସରପଞ୍ଚ ସରସ୍ୱତୀ ମାଝି, ଭାଜପା ମହିଳା ନେତ୍ରୀ ପଦ୍ମାବତୀ ତ୍ରିପାଠୀ, ସାମାଜିକ କର୍ମୀ ଭଜଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ଗ୍ୟାସ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା ମଧୁସୂଦନ ବାଗ ପରିଚାଳନା କରିଥିଲେ ।

### ନବମ ଦିନରେ ଦେବଗଡ଼ ଗଣେଶ ପୂଜା

## ରାଜ୍ୟସ୍ତରୀୟ ଗଣେଶ ମେଳା ଉତ୍ସବ ଉଦ୍‌ଘାଟିତ



ରାଜ୍ୟସ୍ତରୀୟ ଗଣେଶ ମେଳାର ଉଦ୍‌ଘାଟନୀ ଉତ୍ସବ ଅବସରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଦେବଗଡ଼,୨୧।୯(ସ୍ୱ.ପ୍ର.)

**ନୃତ୍ୟ,ସଙ୍ଗୀତରେ ଦର୍ଶକ ବିଭୋର**

ଦେବଗଡ଼ ଗଣେଶ ପୂଜା ଉତ୍ସବର ଶୁକ୍ରବାର ଥିବା ନବମ ଦିବସ। ଅଳ୍ପ ବର୍ଷା ଓ କୋହଲା ପାଗ ଯୋଗୁ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ କମିଥିଲା । ହେଲେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜାର ମଜା ଉଠାଇଥିଲେ । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ପୂଜା ମଣ୍ଡପ ସମ୍ମୁଖରେ ଖିରୀ ଓ କାକରା ପିଠା ଭୋଗ ବଣ୍ଟନ ହେବାର ବ୍ୟବସ୍ଥା କରାଯାଇଥିଲା। ଗୋପବନ୍ଧୁ ଛକ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଗଣେଶ ପୂଜାରେ କମିଟୀ ତରଫରୁ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ଗଣେଶ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଆୟୋଜନ କରାଯାଇଥିଲା । ଏଥିରେ ପୁରୀର ଗୋଟିପୁଅ ନୃତ୍ୟ ସାଙ୍ଗକୁ ମିନାକ୍ଷୀ ଏଣ୍ଡ୍ ଗ୍ରୁପ ତରଫରୁ ସମ୍ବଲପୁରୀ ନୃତ୍ୟ,ପ୍ରଗତୀ ଏଣ୍ଡ ଗ୍ରୁପ ତରଫରୁ ଓଡିଶୀ ନୃତ୍ୟ , ଜାଗରଣ ତରଫରୁ ଗ୍ରୁପ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ଏହି ଅବସରରେ ଆଠମଲ୍ଲିକ ବିଧାୟକ ସଞ୍ଜୀବ କୁମାର ସାହୁ, ଜିଲା ବିଜେଡି ସଭାପତି ସୁଧୀର କପରଦାରଙ୍କ ସମେତ ଅନ୍ୟ ନେତୃବୃନ୍ଦ ପୂଜା ଦେଖିବା ସହ ମଣ୍ଡପ ପରିଦର୍ଶନ କରିଥିଲେ । ସେହିପରି ପ୍ରଧାନପାଟ ବଡବଗିଚା ପଡିଆ ପରିସରରେ ଶେଷ ରାତିରେ ଟିକଟ ଶୋ ଯାତ୍ରାଶ୍ରୀ ବିଶ୍ୱ ଦରବାର ଅପେରା ,ସ୍ଥାନୀୟ ସଭାଗୋଲିରେ ପଡିଥିବା ମୀନାବଜାର, ସମେତ ପରିବା ବଜାର ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ଶତାଧିକ ମୀନାବଜାର ଷ୍ଟଲ୍ ଓ ଏପରିକି ଚାଟ୍ ,ଗୁପଚୁପ୍ ଓ ଫାଷ୍ଟଫୁଡ୍,ଟାଉନହଲ ପରିସରରେ ବାଣିଜ୍ୟ ମେଳାର ଷ୍ଟଲ୍ ମାନଙ୍କରେ ବିଭିନ୍ନ କିସମର ଘର କରଣା ସାମଗ୍ରୀ କିଣିବା ତଥା ଦେଖିବାପାଇଁ ମହିଳା ଓ ପୁରୁଷ ଶିଶୁ,ଛାତ୍ରୀଛାତ୍ର ମାନଙ୍କର ଗହଳି ପରିଲକ୍ଷିତ ହୋଇଥିଲା । ବିଶେଷ କରି ମହିଳା ମାନେ ବିଭିନ୍ନ କିସମର ଘରକରଣା ସାମଗ୍ରୀ କିଣିବାପାଇଁ ଭିଡ ଜମାଇଥିଲେ । ସେହିପରି ଶନିବାର ଦଶମ ଦିନରେ ବହୁ ପ୍ରତିକ୍ଷୀତ ଗଣେଶଙ୍କ ଲଡୁ କୁ ନିଲାମ ନକରି ଲଟେରୀ ମାଧ୍ୟମରେ ଭାଗ୍ୟବାନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ । ସେହିପରି ଶନିବାର ସଂଧ୍ୟାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଏବଂ ସମ୍ବଲପୁର ସାଂସଦ ନଗେନ୍ଦ୍ର କୁମାର ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ ବୋଲି ଜଣାପଡିଛି ।



## ଡାକ୍ତର ଅମ୍ବିକା ଚରଣ ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ

ବୁର୍ଲା, ୨୧।୯(ଡି.ଏନ.ଏ.)

ଡାକ୍ତର ଅମ୍ବିକା ଚରଣ ପଣ୍ଡାଙ୍କ ୨୦ ତାରିଖ ସକାଳେ ବାଙ୍ଗାଲୋରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେଠାରେ ସେ ସାନ ଝିଅ ଇପ୍‌ସିତା ମିଶ୍ରଙ୍କ ପାଖେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ତାଙ୍କର ପାର୍ଥିବ ଶରୀର ଶୁକ୍ରବାର ସକାଳେ ସୌରଭ ବିହାରସ୍ଥିତ ବାସଭବନରେ ଆସି ପହଞ୍ଚିଥିଲା । ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ମରଶରୀରକୁ ଭିମ୍‌ସାର ମେଡ଼ିକାଲକୁ ନିଆ ଯାଇଥିଲା। ଭିମ୍‌ସାରରେ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ମହାପାତ୍ରଙ୍କ ସମେତ ଡାକ୍ତରୀ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ସେହିଭଳି ବୁର୍ଲା ମାର୍କେଟ ପରିକ୍ରମା ପରେ ବିଷ୍ଣୁମନ୍ଦିର ପଡ଼ା ଘାଟକୁ ନିଆଯାଇଥିଲା । ସେଠାରେ ସାନ ଝିଅ ଇପ୍‌ସିତା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ବୁର୍ଲା ମେଡ଼ିକାଲ କଲେଜରେ ୧୯୬୩ ମସିହାରେ ସେ ଚାକିରି କରି ପାଥୋଲୋଜି ବିଭାଗର ମୁଖ୍ୟ ଭାବେ ପରବର୍ତ୍ତୀ ସମୟରେ ଅବସର ନେଇଥିଲେ। ତେବେ ଜଣେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ଏବଂ ଅଭିନେତା ଭାବେ ତାଙ୍କର ପରିଚୟ ରହିଥିଲା।

## ରୂପେନ୍ଦ୍ର ଗୁମାନ ସିଂଙ୍କୁ ସହାୟତା

ଦେବଗଡ,୨୧।୯(ସ୍ୱ.ପ୍ର.)



ଜି ଟିଭି ତରଫରୁ ରାଉରକେଲା ସଙ୍ଗମ କଳା ଗ୍ରୁପ୍ ଆନୁକୁଲ୍ୟରେ ୩୮ତମ ସୁର ସଙ୍ଗମ ଜାତୀୟ ସଙ୍ଗୀତ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିନିୟର ଓ ଜୁନିୟର ବିଭାଗରେ ୧୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦେବଗଡ଼ର ଯୁବ କଳାକାର ରୂପେନ୍ଦ୍ର କୁମାର ଗୁମାନସିଂ ଏଥିରେ ଯୋଗ ଦେଇ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ତାଙ୍କୁ ଶୁକ୍ରବାର ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପୃଥ୍ୱୀରାଜ ପଟ୍ଟନାୟକ, ସୁଶାନ୍ତ ନନ୍ଦ, ରାଜେନ୍ଦ୍ର ଆଚାର୍ଯ୍ୟ, ମନୋଜ ମହାପାତ୍ର, ମାନସ ଦ୍ୱିବେଦୀ, ପ୍ରିତମ ବେହେରା, ଲିଙ୍ଗରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଦେବଗଡ ଭଳି ଏକ ଛୋଟ ଜିଲାରୁ ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ଗୁମାନସିଂଙ୍କ ଉଚ୍ଚ ପ୍ରଶଂସା କରି ଫାଇନାଲ ଅଡିସନରେ ତାଙ୍କ ସଫଳତା କାମନା କରିଥିଲେ। ଶନିବାର ଗୁମାନସିଂ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ଜାତୀୟ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ ହେଁ ତାଙ୍କ ପାଇଁ ଅର୍ଥ ଯୋଗାଡ କରିବା କଷ୍ଟସାଧ ହୋଇପଡିଛି। ଏଣୁ ଫାଇନାଲ ଅଡିସନରେ ଯୋଗ ଦେବାକୁ ତାଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ନିବେଦନ କରାଯାଇଛି।

## ଗୋପପୁର ଫୁଟବଲ ଟୁର୍ନାମେଣ୍ଟ : ଅକ୍ଷରଶିଳା ଚାମ୍ପିୟନ



ଫୁଟବଲ୍ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ ଅତିଥିଙ୍କ ସହ ।

ବାରକୋଟ, ୨୧।୯ (ଡି.ଏନ.ଏ.)

ଦେବଗଡ ଜିଲା ଗୋପପୁର ଗ୍ରାମଠାରେ ରାଧାକୃଷ୍ଣ କ୍ଲବ ଗୋପପୁର ଆନୁକୂଲ୍ୟରେ ଚାଲିଥିବା ୨୫ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୪ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । କ୍ଲବର ସଭାପତି ଧରଣୀଧର ସାହୁ ଓ ସମ୍ପାଦକ ହିମାଂଶୁ ପ୍ରଧାନ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ୩୨ ଗୋଟି ଦଳ ଯୋଗ ଦେଇଥିଲେ । ଫାଇନାଲ ଖେଳରେ ଅକ୍ଷରଶୀଳା ଦଳ ୨-୦ ଗୋଲରେ ବଲଣ୍ଡା ଦଳକୁ ପରାସ୍ତ କରି ଚମ୍ପିୟନ ହୋଇଥିଲା ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ବିଜେଡିର ନୂଆଁଖାଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର/କୁଚିଣ୍ଡା,୨୧ା୯(ବ୍ୟୁରୋ/ଡି.ଏନ.ଏ.)**-ସମ୍ବଲପୁର-କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ଆସନ୍ତା ୨୯ ତାରିଖରେ ନୂଆଁଖାଇ ଭେଟଘାଟ ପାଳନ କରିବାକୁ ସ୍ଥିର ହୋଇଥିଲା। ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ତ୍ରିନାଥ ଗୋଏଲ, କୁନା ଦାସ, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ତିଲୋତ୍ତମା ନାୟକ, ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ଜିଲା ପରିଷଦ ସଦସ୍ୟା କୁମୁଦିନୀ ନାଏକ, ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ବାମରା ବ୍ଲକ ବିଜେଡି ସଭାପତି ରାଜୀବ ଶୁକ୍ଲା, ଅରବିନ୍ଦ ସାହୁ, ଜମନକିରା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ନାୟକ, ଜମନକିରା ବ୍ଲକ ବିଜେଡି ସଭାପତି ରାଜେଶ ନାୟକ, ଦୀନବନ୍ଧୁ ଅଗ୍ରୱାଲ, ଭୁବନେଶ୍ୱର କିସାନ, ଚୂଡ଼ାମଣି ପଟେଲ, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, କୁଚିଣ୍ଡା ବ୍ଲକ ବିଜେଡି ସାଧାରଣ ସମ୍ପାଦକ ସଂଜୟ ମିଶ୍ର, ଯୁବ ବିଜେଡି ସଭାପତି ଅଭିଲାଷଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଅକ୍ଟୋବରରେ ଶେଷ ହେବ ରୋପ୍ ୱେ କାମ

**ସମ୍ବଲପୁର,୨୧ା୯(ବ୍ୟୁରୋ)**-ହୀରାକୁଦ ଡ୍ୟାମ ଅଞ୍ଚଳକୁ ପର୍ଯ୍ୟଟକମାନଙ୍କୁ ଆହୁରି ଆକୃଷ୍ଟ କରିବାକୁ ପଦକ୍ଷେପ ନିଆଯାଉଛି । ଏହି କ୍ରମରେ ଡ୍ୟାମର ବାମ ପାର୍ଶ୍ୱ ଡାଇକ୍‌ରେ ଥିବା ଗାନ୍ଧୀ ମିନାରଠାରୁ ଜବାହାର ଉଦ୍ୟାନ ପର୍ଯ୍ୟନ୍ତ ରୋପ୍ ୱେ ସଂଯୋଗ କରାଯିବ । ଧାର୍ଯ୍ୟ ସମୟ ଠାରୁ ରୋପ୍ ୱେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲା । ତଥାପି ଆସନ୍ତା ଅକ୍ଟୋବର ମାସ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପୂର୍ତ୍ତ ବିଭାଗ ଲକ୍ଷ୍ୟ ରଖିଛି। ଓଡ଼ିଶା କନ୍‌ଷ୍ଟ୍ରକ୍ସନ କର୍ପୋରେସନ (ଓସିସି) ଜରିଆରେ ନିର୍ମାଣ କରାଯାଉଛି । ଏବେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି ଓ ଧାର୍ଯ୍ୟ ତାରିଖ ମଧରେ ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଓସିସି ବରିଷ୍ଠ ମ୍ୟାନେଜର ବି.କେ.ସାହୁ କହିଛନ୍ତି । ରୋପୱେ ପ୍ରକଳ୍ପରେ ୪ଟି ଟାୱାରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପ୍ରକଳ୍ପର କଂକ୍ରିଟ କାର୍ଯ୍ୟ ଉତ୍ତାରୁ ଏବେ ଫେବ୍ରିକେସନ ପ୍ରଭୃତି ଆନୁସଙ୍ଗିକ କାର୍ଯ୍ୟ ଚାଲିଛି । ଏହି ରୋପୱେରେ ୧୨ଟି ଟ୍ରଲି ରହିବ । ଗୋଟିଏ ଟ୍ରଲିରେ ୪ ଜଣ ପର୍ଯ୍ୟଟକ ବସି ପାରିବେ । ଅବଶିଷ୍ଟ ବୈଷୟିକ କାର୍ଯ୍ୟ ଚଳିତ ମାସରେ ସମ୍ପୂର୍ଣ୍ଣ ହେବ। ଜୁନ ମାସରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସୂଚନାଯୋଗ୍ୟ ଯେ, ପ୍ରକଳ୍ପ ସକାଶେ ୬ କୋଟି ୨୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି । ଏହାକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥା ୪୨୧ ମିଟର ଲମ୍ବ ଏହି ରୋପୱେ ପ୍ରକଳ୍ପକୁ ନିର୍ମାଣ ସମ୍ପୂର୍ଣ୍ଣ ହେବା ଦିନଠାରୁ ତିନି ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ କରିବ । ଜବାହାର ଉଦ୍ୟାନ ଓ ହୀରାକୁଦ ଡ୍ୟାମକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ମନୋରମ ଦୃଶ୍ୟ ପ୍ରଦାନ କରିଥାଏ । ସେହିପରି ଡ୍ୟାମର ବାମପାର୍ଶ୍ୱରେ ଥିବା ଗାନ୍ଧୀ ମିନାର ଉପରୁ ହୀରାକୁଦ ସହର ଓ ଡ୍ୟାମର ଜଳରାଶିର ବିହଙ୍ଗମ ଦୃଶ୍ୟ ଉପଭୋଗର ସୁବିଧା ମିଳିଥାଏ।

■ ଟଙ୍କା ଦେଉନି ଗାୟତ୍ରୀ ଇନ୍‌ଫ୍ରାଷ୍ଟ୍ରକଚର

# ଧାରଣାରେ ବସିଲେ ୨୦ ସବ୍ କଣ୍ଟ୍ରାକ୍ଟର

**ସମ୍ବଲପୁର,୨୧ା୯(ବ୍ୟୁରୋ)**

- ■ଭଣ୍ଡେଇ ଦେଇ ଖସିଗଲେ ପ୍ରକଳ୍ପ ଅଧିକାରୀ
- ■ସକାଳୁ ସଞ୍ଜ ଯାଏ ବସି ନିରାଶ ହେଲେ
- ■ଟଙ୍କା ପାଇଁ ମାସେ ହେଲା ଧାଉଁଛନ୍ତି
- ■ଆଜି ହେବ, କାଲି ହେବ କହୁଛି କମ୍ପାନୀ

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ଚାରି ଥାକିଆ ହେଉଛି। ରାସ୍ତା ନିର୍ମାଣ କରୁଛି ଗାୟତ୍ରୀ ଇନ୍‌ଫ୍ରାଷ୍ଟ୍ରକଚର। ଏହି ସଂସ୍ଥା କିନ୍ତୁ ବିବାଦର ଜାଲରେ ଏମିତି ଗୁଡେଇ ହୋଇ ରହିଛି ଯେ, ସେଥିରୁ ମୁକୁଳି ପାରୁନି। ରାସ୍ତା ନିର୍ମାଣ କାମରେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ଯାଉନି। କଂକ୍ରିଟ ରାସ୍ତାରେ ପାଣି ଦିଆଯାଉନି। ଖାଲ ଖମା ରାସ୍ତାକୁ ମରାମତି କରାଯାଉନି। ଏବେ ଆଉ ଏକ ଅଭିଯୋଗର ଫର୍ଦ୍ଦ ଯୋଡି ହୋଇଛି । କମ୍ପାନୀ ଅଧୀନରେ କାମ କରୁଥିବା କେତେଜଣ ସବ୍ କଣ୍ଟ୍ରାକ୍ଟରଙ୍କ କୋଟି କୋଟି ଟଙ୍କା ବିଲ୍ ବକେୟା ରଖା ଯାଇଛି। ଏହାକୁ ନେଇ ସମ୍ପୃକ୍ତ ଠିକାଦାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଶୁକ୍ରବାର ଏହା ଉଗ୍ରରୂପ ନେଇଛି। ଗରଗଡବାହାଲଠାରେ ଥିବା ଗାୟତ୍ରୀ ଇନ୍‌ଫ୍ରାଷ୍ଟ୍ରକଚର ଅଫିସ ସମ୍ମୁଖରେ ଏହି ଅସନ୍ତୁଷ୍ଟ ଠିକାଦାରମାନେ ଆନ୍ଦୋଳନରେ ବସିଥିଲେ। ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରାୟ ୨୦ଜଣ ଠିକାଦାର ଆନ୍ଦୋଳନରେ ବସି ବିଲ୍ ବାବଦ ଟଙ୍କା ଦେବାକୁ କମ୍ପାନୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଠିକାଦାରମାନେ ଅଫିସରେ ପହଞ୍ଚିବା କ୍ଷଣି କର୍ମଚାରୀ ଓ ଅଧିକାରୀ ଚଞ୍ଚକତା କରି ସେଠାରୁ ଖସି ପଳାଇଥିଲେ। ଏଣୁ ଏମାନଙ୍କୁ ଏଥର ବି ନିରାଶ ହେବାକୁ ପଡିଛି। ଅବଶ୍ୟ ଠିକା ସଂସ୍ଥାର ପ୍ରକଳ୍ପ ଅଧିକାରୀ ଏସ. ରେଡ୍ଡୀ ଠିକାଦାରମାନଙ୍କୁ ଭଣ୍ଡେଇବାରେ ସକ୍ଷମ ହୋଇଛନ୍ତି। ସୋମବାର ଟଙ୍କା ମିଳିଯିବ ବୋଲି କହି ସେଠାରୁ ଯାଇଥିଲେ ଯେ ଆଉ ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ଏଣୁ ଶେଷରେ ନିରାଶ ହୋଇ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଅପେକ୍ଷା କରି କରି ଏହି ଠିକାଦାରମାନେ ଭାଣ୍ଡିଆ ହୋଇ ଫେରିଛନ୍ତି। ଅନ୍ୟପକ୍ଷେ ଠିକାଦାରମାନଙ୍କ ଅଭିଯୋଗ ଯେ, ସେମାନଙ୍କର ପ୍ରାୟ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ରହିଛି । ମାସେ ହେବ ସେମାନେ କମ୍ପାନୀର ଅଫିସକୁ ଆସି ଶୀଘ୍ର ବିଲ୍ ଦେବାକୁ ଅନୁରୋଧ କରୁଛନ୍ତି। ହେଲେ ଆଜି ହେବ କାଲି ହେବ ବୋଲି କହି କମ୍ପାନୀ କର୍ତ୍ତୃପକ୍ଷ ଦିନ ଗଡାଇ ଚାଲିଛି।



ସମ୍ବଲପୁର ଜୁଜୁମୁରା ବ୍ଲକ ଗରଗଡବାହାଲଠାରେ ଥିବା ଗାୟତ୍ରୀ ଇନ୍‌ଫ୍ରାଷ୍ଟ୍ରକଚର ଅଫିସ ସମ୍ମୁଖରେ ଠିକାଦାରମାନେ ଧାରଣାରେ ବସିଛନ୍ତି ।

ସୂଚନାଯୋଗ୍ୟ ଯେ, ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥକୁ ଚାରି ଥାକିଆ କରିବା ପାଇଁ ଗାୟତ୍ରୀ ଇନ୍‌ଫ୍ରାଷ୍ଟ୍ରକଚରକୁ ଟେଣ୍ଡର ମାଧ୍ୟମରେ କାମ ମିଳିଛି । ପ୍ରାୟ ୧୮୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପ୍ରାୟ ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। କମ୍ପାନୀ ବର୍ଷେ ହେଲା କାମ ଆରମ୍ଭ କରିଛି। ବିଭିନ୍ନ ସମୟରେ ବେଆଇନ ଭାବେ ମାଟି ଖନନ କରି ଜରିମାନା ମଧ୍ୟ ଦେଇଛି। ଏପରିକି ଲୋକମାନଙ୍କ ଘରଦ୍ୱାର ଭାଙ୍ଗିବା ସହ ବେଆଇନ ଗଛକଟାକୁ ନେଇ ମଧ୍ୟ ଗ୍ରାମବାସୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଘଟଣା ଥାନାରେ ମଧ୍ୟ ଅଭିଯୋଗ ହୋଇ ଆପୋସ ବୁଝାମଣା ହୋଇ ସମାଧାନ ହୋଇଛି । ଠିକାଦାରଙ୍କ ବିଲ୍ ନ ଦେବାରୁ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ମାଡ ମାରାଯାଇଥିବା ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। କାମ ଆରମ୍ଭରୁ ଦିନକୁ ଦିନ କମ୍ପାନୀ ଏହି ଅଞ୍ଚଳର ଦୁର୍ଦ୍ଦଶା ବଢାଇ ଦେଇଛି । ରାସ୍ତାଘାଟ ଖାଲଖମା ଥିବାରୁ ଅନେକ ସମୟରେ ସଡକ ଦୁର୍ଘଟଣା ଘଟୁଛି । ପ୍ରାୟ ୧ ବର୍ଷରେ ଛୋଟବଡ ପ୍ରାୟ ୪୦ରୁ ଅଧିକ ଦୁର୍ଘଟଣା ହୋଇଛି। କେବଳ ଜୁଜୁମୁରା ଥାନା ଅଧୀନରେ ୨୯ଜଣଙ୍କ ମୃତ୍ୟୁ ଘଟି ସାରିଛି । ଏହି ରାସ୍ତା ନିର୍ମାଣ କେବେ ସରିବ ଏବେ ଅନିଶ୍ଚିତତାରେ ରହିଛି । ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ କମ୍ପାନୀ ଓ ପ୍ରଶାସନ ବିରୋଧରେ ଆନ୍ଦୋଳନ ଦାନା ବାନ୍ଧୁଛି । ଏ ସମ୍ପର୍କରେ କମ୍ପାନୀ ପ୍ରକଳ୍ପ ଅଧିକାରୀ ଏସ. ଭେଙ୍କଟେଶ୍ୱର ରେଡ୍ଡୀଙ୍କୁ ପଚାରିବାରୁ କମ୍ପାନୀର ଆର୍ଥିକ ସ୍ଥିତି ଏବେ ଖରାପ ଅଛି । ହେଲେ ଠିକାଦାରମାନଙ୍କ ଟଙ୍କା ଖୁବ ଶୀଘ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ବଡବାହାଲ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଭୁକ୍ତ କରାଯାଉ

**ରେଢ଼ାଖୋଲ,୨୧ା୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ଭୁକ୍ତ କରାଯାଉ। ଏହି ଦାବି କରି ଏକ ଦାବିପତ୍ର ଉପଜିଲାପାଳ ବିଶ୍ୱକେସନ ଦେହୁରୀଙ୍କୁ ପ୍ରଦାନ କରାଯାଇଛି। ପଞ୍ଚାୟତ ବାସୀଙ୍କ ପକ୍ଷରୁ ଦାବି କରାଯାଇଛି ଯେ ପଞ୍ଚାୟତର ଟାଲ, ଝାଙ୍କରପଡା, କେନ୍ଦୁମୁଣ୍ଡା, ହାତୀ ବାହାଳ, ବଣିଆବନ୍ଧ, ଡମଗଡ, ଯୁବରାଜପୁର, ପାଣ୍ଡୁରିପଥର ଆଦି ୮ଟି ଗ୍ରାମ ଅଣଜଳସେଚିତ। ଗତ ଖରିଫ ଋତୁରେ ବ୍ଲକର ବଡବାହାଲ ପଞ୍ଚାୟତ ସମେତ ୬ଟି ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ସରକାରଙ୍କୁ ଜିଲାପାଳଙ୍କ ମାଧ୍ୟମରେ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟରେ ୮୦ପ୍ରତିଶତ ଫସଲ ନଷ୍ଟ ହୋଇଥିବା ନେଇ ଦର୍ଶାଯାଇଥିଲା। ଅନିୟମିତ ବର୍ଷା ଯୋଗୁ ଏହି ପଞ୍ଚାୟତରେ ମରୁଡି ପରିସ୍ଥିତ ସୃଷ୍ଟି ହୋଇଥିବା ଯୋଗୁ ଚାଷୀମାନେ ଧାନ ବିକ୍ରି କରିପାରି ନାହାନ୍ତି। ଯାହାକି ନିୟନ୍ତ୍ରିତ ବଜାର କମିଟି ଓ ବଡବାହାଲ ଓ କଦଳୀଗଡ ଧାନମଣ୍ଡିର ତଥ୍ୟରୁ ସରକାର ଅବଗତ ଥିବେ। ତାହା ସତ୍ତ୍ୱେ ବଡବାହାଲ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ଭୁକ୍ତ କରାଯାଇନାହିଁ। ଆସନ୍ତା ୭ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳାନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବୁ ବୋଲି ଦାବି ପତ୍ରରେ ଚେତାବନୀ ଦିଆଯାଇଛି। ସରପଞ୍ଚ ସନ୍ତୋଷ କୁମାର ମିର୍ଦ୍ଧା, ବିଶ୍ୱରଞ୍ଜନ ପ୍ରଧାନ, ଖଗେଶ୍ୱର ବେହେରା, ହରିହର ପ୍ରଧାନ, ପ୍ରଫୁଲ ପ୍ରଧାନ, କନ୍ଦର୍ପ ସାହୁ, ଗୋପୀନାଥ ପ୍ରଧାନ, ଭୁବନ ଦେହୁରୀ, ପୂର୍ବତନ ସରପଞ୍ଚ ବଟକିଶୋର ବେହେରାଙ୍କ ସମେତ ପଞ୍ଚାୟତର ଶତାଧିକ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି।

■ ଫସଲବୀମା ରାଶି ପାଇବାରୁ ବଞ୍ଚିତ ଚାଷୀ

# ତାଲା ପକାଇଲେ ସମବାୟ ବ୍ୟାଙ୍କରେ

**ରେଙ୍ଗାଲି,୨୧ା୯(ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ ଟାମ୍ପରକେଲା ପଞ୍ଚାୟତର ଚାଷୀ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖାରେ ତାଲା ପକାଇଛନ୍ତି। ଗତ ବର୍ଷ ସରକାର ଟାମ୍ପରକେଲା ପଞ୍ଚାୟତକୁ ୭୧.୫୫ ପ୍ରତିଶତ ମରୁଡି ଘୋଷଣା କରିଛନ୍ତି। ହେଲେ ଏହି ସମିତି ଅଧୀନରେ ଥିବା ୪୪୮ ଚାଷୀଙ୍କ ମଧ୍ୟରୁ ୫୪ଜଣ ଫସଲ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଣୁ ଚାଷୀମାନେ ତାଲା ମାରି ଧାରଣାରେ ବସିଥିଲେ। ରାଜେଶ ପଧାନ, ଲାଲମୋହନ ପଧାନ, ହେମନ୍ତ ସାହୁ, ମାମି ପଧାନ, ନାରାୟଣ ପଧାନ, ନିରଞ୍ଜନ ସାହୁ ପ୍ରମୁଖ ଧାରଣାରେ ବସିଥିଲେ ।



ଟାମ୍ପରକେଲା ପଞ୍ଚାୟତର ଚାଷୀ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖାରେ ତାଲା ପକାଇଛନ୍ତି।





ରେଢ଼ାଖୋଲ ଭୀମ ଭୋଇ କଲେଜ ପରିସରରେ ଶିଳ୍ପ ସଚେତନତା ଶିବିରରେ ଅତିଥିଗଣ।

# ଶିଳ୍ପ ସଚେତନତା ଶିବିର

**ରେଢ଼ାଖୋଲ,୨୧ା୯(ଡି.ଏନ.ଏ.)**

ରେଢ଼ାଖୋଲ ଭୀମ ଭୋଇ କଲେଜ ପରିସରରେ ଏକ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ସମ୍ବଲପୁର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଏହି ଶିଳ୍ପ ସଚେତନାତା ଶିବିର ଅନୁଷ୍ଠିତ ହୋଇଥିଲା। ଭୀମ ଭୋଇ କଲେଜର ଅଧକ୍ଷ ଡ. ହର ପ୍ରସାଦ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି ଶିବିରରେ ଆଞ୍ଚଳିକ ନିର୍ଦ୍ଦେଶକ ଶାହା ଗଣ୍ଡ, ସହପ୍ରବନ୍ଧକ ବିନୟ କୁମାର ବହିଦାର, ଜିଲା ନିୟୋଜନ ଅଧିକାରୀ ଗଣେଶ ନାଏକ ଓ ଅର୍ଥନୀତି ଅଧ୍ୟାପକ ବିଜୟ ସାହୁ ଯୋଗ ଦେଇ ଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଛାତ୍ରୀଛାତ୍ରଙ୍କୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଆଇପିଓ ଶାନ୍ତନୁ କୁମାର ଭୋଇ ସହଯୋଗ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।

### କବି ପ୍ରଭାକର ପାଣିଗ୍ରାହୀଙ୍କ ଜୟନ୍ତୀ

**ସମ୍ବଲପୁର, ୨୧ା୯ (ବ୍ୟୁରୋ)**

କବି ପ୍ରଭାକର ପାଣିଗ୍ରାହୀଙ୍କ ଶହେ ତମ ଜୟନ୍ତୀ ରାଣୀସତିଜୀ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଚିନ୍ମୟ ସାହିତ୍ୟ ସଂସଦ ଓ ସ୍ୱର ଝଙ୍କାର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅରବିନ୍ଦ ମହାପାତ୍ର, ଜୟଦେବ ତନସନା, ଜଗଦୀଶ ପତି, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ସନ୍ତୋଷ ପ୍ରଧାନ, ସୁବାସ ପାଣିଗ୍ରାହୀ, ଦେବାର୍ଜ୍ଜନ ଠାକୁର ବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଙ୍କ ରଚନାବଳୀରୁ ଚିତ୍ତରଞ୍ଜନ ବେହେରା, ସନ୍ତୋଷ ମିଶ୍ର, ଦୟାନିଧି ବେହେରା, କାହ୍ନୁକେଶବ ବହିଦାର, ସୁରେନ୍ଦ୍ର ମିଶ୍ର, ମୋତିଲାଲ ଦୋରା, ସୁନୀତି ବେହେରା, ଗୋପାଳ ଚନ୍ଦ୍ର ନାୟକ, ଆନନ୍ଦ ଦାଶ, ଚେତନାମୟୀ ବେହେରା, ପ୍ରଦୀପ ମହାକୁର, ପ୍ରଣତି ଦାଶ, ପ୍ରମୋଦ ମିଶ୍ର, ଶଙ୍କର ଜରିୱାଲ, ରବୀନ୍ଦ୍ର ଦେହୁରୀ ଭଜନ ଗାନ କରିଥିଲେ। ଶେଷରେ ପ୍ରଦୀପ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଟଙ୍କା ଦେଲେ ବି ନାଇଁ ମିଲ୍‌ବାର ଗ୍ୟାସ

# ହଟହଟା ହେଉଛନ୍ ଉପଭୋକ୍ତା

**ରେଢ଼ାଖୋଲ,୨୧ା୯(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କର ପେଟ୍ରୋଲିୟମ ମନ୍ତ୍ରଣାଳୟ ତର୍‌ଫୁ ଉଜ୍ଜ୍ୱଳା ଯୋଜ୍‌ନାରେ ରନ୍ଧାବଢ଼ା ଲାଗି ଲୁକ୍‌କୁ ମାହାଲିଆ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଯୁଗେଇ ଦେଉଥିବାର ଡିଙ୍ଗ୍‌ରା ପିଟା ହେଉଛେ। ହେଲେ ମାହାଲିଆ ତ ଦୂରର କଥା ରେଢ଼ାଖୋଲରେ ଟଁକା ଦେଇ ବି ଗ୍ୟାସ୍ ସିଲିଣ୍ଡର ନାଇଁ ମିଲ୍‌ବାର। ରେଢ଼ାଖୋଲ ଅଂଚଲ୍ ଲାଗି ଆଇଓସିଏଲ ତର୍‌ଫୁ ଗୁଟେନ ଇଣ୍ଡେନ ଗ୍ୟାସ ଏଜେନ୍ସି ଦିଆଯାଇଛେ। ହେଲେ ଇ ଗ୍ୟାସ ଏଜେନ୍ସି କାମ୍‌କଲା ଦିନୁ ଠିକ୍ ହିସାବେ ଲୁକ୍‌କୁ ଗ୍ୟାସ ସିଲିଣ୍ଡର ନାଇଁ ମିଳିପାରବାର। ଉପଭୋକ୍ତା ଗ୍ୟାସ୍ ବୁକିଂ କରି ଡିଲର ପାସ୍‌କେ ବାର ବାର ଦଉଡି ଦଉଡି ନିହାଲ ହେଇଯାଉଛନ୍। ଆଏଜ୍ ମିଲ୍‌ବା କାଏଲ୍ ମିଲ୍‌ବା ବଲି ଖାଲି ଆଶାସନା ମିଲୁଛେ। ଇଥିର୍‌ଲାଗି ଉପଭୋକ୍ତାମାନ୍‌କର ଭିତ୍‌ରେ ଅସନ୍‌ତୋଷ ଦେଖାଦେଇଛେ। ବୁକିଂ କର୍‌ବାର ୨୦ରୁ ୨୨ ଦିନ୍ ପରେ ବି ଗ୍ୟାସ ସିଲିଣ୍ଡର ନାଇଁ ମିଳିପାରବାର। ଇ ଘଟ୍‌ନାକେ ନେଇ ଭିନେ ଭିନେ ସମିଆରେ ଉପଭୋକ୍ତାକର ଭିତ୍‌ରେ ହୋହାଲ୍ଲା, ରଡାକିଲ୍ଲା ବି ଦେଖ୍‌ବାକେ ମିଳିଛେ। ଏନ୍‌ତା ବି ହେଇଛେ ଲୋକ୍ ଗ୍ୟାସ ଡିଲରଙ୍କର ଅଫିସରେ ତାଲା ପକେଇଛନ୍। ପୁଲିସ ଆର୍ ପର୍‌ଶାସନ୍‌ର ହସ୍‌ତକ୍ଷେପ ଉତାରୁ ଦିନାଦୁ ଠିକ୍ ହିସାବେ ଗ୍ୟାସ୍ ମିଲୁଛେ। ଫେନ୍ ମାସେ ଦୁଇମାସ ଉତାରୁ ଯେନ୍ ଅବସ୍‌ତାକେ ସେ ଅବସ୍‌ତା ହେଉଛେ। ରେଢ଼ାଖୋଲ ଅଂଚଲ୍‌ର ପାଖାପାଖି ୮ ହଜାର ଉପଭୋକ୍ତା ଇ ଗ୍ୟାସ୍ ଏଜେନ୍ସି ଉପ୍‌ରେ ନିର୍‌ଭର କରୁଛନ୍। ହେଲେ ଠିକ୍‌ହିସାବେ ଗ୍ୟାସ ନାଇଁ ମିଲ୍‌ବାର ଲାଗି ଲୋକ୍ ସବୁବେଲେ ହଇରାନ ହରକତ ହେବାର ସଂଗେ ହଟ୍‌ହଟା ହେଉଛନ୍। ସମସିଆ ବାବ୍‌ଦେ ଉପଭୋକ୍ତାମାନ୍‌କର ତର୍‌ଫୁ ପର୍‌ଶାସନ ଆର୍ ବିଭାଗୀୟ ଅଧିକାରୀଙ୍କୁ ବାରବାର ଅଭିଯୋଗ କରାଯାଉଛେ। ହେଲେ ପର୍‌ଶାସନ୍ କେହେନ୍‌ସି ପର୍‌କାର ପଦକ୍ଷେପ ନାଇଁ ନେବାର। ଇ ବାବ୍‌ଦେ ରେଢ଼ାଖୋଲ ଯୋଗାଣ ଅଧିକାରୀ ବିପ୍ଳବରାଜ ମହାପାତ୍ରଙ୍କୁ ପଚ୍‌ରାବାରେ ଶନିବାର ସେ ଗ୍ୟାସ ଡିଲରଙ୍କର ସଂଗେ ଆଲୋଚନା କରି ପଦକ୍ଷେପ ନେବେ ବଲି କହିଛନ୍। ଆରଗୁଟେ ଆଡେ ସମ୍ବଲପୁର ଆଇଓସିଏଲ ସେଲ୍ସ ଅଫିସର ଦେବେଶ କୁମାର ବଳ କହିଛନ୍ ଯେ, ସେ ଅଭିଯୋଗ ପାଇଛନ। ମାସେ ଭିତ୍‌ରେ ଠିକ୍ ହିସାବେ ଉପଭୋକ୍ତାମାନ୍‌କୁ ଗ୍ୟାସ୍ ଯୁଗେଇ ନାଇଁଦେଲେ ତାରଲାଗି ଉନିଆଁ ବେବସ୍‌ତା କରାଯିବା ଆର୍ ଡିଲରଙ୍କୁ ଇ ବାବ୍‌ଦେ ସୂଚେଇ ଦିଆଯାଇଛେ ବଲି ସେ କହିଛନ୍। ଡିଲର କଳ୍ପନା ନାୟକ କହିଛନ୍ ଯେ, ଛୁଟି ପଡ୍‌ଲାରୁ ଇ ସମସିଆ ହେଇଛେ । ଏହେଦେ ଆର ଅସ୍‌ବିଧା ନାଇଁହୁଏ।

### ଦିଲ୍ଲୀରେ ନୂଆଁଖାଇ ଉତ୍ସବ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ସମ୍ବଲପୁର,୨୧ା୯(ବ୍ୟୁରୋ)**

ଦିଲ୍ଲୀ ଜବାହାରଲାଲ ନେହେରୁ ଷ୍ଟାଡ଼ିୟମ ଅଡ଼ିଟୋରିୟମରେ ଶନିବାର ନୂଆଁଖାଇ ପରବ-୨୦୧୮ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି । ପବିତ୍ର ନୂଆଁଖାଇ ସମସ୍ତଙ୍କ ଠାରେ ଆନନ୍ଦ ଏବଂ ଆଶା ଆଣିଥାଏ । କଠିନ ପରିଶ୍ରମ ଏବଂ ସଫଳତା ଉପରେ ଆଧାରିତ ଏହି ପର୍ବ ପାଳନରେ ଚାଷୀମାନେ ଉତ୍ପାଦିତ ପ୍ରଥମ ଶସ୍ୟକୁ ଦେବାଦେବୀଙ୍କୁ ଅର୍ପଣ କରିଥାନ୍ତି । ଏକତା ବନ୍ଧନର ପ୍ରତୀକ ନୂଆଁଖାଇରେ ସମସ୍ତେ ଏକାଠି ହୋଇ ଅଞ୍ଚଳର ଆକର୍ଷଣୀୟ ସଂସ୍କୃତିକୁ ପ୍ରତିଫଳନ କରିଥାନ୍ତି । ଦିଲ୍ଲୀରେ ଆୟୋଜିତ ହେଉଥିବା ନୂଆଁଖାଇ ଆନନ୍ଦ ମୁଖର ହେବା ସହିତ ଅଞ୍ଚଳର ସମୃଦ୍ଧ ସଂସ୍କୃତି ଓ ପରିଚୟ ପାଳନର ଉତ୍ସବ ହେଉ। ସମସ୍ତଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଶୀର୍ବାଦ କାମନା ସହିତ ସମାରୋହର ସଫଳତା କାମନା କରି ପ୍ରଧାନମନ୍ତ୍ରୀ ମୋଦି ନୂଆଁଖାଇ ଜୁହାର ଜଣାଇଛନ୍ତି । ଶୁକ୍ରବାର ଏକ ପ୍ରେସ ବିବୃତିରେ ଆୟୋଜକ ଜୁହାର ପରିବାର ସଦସ୍ୟମାନେ ଏହି ସୂଚନା ଦେଇଛନ୍ତି ।

■ ନୂଆଁ ରଙ୍ଘେଲା ନୋଡାଲ ହାଇସ୍କୁଲରେ ଜିଲାସ୍ତରୀୟ ପ୍ରତିଯୋଗିତା

# ଖୋଖୋ ଖେଳିଲେ ୨୧୭ ପ୍ରତିଯୋଗୀ

**ରେଙ୍ଗାଲି,୨୧ା୯ (ଡି.ଏନ.ଏ)**

ରେଙ୍ଗାଲିସ୍ଥିତ ନୂଆଁ ରଙ୍ଘେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୨୦ ଏବଂ ୨୧ ତାରିଖ ଦୁଇ ଦିନ ଧରି ଉଭୟ ବାଳିକା ଓ ବାଳକ ବିଭାଗର ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୨୧୭ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲ । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। ମାଁ ସମଲେଇଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସେ ଖେଳକୁ ଉଦ୍‌ଘାଟନ କରିବା ସହ କ୍ରୀଡା ଧ୍ୱଜା ଉତ୍ତୋଳନ କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ପୁରାତନ ଛାତ୍ର ସଂସଦ ସଭାପତି ବିନୋଦ ବିହାରୀ ଜନ, ବିଶ୍ୱକେଶନ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାମିନି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ କିଶୋରଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଯୋଗଦେଇ ସର୍ବଶ୍ରେଷ୍ଠ ୪ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିବା ସହ କ୍ରୀଡା ଧ୍ୱଜା ଅବତରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାମିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତାରୁ ଜୁନିୟର ଓ ସିନିୟର ବାଳିକା ଏବଂ ବାଳକ ବିଭାଗରେ ଜିଲାସ୍ତରୀୟ ଖୋଖୋ ଦଳ ଚୟନ କରାଯାଇଥିଲା । ଏହି ଦଳ ଆସନ୍ତା ୨୬ ତାରିଖରେ ଟିଟିଲାଗଡଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଭାଗ ନେବେ।



ନୂଆଁ ରଙ୍ଘେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜଣେ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୨/୨୦୧୮



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ,
ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ।
- ପ୍ଲାଟୋ



## ସଂକ୍ଷେପରେ

### ଇସ୍‌ଲାମପୁରରେ ହିଂସା: ୨ ଛାତ୍ର ମୃତ

ରାଇଗଞ୍ଜ, ୨୧।୯(ପି.ଟି.): ଏକ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ରକରି ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରର ଇସ୍‌ଲାମପୁରରେ ପୋଲିସ ଜନତା ହାତାହାତି ହେବା ଫଳରେ ବଡ଼ଧରଣର ହିଂସା ଘଟିଛି। ଏହି ଘଟଣାରେ ଦୁଇ ଛାତ୍ରଙ୍କ ଜୀବନ ଯାଇଛି। ସଂଘର୍ଷବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁ ଗୁରୁବାର ଜଣେ ଆଇଟିଆଇ ଛାତ୍ର ପ୍ରାଣ ହରାଇଥିଲେ। ଆହତ ହୋଇଥିବା ଆଉ ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ନର୍ଥ ବେଙ୍ଗଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି।

### ଜିଏସ୍‌ଟିରେ ଅତିରିକ୍ତ ସେସ୍ ଆଦାୟ ଲାଗି ଜେଟ୍‌ଲୀଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ,୨୧।୯: କେରଳ ବନ୍ୟା ପୀଡିତଙ୍କୁ ସହାୟତା ଲାଗି ଜିଏସ୍‌ଟି ଅଧୀନରେ ଅତିରିକ୍ତ ସେସ୍ ଆଦାୟ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରସ୍ତାବ ଦେଇଛନ୍ତି। ଏ ସଂକ୍ରାନ୍ତରେ କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍ ଶୁକ୍ରବାର ସୂଚନା ଦେଇଛନ୍ତି। ନିଜର ଟୁଇଟ୍ ଜରିଆରେ ସେ କହିଛନ୍ତି, ଆସନ୍ତା ୨୮ରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହେବ।

**ଏସ୍‌ସିବିରେ କାର୍ଯ୍ୟକ୍ଷମ ହେଲାନି ଯକୃତ ପ୍ରତିରୋପଣ ୟୁନିଟ୍**

# ଖତ ଖାଉଛି ୪.୧୬ କୋଟିର ଉପକରଣ

**ସିଏଜି ରିପୋର୍ଟ**

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଯକୃତ ପ୍ରତିରୋପଣ ୟୁନିଟ୍ ପାଇଁ କିଣାଯାଇଥିବା ଉପକରଣ ଏବଂ ୟୁନିଟ୍ ତିଆରି ପାଇଁ ବ୍ୟୟ ହୋଇଥିବା ମୋଟ ୪.୪୯ କୋଟି ଟଙ୍କାର କୌଣସି ସୁଫଳ ମିଳିଲା ନାହିଁ। ୟୁନିଟ୍ ପାଇଁ ୪.୧୬ କୋଟି ଟଙ୍କାର ଉପକରଣ କିଣାଯାଇଥିଲା। ମାତ୍ର କାର୍ଯ୍ୟକ୍ଷମ ନ ହେବାରୁ ସେଗୁଡ଼ିକ ୨ବର୍ଷରୁ ଅଧିକ ସମୟ ହେଲା ପଡ଼ିରହି ଖତ ଖାଉଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ୨୦୧୭ ରିପୋର୍ଟରେ ଏହା ପ୍ରକାଶ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଗୋଟିଏ ଯକୃତ ପ୍ରତିରୋପଣ ୟୁନିଟ୍ କରିବା ପାଇଁ ୨୦୧୩ ମେ'ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୟୁନିଟ୍ ପାଇଁ ୧୨.୫୨ କୋଟି ଟଙ୍କା ଏବଂ ଆବଶ୍ୟକ ବିଭିନ୍ନ ଉପକରଣ ଲାଗି ୨୧.୫୮ କୋଟି ଟଙ୍କା ମଞ୍ଜୁର କରିଥିଲେ।

ଏସ୍‌ସିବି ଅଧୀକ୍ଷକ ୨୦୧୫ ଜାନୁୟାରୀ ଏବଂ ଫେବୃୟାରୀରେ ୪.୧୬ କୋଟି ଟଙ୍କାର କେତେକ ଉପକରଣ କିଣିଥିଲେ। ସେହି ସମୟରେ ଉପକରଣ ଯୋଗାଇଥିବା ସଂସ୍ଥାକୁ ୩.୫୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଅପରେଶନ ଥିଏଟର, ଆଇସିୟୁ ଏବଂ ୱାର୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଫଳରେ କିଣାଯାଇଥିବା ସରଞ୍ଜାମ ବ୍ୟବହାର ହୋଇପାରି ନ ଥିଲା। ଉପଯୁକ୍ତ ସ୍ଥାନାଭାବରୁ ୪.୧୬ କୋଟି ଟଙ୍କାର ସରଞ୍ଜାମ ନଷ୍ଟ ହେବାକୁ ବସିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୨୦୧୭ ସେପ୍ଟେମ୍ବରରେ ସିଏଜିଙ୍କ ନିକଟରେ ନିଜର ମତ ରଖିଥିଲା। ବିଭାଗ କହିଥିଲା ଯେ, ଯକୃତ ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା। ଏହାର ସଂସ୍ଥାପନ ନିମନ୍ତେ ଭିତ୍ତିଭୂମି, ମାନବ ସମ୍ବଳ, ସାଜସରଞ୍ଜାମ ଏବଂ ପ୍ରଶିକ୍ଷଣ ଆବଶ୍ୟକ, ଯାହା କି ସମୟ ସାପେକ୍ଷ।

ସେହିପରି କିଣାଯାଇଥିବା ଅତ୍ୟାଧୁନିକ ସାଜସରଞ୍ଜାମ ପରିଚାଳନା କରିବାରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ୪.୪୯ କୋଟି ଟଙ୍କା ବ୍ୟୟ କରିବା ପରେ ମଧ୍ୟ ଯକୃତ ରୋଗୀଙ୍କୁ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇ ପାରି ନ ଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ଚମ୍ପା**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା ।**

ଚମ୍ପାଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା। ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ। ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି। ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚାଲିଲା ବେଳେ କି ମଠମଠ**
**ଶୋଇଲା ବେଳେ କି ଭଟଭଟ ?**

ମଠେଇ ମଠେଇ ଯିଏ ବାଟ ଚାଲୁଥାଏ ତା' ସଙ୍ଗେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଶୋଇଲାବେଳେ କାନ ପାଖରେ ଯଦି କିଏ ଭଟ ଭଟ ହୁଏ ବା କଥା କୁହେ ତା'ହେଲେ ନିଦ ଭାଙ୍ଗିଯାଇଥାଏ। ଏପରି ଅବସ୍ଥା ବଡ଼ ବିରକ୍ତିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଧଘଣ୍ଟାଏ ପ୍ରବଳ ବର୍ଷିଲା, ରାସ୍ତାରେ ଏକ ଫୁଟ ଉଚ୍ଚର ପାଣି

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ବାତ୍ୟା ଡାଏ ପ୍ରଭାବରେ ଶୁକ୍ରବାର ଅପରାହ୍ନରେ ରାଜଧାନୀରେ ପ୍ରବଳ ବର୍ଷା ସହିତ ପବନ ହୋଇଛି। ଅଧଘଣ୍ଟା କାଳ ରାଜଧାନୀର ରାଜରାସ୍ତା ଜନଶୂନ୍ୟ ହୋଇଯାଇଥିଲା। ଚାହୁଁଚାହୁଁ ପାଖାପାଖି ୧ ଫୁଟ ଉଚ୍ଚର ପାଣି ରାସ୍ତା ଉପରେ ମାଡ଼ିଚାଲିଲା। ଇସ୍କନ ମନ୍ଦିର ସମ୍ମୁଖ, ନୟାପଲ୍ଲୀ ବେହେରାସାହି ଛକ, ଜୟଦେବ ବିହାର ଏବଂ ଆଚାର୍ଯ୍ୟ ବିହାର ଆଦି ଅଞ୍ଚଳରେ ବର୍ଷାପାଣି ଜମି ରହିଥିଲା। ସେହିପରି ଅତ୍ୟଧିକ ଜମିଥିବା ସ୍ଥାନରେ ଅଗ୍ନିଶମ ବିଭାଗ କର୍ମଚାରୀ ପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ। ସହରରେ ୨୬.୧ ମିମି ବର୍ଷା ହୋଇଥିବା ଭୁବନେଶ୍ୱର ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ପାଣି ଜମିଥିବା ଭଳି ସମସ୍ୟାରେ ପଡିଥିବା ୭ ଅଭିଯୋଗ ବିଏମ୍‌ସି କଣ୍ଟ୍ରୋଲ ରୁମ୍‌କୁ ଆସିଥିଲା। ଏହାକୁ ସମାଧାନ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସହରରେ କୌଣସି ଜନସାଧାରଣ ଜଳବନ୍ଦୀ ସମସ୍ୟାରେ ପଡିଲେ ଭୁବନେଶ୍ୱର ଅପରେଟିଂ ସେଣ୍ଟର ଟୋଲ ଫ୍ରି ନଂ.୧୮୦୦୩୪୫୦୦୬୧ରେ ଏବଂ ଷ୍ଟର୍ମ ୱାଟର କଣ୍ଟ୍ରୋଲ ରୁମ୍ ୦୬୭୪-୨୪୩୨୨୮୧କୁ ଫୋନ୍ କରିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

# କେନ୍ଦ୍ରକୁ ଡେପୁଟେଶନରେ ଯିବେ ଖୁରାନିଆ, ରାଧିକା

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

୨ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ସେମାନେ ହେଲେ କମିଶନରେଟ ପୋଲିସର ପୂର୍ବତନ ପୋଲିସ କମିଶନର ୱାଇ.ବି. ଖୁରାନିଆ ଏବଂ ରାଜ୍ୟ ସିଲେକ୍ସନ ବୋର୍ଡ ଅଧକ୍ଷା ବି.ରାଧିକା। ବି. ରାଧିକା ୧୯୮୯ ବ୍ୟାଚର ଓଡିଶା କ୍ୟାଡର ଆଇପିଏସ୍ ଅଧିକାରୀ। ତାଙ୍କ ଜନ୍ମମାଟି ଆନ୍ଧ୍ରପ୍ରଦେଶ। ସେହିପରି ୧୯୯୦ ବ୍ୟାଚର ଆଇପିଏସ୍ ଅଧିକାରୀ ଖୁରାନିଆଙ୍କ ଘର ହରିୟାଣାର କାଇଥଲ ଅଞ୍ଚଳରେ। ସେ ଏବେ ଏଡିଜି ପୋଭିଜନିଂ ଅଛନ୍ତି। ପୂର୍ବରୁ ପୋଲିସ କମିଶନର ଥିବା ସମୟରେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ୍ ଭଲ ଥିଲା। ହେଲେ ହଠାତ୍ ଗତ ଅଗଷ୍ଟରେ ତାଙ୍କୁ ବଦଳି କରାଯାଇଥିଲା। ସେ ଟ୍ୱିନ୍ ସିଟିର ଦାୟିତ୍ୱ ନେବା ପରେ ଗ୍ୟାଙ୍ଗଷ୍ଟର ଡି ବଦର୍ସଙ୍କୁ ଗିରଫ କରି ଚର୍ଚ୍ଚାରେ ରହିଥିଲେ। ଖୁରାନିଆ କହିଛନ୍ତି, ସେ ଡେପୁଟେଶନରେ ଯିବା ଲାଗି ପୂର୍ବରୁ ଗୃହ ବିଭାଗ ନିକଟରେ ଆବେଦନ କରିଥିଲେ। ଗୃହ ବିଭାଗ ତାଙ୍କୁ ଅନୁମତି ଦେଇଛି।

# କୁକୁର-ସାପ ଲଢ଼େଇ ମନୁଷ୍ୟକୃତ

**କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ନିକଟରେ ଭଦ୍ରକରେ ତମ୍ପ ସାପ କବଳରୁ ଏକ କୁକୁର ତା'ର ଛୁଆକୁ ବଞ୍ଚାଇବା ଘଟଣାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାର ଭିଡିଓ ମଧ୍ୟ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ଲଢ଼େଇ ମନୁଷ୍ୟକୃତ ବୋଲି ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଭଦ୍ରକର ଜଣେ ସାପ ଧରାଳିଙ୍କ ନାମରେ ପିପୁଲ ଫର୍ ଆନିମଲ(ପିଏଫ୍‌ଏ) ପକ୍ଷରୁ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟରେ ଅଭିଯୋଗ କରାଯାଇଛି। ପିଏଫ୍‌ଏ ଷ୍ଟୁଡେଣ୍ଟ ଉଇଙ୍ଗର ସମ୍ପାଦକ ସନ୍ତୋଷ ଦାସ ଏହି ଅଭିଯୋଗ କରିଥିବା ଜଣାପଡ଼ିଛି। ସାପ ବା ଅନ୍ୟ ବନ୍ୟପ୍ରାଣୀଙ୍କ ସହ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ନିର୍ଦ୍ଦେଶନାମା ଅନୁଯାୟୀ ଏକ ଅପରାଧ। କିନ୍ତୁ ସମ୍ପୃକ୍ତ ସାପଧରାଳି ଏହି ନିୟମ ମାନନ୍ତି ନାହିଁ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ନାଗ ସାପ କ୍ଷୀର ପିଏ ନାହିଁ, କିନ୍ତୁ ଉକ୍ତ ସାପଧରାଳି ସାପକୁ ଧରି ଲୋକମାନଙ୍କ ଦ୍ୱାରା କ୍ଷୀର ପିଆନ୍ତି ଓ ସେହି ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି ବୋଲି ସନ୍ତୋଷ ତାଙ୍କ ଅଭିଯୋଗରେ ଲେଖିଛନ୍ତି। ଅଭିଯୋଗକୁ ଆଧାର କରି ମାନେକା ଗାନ୍ଧୀ ଭଦ୍ରକ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କୁ ଅବଗତ କରାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସାପଧରାଳି ବନ ବିଭାଗରେ ଚାକିରି କରିଥିବା ଜଣାପଡ଼ିଛି। ଏ ନେଇ ଭଦ୍ରକ ବନଖଣ୍ଡ ଅଧିକାରୀ ନାୟକ କୁହନ୍ତି, ଅଭିଯୋଗ ଆଧାରରେ ଆମେ ତଦନ୍ତ କରୁଛୁ। ଅଭିଯୋଗରେ ଯେଉଁ ଫଟୋ ଦିଆଯାଇଛି ତାହା ପୁରୁଣା, କିନ୍ତୁ ଭିଡିଓଟି ଏବେକାର। ତେଣୁ ସେହି ଫଟୋ ଓ ଭିଡିଓର କ'ଣ ସତ୍ୟାସତ୍ୟ ରହିଛି ତାହାର ତଦନ୍ତ କରାଯିବ। ତଦନ୍ତ ପରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଜଣାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ସାପ ଧରାଳି ବନ ବିଭାଗରେ କାର୍ଯ୍ୟ କରୁଥିବା ସମ୍ପର୍କରେ ବନଖଣ୍ଡ ଅଧିକାରୀ କୁହନ୍ତି, ଆମର ୱାଇଲ୍ଡଲାଇଫ୍ ପ୍ରୋଟେକ୍ସନ ସ୍କ୍ୱାଡ୍‌ରେ ସେ ଅଛନ୍ତି। ଦୈନନ୍ଦିନ ସଂରକ୍ଷଣ ଆକ୍ଟିଭିଟିରେ ତାଙ୍କୁ ରଖାଯାଏ। ତେବେ ସେ ବିଭିନ୍ନ ସାପ ଧରି ସୋସିଆଲ ମିଡିଆରେ ଫଟୋ ଛାଡ଼ିବା ବିଷୟରେ ଆମେ ଅବଗତ ନ ଥିଲୁ। ଏହା ଜଣାପଡ଼ିବା ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ସୂଚନାଯୋଗ୍ୟ, ଉକ୍ତ ଲଢ଼େଇରେ ମା'କୁକୁରଟି ୨ଟି ଛୁଆଙ୍କୁ ମଧ୍ୟ ହରାଇଥିଲା।



ତାଳଚେରର ବକ୍ସି ଜଗବନ୍ଧୁ ଷ୍ଟାଡିୟମ୍‌ଠାରେ ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ।

**ଚିଲିକାରେ ହେଲିକପ୍ଟର ଉଡାଣ ଘଟଣା**

# ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

ବ୍ରହ୍ମଗିରି, ୨୧।୯(ଡି.ଏନ୍.ଏ.)

ଚିଲିକା ଉପରେ ହେଲିକପ୍ଟର ଉଡାଣକୁ ନେଇ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ପରେ ଏବେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ରାଜନେତାଙ୍କ ଉପରକୁ ଅଙ୍ଗୁଳି ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ରାଜନେତାମାନେ ଚିଲିକା ଉପରେ ହେଲିକପ୍ଟର ଉଡାଇଥିବା ଦର୍ଶାଇ ଶୁକ୍ରବାର ପୁରୀ ସଚେତନ ନାଗରିକ ମଞ୍ଚ ତରଫରୁ ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ ଅରଖକୁଦା ମେରାଇନ ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ବ୍ରହ୍ମଗିରି ବିଧାୟକ ସଞ୍ଜୟକୁମାର ଦାସବର୍ମା ଅନେକ ଥର ଚିଲିକା ଉପରେ ହେଲିକପ୍ଟର ଉଡାଇଛନ୍ତି। ଏହା ଦ୍ୱାରା ସେମାନେ ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏ ନେଇ ସେମାନଙ୍କ ଉପରେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଟ୍ଟନାୟକ ପୂର୍ବରୁ ଗତ ୧୮ ତାରିଖରେ ପୁରୀ ଏସପିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଶୁକ୍ରବାର ଏହାର ଏକକିତା ନକଲ ଅରଖକୁଦା ମେରାଇନ ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଅରଖକୁଦା ମେରାଇନ ଥାନା ଅଧିକାରୀ ଖଗେଶ୍ୱର କର କୁହନ୍ତି, ମୁଁ ଏକ ଅଭିଯୋଗ ପାଇଛି । ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବି ।

**ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ**

# ଆଜି ବସିବ ବିଧାନସଭା ଗୃହ କମିଟି

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ଅଭିଜିତ ଆୟର ମିତ୍ରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଯାଞ୍ଚ କରିବାକୁ ଶନିବାର ଅପରାହ୍ନ ୪ଟାରେ ବିଧାନସଭା ଗୃହ କମିଟି ବୈଠକ ହେବ। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଆୟରଙ୍କ ଟୁଇଟର ଯାଞ୍ଚ କରିବା ସହ ସ୍ୱାଧୀକାର ଭଙ୍ଗ ନେଇ ଆଇନଗତ ଦିଗଗୁଡିକର ତର୍ଜମା କରିବ। ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଇ ପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏହି୬ ଜଣିଆ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ବିଧାନସଭାର ଗତ ମୌସୁମୀ ଅଧିବେଶନରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ଓ ବିଧାନସଭା ସଭ୍ୟଙ୍କ ବିରୋଧରେ ଆୟର ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ହଇଚଗୋଳ ହୋଇଥିଲା। ବିରୋଧୀ ଦଳ ନେତା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଣିଥିଲା। ଗୃହରେ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଚସ୍ପତି ଘଟଣାର ତଦନ୍ତ କରିବାକୁ ବିଧାନସଭାର ଗୃହ କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବ। ନୂଆଦିଲ୍ଲୀଠାରେ ଆୟାରଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳି ଥିଲେ।

# ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ସମ୍ପନ୍ନ

ପୁରୀ ଅଫିସ, ୨୧।୯

ଶ୍ରୀମନ୍ଦିରରେ ଶୁକ୍ରବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ଏଥିଲାଗି ଦିନତମାମ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା। ନୂଆ ଲୁଗା ଲାଗି ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପବିତ୍ର ବେଢା ନୀତି ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ଠାକୁର ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ଣ୍ଣ ମୁରୁଜରେ ବାମନ ଜନ୍ମ ନୀତି ମଣ୍ଡଳ ପକାଇଥିଲେ। ବାମନ ଦେବ ଭିତରକୁ ବିଜେ ହେବା ପରେ ଧଣ୍ଡି ପ୍ରସାଦ ଲାଗି ହୋଇଥିଲା। ସନ୍ଧ୍ୟାରେ ବାମନ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା କ୍ଷୀର, ଲହୁଣି, କୋରା ମଣୋହି କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ମହାଜନ ସେବକ ଠାକୁରଙ୍କୁ ସୋମନାଥ ମଣ୍ଡପ ଖଟ ଉପରେ ବିଜେ କରାଇଥିଲେ। ଭଣ୍ଡାରରୁ ରୁପାବଟାରେ ଶ୍ରୀଦୁର୍ଗାଦେବୀଙ୍କୁ ଅଣାଯାଇ ମଣ୍ଡପ ଖଟ ଉପରେ ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ବସୁଧାରା ଏବଂ ଯଜ୍ଞ ପବିତ୍ରା ପ୍ରଦାନ କରିଥିଲେ। ଏହାପରେ ପାଣିପଡି ଶୀତଳ ଭୋଗ ପନ୍ତି ବଢା ହୋଇଥିଲା। ଦୁଧ ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରିଥିଲେ। ବନ୍ଦାପନା ହୋଇ ବାମନ ଦେବ ଦକ୍ଷିଣୀ ଘରକୁ ଏବଂ ଦେବୀଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ।

**ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ**

# ଲଗାଇଥିଲେ, ହଟାଇଦେଲେ

ପୁରୀ ଅଫିସ,୨୧।୯

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୁକ୍ରବାର ଲାଗିଥିବା ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଲାଗିଥିବା ତାଲିକା ତଳେ ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନ ଲେଖାଥିବାରୁ ଭକ୍ତ ଦ୍ୱନ୍ଦ୍ୱରେ ପଡିଛନ୍ତି। ପରେ ଏହି ତାଲିକାକୁ ହଟାଇ ଦିଆଯାଇଛି। ସକାଳେ ଆନନ୍ଦ ବଜାରରେ ଏବଂ ଶୁଆଶାରୀ ମନ୍ଦିର ନିକଟରେ ଗୋଟିଏ ଲେଖାଏ ମହାପ୍ରସାଦ ଦର ତାଲିକା ଲାଗିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିବା ସହ ଏହାକୁ ଅନୁମୋଦନ କରି ନ ଥିବା କହିଥିଲେ। ପରିଚାଳନା କମିଟିରେ ମଧ୍ୟ ଏହି ଦର ତାଲିକା ଅନୁମୋଦନ ପାଇନାହିଁ। ପରିଚାଳନା କମିଟି ବୈଠକରେ ଦର ଧାର୍ଯ୍ୟ ପରେ ଏହା ଲଗାଯିବ। ତେଣୁ ଲାଗିଥିବା ତାଲିକାକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ମୁତାବକ ଲାଗିଥିବା ଦୁଇଟି ଫ୍ଲେକ୍ସକୁ ହଟାଇ ଦିଆଯାଇଥିଲା। ତେବେ ଲଗାଇ ପୁଣି କାହିଁକି ହଟାଇ ଦିଆଗଲା, ତାହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ସୃଷ୍ଟି ହୋଇଛି।

ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ଆରମ୍ଭ କରିଛି। ଏ ନେଇ ସୁଆର ମହାସୁଆର ନିଯୋଗ ସହ ଏକାଧିକ ଥର ଆଲୋଚନା କରିଛି। ଅନେକ ସମୟରେ ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହେଉଥିବାରୁ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏକ ଦର ତାଲିକା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିଲା। ପ୍ରଶାସନ ଅନୁମତି ଦେବା ପରେ ଏହାକୁ ଆନନ୍ଦ ବଜାରରେ ଲଗାଯିବ ବୋଲି ସୂଚନା ମିଳିଥିଲା।

**ଭାଷା ପ୍ରୟୋଗଶାଳା ଗଠନ**

# ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

**ଉଦ୍ଦେଶ୍ୟ ସଫଳ ହୋଇନାହିଁ**

ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ କଲେଜ ଏବଂ ସରକାରୀ ସହାୟତାପ୍ରାପ୍ତ ୧୦୮ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଭାଗ ମନୋନୟନ ଭିତ୍ତିରେ ସେଣ୍ଟର ଫର୍ ଆଡ୍‌ଭାନ୍ସ କମ୍ୟୁନିକେଶନ(ସିଏସି) ନାମକ ସଂସ୍ଥାକୁ ଅନୁଗ୍ରହ ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦେଇଥିଲା। ୨୨.୮୮ କୋଟି ଟଙ୍କା ବ୍ୟୟ କରାଯାଇ ଭାଷା ପ୍ରୟୋଗଶାଳା ଗଠନ ହୋଇଥିଲେ ମଧ୍ୟ ୫୬ଟି କଲେଜରେ ନାମଲେଖା ହୋଇ ନ ଥିଲା। ଫଳରେ ଭାଷା ପ୍ରୟୋଗଶାଳା ଗଠନର ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ବୋଲି ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ କିଛି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ୨୦୧୨ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲା। ଛାତ୍ରୀଛାତ୍ରଙ୍କୁ ଭାଷା ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଥିଲା ଏହାର ଲକ୍ଷ୍ୟ ଥିଲା। ଏଥିପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ୩୦ ଜଣ ବସିବା ଭଳି କ୍ଷମତା ବିଶିଷ୍ଟ କୋଠରୀ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିରେ ବୈଦ୍ୟୁତିକ ସାଜ ସରଞ୍ଜାମ, ଆଭ୍ୟନ୍ତରିଣ ସାଜସଜ୍ଜା ସହିତ କୋଠରୀଗୁଡିକରେ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ରହିବ।

ଉଚ୍ଚଶିକ୍ଷା ବିଭାଗ ସିଏସିକୁ କେନ୍ଦ୍ର ସରକାରଙ୍କ ବୈଷୟିକ ଅନୁଷ୍ଠାନ ଆଇଆଇଟି ଖଡଗପୁରର ଏକ ୟୁନିଟ୍ ଦର୍ଶାଇ କାର୍ଯ୍ୟ କରିବା କ୍ଷମତା ଦେଇଥିଲା। କିନ୍ତୁ ସିଏସି ଏକ ବେସରକାରୀ ସଂସ୍ଥା। ଏହାର ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କ ଆଇଆଇଟି ଖଡଗପୁର ସହିତ ନ ଥିଲା। ତେଣୁ ଆଇଆଇଟି ଖଡଗପୁର ଆଳରେ ସିଏସିକୁ କାର୍ଯ୍ୟ କରିବା କ୍ଷମତା ଦେବା ଅନୈତିକ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୩ ମାର୍ଚ୍ଚରେ ବିଭାଗ ସଂସ୍ଥା ସହିତ କାମ ଆରମ୍ଭ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ୨୦୧୬ ଫେବୃୟାରୀରେ ବୁଝାମଣା ପତ୍ରର ପରିସମାପ୍ତି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତାହାକୁ ପୁଣିଥରେ ନବୀକରଣ କରିଥିଲା। ୨୦୧୭ ସୁଦ୍ଧା ୨୦ ଭାଷା ପ୍ରୟୋଗଶାଳାକୁ ସରକାର ଅନୁମୋଦନ କରିଥିଲେ। ଫଳସ୍ୱରୂପ ୪୦ ସରକାରୀ ଏବଂ ୬୮ ସରକାରୀ ସହାୟତାପ୍ରାପ୍ତ କଲେଜରେ ଭାଷା ପ୍ରୟୋଗଶାଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାର୍ଚ୍ଚ ୨୦୧୭ ସୁଦ୍ଧା ସିଏସିକୁ ବିଭାଗ ୨୨.୮୮ କୋଟି ଟଙ୍କା ପ୍ରଦାନ କରିଛି ବୋଲି ସିଏଜିଙ୍କ ରିପୋର୍ଟ କହୁଛି। ୧୦୨ କଲେଜରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇଛି। ୫୬ କଲେଜରେ ନାମଲେଖା ହୋଇନାହିଁ। ସେହିପରି ୩ ବର୍ଷ ପୂର୍ବରୁ ୪୨ କଲେଜରେ ୮.୬୪ କୋଟି ଟଙ୍କା ବ୍ୟୟରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇସାରିଛି। ଅବଶିଷ୍ଟ ୧୪ କଲେଜରେ ୨୦୧୬-୧୭ରେ ଭାଷା ପ୍ରୟୋଗଶାଳା ଗଠନ କରାଯାଇଛି ବୋଲି ସିଏଜି ପ୍ରକାଶ କରିଛନ୍ତି।

# ଶ୍ରୀନଅରରେ ସୁନିଆ

**ଚାଲିଲା ୬୧ ଅଙ୍କ, ୧୪୨୬ ସାଲ**



ପୁରୀ ଅଫିସ, ୨୧।୯

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୦ ଅଙ୍କ ଶେଷ ହୋଇଛି। ଶୁକ୍ରବାର ସୁନିଆ ଅବସରରେ ୬୧ ଅଙ୍କ ଏବଂ ୧୪୨୬ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଗଜପତି ମହାରାଜା ଗାଦିସୀନ ହେବା ପରେ ଅବିଧ ଲାଗି କରାଯାଇଥିଲା। ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ରାଜଗୁରୁ କହିଛନ୍ତି ଯେ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୧ଅଙ୍କ ପ୍ରଚଳିତ ହେଲା, ୧୪୨୬ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି। ଅଙ୍କ କଟାର ସ୍ୱତନ୍ତ୍ର ବିଧି ମଧ୍ୟ ରହିଛି। ସବୁ ଅଙ୍କକୁ ଗ୍ରହଣ କରାଯାଏ ନାହିଁ। ଯେଉଁ ଅଙ୍କର ଦକ୍ଷିଣ ପଟରେ ଶୂନ ରହିଥିବ ତାହାକୁ ଗ୍ରହଣ କରାଯାଏ ନାହିଁ। କିନ୍ତୁ ୧୦କୁ ଗ୍ରହଣ କରାଯାଏ। ଯେଉଁ ଅଙ୍କର ଦକ୍ଷିଣ ପଟେ ୬ ରହିଥିବ ତାହା ମଧ୍ୟ ଗ୍ରହଣ କରାଯାଏ ନାହିଁ।



"ଭାରତୀୟ କ୍ରିକେଟ ଦଳ ପୁଣି ଥରେ ଯେତେବେଳେ ଇଂଲଣ୍ଡ ଟୁର୍‌ରେ ଯିବ, ସେତେବେଳେ ଏହାର ବ୍ୟାଟ୍ସମ୍ୟାନମାନେ ଭଲରୂପେ ପ୍ରସ୍ତୁତ ହୋଇଯିବା ଉଚିତ୍ ।

-ରାହୁଲ ଦ୍ରାବିଡ, ଭାରତର ପୂର୍ବତନ ଅଧିନାୟକ



"ମାଞ୍ଚେଷ୍ଟର ସିଟି ଫୁଟ୍‌ବଲ କ୍ଲବରେ ମୁଁ ଅତିକମ୍‌ରେ ୧୦ ବର୍ଷ ରହିବା ଲାଗି ମନସ୍ଥ କରିଥିଲି । ଚୁକ୍ତି ମିଆଦ ବୃଦ୍ଧି ଦ୍ୱାରା ଏହା ସମ୍ଭବ ହେବାକୁ ଯାଉଛି ।

-ସର୍ଗିଓ ଆଗୁଏରୋ, ଆର୍ଜେଣ୍ଟିନା ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ତାମିଲନାଡୁର ବୃହତ ବିଜୟ

କଟକ ଅଫିସ,୨୧।୯: କଟକରେ ଚାଲିଥିବା ୨୪ତମ ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୫ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ତାମିଲନାଡୁ ୧୩-୦ ଗୋଲରେ ବୃହତ ବ୍ୟବଧାନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୦ ଗୋଲରେ ଝାଡ଼ଖଣ୍ଡକୁ, ପଣ୍ଡିଚେରୀ ୭-୦ ଗୋଲରେ ଉତ୍ତରାଖଣ୍ଡକୁ, ଆସାମ ୫-୦ ଗୋଲରେ କେରଳକୁ ଓ ମହାରାଷ୍ଟ୍ର ୩-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି।

### ଫିଲ୍ମ ପୋଷ୍ଟରକୁ ନେଇ ଚର୍ଚ୍ଚାରେ କୋହଲି

ନୂଆଦିଲ୍ଲୀ,୨୧।୯: ଚଳିତ ଏସିଆ କପ୍‌ରୁ ବିଶ୍ରାମ ଦିଆଯାଇଥିବା ଭାରତୀୟ ଦଳର ନିୟମିତ ଅଧିନାୟକ ବିରାଟ କୋହଲି ଏବେ ନୂଆ କାରଣ ଲାଗି ଚର୍ଚ୍ଚାକୁ ଆସିଛନ୍ତି। କୋହଲି ଶୁକ୍ରବାର ସୋସିଆଲ ମିଡିଆ ସାଇଟ୍ ଟୁଇଟର ଓ ଇନଷ୍ଟାଗ୍ରାମରେ ଏକ ଫିଲ୍ମ ପୋଷ୍ଟର ଅପଲୋଡ କରିଛନ୍ତି। ଏଥିରେ କୋହଲିଙ୍କୁ ଏକ ସୁପରହିରୋ ଲୁକରେ ଦେଖିବାକୁ ମିଳିଛି। ଏଥିସହ ଫଟୋ ଉପରେ 'ଇଣ୍ଟରଡ୍ୟୁସିଂ ବିରାଟ କୋହଲି, ଟ୍ରେଲର ଦ ମୁଭି' ଲେଖାଅଛି। ଏହାର କ୍ୟାପଶନରେ କୋହଲି ଲେଖିଛନ୍ତି, ୧୦ ବର୍ଷ ପରେ ପୁଣି ଥରେ ପଦାର୍ପଣ କରୁଛି, ଅପେକ୍ଷା ହେଉନାହିଁ। ତେବେ ଏହା ଏକ ଶର୍ଟ ଫିଲ୍ମ ବୋଲି ଆଶା କରାଯାଉଛି।

### କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ବଜରଙ୍ଗ

ନୂଆଦିଲ୍ଲୀ,୨୧।୯(ପି.ଟି.): କ୍ରୀଡ଼ା ବିଭାଗରେ ସର୍ବୋଚ୍ଚ ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଷ୍ଟାର କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଭେଟିଛନ୍ତି। ଏଥିସହ ଘଟଣାକୁ ଗୁରୁତ୍ୱ ଦେବା ଲାଗି କ୍ରୀଡ଼ାମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ''ମୁଁ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ରାଠୋରଙ୍କୁ ଭେଟିଥାନ୍ତି। ମାତ୍ର ହଠାତ୍ ଗୁରୁବାର ସନ୍ଧ୍ୟାରେ ଦେଖା କରିବା ଲାଗି ଡାକରା ଆସିଥିଲା। ମୋତେ କେଉଁ କାରଣରୁ ଖେଳରତ୍ନ ପୁରସ୍କାରରୁ ବଞ୍ଚିତ କରାଗଲା, ସେ ସମ୍ପର୍କରେ ମୁଁ ପ୍ରଶ୍ନ କରିଥିଲି। ସେ କହିଲେ ମୋ ନିକଟରେ ଏହି ସମ୍ମାନ ପାଇବା ଲାଗି ଯଥେଷ୍ଟ ପଏଣ୍ଟ ନାହିଁ, ଯାହାକି ସମ୍ପୂର୍ଣ୍ଣ ଭୁଲ। ସମ୍ମାନ ଲାଗି ମନୋନୀତ ହୋଇଥିବା ବିରାଟ କୋହଲି ଓ ମିରାବାଈ ଚାନୁଙ୍କ ଠାରୁ ମୁଁ ଅଧିକ ପଏଣ୍ଟ ଅର୍ଜନ କରିଛି। ମୋ ସହ ଭୁଲ ହୋଇଛି। ମୋତେ ନ୍ୟାୟ ଦରକାର। କ୍ରୀଡ଼ାମନ୍ତ୍ରୀ ଏ ଘଟଣାକୁ ଗୁରୁତ୍ୱ ଦେବାକୁ ଆଶ୍ୱସନା ଦେଇଛନ୍ତି। କିନ୍ତୁ ୨୮ ତାରିଖରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆଉ ଖୁବ କମ୍ ଦିନ ରହିଲା। ମୁଁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବି'' ବୋଲି ବଜରଙ୍ଗ କହିଛନ୍ତି। ଏହି ୨୪ ବର୍ଷୀୟ ରେସଲର ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯଦି ତାଙ୍କ ସପକ୍ଷରେ ନିଷ୍ପତ୍ତି ନ ନିଆଯାଏ, ତେବେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାଇ ଦେଇଛନ୍ତି। କ୍ରୀଡ଼ାମନ୍ତ୍ରୀଙ୍କ ସହ ବୈଠକ ଅବସରରେ ବଜରଙ୍ଗଙ୍କ ସହିତ ତାଙ୍କ ମେଣ୍ଟର ଯୋଗେଶ୍ୱର ଦତ୍ତ ମଧ ଉପସ୍ଥିତ ଥିଲେ।

### ଡକ୍ଟରେଟ୍ ଡିଗ୍ରୀକୁ ସଚିନଙ୍କ ନା'

କଲିକତା,୨୧।୯: ଯାଦବପୁର ବିଶ୍ୱବିଦ୍ୟାଳୟ ପଦାଧିକାରୀମାନେ ଅଲିମ୍ପିକ୍ସ ପଦକଧାରୀ ମେରୀକମ୍ ଓ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନଜନକ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ନୈତିକତା ଦୃଷ୍ଟିରୁ ସଚିନ ଏହାକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୪ ତାରିଖରେ ବିଶ୍ୱବିଦ୍ୟାଳୟର ୬୩ତମ ବାର୍ଷିକ କନଭୋକେଶନ ଅବସରରେ ଉଭୟ ମେରୀକମ୍ ଓ ସଚିନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିଲା। ''ଆମେ ସଚିନଙ୍କୁ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ତାଙ୍କ ନିକଟକୁ ମଧ ଯାଇଥିଲୁ। ମାତ୍ର ସେ ଆମକୁ ଏବେ ମେଲ କରିଛନ୍ତି, ସେ ନୈତିକତା ଦୃଷ୍ଟିରୁ ଏହାକୁ ଗ୍ରହଣ କରିପାରିବେ ନାହିଁ'' ବୋଲି ଜାଦବପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସଲର ସୁରଞ୍ଜନ ଦାସ କହିଛନ୍ତି। ଏଥିସହ ଏଭଳି ସମ୍ମାନଜନକ ଉପାଧି ସେ କୌଣସି ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରନ୍ତି ନାହିଁ। ଏପରି କି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଦିଆଯାଇଥିବା ପ୍ରସ୍ତାବକୁ ମଧ ସେ ଫେରାଇ ଦେଇଥିଲେ। କ୍ରିକେଟ ଇତିହାସର ସର୍ବାଧିକ ସ୍କୋରରଙ୍କ ଅନୁଯାୟୀ, ଯେଉଁ ପର୍ଯ୍ୟନ୍ତ ନିଜେ ଡକ୍ଟରେଟ ଅର୍ଜନ କରି ନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ଉପାଧି ଗ୍ରହଣ କରିବେ ନହିଁ।

# ତ୍ରୁଟିରୁ ଶିକ୍ଷାଲାଭ କରିଛୁ: ମନପ୍ରୀତ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)




ମନପ୍ରୀତ ସିଂ

ଗତ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଅନେକେ ଆଶା କରୁଥିଲେ। ମାତ୍ର ତାହା ହୋଇ ନ ଥିଲା। ଭାରତ ସେମିଫାଇନାଲରେ ମାଲେସିଆଠାରୁ ହାରିବା ଦ୍ୱାରା ପ୍ଲେ-ଅଫ୍ ଖେଳିବାକୁ ବାଧ ହୋଇଥିଲା ଏବଂ ସେଥିରେ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ପଦକ ଜିତିଥିଲା। ଏସିଆନ ଗେମ୍ସରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ହେଁ ଗୋଟିଏ ମ୍ୟାଚରେ ଖରାପ ପ୍ରଦର୍ଶନ ଯୋଗୁ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ି ଯାଇଥିଲା। ଏହା ସମସ୍ତଙ୍କୁ ନିରାଶ କରିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷାଲାଭ କରି ଆମେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ହକି ବିଶ୍ୱକପ ଖେଳିବାକୁ ଯିବୁ ବୋଲି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ପ୍ରକାଶ କରିଛନ୍ତି ତାରକା ଖେଳାଳି ମନପ୍ରୀତ ସିଂ।

ଏସିଆଡ୍‌ର ଦୁଃଖ ଏବେ ମଧ ମନରେ ଅଛି କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ଆମ ଟିମ୍ ବହୁତ ଭଲ। ନିକଟ ଅତୀତରେ ପ୍ରାୟ ସବୁ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ଦେଇ ଆସିଛି। ମାତ୍ର ଏସିଆନ ଗେମ୍ସରେ ଗୋଟିଏ ମ୍ୟାଚକୁ ନେଇ ପୂରା ଟିମ୍ ନିରାଶ ରହିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷା ମିଳିଛି। କୋଚ୍‌ଙ୍କ ଅନୁସାରେ ଆମେ ମ୍ୟାଚ ବାଇ ମ୍ୟାଚ ଉପରେ ଫୋକସ କରିବୁ। ପ୍ରତିପକ୍ଷ ଯେଉଁ ଦଳ ହେଉ ନା କାହିଁକି ଆମେ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରିବୁ। ଜାକର୍ତ୍ତାରେ ତ୍ରୁଟି ସମ୍ପର୍କରେ ସେ କହିଲେ ଯେ, ଦୁର୍ଭାଗ୍ୟବଶତଃ ଆମେ ଶେଷ ମୁହୂର୍ତ୍ତରେ ଏକ ପେନାଲ୍ଟି କର୍ନର ଦେଲୁ। ଭୁଲ କରିବାରୁ କାର୍ଡ ପାଇଲୁ। ଏହା ପୂରା ଦଳ ପାଇଁ କ୍ଷତିକାରକ ହୋଇଥିଲା। ପୂର୍ବରୁ ଆମକୁ ବହୁ ସୁଯୋଗ ମିଳିଥିଲା। ତାହାର ସଦୁପଯୋଗ କରିଥିଲେ ଆମେ ବହୁ ଆଗରୁ ଭଲ ସ୍ଥିତିରେ ରହି ପାରିଥାନ୍ତୁ। ମାତ୍ର ତ୍ରୁଟି କରିବାରୁ ତାହାର ଫାଇଦା ନେଇପାରି ନ ଥିଲୁ। ଏଥିରୁ ଆମେ ବହୁତ କିଛି ଶିକ୍ଷା ପାଇଛୁ। ଏପରି ଭୁଲ ପୁଣି ନ କରିବା ଉପରେ ଧ୍ୟାନ ଦେବୁ।

ଏସିଆନ ଗେମ୍ସର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦିଆ ଯାଇଥିଲେ ସେମାନେ ସେମିଫାଇନାଲ ପାଇଁ ଅଧିକ ସତେଜ ରହି ପାରିଥାନ୍ତେ କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ପ୍ରତି ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ କୌଣସି ଟିମ୍‌କୁ ଦୁର୍ବଳ ମନେ କରି ହେଉନି। ଜାପାନ ଟିମ୍‌କୁ ଏତେ କେହି ଗୁରୁତ୍ୱ ଦେଉ ନ ଥିଲେ। ମାତ୍ର ସେ ଏସିଆନ ଗେମ୍ସରେ ଚାମ୍ପିୟନ ହେଲା। ଫାଇନାଲରେ ସମସ୍ତେ ଆଶା ରଖିଥିଲେ ଯେ ମାଲେସିଆ ଜିତିବ, ମାତ୍ର ତାହା ହୋଇ ନ ଥିଲା। ତେଣୁ ପ୍ରତିପକ୍ଷ ଦଳ ଯିଏ ହେଉ ନା କାହିଁକି ସବୁବେଳେ ଆମେ ଶ୍ରେଷ୍ଠ ଦଳ ସହ ଖେଳିବା ସପକ୍ଷରେ ରହିଛୁ।

ଅନେକ ସମୟରେ ମନପ୍ରୀତଙ୍କ ପୋଜିଶନ ବଦଳି ଯାଇଥାଏ। ଏ ସମ୍ପର୍କରେ ସେ କୁହନ୍ତି ଯେ, ମୁଁ ଫରୱାର୍ଡ ପୋଜିଶନରେ ଖେଳିବି କିମ୍ବା ଡିଫେନ୍ସରେ ରହିବି ତାହା ଦଳୀୟ ରଣନୀତି ଉପରେ ନିର୍ଭର କରିଥାଏ। ସିମରନଜିତ ଓ ଆକାଶଦୀପଙ୍କ ପରି ଆମ ଦଳର ଅନ୍ୟ ମିଡ୍‌ଫିଲ୍ଡରମାନେ ମଧ ବହୁତ ଭଲ। ସେମାନେ ଭଲ ଷ୍ଟ୍ରାଇକର ମଧ। ସେମାନଙ୍କୁ ବଲ୍ ଯେତେ ଯୋଗାଇ ଦିଆଯିବ ଦଳପାଇଁ ସେତେ ଭଲ। ତେଣୁ ସବୁକିଛି ପ୍ଲାନ ଅନୁସାରେ ହୋଇଥାଏ। ସର୍ଦ୍ଦାର ସିଂ ଅବସର ନେଇଯିବାପରେ ଦଳରେ ତାଙ୍କର ଯେଉଁ କାର୍ଯ୍ୟ ଏବେ ତାହା ଆପଣଙ୍କ ଉପରକୁ ଆସିଛି କି ବୋଲି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ହକି ଏକ ଟିମ୍ ଗେମ୍ ହୋଇଥିବାରୁ ଏହି ଭାର ଏବେ କେବଳ ମୋ ଉପରେ ନାହିଁ। ସମସ୍ତଙ୍କ ଯୋଗଦାନ ବହୁତ ଜରୁରୀ। ଯେପରି ଡିଫେନ୍ସ ଗୋଲକିପରଙ୍କଠାରୁ ଆରମ୍ଭ ହୋଇଥାଏ ସେହିପରି ଆକ୍ରମଣ କ୍ଷେତ୍ରରେ ସମସ୍ତ ଖେଳାଳିଙ୍କ ଅବଦାନ ଜରୁରୀ ହୋଇଥାଏ।

ଶେଷ ମୁହୂର୍ତ୍ତରେ ଗୋଲ ବରଣ ସମ୍ପର୍କରେ ମନପ୍ରୀତଙ୍କ ମତ ହେଲା ଯେ, ଏଥିରୁ ଆମେ ଉଦ୍ଧାର ପାଇ ପାରିନାହୁଁ ସତ, ମାତ୍ର ଏହାକୁ କୌଣସି ଜଣେ ଖେଳାଳିର ତ୍ରୁଟି କହି ହେବନି। ଶେଷ ମୁହୂର୍ତ୍ତରେ କମ୍ୟୁନିକେଶନରେ କିଛିଟା ତ୍ରୁଟି ରହୁଥିବାରୁ ଏପରି ହେଉଛି। ଏସିଆନ ଗେମ୍ସରେ ମଧ ତାହାର ପୁନରାବୃତ୍ତି ହୋଇଥିଲା। ଏବେ ଭାରତୀୟ ଦଳ ଅଧିକ ଦୃଢ଼ ହେଉଛି। ତେଣୁ ଏହା ଉପରେ କାମ କରି ତ୍ରୁଟିକୁ ଆମେ ନିଶ୍ଚିତ ସୁଧାରିବୁ।

ଏସିଆନ ଗେମ୍ସରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା। ବୀରେନ୍ଦ୍ର ଡିଫେନ୍ସରେ ବହୁତ ଭଲ ଖେଳାଳି। ତାଙ୍କ ନିକଟରେ ବହୁତ ଅଭିଜ୍ଞତା ରହିଛି। ଅମିତ ଜଣେ ଆକ୍ରମଣାତ୍ମକ ଖେଳାଳି। ସେମାନେ ଦଳ ପାଇଁ ଭଲ ଯୋଗଦାନ ଦେଉଛନ୍ତି। ଅମିତ କୋର ଖେଳାଳିଙ୍କ ସହିତ ମିଶି ଆମ ସହିତ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛନ୍ତି ବୋଲି କହିଛନ୍ତି ମନପ୍ରୀତ।

ଆସନ୍ତା ୨୫ ତାରିଖରେ ଅର୍ଜୁନ ପୁରସ୍କାର ପାଇବାକୁ ଯାଉଛନ୍ତି ମନପ୍ରୀତ। ''ଜାତୀୟ ପୁରସ୍କାର ଅଧିକ ସଫଳତା ପାଇଁ ଉତ୍ସାହିତ କରିଥାଏ। ମୋ କ୍ଷେତ୍ରରେ ମଧ ତାହା ହୋଇଛି। ଗ୍ରାଉଣ୍ଡ ଉପରେ ଭଲ ପ୍ରଦର୍ଶନ କଲେ ପୁରସ୍କାର ଆପେ ଆସିବ ବୋଲି ମୋର ମତ। ଦେଶପାଇଁ ଭଲ ପ୍ରଦର୍ଶନ କରି ଚାଲିବା ମୋର ମୁଖ୍ୟ ଲକ୍ଷ୍ୟ। ଏହି ପୁରସ୍କାର ମୋତେ ମିଳିଥିବାରୁ ମୁଁ ବହୁତ ଖୁସି। ହକି ଏକ ଟିମ୍ ଗେମ୍। ଏଥିରେ ପୂରା ଦଳର ଯୋଗଦାନ ରହିଥାଏ। କେହି ଜଣେ ଚାହିଁଲେ କିଛି କରି ପାରିବ ନାହିଁ। ତେଣୁ ମୋର କଠିନ ପରିଶ୍ରମ,ଉତ୍ସର୍ଗୀକୃତ ମନୋଭାବ ଏବଂ ପୂରା ଦଳର ସହଯୋଗ ଯୋଗୁ ମୋତେ ଏହି ପୁରସ୍କାର ମିଳିବାକୁ ଯାଉଛି'' ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି।

# ସୂରଜଙ୍କୁ ପୁଣି ଏନ୍‌ସିଏ ଶିବିରକୁ ଡାକରା



ସୂରଜ କୁମାର ବେହେରା।

କଟକ ଅଫିସ,୨୧।୯

ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)୧୬ବର୍ଷରୁ କମ୍ ଶିବିରରେ ସାମିଲ ହୋଇ ଓଡ଼ିଶା ଫେରିବାର ଗୋଟିଏ ଦିନ ପରେ ପୁଣି ସୂରଜ କୁମାର ବେହେରାଙ୍କୁ ଡାକରା ଆସିଛି। ୧୬ବର୍ଷରୁ କମ୍ ବର୍ଗରେ ସୂରଜଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ରହିଥିବା ବେଳେ ଏଥର ତାଙ୍କୁ ୧୯ବର୍ଷରୁ କମ ସ୍ୱତନ୍ତ୍ର ଶିବିରରେ ସାମିଲ କରାଯାଇଛି। ରାଜ୍ୟର ଏହି ପ୍ରତିଭାବାନ ଡାହାଣହାତୀ ପେସ୍ ବୋଲର ଜଣଙ୍କ ଗତ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ଏନସିଏ ଶିବିରରେ ରହି ଗୁରୁବାର ଓଡ଼ିଶା ଫେରିଥିଲେ।

ଶିବିରରେ ହୋଇଥିବା ୨ଟି ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ବେଶ ପ୍ରଭାବଶାଳୀ ରହିଥିଲା। ଏପରିକି ସୂରଜଙ୍କ ପ୍ରଦର୍ଶନ ବଳରେ ସେଠାରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ତାଙ୍କ ଦଳ ବିଜୟୀ ମଧ ହୋଇଥିଲା। ସେ ପ୍ରଥମ ମ୍ୟାଚ୍‌ରେ ୪୪ ରନ୍ କରିବା ସହ ୪ଟି ଉଇକେଟ ଦଖଲ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ୨୦ରନ୍ କରିବା ସହ ୩ଟି ଉଇକେଟ ମଧ ହାସଲ କରିଥିଲେ। ୧୬ବର୍ଷରୁ କମ୍ ଏନସିଏ ଶିବିରରେ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ନରେନ୍ଦ୍ର ହିରୱାନୀ ତାଙ୍କ ପ୍ରଦର୍ଶନରେ ବେଶ ଖୁସି ଥିବା ସୂରଜ କହିଛନ୍ତି। ଏହାଛଡ଼ା ଫିଲ୍ଡିଂ କୋଚ୍ ଅଜୟ ରାତ୍ରା, ବ୍ୟାଟିଂ କୋଚ୍ ସୁରେଶ କୁମାର, ପେସ୍ ବୋଲିଂ କୋଚ୍ ଅତୁଲ ଗାଏକ୍ୱାଡ ମଧ ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବା ନେଇ ତାଙ୍କୁ ପରାମର୍ଶ ଦେଇଥିଲେ ବୋଲି ସେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ୧୯ବର୍ଷରୁ କମ୍ ଶିବିରରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ୧୯ବର୍ଷରୁ କମ୍ ବିଶ୍ୱକପ୍-୨୦୨୦ରେ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଥାଉକି, ପିତା ଦେବପ୍ରିୟ ବେହେରା ଓ ମା ଅନସୂୟା ବେହେରାଙ୍କ ପୁତ୍ର ସୂରଜ ନିଜ ପରିବାର ସହ କଟକରେ ରହୁଛନ୍ତି। ସିଡ଼ିଏ ସେକ୍ଟର-୭ ସ୍ଥିତ ରାଜ୍ୟର ପୂର୍ବତନ ଖ୍ୟାତନାମା କ୍ରିକେଟର ସୌରଜିତ ମହାପାତ୍ରଙ୍କ ଶିବିରରେ ସେ ପିଲାଟି ବେଳୁ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୭-୧୮ ସିଜନ୍‌ରେ ତାଙ୍କୁ ରାଜ୍ୟ ୧୬ବର୍ଷରୁ କମ୍ ଦଳରେ ସ୍ଥାନ ମିଳିଥିଲା। ଉକ୍ତ ସିଜନ୍‌ରେ ସେ ମୋଟ୍ ୪ଟି ମ୍ୟାଚ୍ ଖେଳି ୭ଟି ଉଇକେଟ ଦଖଲ କରିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ସୂରଜଙ୍କ ୩ଟି ଉଇକେଟ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥିଲା। ସୂରଜଙ୍କ କୋଚ୍ ସୌରଜିତଙ୍କ କହିବା ଅନୁଯାୟୀ ଆଗାମୀ ୧୯ବର୍ଷରୁ କମ୍ ବିଶ୍ୱକପ୍ ନିମନ୍ତେ ସୂରଜ ଜାତୀୟ ଦଳ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏନସିଏ ଶିବିରରେ ମଧ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି ବୋଲି କୋଚ୍‌ମାନେ ଅନୁଭବ କରିଛନ୍ତି। ରାଜ୍ୟ ନିମନ୍ତେ ସେ ଭବିଷ୍ୟତର ଆଶା ବୋଲି ସୌରଜିତ କହିଥିଲେ।

# ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର




ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର କରୁଛନ୍ତି ଓଡ଼ିଶାର ହକି ପ୍ରେମୀ।

ଭୁବନେଶ୍ୱର,୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଦେଶ ଓ ବିଦେଶରେ ଭୁବନେଶ୍ୱରରେ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରସାର ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆୟୋଜକ ସହରର କେତେଜଣ କ୍ରୀଡ଼ାପ୍ରେମୀ ନିଜସ୍ୱ ଉଦ୍ୟମରେ ମାଲେସିଆରେ ଇଭେଣ୍ଟର ପ୍ରଚାର କରିଛନ୍ତି। ଅଲ୍ ଓଡ଼ିଶା କ୍ୟାଟରର ଓ ଟେଣ୍ଟ ହାଉସ୍ ଆସୋସିଏଶନର କେତେଜଣ ସଦସ୍ୟ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟରେ ମାଲେସିଆ ଯାଇଥିଲେ। ସେଠାରେ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ସେମାନେ ବିଶ୍ୱକପ୍‌ର ପ୍ରଚାର କରିଥିବା ବିନୟ ଭୂଷଣ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେଠାକାର ଲୋକେ ଟୁର୍ନାମେଣ୍ଟ ନେଇ ଆମ ରାଜ୍ୟ ବିଷୟରେ ବିଭିନ୍ନ କଥା ପଚାରି ବୁଝିଥିଲେ। ଯଥା ରାଜ୍ୟର ପାଣିପାଗ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ସମ୍ପର୍କରେ ନାନା ପ୍ରଶ୍ନ ପଚାରିଥିଲେ। ଏହା ଆମ ପାଇଁ ଏକ ଭିନ୍ନ ଅଭିଜ୍ଞତା ଥିଲା ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ମାଲେସିଆ ଗସ୍ତରେ ଯାଇଥିବା ଏହି ଦଳର ଅନ୍ୟ ଜଣେ ସଦସ୍ୟ ଗୁରୁ ଚରଣ ଦାସ କହିଛନ୍ତି, କେବଳ ମାଲେସିଆ ନୁହେଁ ଏହି ଦେଶକୁ ଭ୍ରମଣ କରିବାକୁ ଆସିଥିବା ଅନ୍ୟ କେତେକ ବିଦେଶୀ ଆମକୁ ପଚାରିଥିଲେ ତୁମେ କ'ଣ ପୂର୍ବତନ ଭାରତୀୟ ହକି ଖେଳାଳି କିମ୍ବା ଟୁର୍ନାମେଣ୍ଟ ଆୟୋଜକ ? ଆମେ କେବଳ ଏକ ହକି ଖେଳକୁ ଉତ୍ସାହିତ କରିବା ସମ୍ପର୍କିତ ଏକ ବ୍ୟାନର ହାତରେ ଧରିଥିଲୁ। ଇଭେଣ୍ଟ ପ୍ରତି ଲୋକମାନଙ୍କର ଜାଣିବା ପାଇଁ ଆଗ୍ରହରୁ ସ୍ପଷ୍ଟ ସୂଚନା ମିଳୁଛି ନଭେମ୍ବରରେ ଓଡ଼ିଶାକୁ ବିଦେଶୀ ଦର୍ଶକଙ୍କ ସୁଅ ଛୁଟିବ। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା କହିଛନ୍ତି, ବ୍ୟକ୍ତିଗତ ଭାବେ ଓଡ଼ିଶା ହକି ବିଶ୍ୱକପ୍‌ର ପ୍ରଚାର ଅଭିଯାନରେ ନିଜକୁ ସାମିଲ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ।

### ଦିଲ୍ଲୀରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍

ନୂଆଦିଲ୍ଲୀ,୨୧।୯(ପି.ଟି.)

ଦୀର୍ଘ ଏକ ଦଶନ୍ଧିର ବ୍ୟବଧାନ ପରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ଦେଶରେ ଆୟୋଜିତ ହେବାକୁ ଯାଉଛି। ଆଗାମୀ ନଭେମ୍ବର ୧୫ ତାରିଖଠାରୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଏଠାରେ ଅନୁଷ୍ଠିତ ହେବ। ଏ ନେଇ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଶୁକ୍ରବାର କହିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ଅଂଶଗ୍ରହଣକାରୀ ଦଳମାନେ ପହଞ୍ଚିବେ। ଅନ୍ତିମ ଥର ୨୦୦୬ରେ ଏହି ଇଭେଣ୍ଟରେ ଦେଶରେ ଆୟୋଜିତ ହୋଇଥିଲା।

■ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ନିର୍ବାଚନ

# ସୁମିତ୍ରା ସଭାପତି, ପ୍ରସନ୍ନ ସମ୍ପାଦକ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ନିର୍ବାଚନ ଶୁକ୍ରବାର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସୁମିତ୍ରା ତ୍ରିପାଠୀ ନୂଆ ସଭାପତି ହୋଇଥିବାବେଳେ ପ୍ରସନ୍ନ ମହାସୁଆର ସାଧାରଣ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଆସନ୍ତା ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଅନ୍ୟ କର୍ମକର୍ତ୍ତାମାନେ ହେଲେ ମହମ୍ମଦ କୁତ୍‌ବୁଦ୍ଦିନ କାର୍ଯ୍ୟକାରୀ ସଭାପତି, ବାବୁଲି ସ୍ୱାଇଁ କାର୍ଯ୍ୟନିର୍ବାହୀ ଉପ ସଭାପତି, ଡ.ଭାରତୀକୃଷ୍ଣ ବ୍ରହ୍ମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସତ୍ୟନାରାୟଣ ମହାନ୍ତି, ନାରାୟଣ ଚନ୍ଦ୍ର ବେହେରା, ବିଜୟ କୁମାର ଦାସ, ବିରଜା ଦାସ, ବିପିନ ଦାସ, ଜି.ସଞ୍ଜୀବ କୁମାର, ବିଶ୍ୱମ୍ବର ବହିଦାର(ସମସ୍ତେ ଉପ ସଭାପତି), ତରୁଣ କୁମାର ଚାଟାର୍ଜୀ କୋଷାଧ୍ୟକ୍ଷ, ପ୍ରଫୁଲ୍ଲ କୁମାର ଗୁରୁ ଓ ଆର.କେ. ମନୋଜ(ଉଭୟେ ଯୁଗ୍ମ ସମ୍ପାଦକ)। ସଞ୍ଜୟ ଶତପଥୀ, ପ୍ରଶାନ୍ତ କୁମାର ରାଉତ, ଲଲାଟେନ୍ଦୁ ପାତ୍ର, ଅଶୋକ କୁମାର ନାୟକ, ଉମା ଚରଣ ଶତପଥୀ ଆୟୋଜକ କମିଟି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ନବ କୁମାର ସାହୁ, ରାଜ କିଶୋର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ତୁଷାରକାନ୍ତ ଦାସ, ସୁଦର୍ଶନ ବେହେରା, ଅସିତ୍ ଅମିତାଭ ସାମଲ, ଭବାନୀ ଶଙ୍କର ସାହୁ, କେଦାରନାଥ ରାଉତ, ମନୋଜ କୁମାର ଦାସ, ବିନୋଦ କୁମାର ମହାରଣା, ଜିତେନ୍ଦ୍ର କୁମାର ଜେନା, ବିବେକାନନ୍ଦ ବାରିକ, ଦିବାକର ପ୍ରହରାଜ, ପାର୍ଥସାରଥୀ ନାୟକ ଓ ନୃସିଂହ ଚରଣ ପାଣିଗ୍ରାହୀ କାର୍ଯ୍ୟକାରୀ ସଭ୍ୟରୂପେ ନିର୍ବାଚିତ ହୋଇଛନ୍ତି।




ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ନିର୍ବାଚନ ପରେ କର୍ମକର୍ତ୍ତାମାନେ।

# ବାଳିକା ଫୁଟ୍‌ବଲ: ଭାରତୀୟ ଦଳର ପରାଜୟ

ଉଲାନ ବତାର, ୨୧।୯ (ପି.ଟି.)

ଏଠାରେ ଚାଲିଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ୧-୨ ଗୋଲରେ ମଙ୍ଗୋଲିଆଠାରୁ ହାରିଯାଇଛି। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍ ବି' ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ହରାଇ ଲାଓସ ପଛକୁ ଦ୍ୱିତୀୟକୁ ଖସି ଆସିଛି। ଲାଓସ ତିନୋଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରିସାରିଥିବା ବେଳେ ଭାରତ ସମାନ ସଂଖ୍ୟକ ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି। ରବିବାର ଭାରତ ଓ ଲାଓସ ଗ୍ରୁପ୍ ପର୍ଯ୍ୟାୟରେ ସେମାନଙ୍କ ଶେଷ ମ୍ୟାଚ ଖେଳିବେ। ଏଥିରେ ଯଦି ଭାରତ ବିଜୟ ଲାଭ କରେ ତେବେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିପାରିବ। ଆଭେକା ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଅଧଘଣ୍ଟା ପରେ ମଙ୍ଗୋଲିଆର ଗାଣ୍ଟାମର ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଏହା ପରେ ଭାରତ ପଛକୁ ପଛ ଦୁଇଟି ସୁଯୋଗ ପାଇଥିଲେ ମଧ ମଙ୍ଗୋଲିଆ ଦଳର ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ ପ୍ରତିରୋଧ ଯୋଗୁ ଗୋଲ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ଦୁର୍ବଳତା ସୁଯୋଗ ନେଇ ଖେଳର ୭୦ ମିନିଟ ସମୟରେ ଖୁଲାଙ୍ଗୁ ମଙ୍ଗୋଲିଆ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

ଧରିତ୍ରୀ
DHARITRI
ଶନିବାର, ୨୨ ସେପ୍ଟେମ୍ବର, ୨୦୧୮



ବିଚିତ୍ର ଚୟନ ନୀତି ଯୋଗୁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ସୌରଭ ଚୌଧାରୀଙ୍କୁ ଜାତୀୟ ଦଳରୁ ଗୋଟିଏ ବର୍ଷ ବଞ୍ଚିତ ହେବାକୁ ପଡ଼ିଥିଲା ।
–ଯଶପାଲ ରାଣା, ଭାରତର ଜୁନିୟର ଶୁଟିଂ କୋଚ୍



ଆଇପିଏଲ ଓ ବିଗ୍ ବାଶ୍ ଭଳି ଟୁର୍ନାମେଣ୍ଟ ପ୍ରତି ଲକ୍ଷ୍ୟ ରଖି ଆମ ଖେଳାଳିମାନେ ଟି ୨୦କୁ ନୁହେଁ ବରଂ ୫୦ ଓଭର ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।
–ଆଣ୍ଡ୍ରୁ ମୋଲ୍ସ, ଆଫଗାନିସ୍ତାନ ୧୯ ବର୍ଷରୁ କମ୍ କ୍ରିକେଟ କୋଚ୍



## ସଂକ୍ଷେପରେ

### ଆଫଗାନିସ୍ତାନର ଚମତ୍କାର ବ୍ୟାଟିଂ

ଆବୁଧାବି, ୨୧।୯(ପି.ଟି.): ଚଳିତ ଏସିଆ କପ୍‌ର ଦ୍ୱିତୀୟ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନର ସମ୍ମାନଜନକ ସ୍କୋର ହାସଲ କରିଛି। ଦଳ ତରଫରୁ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହସମାତୁଲ୍ଲା ସହିଦି ଅପରାଜିତ ୯୭, ଅଧିନାୟକ ଅସଘର ଆଫଗାନ ୬୭, ରହମତ ଶାହ ୩୬ ରନ ସଂଗ୍ରହ କରିଛନ୍ତି। ବୋଲିଂରେ ପାକିସ୍ତାନ ତରଫରୁ ମହମ୍ମଦ ନୱାଜ ୩, ଶାହିନ ଆଫ୍ରିଦି ୨, ହାସନ ଅଲୀ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ମ୍ୟାଚ ଅଧାରୁ ବାତିଲ

କଲମ୍ବୋ, ୨୧।୯ (ପି.ଟି.): ପ୍ରବଳ ବର୍ଷା ଯୋଗୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ଖେଳାଯିବାକୁଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ବର୍ଷା କାରଣରୁ ମ୍ୟାଚ ଅଧଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଭାରତ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ଏକଦା ୭.୫ ଓଭରରେ ୩ ଉଇକେଟ ବିନିମୟରେ ୪୯ରନ କରିଥିବା ବେଳେ ପ୍ରବଳ ବର୍ଷା ହେବାରୁ ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ୧୩ ରନରେ ବିଜୟ ଲାଭ କରିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜର ତୃତୀୟ ମ୍ୟାଚ ଏଠାରେ ଶନିବାର ଖେଳାଯିବ।

# ଏସିଆ କପ୍ କ୍ରିକେଟ: ଭାରତର କ୍ରମାଗତ ତୃତୀୟ ବିଜୟ

ଦୁବାଇ, ୨୧।୯(ପି.ଟି.)

ପ୍ରତ୍ୟାବର୍ତ୍ତନରେ ରବୀନ୍ଦ୍ର ଜାଡେଜାଙ୍କ ଦମ୍‌ଦାର ବୋଲିଂ ଓ ଅଧିନାୟକ ରୋହିତ ଶର୍ମାଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଏସିଆ କପ୍ ସୁପର–୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୮୨ଟି ବଲ ବାକି ଥାଇ ୭ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଏହା ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ହଂକଂ ଓ ପାକିସ୍ତାନକୁ ହରାଇଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୪୯.୧ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୩୬.୨ ଓଭରରେ ୩ ଉଇକେଟ ହରାଇ ୧୭୪ ରନ କରି ବିଜୟ ହାସଲ କରିଛି। ୧୦୪ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ରୋହିତ ୮୩ ରନ କରି ଅପରାଜିତ ରହିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଓପନର ଶିଖର ଧାୱନ ୪୦, ଅମ୍ବାତି ରାୟୁଡୁ ୧୩ ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ରନ କରି ଆଉଟ ହୋଇଥିଲେ। ଦୀନେଶ କାର୍ତ୍ତିକ ୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ମାଶ୍ରାଫି ମୋର୍ତ୍ତାଜା, ସାକିବ ଅଲ ହାସନ ଓ ରୁବେଲ ହୋସେନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୨୯ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇଥିବା ଜାଡେଜାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଛି।



ଉଇକେଟ ହାସଲ ପରେ ଉଲ୍ଲସିତ ରବୀନ୍ଦ୍ର ଜାଡେଜା (ଡାହାଣ)।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୬୫ ରନରେ ୫ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଲିଟନ ଦାସ ଓ ନାଜମୁଲ ହୋସେନ ସାଣ୍ଟୋ ୭ ରନ ଲେଖାଏ ସଂଗ୍ରହ କରି ଯଥାକ୍ରମେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କ ଶିକାର ହୋଇଥିଲେ। ଏହାପରେ ସାକିବ ଅଲ ହାସନ ୧୭, ମହମ୍ମଦ ମିଥୁନ ୯ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ୨୧ ରନ କରି ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମହମୁଦୁଲ୍ଲା ୨୫, ମୋସାଡେକ ହୋସେନ ୧୨, ମୋର୍ତ୍ତାଜା ୨୬, ମେହେଦୀ ହାସନ ମିରାଜ ୪୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଜାଡେଜା ସର୍ବାଧିକ ୪, ଭୁବନେଶ୍ୱର ଓ ବୁମରା ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ବାଂଲାଦେଶ ୪୯.୧ ଓଭରରେ ୧୭୩ ଅଲଆଉଟ୍(ମିରାଜ– ୪୨, ମୋର୍ତ୍ତାଜା– ୨୬, ମହମୁଦୁଲ୍ଲା– ୨୫, ମୁସ୍‌ଫିକର– ୨୧, ସାକିବ– ୧୭, ଜାଡେଜା– ୪/୨୯, ଭୁବନେଶ୍ୱର– ୩/୩୨, ବୁମରା– ୩/୩୭)।

ଭାରତ ୩୬.୨ ଓଭରରେ ୧୭୪/୩ (ରୋହିତ– ୮୩*, ଧାୱନ– ୪୦, ଧୋନୀ– ୩୩, ମୋର୍ତ୍ତାଜା– ୧/୩୦, ସାକିବ– ୧/୪୪, ରୁବେଲ– ୧/୨୧)।

# କରୁଣ ନାୟାର ବୋର୍ଡ ଏକାଦଶ ଅଧିନାୟକ

ନୂଆଦିଲ୍ଲୀ, ୨୧।୯ (ପି.ଟି.)

ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ୱାର୍ମ ଅପ୍ ମ୍ୟାଚ ପାଇଁ ବ୍ୟାଟ୍ସମ୍ୟାନ କରୁଣ ନାୟାରଙ୍କୁ ଶୁକ୍ରବାର ବୋର୍ଡ ସଭାପତି ଏକାଦଶ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦୁଇ ଦିନିଆ କ୍ରିକେଟ ମ୍ୟାଚ ଭଦୋଦରାଠାରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ସିଲେକ୍ସନ କମିଟି ମ୍ୟାଚ ପାଇଁ ୧୩ ଜଣିଆ ଦଳ ମନୋନୟନ କରିଛି। ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ସେପ୍ଟେମ୍ବର ୨୬ରୁ ଆରମ୍ଭ କରି ପ୍ରାୟ ୭ ସପ୍ତାହ ଧରି ଭାରତରେ ରହିବ। ଦଳ ଭାରତରେ ଦୁଇଟି ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଓପନିଂ ଟେଷ୍ଟ ରାଜକୋଟଠାରେ ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ହାଇଦ୍ରାବାଦଠାରେ ଅକ୍ଟୋବର ୧୨ରୁ ୧୬ ପର୍ଯ୍ୟନ୍ତ ହେବ। ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୧ରୁ ଗୁଆହାଟୀଠାରେ ଆରମ୍ଭ ହେବ। ଏହା ପରେ ଦ୍ୱିତୀୟ ଦିନିକିଆ ଅକ୍ଟୋବର ୨୪ରେ ଇନ୍ଦୋରଠାରେ ଏବଂ ତୃତୀୟ ଦିନିକିଆ ଅକ୍ଟୋବର ୨୭ରେ ପୁଣେଠାରେ ଖେଳାଯିବ। ଶେଷ ଦୁଇଟି ଦିନିକିଆ ଯଥାକ୍ରମେ ମୁମ୍ବାଇ ଓ ଥିରୁଭାନନ୍ତପୁରମରେ ଯଥାକ୍ରମେ ଅକ୍ଟୋବର ୨୯ ଓ ନଭେମ୍ବର ୧ରେ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ଶେଷ ହେବା ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ କଲିକତା (ନଭେମ୍ବର ୪), ଲକ୍ଷ୍ନୌ (ନଭେମ୍ବର ୬) ଓ ମାଡ୍ରାସ (ନଭେମ୍ବର ୧୧)ଠାରେ ଖେଳାଯିବ। ବୋର୍ଡ ସଭାପତି ଏକାଦଶ: ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ', ହନୁମା ବିହାରୀ, କରୁଣ ନାୟାର(ଅଧିନାୟକ), ଶ୍ରେୟାସ ଆୟାର, ଅଙ୍କିତ ବାଓନେ, ଇଶାନ କିଷାନ (ଉଇକେଟକିପର), ଜଲଜ ସାକ୍‌ସେନା, ସୌରଭ କୁମାର, ବସିଲ ଥାମ୍ପି, ଆଭେଶ ଖାଁ, କେ. ବିଗ୍ନେଶ, ଇଶାନ ପୋରେଲ।

# ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଲେ ଶୁଭେନ୍ଦୁ



ଫିଫ ଇନ୍‌ଷ୍ଟ୍ରକ୍ଟର କିମ୍ ପୌଲସେନଙ୍କ ସହ ଶୁଭେନ୍ଦୁ ପଣ୍ଡା।

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)

ଗୋଆରେ ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଛନ୍ତି ଓଡ଼ିଶାର ଶୁଭେନ୍ଦୁ ପଣ୍ଡା। ଏଥିରେ ଭାରତର ୧୯ ଜଣ ଏଲିଟ୍ କୋଚ୍ ଅଂଶଗ୍ରହଣ କରିଥିଲେ। ଫିଫା ଇନ୍‌ଷ୍ଟ୍ରକ୍ଟର ଡେନ୍‌ମାର୍କର କିମ୍ ପୌଲସେନ ଇନ୍‌ଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଇଥିଲେ। ଫିଫା ଓ ଏଆଇଏଫଏଫର ମିଳିତ ଆନୁକୂଲ୍ୟରେ ଏହି କୋର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଆଇଏଫଏଫ ପକ୍ଷରୁ ଦେଶର ଶ୍ରେଷ୍ଠ କୋଚ୍‌ମାନଙ୍କୁ ଏହି କୋର୍ସ ପାଇଁ ମନୋନୀତ କରାଯାଇଥିଲା। ଶୁଭେନ୍ଦୁ ବର୍ତ୍ତମାନ ୧୫ ବର୍ଷରୁ କମ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ପ୍ରଥମ ଭାରତୀୟ କୋଚ୍ ଭାବେ ଫୁଟବଲ ପିରିଓଡିସେସନ ବିଶେଷଜ୍ଞ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶାର ପ୍ରଥମ କୋଚ୍ ଭାବେ ଫିଫାର ଏଲିଟ୍ କୋର୍ସ କରିଛନ୍ତି। କିମ୍ ଜଣେ ଅତ୍ୟନ୍ତ ଅଭିଜ୍ଞ ଇନ୍‌ଷ୍ଟ୍ରକ୍ଟର। କୋର୍ସ ଅବସରରେ ସେ ୟୁଥ୍ ଓ ପ୍ରଫେସନାଲ ପିଲାଙ୍କ ଟ୍ରେନିଂ ଶୈଳୀରେ ଭିନ୍ନତା, ପୂରା ସିଜନ ପାଇଁ କିପରି ଟ୍ରେନିଂ ଡିଜାଇନ୍ ପ୍ରସ୍ତୁତ କରାଯିବ, ଫୁଟବଲ ସଂସ୍କୃତିରେ କିପରି ଉନ୍ନତି ଅଣାଯିବ ଆଦି ଉପରେ ବିଶେଷ ଶିକ୍ଷା ଦେଇଥିଲେ। ଏହି କୋର୍ସ କରିବା ଫଳରେ ଅନେକ ଅନୁଭୂତି ହୋଇଛି ଏବଂ ଅଭିଜ୍ଞତା ମିଳିଛି ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି।

# ତୀରନ୍ଦାଜୀ କୋଚ୍ ତେଜାଙ୍କ ଇସ୍ତଫା

ଚଣ୍ଡିଗଡ଼, ୨୧।୯(ପି.ଟି.)

ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରତ୍ୟାଶୀ ତାଲିକାରୁ ବାଦ୍ ପଡିବା ପରେ ତୀରନ୍ଦାଜୀ ତଥା କମ୍ପାଉଣ୍ଡ ଆର୍ଚେରୀ କୋଚ୍ ଜୀବନଜୋତ ସିଂ ତେଜା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମୁଁ ଭାରତୀୟ ଆର୍ଚେରୀ ଟିମ୍ କୋଚ୍ ପଦରୁ ଇସ୍ତଫା ଦେଇଛି ବୋଲି ତେଜା କହିଛନ୍ତି। ମୋ ପ୍ରତି ଅନ୍ୟାୟ ହୋଇଛି ବୋଲି ସେ କହିଛନ୍ତି। ମୁଁ ଏହି ପୁରସ୍କାର ପାଇ ଦାବି କରୁ ନ ଥିଲି, କିନ୍ତୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗତ ଏସିଆନ ଗେମ୍ସ ଅବସରରେ ସେ ଜାତୀୟ କମ୍ପାଉଣ୍ଡ ହେଡ୍ କୋଚ୍ ହିସାବରେ ଜାକର୍ତ୍ତା ଗସ୍ତ କରିଥିଲେ। ତଥାକଥିତ ବିଶୃଙ୍ଖଳା ପାଇଁ ମୋତେ ଆର୍ଚେରୀ ଆସୋସିଏଶନ ଅଫ ଇଣ୍ଡିଆ ତରଫରୁ ଗୋଟିଏ ବର୍ଷ ବାସନ୍ଦ କରିଥିବା ମାମଲା ଏବେ ଅତୀତ ହେଲାଣି ଓ ପୁଣି ମୋ ବିରୋଧରେ ଅସିଥିବା ଅଭିଯୋଗ ବହୁଦିନ ହେବ ମଧ୍ୟ ଭିତ୍ତିହୀନ ତଥା ଅମୂଳକ ସାବ୍ୟସ୍ତ ହୋଇଛି ବୋଲି ତେଜା କହିଛନ୍ତି। ବାସ୍ତବରେ ମୁଁ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ବିନା କାରଣରେ ମୋତେ ଦଣ୍ଡିତ କରାଯାଇଥିଲା ବୋଲି ତେଜା କହିଛନ୍ତି।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଜଣେ କ୍ରୀଡ଼ାବିତ୍ ହୋଇଥିବାରୁ ଏହି କଥା ଭଲ ଭାବେ ହୃଦୟଙ୍ଗମ କରିଥିବେ । ଏବେ ମୋତେ ଜଣେ ଦୋଷୀ କିମ୍ବା ଚୋର ବୋଲି ସାବ୍ୟସ୍ତ କରାଯାଉଛି। ଏବେ ମୁଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବି ବୋଲି ସେ କହିଛନ୍ତି। ଦ୍ରୋଣାଚାର୍ଯ୍ୟ ପ୍ରତ୍ୟାଶୀ ତାଲିକାରୁ ମୋ ନାମ ବାଦ ଦେବା ନେଇ ପୁନର୍ବିଚାର କରିବାକୁ ୩ଜଣ ଅର୍ଜୁନ ପୁରସ୍କାର ବିଜେତା ପ୍ରସ୍ତାବ ଦେଇଥିଲେ ବୋଲି ତେଜା ଦାବି କରିଛନ୍ତି।

୨୦୧୫ରେ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସ ପାଇଁ ତେଜା ଭାରତୀୟ ଟିମ୍ ମୁଖ୍ୟ କୋଚ୍ ହିସାବରେ ଯାତ୍ରା କରିଥିଲେ। ତେବେ ଇଭେଣ୍ଟ ସମୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଫଳରେ ଦଳ ବିଳମ୍ବରେ ପହଞ୍ଚିଥିଲା। ଫଳରେ ଦଳ ଅଳ୍ପକେ ବ୍ରୋଞ୍ଜ୍ ପଦକ ହରାଇଥିଲା। ଏହି କାରଣ ଯୋଗୁ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ତାଙ୍କୁ ୩ ବର୍ଷ ବାସନ୍ଦ କରିଥିଲା। ତେବେ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ) ତାଙ୍କ ଉପରେ ଗୋଟିଏ ବର୍ଷ ବାସନ୍ଦାଦେଶ ଜାରି କରିଥିଲା। ଏଆଇୟୁ ପରେ ଏହି ବାସନ୍ଦ ଅବଧିକୁ ଦେଢ ବର୍ଷକୁ କମାଇ ଦେଇଥିଲା। କାରଣ ସେମାନେ ଜାଣିଥିଲେ ଯେ, ଏଥିପାଇଁ ମୋର କୌଣସି ଦୋଷ ନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣାଥିଲା ଓ ମୁଁ ଜାଣିଶୁଣି ଏପରି କରି ନ ଥିଲି। ଚିଫ୍ ଡି ମିଶନ ଟାଇମିଂ ପରିବର୍ତ୍ତନ ସମ୍ପର୍କରେ ଜାଣିଥିଲେ ଓ ଆମକୁ ଏ ବିଷୟରେ ସୂଚନା ଦେଇ ନ ଥିଲେ ବୋଲି ତେଜା କହିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଶିକ୍ଷଣରେ ୪ ବର୍ଷଧରି ଉଲ୍ଲେଖନୀୟ ଯୋଗଦାନ ପାଇଁ କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ନଗଦ ୫ ଲକ୍ଷ୍ୟ ଟଙ୍କା ଦିଆଯାଇଥାଏ। ଏ ବର୍ଷ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କ୍ଲାରେନ୍ସ ଲୋବୋ (ହକି), ତରକ ସିହ୍ନା (କ୍ରିକେଟ), ଜୀବନ କୁମାର ଶର୍ମା (ଜୁଡୋ) ଓ ଭି.ଆର. ବିଦ୍ଦୁ (ଆଥଲେଟିକ୍ସ)ଙ୍କ ନାମ ସୁପାରିସ୍ କରାଯାଇଛି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କଟକ ଅଫିସ,୨୧।୯

**ବିଜୟ ହଜାରେ ଟ୍ରଫି**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି । ନୂଆଦିଲ୍ଲୀ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଗୁରୁବାର ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଥିବା ଓଡ଼ିଶା ଶୁକ୍ରବାର ୬ ଉଇକେଟରେ କେରଳଠାରୁ ହାରିଛି। ଖରାପ ବ୍ୟାଟିଂ ହିଁ ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। କେରଳ ବିପକ୍ଷରେ ଓଡ଼ିଶା ମାତ୍ର ୧୧୮ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୪ ଉଇକେଟ ହରାଇ କେରଳ ମ୍ୟାଚ୍‌କୁ ଜିତିଥିଲା।

ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳୀୟ ସ୍କୋର ୬ ହୋଇଥିବାବେଳେ ଓଡ଼ିଶା ଦୁଇ ଓପନର ରାଜେଶ ଧୂପର (୪ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୨ରନ୍)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୩ୟ ଉଇକେଟ ଯୋଡ଼ିରେ ୪୮ ରନ୍‌ର ଭାଗୀଦାରି ହୋଇଥିଲା। ୧୩ତମ ଓଭରରେ ଓଡ଼ିଶାର ଦଳୀୟ ସ୍କୋର ୫୦ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରିକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ କେରଳ ବୋଲର। ଗୋବିନ୍ଦ (୨୨ରନ୍) ଓ ଶୁଭ୍ରାଂଶୁ (୨୬ରନ୍)ଙ୍କୁ ଗୋଟିଏ ଓଭର ବ୍ୟବଧାନରେ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ଓଡ଼ିଶାର ସ୍କୋର ୪ ଉଇକେଟରେ ୫୮ରନ୍‌ରେ ପହଞ୍ଚିଥିଲା। ପରେ ଅଭିଷେକ ରାଉତ (୨୩ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ବିପ୍ଲବ ସାମନ୍ତରାୟ ୬, ଉଇକେଟ କିପର ସୁଜିତ ଲେଙ୍କା ୧୦, ଦୀପକ ବେହେରା ୫, ରାଜେଶ ମହାନ୍ତି ୪, ପପୁ ରାୟ ୬ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୫ରନ୍ କରିଥିଲେ। ୩୪.୪ ଓଭରରେ ସମସ୍ତ ଉଇକେଟ ହରାଇ ଓଡ଼ିଶା ୧୧୭ରନ କରିଥିଲା। କେରଳ ପକ୍ଷରୁ ବାମହାତୀ ଅର୍ଥୋଡକ୍ସ ଅକ୍ଷୟ ଚନ୍ଦ୍ରନ ୪ଟି ଓ ସ୍ପିନର ଜଲଜ ସକ୍ସେନା ୩ଟି ଉଇକେଟ ପାଇଥିଲେ। କେରଳ ଇନିଂସ୍‌ର ପ୍ରାରମ୍ଭରୁ ଓଡ଼ିଶା ମଧ୍ୟ ସ୍ପିନ ବୋଲରଙ୍କ ସହାୟତାରେ ଉଇକେଟ ଦଖଲ କରିଥିଲା। ୨୫ରନ୍‌ରେ କେରଳ ୨ଟି ଉଇକେଟ ହରାଇଥିଲା। ମାତ୍ର ଅଧିନାୟକ ସଚିନ ଓ ଉଇକେଟ କିପର ସଞ୍ଜୁ ସାମସନ ସତର୍କତାର ସହ ବ୍ୟାଟିଂ କରି ଦଳକୁ ବିଜୟୀ କରିବାରେ ସକ୍ଷମ ହୋଇଥିଲେ। ଅଧିନାୟକ ସଚିନ ସର୍ବାଧିକ ୪୧ରନ କରି ପପୁ ରାୟଙ୍କ ଦ୍ୱାରା ଆଉଟ ହୋଇଥିଲେ। ସଞ୍ଜୁ ୨୫ରନ୍‌ରେ ଅଭିଷେକ ରାଉତଙ୍କ ଶିକାର ହୋଇଥିଲେ। ୫ନଂ ବ୍ୟାଟିଂ କ୍ରମରେ କେରଳ ସଲମାନ ନିଜାର ଅପରାଜିତ ୩୧ରନ୍ କରିଥିଲେ। ୩୭.୩ ଓଭରରେ ୪ ଉଇକେଟ ହରାଇ କେରଳ ବିଜୟୀ ହୋଇଥିଲା। ପପୁ ରାୟ ୨୫ରନ୍ ବିନିମୟରେ ୨ଟି ଉଇକେଟ ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୧୧୭/ଅଲଆଉଟ୍ (ଶୁଭ୍ରାଂଶୁ ସେନାପତି–୨୬, ଅଭିଷେକ ରାଉତ–୨୩, ଅକ୍ଷୟ ଚନ୍ଦ୍ରନ–୪/୨୯)। କେରଳ: ୧୧୮/୪( ସଚିନ ବେବି ୪୧, ସଲମାନ ନିଜାର–୩୧, ପପୁ ରାୟ–୨/୨୫)।

### କିଡ଼ାମ୍ବି, ସିନ୍ଧୁ ଆଉଟ୍

ଚାଙ୍ଗଝୋଉ,୨୧।୯

ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଚାଇନା ଓପନର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଶ୍ରୀକାନ୍ତ ୯–୨୧, ୧୧–୨୧ ଗେମ୍‌ରେ ଜାପାନର କେଣ୍ଟୋ ମୋମୋଟାଙ୍କଠାରୁ ହାରି ଯାଇଛନ୍ତି। ଚଳିତ ବର୍ଷ ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ କ୍ରମାଗତ ୩ୟ ପରାଜୟ। ସେହିଭଳି ମହିଳା ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ପର୍ଯ୍ୟାୟ ମ୍ୟାଚ୍‌ରେ ସିନ୍ଧୁଙ୍କୁ ୧୧–୨୧, ୨୧–୧୧, ୧୫–୨୧ ଗେମ୍‌ରେ ବିଶ୍ୱର ୬ ନଂ ଚେନ ୟୁଫେଇ ପରାସ୍ତ କରିଛନ୍ତି।

### ଇଣ୍ଡିଆ ଗ୍ରୀନ୍‌ରେ ସୁଶ୍ରୀ, ବ୍ଲୁରେ ଅଞ୍ଜଳି, ରୀମାଲକ୍ଷ୍ମୀ

କଟକ ଅଫିସ,୨୧।୯

ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ମହୀଶୂରଠାରେ ୨୩ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ସିରିଜ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ଅନୁଷ୍ଠିତ ଏହି ସିରିଜରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଇଣ୍ଡିଆ ଗ୍ରୀନ ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ, ଇଣ୍ଡିଆ ବ୍ଲୁ ଦଳରେ ଅଞ୍ଜଳି ସିଂ ଓ ରୀମାଲକ୍ଷ୍ମୀ ଏକ୍କାଙ୍କୁ ସୁଯୋଗ ମିଳିଛି। ଏହି ୩ଜଣ ଖେଳାଳି ଗତ ଜାତୀୟ୨୩ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ, ୨୩ବର୍ଷରୁ କମ୍ ପୂର୍ବାଞ୍ଚଳ ଦଳରେ ପ୍ରତିନିଧିତ୍ୱ କରିବା ସହ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅକ୍ଟୋବର ୨ ତାରିଖରେ ଏହି ୩ଜଣ ଖେଳାଳିଙ୍କୁ ମହୀଶୂରରେ ପହଞ୍ଚିବାକୁ କୁହାଯାଇଛି।

# ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଘାଟିତ

ବରଗଡ଼ ଅଫିସ,୨୧।୯





ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଜର୍ଜ ହାଇସ୍କୁଲରେ ଶୁକ୍ରବାର ଅପରାହ୍ନରେ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବରଗଡ଼ ଏମପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପୌର ଉପାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ଆସୋସିଏଶନର ସହକାରୀ ଶାରୀରିକ ଶିକ୍ଷା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦେଇ ବିବରଣୀ ପାଠ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥ, ବରଗଡ଼ ବିଇଓ ସୁଧାଂଶୁ ଶେଖର ମିଶ୍ର, ଅମ୍ବାଭୋନା ବିଇଓ ଟେମେଲାଲ ଦୁବେ, ଭଟଲି ବିଇଓ ଛତ୍ରପତି ସାହୁ, ବରଗଡ଼ ବିଇଓ ଡଃ ରାଧାକାନ୍ତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରତିଯୋଗିତାରେ ରାଜ୍ୟର ୨୮ଟି ଶିକ୍ଷା ଜିଲାରୁ ୮୩୮ଜଣ ପ୍ରତିଯୋଗୀ ଯୋଗଦେଇ ଥିବାବେଳେ ପୁରୀ, ଭଦ୍ରକ ଏବଂ ମାଲକାନଗିରି ଶିକ୍ଷା ଜିଲା ଅନୁପସ୍ଥିତ ଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା ଶପଥ ପାଠ ଓ ପତାକା ଉତ୍ତୋଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ, ଶିକ୍ଷକ ସଦାନନ୍ଦ ଜାଲ, ଉମେଶ ପ୍ରସାଦ ଦାଶ, ଗୋବିନ୍ଦ ସେଠ, ଝରଣା ଦାଶ ପ୍ରମୁଖଙ୍କ ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ଗୋପବନ୍ଧୁ ପୁରୋହିତ, ଡଃ ଡୋଲାମଣି ଶତପଥି, ରୋଜାଲିନ ମିଶ୍ର, ସଙ୍ଗୀତାରାଣୀ ମିଶ୍ର, ମଧୁସ୍ମିତା ଦାଶ, କିଶୋର କୁମାର ପ୍ରଧାନ, ମନସି ପାତ୍ର ପ୍ରମୁଖ ଜିଲାର କଳା, ସଂସ୍କୃତିକୁ ନେଇ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବେଙ୍ଗାଲୁରୁଠାରେ ଚାଲିଥିବା ଫାଇଭ୍–ଏ–ସାଇଡ୍ ଜାତୀୟ ସିନିୟର ମହିଳା ହକି ପ୍ରତିଯୋଗିତାରେ ଶୁକ୍ରବାର ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।



ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଆଦିତ୍ୟ



@ ନରେନ୍



@ ଅଜିତ୍



@ ଅର୍ନବ



@ ବଳିୟାରସିଂ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଝାରସୁଗୁଡ଼ା ବିମାନବନ୍ଦର ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମାରକୀ

## ସ୍ୱାଧୀନତା ପରେ ଅବତରଣ କରିଛନ୍ତି ଅନେକ ନେତା

ଝାରସୁଗୁଡ଼ା ଅଫିସ,୨୧।୯

ଐତିହାସିକ ଝାରସୁଗୁଡ଼ା ବିମାନବନ୍ଦର ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମାରକୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମିତ୍ରଗୋଷ୍ଠୀ ଦେଶସମୂହ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ମୁକାବିଲା ପାଇଁ ଏହି ବିମାନବନ୍ଦର ସ୍ଥାପନ କରି ବ୍ୟବହାର କରୁଥିଲେ। ୧୯୪୭ରେ ଭାରତ ସ୍ୱାଧୀନ ହୋଇଥିଲା। ପରେ ରକ୍ଷଣାବେକ୍ଷଣ ଅଭାବରୁ ଝାରସୁଗୁଡ଼ା ବିମାନବନ୍ଦର ଅବହେଳିତ ହୋଇପଡିଥିଲା। ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଏହା ପରିତ୍ୟକ୍ତ ଭାବେ ପଡିରହିବା ପରେ ୨୦୦୮ରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ(ଏଏଆଇ) ଏହାର ପୁନରୁଦ୍ଧାର ପାଇଁ ଯୋଜନା କରିଥିଲା। ପୁନରୁଦ୍ଧାର ଏବଂ ପୁନଃ କାର୍ଯ୍ୟକ୍ଷମ ଲକ୍ଷ୍ୟରେ ସର୍ଭେ ଏବଂ ଅନୁସନ୍ଧାନ ଆରମ୍ଭ କରାଯାଇଥିଲା। ବିମାନବନ୍ଦରର ଅବସ୍ଥା ଭଲ ନ ଥିବାରୁ ଏଠାରୁ ବାଣିଜ୍ୟକ ବିମାନସେବା ଚଳାଚଳ ଅସମ୍ଭବ ବୋଲି ଏଏଆଇ ପ୍ରକାଶ କରିଥିଲା। ଶେଷରେ ୨୦୧୨ ନଭେମ୍ବର ୨ତାରିଖରେ ଏୟାର ଓଡ଼ିଶା ଝାରସୁଗୁଡ଼ା-ରାଉରକେଲା-ଭୁବନେଶ୍ୱର ମଧ୍ୟରେ ନନ୍-ସିଡ୍ୟୁଲ କମର୍ସିଆଲ ବିମାନସେବା ଆରମ୍ଭ କରିଥିଲା। କିନ୍ତୁ ଲୋକଙ୍କୁ ଏହା ଅଧିକ ଦିନ ସେବା ପ୍ରଦାନ କରି ନ ପାରି ବନ୍ଦ ହୋଇଯାଇଥିଲା। ସେବେଠାରୁ ନୂତନ ବିମାନବନ୍ଦର ସ୍ଥାପନର ମୂଳଦୁଆ ପଡିଥିଲା।



ଝାରସୁଗୁଡ଼ା ବିମାନବନ୍ଦରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

ସୂଚନା ମୁତାବକ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଐତିହାସିକ ବିମାନବନ୍ଦର ବ୍ୟବହାରିକ ଦୃଷ୍ଟିକୋଣରୁ ପଛରେ ରହିଯାଇଥିଲା। ୧୯୪୨ରେ ବ୍ରିଟିଶ ଶାସନ ଦ୍ୱାରା ନିର୍ମିତ ଝାରସୁଗୁଡ଼ା ବିମାନବନ୍ଦର ପାଇଁ ସ୍ଥାନୀୟ ମାଲିମୁଣ୍ଡାର ଜମିଦାର ସ୍ୱର୍ଗତ ଲାଲ ହରିବଂଶ ସିଂହ ଜମି ଦେଇଥିଲେ। ଏହାସହ ଆଖପାଖ ଦୁର୍ଲଗା, ମାଲିମୁଣ୍ଡା ଏବଂ ତାଲମାଲ ଗାଁର ୧୭୯୨ ଏକର ଜମି ଏହି ବିମାନବନ୍ଦର ନିର୍ମାଣ ପାଇଁ ବ୍ରିଟିଶ ସରକାର ନେଇଥିଲେ। କିନ୍ତୁ ଏହି ଜମିକୁ ପରେ ଭିନ୍ନ ଭିନ୍ନ କାମରେ ବ୍ୟବହାର କରାଯାଇଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଏହାର ରକ୍ଷଣାବେକ୍ଷଣ ଦିଗରେ ଅଭାବ ପରିଲକ୍ଷିତ ହୋଇଥିଲା। ତଥାପି ବିଭିନ୍ନ ସମୟରେ ଏହି ବିମାନବନ୍ଦରକୁ ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ବ୍ୟବହାର କରିଛନ୍ତି। ଜବାହରଲାଲ ନେହେରୁ, ଅଟଳ ବିହାରୀ ବାଜପେୟୀ, ଇନ୍ଦିରା ଗାନ୍ଧୀ, ଲାଲକୃଷ୍ଣ ଆଡଭାନୀ, ଯଶବନ୍ତ ସିହ୍ନା ଭଳି ଅନେକ ନେତା ମନ୍ତ୍ରୀ ଏହି ବିମାନବନ୍ଦରରେ ଅବତରଣ କରିଛନ୍ତି।

୨୦୧୩ରେ ରାଜ୍ୟ ସରକାର ବିମାନବନ୍ଦର ବିକାଶ ପାଇଁ ୫୦ କୋଟି ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ବିମାନବନ୍ଦର ପ୍ରାଧିକରଣ ଝାରସୁଗୁଡ଼ା ବିମାନବନ୍ଦରକୁ ଏକ ପୂର୍ଣ୍ଣାଙ୍ଗ ବିମାନବନ୍ଦରରେ ପରିଣତ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ଯେଉଁଥିରେ ନୂତନ ଏଟିସି ଟାୱାର, ୫୫୦୦ ବର୍ଗଫୁଟର ଟର୍ମିନାଲ ବିଲ୍ଡିଂ ନାର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ। ବିମାନବନ୍ଦର ବିକାଶ ପାଇଁ ୩୦ ଜୁଲାଇ ୨୦୧୪ରେ ରାଜ୍ୟ ସରକାର ଏଏଆଇ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ୨୦୧୫ରେ ସେତେବେଳର ଏଏଆଇ ଅଧ୍ୟକ୍ଷ ଆର୍.କେ. ଶ୍ରୀବାସ୍ତବ ବିମାନବନ୍ଦର ପୁନରୁଦ୍ଧାର ପାଇଁ ଭୂମିପୂଜା କରିଥିଲେ। ଚଳିତ ବର୍ଷ ବିମାନ ଚଳାଚଳ ପାଇଁ ଝାରସୁଗୁଡ଼ା ବିମାନବନ୍ଦରକୁ ଲାଇସେନ୍ସ ମିଳିଥିବା ବେଳେ ଶନିବାର ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରୁଛନ୍ତି।

## ବଦଳିଲେ ସାତକୋଶିଆ ଡିଏଫ୍‌ଓ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଏସ୍.ଏମ୍.ଟି. ରହମନଙ୍କୁ ଶୁକ୍ରବାର ବଦଳି କରାଯାଇଛି। ରହମନଙ୍କୁ କଟକ ବନଖଣ୍ଡକୁ ବଦଳି କରାଯାଇଥିବା ବେଳେ ବର୍ତ୍ତମାନ କଟକ ବନଖଣ୍ଡ ଅଧିକାରୀ ଥିବା ସୁଦର୍ଶନ ପାତ୍ରଙ୍କୁ ଢେଙ୍କାନାଳ(ଟେରିଟୋରି)ର ଡିଭିଜନ୍‌କୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ତଥ୍ୟ ପ୍ରମାଣ ଯୋଗାଡ଼ କରୁଛି ପୋଲିସ

**ଏୟାର ଓଡ଼ିଶା ନିର୍ଦ୍ଦେଶକଙ୍କ ନାମରେ ବଳାତ୍କାର ମାମଲା**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ଏୟାର ଓଡ଼ିଶା ନିର୍ଦ୍ଦେଶକ ସନ୍ତୋଷ ପାଣିଙ୍କ ନାମରେ ହୋଇଥିବା ବଳାତ୍କାର ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣା ଦିନ ଯୁବତୀ ଓ ସନ୍ତୋଷ ଯେଉଁ ଯେଉଁ ସ୍ଥାନକୁ ଯାଇଥିଲେ ସେସବୁ ଜାଗାକୁ ପୋଲିସ ଯାଇ ଯାଞ୍ଚ କରିଛି। ଏହାସହ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନକୁ ଯାଇ ପୋଲିସ କିଛି ନମୁନା ସଂଗ୍ରହ କରିଛି। ଗୁରୁବାର ଯୁବତୀ ଜଣକ କହିଥିଲେ ଯେ, ପୋଲିସ ତାଙ୍କୁ ନ୍ୟାୟ ନ ଦେଲେ ସେ ଆତ୍ମହତ୍ୟା କରିବେ। ତେଣୁ ପୋଲିସ ଏବେ ଅଡୁଆରେ ପଡିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସ ତଥ୍ୟ ପ୍ରମାଣ ଯୋଗାଣ କରିବାରେ ଲାଗିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଯୁବତୀ ଓ ସନ୍ତୋଷଙ୍କ ସିଡିଆର ରିପୋର୍ଟ ଆଧାରରେ ତଦନ୍ତ ଚାଲିଛି। ସନ୍ତୋଷଙ୍କ ବିରୋଧରେ ପ୍ରମାଣ ଯୋଗାଡ କରାଯାଉଛି। ଦୁଇ ଜଣଙ୍କ ସିଡିଆର ଓ ଡାକ୍ତରୀ ମାଇନା ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଗିରଫ ଭୟରେ ସନ୍ତୋଷ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଚର୍ଚ୍ଚା ହେଉଛି।

ଏହା ବ୍ୟତୀତ ଯୁବତୀ ଜଣକ ଘଟଣାର ଏକ ମାସ ପରେ କ'ଣ ପାଇଁ ଅଭିଯୋଗ କଲେ ତାହାକୁ ନେଇ ମଧ୍ୟ ପୋଲିସ ସନ୍ଦେହରେ ପଡ଼ିଛି। ତେଣୁ ଉକ୍ତ ଯୁବତୀ ବର୍ତ୍ତମାନ କୋଲକାତାରେ ଯେଉଁ ଚାକିରି କରୁଛନ୍ତି ସେଠାକୁ ଖଣ୍ଡଗିରି ପୋଲିସ ଯାଇ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ତେବେ ଏ ପର୍ଯ୍ୟନ୍ତ ସନ୍ତୋଷଙ୍କୁ ପଚରାଉଚରା କରାଯାଇ ନ ଥିବାରୁ ପୋଲିସର ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି।

# ବିଭିନ୍ନ ସହରରେ ରିଲିଜ୍ ହେଲା 'ମଣ୍ଟୋ'

ନୂଆଦିଲ୍ଲୀ

ଭାରତର ବିଭିନ୍ନ ସହରରେ ଫିଲ୍ମ ଫ୍ରାଇଡେରେ 'ମଣ୍ଟୋ' ମୁକ୍ତିଲାଭ କରିଛି। କିନ୍ତୁ ପ୍ରଥମ ଦିନର ମର୍ନିଂ ଶୋ' ପ୍ରଦର୍ଶିତ ହୋଇପାରି ନ ଥିବାରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାସ ନୈରାଶ୍ୟ ପ୍ରକାଶ କରିଥିଲେ। କିନ୍ତୁ ଅପରାହ୍ନରେ ଫିଲ୍ମ ରିଲିଜ ହେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ବୋଲି ଭାୟକମ୍ ୧୮ ମୋଶନ୍ ପିକ୍ଚର୍ସ ପକ୍ଷରୁ କୁହାଯାଇଛି।

'ମଣ୍ଟୋ' ଫିଲ୍ମ ଏଚ୍‌ପି ଷ୍ଟୁଡିଓ, ଫିଲ୍ମଷ୍ଟକ୍ ଏବଂ ଭାୟକମ୍୧୮ ମୋସନ୍ ପିକ୍ଚର୍ସର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି। ଲେଖକ ସାଦତ୍ ହାସନ୍ ମଣ୍ଟୋଙ୍କ ଅନୁସନ୍ଧାନମୂଳକ ଜୀବନ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ନୱାଜୁଦ୍ଦିନ୍ ସିଦ୍ଦିକି ଏଥିରେ ଚରିତ୍ରକୁ ଜୀବନ୍ତ ରୂପ ଦେଇଛନ୍ତି। ଏହି ଫିଲ୍ମ ଶୁକ୍ରବାର ରିଲିଜ୍ ହୋଇଥିବା ବେଳେ ଏହାର ମର୍ନିଂ ଶୋ' ଦିଲ୍ଲୀ, ନଏଡା, ମୁମ୍ବାଇ, ପୁଣେ ଏବଂ ଅହମ୍ମଦାବାଦ୍ ଭଳି ଅନେକ ନଗରୀରେ ପ୍ରଦର୍ଶିତ ହୋଇପାରି ନ ଥିଲା। ଶୋ' ବାତିଲ ହେବାନେଇ ଅନେକ ଲୋକ ପ୍ରତିକ୍ରିୟା ପ୍ରକାଶ କରି ବ୍ୟକ୍ତିଗତ ମିସେଜ୍ ପଠାଇଥିଲେ। ଏହା ଉପରେ ନନ୍ଦିତା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି-'ଏହା ମୋତେ ଆଘାତ ଦେଇଛି। ଅହମ୍ମଦାବାଦ୍‌ର ଜଣେ ବନ୍ଧୁଙ୍କଠାରୁ ମଧ୍ୟ ମୁଁ ସେଭଳି ମିସେଜ୍ ପାଇଛି। ଏଥିପାଇଁ ମୁଁ ସମଦରଦୀ ଭାବ ପ୍ରକାଶ କରୁଛି।'



# ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ଆସି ସକାଳ ପ୍ରାୟ ୮ଟା ୫୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ପରେ ଏଠାରୁ ସିଧା ତାଳଚେର ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବିମାନ ବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦର ଏବଂ ଏହା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୪୦ ଅଫିସର ମୁତୟନ ହେବେ।

ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଆପତକାଳୀନ ଯୋଜନା କରାଯାଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସିଧା ତାଳଚେର ଯିବାକୁ ଥିବାବେଳେ ଯଦି କୌଣସି କାରଣ ବଶତଃ ବିମାନରେ ଯିବା ବାତିଲ ହୁଏ କିମ୍ବା ପ୍ରଧାନମନ୍ତ୍ରୀ ରାଜଭବନକୁ ଯିବାକୁ ଚାହାନ୍ତି, ତେବେ ତାଙ୍କୁ ବାଇ ରୁଟ୍‌ରେ ନିଆଯିବ।


**Central University of Orissa**
(Established Under the Act of Parliament, 2009)
Landiguda, Dist.Koraput, Odisha. Pin.: 764 021
06852-288235/288238, Fax.06852-288225

Ref No: CUO/Admn./SC/105 Dt-18.09.2018

**NOTICE INVITING TENDER**

The Central University of Orissa, desires to allot 04 (four) no. of shops in the temporary 'Shopping Complex' at its Sunabeda Campus, Dist – Koraput on monthly rental basis. Sealed Tenders are invited from the agencies who are interested to take the shops on monthly rental basis. The last date for submission of Tender will be 17/10/2018 1500Hrs. For further details please log on to our website www.cuo.ac.in.

Sd/- Registrar


## ଭିମସାରରେ ୯୦.୨୫ ଲକ୍ଷର ସିୟୁଏସଏ ମେଶିନ ଅକାମୀ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଭିମସାର), ବୁର୍ଲା ପାଇଁ ୯୦.୨୫ ଲକ୍ଷ ଟଙ୍କାରେ କିଣା ଯାଇଥିବା ଗୋଟିଏ କ୍ୟାଭିଟ୍ରନ ଅଲଟ୍ରାସୋନିକ୍ ସର୍ଜିକାଲ ଆସ୍ପାଇରେଟ୍‌ର(ସିୟୁଏସ୍‌ଏ) ମେଶିନ ଅକାମୀ ହୋଇପଡିଛି। ଡାକ୍ତରଙ୍କ ପ୍ରଶିକ୍ଷଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମେଶିନଟି କ୍ରୟ ହେବା ଦିନଠାରୁ ୨୦୧୭ ଜାନୁୟାରୀ ଯାଏ ଦୀର୍ଘ ୩ବର୍ଷ ହେଲା ଅକାମୀ ହୋଇ ପଡିରହିଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ କ୍ରୟ ଆଦେଶକ୍ରମେ ଡିସେମ୍ବର ୨୦୧୩ରେ କୋଲକତାର ମେସର୍ସ ମେଡିକାଲ ଆଣ୍ଡ କମ୍ପାନୀଠାରୁ ଏହି ମେଶିନ୍ କିଣାଯାଇଥିଲା। ଏହି ମେଶିନର ମୂଲ୍ୟ ୯୯.୭୪ ଲକ୍ଷ ଟଙ୍କା। କିନ୍ତୁ ଭିମସାର ଅଧୀକ୍ଷକ ସେତେବେଳେ କମ୍ପାନୀକୁ ୯୦.୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅବଶିଷ୍ଟ ଟଙ୍କା ମେଶିନ ଚାଲିଲା ପରେ ଦିଆଯିବ ବୋଲି ଚୁକ୍ତି ହୋଇଥିଲା। ଏହି ମେଶିନ ଅତ୍ୟାଧୁନିକ ଥିଲା। ରାଜ୍ୟର ଅନ୍ୟ କୌଣସି ସରକାରୀ ଚିକିତ୍ସାଳୟରେ ଏଭଳି ମେଶିନ୍ ସଂସ୍ଥାପନ ହୋଇ ନ ଥିଲା। ପ୍ରଥମ ଥର ପାଇଁ ଭିମସାରରେ ଏହି ମେଶିନ୍ ସଂସ୍ଥାପନ କରାଗଲା। ସର୍ତ୍ତ ଅନୁଯାୟୀ କମ୍ପାନୀ ୨ ଡାକ୍ତରଙ୍କୁ ମେଶିନ୍ ଚଳାଇବା ଉପରେ ପ୍ରଶିକ୍ଷଣ ଦେବାର ଥିଲା। କମ୍ପାନୀ କର୍ତ୍ତୃପକ୍ଷ ପ୍ରଶିକ୍ଷଣ ଦେବା ପାଇଁ ଦୁଇଜଣ ଡାକ୍ତରଙ୍କ ନାମ ସୁପାରିସ କରିବାକୁ କହିଥିଲେ। ମେଶିନ ପରିଚାଳନା ଉଦ୍ଦେଶ୍ୟରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ପାଇଁ ମନୋନୟନ କରିବାରେ ତତ୍କାଳୀନ ଭିମସାର ଅଧୀକ୍ଷକ ବିଫଳ ହେବାରୁ ୯୦.୨୫ ଲକ୍ଷ ଟଙ୍କାର ମେଶିନ ଅବ୍ୟବହୃତ ହୋଇ ପଡ଼ିରହିଛି।


**PARADIP PORT TRUST**

**e-TENDER CALL NOTICE**

Name of the work : **"Construction of Modular Work Station at Administrative Building".** Estimated cost put to tender **₹.3,15,37,754.63**. Last date & time of submission of Bid **dt.10.10.2018 at 16:00 Hrs**. For details please refer our website **https://eprocure.gov.in/eprocure/app**

Executive Engineer
Roads & Building Division
PPT/PR/356/18-19 Dt.21.09.2018

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE No.EM/MM/P/HW/05/2018/1808TDR162, DT.18/08/2018 FOR SUPPLY OF HARDWARE MATERIALS**

The due date of submission of Tender & opening of Technical Bid is hereby further extended as below. 1. Last Date of submission of tender upto:5.00PM of Dt. **03/10/2018. 2.** Opening of EMD Bid at 3.30 PM of Dt.**05/10/2018**. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned

Sr. Dy. Materials Manager
PPT/PR/358/18-19, Dt.21/09/2018

**OFFICE OF THE DISTRICT EDUCATION OFFICER, GAJAPATI**

No. 8479/2018 **NOTICE** Dated 18.09.2018

**OPEN TENDER**

Sealed tenders are invited from the intending firms for supply of articles to 07 OAVs which will be submitted to the District Education Officer, Gajapati by 03.10.2018, 5PM. The tender paper may be downloaded from the District website www.gajapati.nic.in.

The details of items with specification terms and conditions of the tender available in the District website i.e. www.gajapati.nic.in

*Sd./- Collector-cum-Chairperson, Odisha Adarsha Vidyalaya, Gajapati*

**Odisha Livestock Resources Development Society**
**OBPI Campus, Siripur, Bhubaneswar- 751003**
Tel. No. 0674-2397985, Email: olrdsahd@gmail.com
Website: www.olrds.com

**INVITATION FOR EXPRESSION OF INTEREST**

**"Printing of Nakul Swasthya Patra (Animal Health Card) under Pashu Sanjevani Component of National Mission on Bovine Productivity (NMBP)"**

**No. CAD-866:-** Odisha Livestock Resources Development Society (OLRDS), Bhubaneswar invites "EXPRESSION OF INTEREST" from Private firms in prescribed format in sealed cover superscribing "Printing of Nakul Swasthya Patra (Animal Health Card) under Pashu Sanjevani Component of National Mission on Bovine Productivity (NMBP)" on or before 06.10.2018, 1.00PM. The details in this regard can be downloaded from the website of OLRDS: www.olrds.com.

06061/11/0008/1819

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)

**National Competitive Bidding through e-Procurement**

Bid Identification No. 11/EE/RWSS/ANGUL/2018-19 Dt. 12.09.2018 (DMF)

**No. 766-O:-** The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

| | | |
|---|---|---|
| Nature of Work | : | Rural Piped Water Supply Schemes. |
| 1. No. of Tenders | : | 17 Nos. |
| 2. Tender Paper Cost | : | Rs. 6,000.00 to Rs. 10,000.00 |
| 3. Value of work | : | Rs. 249.34 Lakhs to Rs. 31.49 Lakhs |
| 4. Class of Contractor | : | "C", "B", & "A" Class |
| 5. Date & time of availability of bid document in portal | : | 25.09.2018 at 11.00 hours to 04.10.2018 upto 17.00 hours |
| 6. Date & time of seeking tender clarification | : | 29.09.2018 upto 17.00 hours |
| 7. Date & time of opening of tender & verification of original document | : | 05.10.2018 at 15.00 hours in the Office of the Executive Engineer, RWS&S Division, Angul, at: Talcher |
| 8. Time of completion | : | 4 (Four) to 6 (Six) Calendar Months |

9. The bidders have to participate in online biding only. Further details can be seen from the website https://www.tendersodisha.gov.in.
10. Corrigendum if any shall be published in the above website only.

*Sd./- Executive Engineer, RWS&S Division, Angul at Talcher*

25019/11/0017/1819

# ସୋସିଆଲ୍ ମିଡିଆ ଆନାଲିଷ୍ଟ

**ସାମ୍ପ୍ରତିକ ସମୟରେ ଏହି ସୋସିଆଲ୍ ମିଡିଆ ଆନାଲିସିସ୍ କ୍ଷେତ୍ରରେ କ୍ୟାରିୟର ସୁଯୋଗ କିପରି ରହିଛି, ଏହାର ଭୂମିକା କ'ଣ, ଏହାର ଗୁରୁତ୍ୱ ତଥା ନିଯୁକ୍ତି ସୁଯୋଗ ଆଦି ସମ୍ପର୍କରେ ଏଠାରେ ଏକ ସଂକ୍ଷିପ୍ତ ଉପସ୍ଥାପନା...**




## ସୋସିଆଲ୍ ମିଡିଆ ଆନାଲିଟିକ୍ସ କ'ଣ

ଏହା ଏକ ପ୍ରକ୍ରିୟା। ବିଭିନ୍ନ ଗଣମାଧ୍ୟମରୁ ତଥ୍ୟ ସଂଗ୍ରହ କରିବା, ଏହାକୁ ଏକତ୍ର କରିବା, ତର୍ଜମା କରିବା ହେଉଛି ସୋସିଆଲ୍ ମିଡିଆ ଆନାଲିଟିକ୍ସ ପର୍ଯ୍ୟାୟଭୁକ୍ତ। ଏହା ଦ୍ୱାରା ନିଜ ବ୍ରାଣ୍ଡ୍ ସମ୍ପର୍କରେ ଗ୍ରାହକ, ଉପଭୋକ୍ତା ତଥା ଟାର୍ଗେଟ୍ ଅଡିଏନ୍ସମାନଙ୍କ ମନରେ କିପରି ପ୍ରତିକ୍ରିୟା ରହିଛି ତାହା ଆକଳନ କରାଯାଇ ପାରେ। ଏହାକୁ ବ୍ୟବହାର କରି ନିଜର ପରବର୍ତ୍ତୀ ରଣକୌଶଳ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ବିଶେଷ କରି ଏହାକୁ ତିନୋଟି ମୁଖ୍ୟ ସୋପାନରେ ବର୍ଗୀକରଣ କରାଯାଇଛି। ପ୍ରଥମ ହେଲା ତଥ୍ୟ ଚିହ୍ନଟ ବା ସଂଗ୍ରହ(ଗ୍ୟାଦରିଂ)। ଦ୍ୱିତୀୟରେ ତର୍ଜମା(ଆନାଲିସିସ୍)ଏବଂ ତୃତୀୟରେ ଏହାର ବ୍ୟାଖ୍ୟା(ଇଣ୍ଟରପ୍ରିଟେଶନ)। ବିଶେଷ କରି କିଏ, କଣ, କେଉଁଠି, କେତେବେଳେ, କାହିଁକି, କିପରି ଭଳି ୬ ଟି ପ୍ରମୁଖ ପ୍ରଶ୍ନ ଆଧାରରେ ଏହି ପ୍ରକ୍ରିୟା ଗତିଶୀଳ। ସେହିପରି ବିଭିନ୍ନ ସୂତ୍ରରୁ ନିଜ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରି ତାହାକୁ ତର୍ଜମା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ବ୍ୟାଖ୍ୟା କରିବା ହେଉଛି ସୋସିଆଲ ମିଡିଆ ଆନାଲିଷ୍ଟମାନଙ୍କ ପ୍ରମୁଖ କାର୍ଯ୍ୟ।

ଖର୍ଚ୍ଚ କାଟ କରିବା ପାଇଁ ବିଜ୍ଞାପନ ବନ୍ଦ କରିଦେବା ଯାହା, ସମୟ ବଞ୍ଚାଇବା ପାଇଁ ଘଣ୍ଟା କଣ୍ଟା ବନ୍ଦ କରିଦେବା ଠିକ୍ ସେୟା। ଆମେରିକାର ତୃତୀୟ ରାଷ୍ଟ୍ରପତି ଥୋମାସ୍ ଜେଫରସନ ଏକଦା ଏହି କଥା କହିଥିଲେ। ଅର୍ଥାତ୍ ଘଣ୍ଟା କଣ୍ଟାକୁ ବନ୍ଦ କରିଦେଲେ ଯେମିତି ସମୟ ସ୍ଥିର ହୋଇଯାଏ ନାହିଁ ଠିକ୍ ସେମିତି ନିଜର ପ୍ରଚାର ପ୍ରସାର ପାଇଁ ବିଜ୍ଞାପନ ବାବଦ ଖର୍ଚ୍ଚକୁ ବନ୍ଦ କରିଦେଲେ ବି ଟଙ୍କା ସଞ୍ଚୟ ହୋଇଯାଏ ନାହିଁ। ବରଂ ଏହା ଦ୍ୱାରା ନିଜର ବ୍ରାଣ୍ଡ ଭାଲ୍ୟୁ ଲୋକଙ୍କ ପାଖରେ ଅପହଞ୍ଚ ହୋଇଯାଏ।

ବର୍ତ୍ତମାନ ସମୟରେ ଏହି କଥାକୁ ବୋଧହୁଏ ବ୍ୟବସାୟୀମାନେ ଅତି ଗୁରୁତ୍ୱର ସହ ବୁଝିଛନ୍ତି। ଖାଲି ଶିଳ୍ପପତି ବା ନିବେଶକମାନେ ନୁହନ୍ତି ବରଂ ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା ତଥା ଯେକୌଣସି କ୍ଷେତ୍ରର ସେଲିବ୍ରିଟି ସମସ୍ତଙ୍କ ପାଇଁ ସମାନ କଥା ପ୍ରଯୁଜ୍ୟ ବୋଲି କୁହାଯାଇ ପାରେ। ସମସ୍ତେ ନିଜର ପ୍ରଚାର ପ୍ରସାର କରାଉଛନ୍ତି। ଏଥିପାଇଁ ବର୍ତ୍ତମାନର ନ୍ୟୁ ମିଡିଆକୁ ଏକ ବୃହତ ପ୍ଲାଟ୍‌ଫର୍ମ ଭାବେ ବାଛି ନିଆଯାଇଛି। ରେଡିଓ, ଟେଲିଭିଜନ, ଖବରକାଗଜ ପରେ ଯଦି ବର୍ତ୍ତମାନ ଗଣଯୋଗାଯୋଗ ବା ଲୋକସମ୍ପର୍କର ବଳିଷ୍ଠ ମାଧ୍ୟମ କାହାକୁ କୁହାଯାଉଥିବ ତେବେ ସୋସିଆଲ୍ ମିଡିଆ ହିଁ ଉକ୍ତ ସ୍ଥାନ ଅକ୍ତିଆର କରିବ। ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଟୁଇଟର ଭଳି ବହୁଳ ବ୍ୟବହୃତ ସୋସିଆଲ୍ ମିଡିଆଗୁଡିକ ପ୍ରଚାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ଏହିଭଳି ସୋସିଆଲ୍ ମିଡିଆଗୁଡିକରୁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିବା, ତାହାକୁ ତର୍ଜମା କରିବା, ଲୋକମାନଙ୍କ ମତାମତ, ଆଗ୍ରହ ତଥା ଆବଶ୍ୟକତା ସମ୍ପର୍କରେ ଜାଣି ନିଜର ବ୍ରାଣ୍ଡ୍ ପ୍ରମୋଶନ କରିବା ଆଜି ଏକ ଜରୁରୀ ମାର୍କେଟିଂ ଷ୍ଟ୍ରାଟେଜି ହୋଇଯାଇଛି। ଏହି କାମ ପାଇଁ ଯେଉଁମାନେ ନିୟୋଜିତ ସେମାନଙ୍କୁ ସୋସିଆଲ୍ ମିଡିଆ ଆନାଲିଷ୍ଟ ବୋଲି କୁହାଯାଉଛି।

## ଶିକ୍ଷା

ଏକ କମ୍ପାନୀର ଅନ୍‌ଲାଇନ୍ ଉପସ୍ଥିତିକୁ ସୁଦୃଢ କରିବାରେ ଜଣେ ସୋସିଆଲ୍ ମିଡିଆ ଆନାଲିଷ୍ଟଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ ନିଜ ଶିକ୍ଷାଗତ ଯୋଗ୍ୟତା ସେହି ଅନୁଯାୟୀ ହେବା ଉଚିତ। ବିଶେଷ କରି ସୋସିଆଲ୍ ମିଡିଆ ମ୍ୟାନେଜ୍‌ମେଣ୍ଟ, ପବ୍ଲିକ୍ ରିଲେଶନ, ବିଜ୍‌ନେସ୍ କମ୍ୟୁନିକେଶନ ଭଳି କେତେକ ବିଷୟରେ ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କୁ ଅଗ୍ରାଧିକାର ମିଳୁଛି। ଅନ୍‌ଲାଇନ୍ ଭ୍ୟୁୟରଙ୍କ ସଂଖ୍ୟା ବଢାଇବା ଏବଂ ନିଜ ବ୍ରାଣ୍ଡ୍‌କୁ ପ୍ରୋତ୍ସାହିତ କରିବା ପ୍ରମୁଖ କାର୍ଯ୍ୟ। ଏଥିପାଇଁ ଆନୁଷ୍ଠାନିକ ଶିକ୍ଷାର ଯେତିକି ପ୍ରାଧାନ୍ୟ ରହିଛି ବ୍ୟବହାରି ଜ୍ଞାନର ଆବଶ୍ୟକତା ତା ଠାରୁ ଯଥେଷ୍ଟ ଅଧିକ। ବିଭିନ୍ନ ଘଟଣା ସମ୍ପର୍କରେ ଜ୍ଞାନ ରଖିବା, ନିଜକୁ ଅପଡେଟ୍ କରାଇବା ନିହାତି ଜରୁରୀ। ସେହିଭଳି ଯେଉଁ କମ୍ପାନୀ ପାଇଁ ଆପଣ ସୋସିଆଲ୍ ମିଡିଆ ଆନାଲିଷ୍ଟ ଭାବେ ଦାୟିତ୍ୱ ନେଇଛନ୍ତି ତା'ର ଦୋଷ ଦୁର୍ବଳତା ଜଣିବା ନିହାତି ଜରୁରୀ। ଏହା ହେଲେ ହିଁ କମ୍ପାନୀକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିପାରିବେ।



## ନିଯୁକ୍ତି

ବର୍ତ୍ତମାନ ବ୍ୟକ୍ତିବିଶେଷଙ୍କ ଠାରୁ ଆରମ୍ଭ କରି ଅନୁଷ୍ଠାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ସୋସିଆଲ୍ ମିଡିଆ ଅପରେଟିଂ ଶାଖା କାର୍ଯ୍ୟ କରୁଛି। ସରକାର, ସରକାରଙ୍କ ବିଭିନ୍ନ ବିଭାଗ, ରାଜନୈତିକ ଦଳ, ଶିକ୍ଷାନୁଷ୍ଠାନ ଆଦି ସବୁ କ୍ଷେତ୍ରରେ ସୋସିଆଲ୍ ମିଡିଆ ଉଇଙ୍ଗ୍‌ସ ସକ୍ରିୟ। ସାମ୍ବାଦିକତା, ଗଣଯୋଗାଯୋଗ କ୍ଷେତ୍ରରେ ଶିକ୍ଷାଲାଭ କରିଥିବା ଯୁବପିଢିଙ୍କ ପାଇଁ ମଧ୍ୟ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବର୍ତ୍ତମାନ ସମୟରେ ସୋସିଆଲ୍ ମିଡିଆରେ ଯୁବପିଢିଙ୍କର ବହୁଳ ସମୟ ବ୍ୟୟ ହେଉଛି। ତେଣୁ ଏହାକୁ ଉପାର୍ଜନର ମାଧ୍ୟମ ପାଇଁ ସୋସିଆଲ୍ ମିଡିଆ ଆନାଲିସିସ୍‌କୁ କ୍ୟାରିୟର କରିବାରେ ସୁଯୋଗ ରହିଛି କହିଲେ ଭୁଲ୍ ହେବ ନାହିଁ।

# ନୂଆ ନିଯୁକ୍ତି



## କିଛି ଟିପ୍ସ

**ବର୍ତ୍ତମାନର ନିଯୁକ୍ତି ବଜାର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ସରକାରୀ ହେଉ କିମ୍ବା ବେସରକାରୀ ଚାକିରି ପାଇଁ କଡା ପ୍ରତିଦ୍ୱନ୍ଦ୍ୱିତା ସାମ୍ନା କରିବାକୁ ପଡୁଛି। ଭଲ ସ୍ଥାନରେ ନିଯୁକ୍ତି ପାଇବା ସମସ୍ତଙ୍କର ସ୍ୱପ୍ନ । ମାତ୍ର ସମସ୍ତଙ୍କୁ ଯେ, ମନ ଚାହୁଁଥିବା ନିଯୁକ୍ତି ମିଳିବ ତାହା କୁହାଯାଇ ନ ପାରେ। ଏଭଳି ସ୍ଥିତିରେ ନୂଆ ନିଯୁକ୍ତି ଆଶାୟୀଙ୍କ ଲାଗି ଏଠାରେ କିଛି ଟିପ୍ସ ପ୍ରଦାନ କରାଗଲା...**



- ନିଯୁକ୍ତି ଖୋଜିବା ବର୍ତ୍ତମାନ ସମୟର ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ। ଏଥି ଲାଗି ଅନେକ ଗ୍ରାଉଣ୍ଡୱାର୍କ କରିବାକୁ ହୁଏ। ଠିକ୍ ନିଯୁକ୍ତିରେ ନିଜକୁ ଫିଟ୍ କରାଇବା ପାଇଁ ଅନେକ ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ହୁଏ। ସେହିଭଳି ଫଲୋଅପ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଏ ଦିଗରେ ରହିଛି।
- ଏଭଳି ସ୍ଥିତିରେ ପ୍ରଥମେ ରୁଚିକୁ ଜାଣିବାକୁ ପଡିବ। କୌଣସି କାର୍ଯ୍ୟରେ ରୁଚି ନ ଥିଲେ କାମ କରିବାକୁ ମନ ଲାଗିବ ନାହିଁ। ଏଣୁ ଏହି ପ୍ରସଙ୍ଗକୁ ଧ୍ୟାନ ଦେବା ଉଚିତ୍। ଏହାକୁ ଜାଣି ପାରିଲେ ଠିକ୍ ଦିଗରେ ପରିଚାଳିତ ହେବାକୁ ସୁବିଧା ହେବ। ଏହା ପରେ ସମ୍ଭାବ୍ୟ ନିଯୁକ୍ତିଦାତାଙ୍କୁ ଚୟନ କରି ଆଗକୁ ବଢି ପାରିବେ।
- ନୂଆ ନିଯୁକ୍ତି ଲାଗି ନିଜକୁ ତଥା ନିଜର କାର୍ଯ୍ୟ ପରିସର ତଥା ଅଭିଜ୍ଞତାକୁ ଭଲ ଭାବେ ଉପସ୍ଥାପନା କରିବାକୁ ପଡିବ। ଯଦି ନିଜକୁ ତଥା ନିଜ ଆଭିମୁଖ୍ୟକୁ ନିଯୁକ୍ତିଦାତାଙ୍କ ସାମ୍ନାରେ ଠିକ୍ ଭାବେ ଉପସ୍ଥାପନ କରିବାକୁ ସକ୍ଷମ ନ ହେବେ ତେବେ ସେମାନଙ୍କୁ ଇମ୍ପ୍ରେସ କରି ପାରିବେ ନାହିଁ। ଏଭଳି ଏକ ସିଭି ତିଆରି କରନ୍ତୁ ଯାହା ନିଜର ଆଭିମୁଖ୍ୟ ତଥା ଅନ୍ୟାନ୍ୟ ପ୍ରମୁଖ ବିଷୟକୁ ଭଲ ଭାବେ ପ୍ରତିପାଦନ କରୁଥିବ। ଠିକ୍ ପ୍ରସ୍ତୁତି ପରେ ଯାଇ ସାକ୍ଷାତକାରକୁ ଯାଆନ୍ତୁ।
- ନିଯୁକ୍ତିଦାତାଙ୍କ ଧ୍ୟାନ ଆକର୍ଷଣ କରିବା ଲାଗି ନିଜକୁ ଠିକ୍ ଭାବେ ମାର୍କେଟିଂ କରାଇବା ଆବଶ୍ୟକ। ସାକ୍ଷାତକାର ତଥା ସୋସିଆଲ ମିଡିଆ ସହ ଅନ୍ୟାନ୍ୟ ଟୁଲ୍ ବ୍ୟବହାର କରି ଏ ଦିଗରେ କାର୍ଯ୍ୟ କରିପାରିବେ।
- ନିଯୁକ୍ତିଦାତାଙ୍କ ନିକଟକୁ ଯିବା ଆଗରୁ ଘରେ ହୋମୱାର୍କ କରିବାକୁ ଭୁଲନ୍ତୁ ନାହିଁ। କମ୍ପାନୀ ବିଷୟରେ ଗବେଷଣା, ପ୍ରୋଫାଇଲ, କର୍ମଚାରୀ ତଥା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଜାଣି ରଖିବା ଆବଶ୍ୟକ। ଏହା ବିଶେଷ ଭାବେ ସହାୟକ ହେବ।
- ନୂଆ ଚାକିରି ଖୋଜିବା କଷ୍ଟକର ହେଉଥିବା ବେଳେ ରେଫରେନ୍ସ ଏ କ୍ଷେତ୍ରରେ ବିଶେଷ ଭାବେ ସହାୟକ ହୋଇଥାଏ। ନିଜ ସ୍କୁଲର ପୁରାତନ ଛାତ୍ରୀଛାତ୍ର, ପୂର୍ବତନ ସହକର୍ମୀ, ସୋସିଆଲ ମିଡିଆ ଭଳି ଟୁଲ୍ ବ୍ୟବହାର ଦ୍ୱାରା ନିଜ ଲାଗି ଏକ ରେଫରେନ୍ସ ଗଠନ କରିପାରିବେ।

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

**URGENT REQUIREMENT**
**NIGAM SERVICES**
- CUSTOMER HANDLING EXECUTIVE
- SALES EXECUTIVE
- CUSTOMER CARE OFFICER
- HOME DELIVERY (BOY & GIRL)

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**୪୫ ଜଣ କର୍ମଚାରୀ ଆବଶ୍ୟକ**
(FOR A BOOK SALES COMPANY)
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ । ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENT REQUIREMENT**
**NIGAM SERVICES**
Official Job:
- BACK OFFICE EXECUTIVE
- FRONT OFFICE EXECUTIVE
- ACCOUNTANT
- DATA ENTRY OPERATOR

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**WANTED**
Candidates with 55% of marks at PG Level may attend the Walk-in-Interview for the Post of **LECT. IN ZOOLOGY** (against leave vacancy) at the College at 11.00 A.M. on Dt.29.09.2018.
Principal I/C/Secy.
Balanga College, Balanga, Puri
Mob.: 9776428131

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍‌ଜି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ, ପାରିତୋଷିକ + ପିଏଫ୍ + ଇଏସ୍‌ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ:
8109036707, 89820 66707

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ । ଯୋଗ୍ୟତା: 10th/ above. Monthly Income upto Rs.25000/-.
Part Time / Full Time
Contact: 9938676412

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୧୯-୨୦ର ଖାଲି ପଦବୀ ନିମନ୍ତେ ସିଡବ୍ଲ୍ୟୁଇ କ୍ଲର୍କ-VIII)**
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୮ ଏବଂ ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୬।୧୧।୨୦୧୮ରିଖରୁ ତା୦୧।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୮।୧୨।୨୦୧୮ରିଖ, ତା୦୯।୧୨।୨୦୧୮ରିଖ, ତା୧୫।୧୨।୨୦୧୮ରିଖ ଓ ତା୧୬।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୮/ ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ତା୨୦।୦୧।୨୦୧୯ରିଖ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୧୯ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୯।୨୦୧୮ — ନିର୍ଦ୍ଦେଶକ, ଆଇବିପିଏସ୍

ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅପିଲା ଏବଂ ସ୍ତ୍ରୀଲୋକ ଆବଶ୍ୟକ । ଯୋଗାଯୋଗ, ଭୁବନେଶ୍ୱର
9583125024

**AREA MANAGER**
LAVITA WARE PVT. LTD. a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST:
- DIST HEAD (15)
- AREA MANAGER (10)
- MARKETING EXECUTIVE (30)
- PEON (1)
- TELECALLER-Female (2)
- DESIGNER (1) Must have knowledge of Photoshop & CorelDRAW

SALARY: 5000/- to 25,000/-
Interested Candidates may walk in Interview within 7 days from the date of publication. TIME: 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**AREA SALES EXECUTIVE**
CLEAN PLUS ADVANCED CLEANING SOLUTION, a rapidly growing start up urgently require AREA SALES EXECUTIVES for Bhubaneswar, Cuttack and Puri. Candidates having knowledge of Channel Sales through Dealers and Distributors will be preferred. Lucrative Salary, TA/DA and Incentives on offer.
CALL: 9007929009
within 7 days between 10 A.M. to 6 P.M.

**WALKING INTERVIEW**
- BANKING
- BACK OFFICE
- HR/ADMIN
- SALES / MARKETING

Qual.: 10, +2, Graduation, MBA
Male / Female
8480280229, 9583279596

**HICKS THERMOMETERS INDIA LIMITED**
Requires following dynamic candidate:
**SENIOR SALES EXECUTIVE:** Age upto 40 yrs. with minimum 3 years experience in marketing of Pharmaceutical/OTC/ Surgical products etc. Walk in interview with bio-data on: 21st & 22nd Sept. 2018 Between 12 a.m. to 4.00p.m.
The Royale Midtown
52-53, Janpath,
Bhubaneswar, Odisha 751001
Narendra Singh
9759825801, 6395158669

**---DIRECT JOINING---**
**BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY**
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
8658566430, 9078148138

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି। ଉପଯୁକ୍ତ ବେତନ ଦିଆଯିବ।
7750899392, 8249431114

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
Add: Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
Contact:
9437022584, 9437460875

See **CAREER APPOINTMENT** on every **Wednesday & Saturday**

**LCJ SILVER**
LALCHAND JEWELLERS REQUIRE
1. SALES CONSULTANT: 8 Nos.
2. CASHIER: 3 Nos.
3. SALES SUPERVISOR: 2 Nos.

For the Bhubaneswar Store.
Minimum Qualification:
+3 & 2 yrs. Retail/ Jewellery Experience.
Send Resume at Indramani_r@yahoo.com
or CALL: 0674-2534625, 2536666

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

**URGENT REQUIREMENT**
**NIGAM SERVICES**
- HOUSE MAID
- PEON
- DRIVER
- SECURITY GUARD
- SECURITY SUPERVISOR

Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
For Ladies Garment Showroom
1. SALESMAN / SALES GIRL
2. PEON

RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**KONERU LAKSHMAIAH EDUCATION FOUNDATION**
(Declared u/s 3 of UGC Act 1956)
KL (DEEMED TO BE UNIVERSITY)
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications for our Vijayawada & Hyderabad campuses are invited from **Doctorates only** for the positions of
**PROFESSORS**
**ASSOCIATE PROFESSORS**
**ASSISTANT PROFESSORS**
in Engineering (CSE / ECE / Mechanical / Civil / Bio-Tech), Management, Law, Pharmacy, Fine Arts & Architecture.
Apply online at: www.kluniversity.in/careers.aspx within 15 days
www.kluniversity.in — REGISTRAR

**WANTED TRUCK DRIVERS URGENTLY**
THRIVENI LOGISTICS SERVICES LLP
Required HMV Drivers for:-
Ashok Leyland, TATA & Bharat Benz (14 & 12 Wheels) at Koida and Rourkela Sector.
CONTACT DETAILS:
9437703976, 9658317291
mail to: thrivenilogisticsodisha@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**DIRECT JOINING**
- CALL CENTER
- DATA ENTRY
- TELE CALLER
- DELIVERY EXE
- BACK OFFICE
- AUTOCAD

Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

"ଆଲିବାବା ଅଫିସରେ ବସି କାର୍ଯ୍ୟ କରୁଥିବା ଟେବୁଲରେ ମରିବା ଅପେକ୍ଷା ସମୁଦ୍ର କୂଳରେ ମରିବାକୁ ଅଧିକ ପସନ୍ଦ କରିବି ।
– ଜ୍ୟାକ୍ ମା, କାର୍ଯ୍ୟନିର୍ବାହୀ ଅଧକ୍ଷ, ଆଲିବାବା ଗ୍ରୁପ୍



"ଚଳିତ କିମ୍ବା ଆସନ୍ତା ସପ୍ତାହ ପ୍ରାରମ୍ଭ ବେଳକୁ ବିମାନରେ ଯାତ୍ରୀମାନେ ଟେଲିକମ୍ ତଥା ଇଣ୍ଟରନେଟ ସେବା ଲାଭ କରିବାକୁ ସକ୍ଷମ ହେବେ ।
– ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ



## ସଂକ୍ଷେପରେ

### ୟେସ ବ୍ୟାଙ୍କକୁ ୩୮ କୋଟି ଜରିମାନା

**ନୂଆଦିଲ୍ଲୀ,୨୧-୯:** ଘରୋଇ କ୍ଷେତ୍ରର ୟେସ୍ ବ୍ୟାଙ୍କ ଜିଏସ୍‌ଟି ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୩୮ କୋଟି ଟଙ୍କାର ଜରିମାନା ଦେବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଦେଶ ଭିତରେ ଟଙ୍କାର ଆଦାନପ୍ରଦାନ ସଂକ୍ରାନ୍ତରେ ବ୍ୟାଙ୍କ ଜିଏସ୍‌ଟି ନିୟମ ଉଲ୍ଲଂଘନ କରିଥିବା ଆର୍‌ବିଆଇ ଅଭିଯୋଗ ଆଣିବା ପରେ ଜରିମାନା ଅର୍ଥକୁ ବ୍ୟାଙ୍କ ପ୍ରଦାନ କରିଛି। ପ୍ରତିବାଦ ସହ ଉକ୍ତ ଅର୍ଥକୁ ଜମା କରାଯାଇଛି ଏବଂ ଏଥିରେ ବ୍ୟାଙ୍କର କୌଣସି ଭୁଲ୍ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ଶୁକ୍ରବାର ଷ୍ଟକ୍ ମାର୍କେଟରେ ୟେସ୍ ବ୍ୟାଙ୍କ ଶେୟାର ମୂଲ୍ୟ ୨୯ ପ୍ରତିଶତ ହ୍ରାସ ପାଇଥିଲା। ସହରରେ ରୋଜଗାର କରୁଥିବା ଗ୍ରାମୀଣଙ୍କ ଅର୍ଥକୁ ନିଜ ଘରେ ପହଞ୍ଚାଇବାରେ ବ୍ୟାଙ୍କ ତ୍ରୁଟି କରିଛି ବୋଲି ରିଜର୍ଭ ବ୍ୟାଙ୍କ ଅନୁଭବ କରି ଜରିମାନା ଦଣ୍ଡାଦେଶ ଦେଇଥିବା ସେ କହିଛନ୍ତି।

### ଭାରତର ଅଭିବୃଦ୍ଧି ଅନୁମାନ ବୃଦ୍ଧି କଲା ଫିଚ୍

#### ୭.୮% ହେବ ଜିଡିପି

**ନୂଆଦିଲ୍ଲୀ,୨୧-୯:** ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆସନ୍ତାବର୍ଷ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ବେଳେ ରେଟିଂ ଏଜେନ୍ସି ଫିଚ୍ ଚଳିତ ଆର୍ଥିକ ବର୍ଷର ଜିଡିପି ହାର ଅନୁମାନକୁ ବଢ଼ାଇଛି। ଭାରତର ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଏଜେନ୍ସି ପୂର୍ବରୁ ଅନୁମାନ କରିଥିବା ବେଳେ ଏବେ ଏହା ୭.୮% ରହିବ ବୋଲି କହିଛି। ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୮.୨% ରହିଥିଲା। ଗ୍ଲୋବାଲ ଇକୋନୋମିକ ଆଉଟଲୁକ୍-ସେପ୍ଟେମ୍ବର ୨୦୧୮ ଶୀର୍ଷକରେ ପ୍ରକାଶିତ ରିପୋର୍ଟରେ ଫିଚ୍ କହିଛି ଯେ, ପୁଞ୍ଜିନିବେଶ/ଜିଡିପି ଅନୁପାତ ହ୍ରାସ ପାଇବା କ୍ରମେ ବନ୍ଦ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଭାରି ନିବେଶ ଯୋଗୁ ବିକାଶ ହାର ବଢ଼ିବ।

# ଦୁଇ ଗୁଣ ବଢ଼ିଛି ନେତା, ମ୍ୟାନେଜରଙ୍କ ଦରମା

**ନୂଆଦିଲ୍ଲୀ,୨୧-୯**

ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ଇଣ୍ଡିଆ ୱେଜ ରିପୋର୍ଟ ଅନୁଯାୟୀ ୧୯୯୩-୯୪ରୁ ୨୦୧୧-୧୨ ମଧ୍ୟରେ ଦେଶରେ ନେତା ଓ ମ୍ୟାନେଜରଙ୍କ ଦରମା ଦୁଇଗୁଣା ବଢ଼ିଛି। ନ୍ୟାଶନାଲ ସାମ୍ପଲ ସର୍ଭେ ସଂସ୍ଥାର ଡାଟାକୁ ବିଶ୍ଳେଷଣ କରି ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଏହି ଅବଧିରେ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ ଏବଂ ମ୍ୟାନେଜରଙ୍କ ବାସ୍ତବିକ ହାରାହାରି ବେତନରେ ୯୮% ବୃଦ୍ଧି ହୋଇଛି। ସେହିପରି ପେସାଦାରଙ୍କ ଦରମା ୯୦% ବଢ଼ିଛି। ଅନ୍ୟପକ୍ଷରେ ପ୍ରାୟ ୨ ଦଶକ ହେବ ପ୍ଲାଣ୍ଟ ଓ ମେଶିନ ଅପରେଟରଙ୍କ ହାରାହାରି ବାସ୍ତବିକ ଦୈନିକ ବେତନ କେବଳ ୪୪% ବୃଦ୍ଧି ପାଇଛି। ସମସ୍ତ ଶ୍ରେଣୀରେ ହାରାହାରି ଦୈନିକ ମଜୁରି ୯୩% ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ସବୁଠୁ ମଜାର କଥା ହେଲା, ବେତନ ବୃଦ୍ଧିର ଗତି ଧିମା ପଡିଥିବା ପେସାଦାର ଶ୍ରେଣୀରେ ୨୦୦୪-୦୫ ପରେ ସବୁଠୁ ଅଧିକ ଦରମା ବଢ଼ିଛି। ରିପୋର୍ଟରେ କୁହାଯାଇଛି, କୁଶଳତାପୂର୍ଣ୍ଣ ବ୍ୟବସାୟରେ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ଦୈନିକ ବେତନ ହାରାହାରି ୩.୭% ହାରରେ ବଢ଼ିଛି। ଏହି କାରଣରୁ ସେମାନଙ୍କ ଦରମା କମ୍ ବଢ଼ିଛି। ଏଥିରେ ଆହୁରି କୁହାଯାଇଛି,ସହରୀ ଭାରତରେ ୧୯୯୩-୯୪ରୁ ୨୦୦୧-୦୫ ମଧ୍ୟରେ ବିଶେଷକରି ପେସାଦାର ଓ ପ୍ରଶାସନିକ ସ୍ତରରେ ଅଧିକ ବେତନ ବଢ଼ିଥିବା ଦେଖାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବେତନ ଆୟୋଗ ଯୋଗୁ କେବଳ ଯେ ସରକାରୀ କର୍ମଚାରୀଙ୍କ ଦରମା ବଢ଼ିଛି ତାହା ନୁହେଁ ଏହାର ପ୍ରଭାବରେ ଘରୋଇ ସେକ୍ଟରରେ ମଧ ଦରମା ବଢ଼ିଛି। ବିଶେଷକରି ବରିଷ୍ଠ ଅଧିକାରୀ ସ୍ତରରେ ଏହା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରିପୋର୍ଟରୁ ଜଣାପଡିଛି ଯେ, ମହିଳା ଓ ପୁରୁଷଙ୍କ ହାରାହାରି ଦୈନିକ ବେତନ ସମାନ ଭାବେ ବଢ଼ିନି। ତେବେ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ବେତନରେ ତାରତମ୍ୟ କମିଛି। ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ମଜୁରି ପାର୍ଥକ୍ୟ ଅନେକାଂଶରେ କମିଥିଲେ ହେଁ ଏବେ ବି ଅନେକାଂଶରେ ଏହି ପାର୍ଥକ୍ୟ ବେଶ ଅନୁଭୂତ ହେଉଛି। ସେହିପରି ପୁରୁଷଙ୍କ ତୁଳନାରେ ମହିଳା କର୍ମଚାରୀମାନେ ସାମାଜିକ ସୁରକ୍ଷା ଲାଭ ପାଇବାରେ ପଛୁଆ ରହିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଆଇଏଲଓ ଇଣ୍ଡିଆ ୱେଜ ରିପୋର୍ଟ

- ସାଂସଦ, ବିଧାୟକ, ମ୍ୟାନେଜରଙ୍କ ୯୮%, ପେସାଦାରଙ୍କ ୯୦% ବେତନ ବୃଦ୍ଧି
- ପ୍ଲାଣ୍ଟ, ମେଶିନ ଅପରେଟରଙ୍କ ଦରମା ବଢ଼ିଛି ୪୪%
- ହାରାହାରି ଦୈନିକ ମଜୁରି ବୃଦ୍ଧି ପାଇଛି ୯୩%




# ରଦ୍ଦ ହେଲା ୫୫ ହଜାର ଭୂତ କମ୍ପାନୀଙ୍କ ପଞ୍ଜୀକରଣ

**ନୂଆଦିଲ୍ଲୀ,୨୧-୯**

ଅବୈଧ ନେଣଦେଣକୁ ରୋକିବା ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ୫୫ ହଜାର ଭୂତ କମ୍ପାନୀଙ୍କ ପଞ୍ଜୀକରଣକୁ ରଦ୍ଦ କରିଦିଆଯାଇଛି। ଏଥିସହ ଅଧିକାଂଶ କମ୍ପାନୀଙ୍କୁ ନୋଟିସ ଜାରି କରାଯିବା ସହ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି। କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପି.ପି.ଚୌଧୁରୀ ମୁମ୍ବାଇରେ ଇଣ୍ଡୋ-ଆମେରିକାନ ଚାମ୍ବର ଅଫ୍ କମର୍ସର ଚତୁର୍ଥ ବାର୍ଷିକ ସମ୍ମିଳନୀରେ ଯୋଗ ଦେବା ଅବସରରେ ଖବରଦାତାଙ୍କୁ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇ ବର୍ଷରୁ ଅଧିକ ସମୟ ଧରି ରିଟର୍ନ ଦାଖଲ କରି ନ ଥିବା ଏବଂ ଆର୍ଥିକ ବିବୃତି ଜାରି କରି ନ ଥିବା ୨.୨୬ ଲକ୍ଷ ଭୂତ କମ୍ପାନୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇସାରିଛି। ସେ କହିଛନ୍ତି, ଗୋଟିଏ କୋଠରିରେ ହିଁ ୪୦୦ ଭୂତ କମ୍ପାନୀ ଚାଲୁଥିବାର ସରକାରଙ୍କ ନଜରକୁ ଆସିଛି। ମନି ଲଣ୍ଡରିଂ କାର୍ଯ୍ୟକଳାପ ଚଳାଇବା ଲାଗି କର୍ପୋରେଟ ଜଗତକୁ ବ୍ୟବହାର କରା ନ ଯାଉ ଏହା ସରକାର ସୁନିଶ୍ଚିତ କରିବାକୁ ଚାହାନ୍ତି। ସିରିୟସ ଫ୍ରଡ ଇନଭେଷ୍ଟିଗେଶନ ଅଫିସ (ଏସ୍‌ଏଫ୍‌ଆଇଓ) ଏବଂ ତଦନ୍ତକାରୀ ଏଜେନ୍ସିଗୁଡିକ ଏକାଠି ଭୂତ କମ୍ପାନୀଙ୍କ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ଆବଶ୍ୟକସ୍ଥଳେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

### ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ

## ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ବିକ୍ରି ହେବ

**ନୂଆଦିଲ୍ଲୀ,୨୧-୯**

ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ଯଦି ଦୁର୍ଘଟଣା ଘଟାଏ ସେ କ୍ଷେତ୍ରରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ କ୍ଷତିଗ୍ରସ୍ତ ବ୍ୟକ୍ତି ଅଥବା ତାଙ୍କ ପରିବାରବର୍ଗଙ୍କୁ ଉଚିତ୍ କ୍ଷତିପୂରଣ ଦେବେ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଯଦି ଗାଡ଼ି ମାଲିକ ସେହି ଅର୍ଥ ଦେବାକୁ ଅକ୍ଷମ ହୁଅନ୍ତି, ତେବେ ସେ କ୍ଷେତ୍ରରେ ତାଙ୍କ ଗାଡ଼ିକୁ ବିକ୍ରି କରି ସେହି ଅର୍ଥକୁ କ୍ଷତିଗ୍ରସ୍ତ ପରିବାରକୁ ଦିଆଯିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ଗାଡ଼ି ବିକ୍ରି ଅର୍ଥକୁ କ୍ଲେମ ଟ୍ରିବ୍ୟୁନାଲରେ ଜମା କରାଯିବ। ପ୍ରଚଳିତ ବ୍ୟବସ୍ଥାରେ ତୃତୀୟ ପକ୍ଷ ବୀମା ବ୍ୟବସ୍ଥା ରହିଥିଲେ ହେଁ ଅଧିକାଂଶ ଗାଡ଼ିକୁ ବୀମାଭୁକ୍ତ କରାଯାଉନି। ଏ କ୍ଷେତ୍ରରେ ଦୁର୍ଘଟଣା ଘଟିଲେ ବୀମା ହୋଇ ନ ଥିବା ଗାଡ଼ି ମାଲିକ କ୍ଷତିପୂରଣ ଦେବେ। ନିକଟରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ମାଲିକଙ୍କ ଠାରୁ କ୍ଷତିପୂରଣ ଅର୍ଥ ଆଦାୟ କରାଯିବ। ସେ ସେହି ଅର୍ଥ ଦେଇ ନ ପାରିଲେ ୩ ମାସ ମଧ୍ୟରେ ତାଙ୍କର ଗାଡ଼ି ବିକ୍ରି କରି ଅର୍ଥ ସଂଗ୍ରହ କରାଯିବ।

# ଓଡିଶାର ନଂ.୧ ବାଇକ୍ ଭାବେ ଗ୍ଲାମରର ସଫଳତା ପାଳିଲା ହିରୋ ମୋଟୋକର୍ପ



**ଭୁବନେଶ୍ୱର,୨୧-୯**

ହିରୋ ମୋଟୋ କର୍ପ ଲିମିଟେଡର ଅନ୍ୟତମ ଲୋକପ୍ରିୟ ମଡେଲ ଗ୍ଲାମର ଓଡିଶାରେ ନମ୍ବର ୱାନ ମୋଟରସାଇକେଲ ହେବାର ଗୌରବ ଅର୍ଜନ କରିଛି। କମ୍ପାନୀ ରାଜ୍ୟରେ ଥିବା ଏହାର ଡିଲରଶିପଗୁଡିକରେ ଏହି ସଫଳତାକୁ ନେଇ ଉତ୍ସବ ପାଳନ କରୁଛି। ଏହି କାର୍ଯ୍ୟକ୍ରମରେ ଗ୍ଲାମର ଗ୍ରାହକମାନେ ବିପୁଳ ସଂଖ୍ୟାରେ ଯୋଗ ଦେଉଥିବା କମ୍ପାନୀ ପ୍ରକାଶ କରିଛି। କୋରାପୁଟର ଜୟପୁରସ୍ଥିତ 'ସୁପ୍ରିମ ହିରୋ' ଡିଲରଶିପରେ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଡିଲରଶିପର ପରିଚାଳନା ନିର୍ଦ୍ଦେଶକ ଅମନ ଖୁରାନା କର୍ମଚାରୀ ତଥା ଗ୍ରାହକଙ୍କ ସହ ଉତ୍ସବକୁ ପାଳନ କରିଥିଲେ।

ପାର୍ବଣ ପାଖେଇ ଆସୁଥିବା ବେଳେ ଗ୍ରାହକଙ୍କ ନିକଟତର ହୋଇଥିବାରୁ ଗ୍ଲାମର ସାରା ରାଜ୍ୟରେ କାର୍ନିଭାଲ ପାଳନ କରୁଛି। ଏହି ମଡେଲ ଗ୍ରାହକଙ୍କୁ ଅତୁଳନୀୟ ଷ୍ଟାଇଲ୍ ଆଣ୍ଡ ପାୱାର ପ୍ରଦାନ କରୁଛି। ଏଭଳି ପ୍ରମୁଖ ବୈଶିଷ୍ଟ୍ୟ ଯୋଗୁ ଗ୍ରାହକମାନେ ଏହାକୁ ଭଲ ପାଇବା ସହ ନିଜର କରିଛନ୍ତି ବୋଲି କମ୍ପାନୀ କହିଛି। ବ୍ରାଣ୍ଡ ଉପରେ ଭରସା ତଥା ଭଲ ପାଇବା ଲାଗି ହିରୋ ମୋଟୋ କର୍ପ ସମସ୍ତ ଗ୍ରାହକଙ୍କୁ କୃତଜ୍ଞତା ପ୍ରଦାନ କରିଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ବିଶେଷ ରିହାତି ସୁବିଧା ପ୍ରଦାନ କରାଯାଉଛି। କମ୍ପାନୀ ଏହାର ଗ୍ରାହକଙ୍କୁ ଆକର୍ଷକ ୪୯୯୯ ଟଙ୍କାର ଲୋ ଡାଉନ ପେମେଣ୍ଟ ସୁବିଧା ଦେଉଥିବା ପ୍ରକାଶ କରିଛି।

# ସ୍କୋଡା ଅଟୋ ଇଣ୍ଡିଆର ନୂଆ ରାପିଡ୍ ଓନିକ୍ସ ମଡେଲ

**ନୂଆଦିଲ୍ଲୀ,୨୧-୯**



ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ରାପିଡ୍ ଓନିକ୍ସ ମଡେଲ ବଜାରକୁ ଆସିଛି। ଏହାର ବଜାର ଦର ୯.୭୫ ଲକ୍ଷ ଟଙ୍କା ରହିଛି। ଲାପିଜ ବ୍ଲୁ ଏବଂ କ୍ୟାଣ୍ଡି ହ୍ୱାଇଟ୍ ଭଳି ଦୁଇଟି ରଙ୍ଗରେ ଏହା ଉପଲବ୍ଧ। ସ୍କୋଡାର ସମସ୍ତ ଅଧିକୃତ ଡିଲରଶିପରେ ମଡେଲଟି ଉପଲବ୍ଧ ହେବ। ଏଥିରେ ଗ୍ରାହକମାନେ ଡାଇନାମିକ ଆପିଅରାନ୍ସ ଲାଭ କରିପାରିବେ। ଆକର୍ଷକ ଏକ୍ସଟେରିୟର, କ୍ଲବର୍ ଆଲଏ ହ୍ୱିଲ୍, ଆଇଡେଣ୍ଟିକାଲ ବୋଲ୍ଡ କ୍ୟାପ୍, ଗ୍ଲସି ବ୍ଲାକ ଆର୍‌ଭିଏମ୍ ସୁବିଧା ଏଥିରେ ରହିଛି। ସେହିଭଳି ସୁରକ୍ଷା ତଥା ନିରାପତ୍ତା ବୈଶିଷ୍ଟ୍ୟ, ଡୁଆଲ୍ ଏୟାର ବ୍ୟାଗ୍, ଏବିଏସ୍, ଇଏସ୍‌ସି, ଏଚ୍‌ଏଚ୍‌ସି ଭଳି ଅତ୍ୟାଧୁନିକ ଫିଚର ଗ୍ରାହକ ମଡେଲଟିରେ ପାଇ ପାରିବେ। ଆପିଲିଙ୍ଗ ଡିଜାଇନ୍ ଫିଲୋଶଫି, ଆରାମ ସୁବିଧା ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଥିବା କମ୍ପାନୀ ପ୍ରକାଶ କରିଛି। ଏହା ମାନୁଆଲ ଏବଂ ଅଟୋମେଟିକ ଟ୍ରାନ୍ସମିଶନରେ ଆସୁଛି। ପେଟ୍ରୋଲ ଓ ଡିଜେଲ ଭାରିଆଣ୍ଟରେ ଏହା ଉପଲବ୍ଧ।

### ୪ ଦିନରେ ବୁଡ଼ିଗଲା ୫.୬୬ ଲକ୍ଷ କୋଟି

# ସେନ୍‌ସେକ୍ସ ୩୭ ହଜାର ତଳକୁ ଖସିଲା

**ମୁମ୍ବାଇ,୨୧-୯**

ଷ୍ଟକ ବଜାରରେ କ୍ରମାଗତ ୪ ଦିନ ହେଲା ନିବେଶକଙ୍କ ପୁଞ୍ଜି ବୁଡ଼ିଛି। ଶୁକ୍ରବାର ସୁଦ୍ଧା ସେମାନେ ୫,୬୬,୧୮୭ କୋଟି ଟଙ୍କା ହରାଇ ସାରିଲେଣି। ଶୁକ୍ରବାର ବଜାର ବନ୍ଦ ହେବା ବେଳକୁ ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୨୭୯.୬୨ ପଏଣ୍ଟ ହ୍ରାସ ପାଇ ୩୭ ହଜାର ତଳକୁ ଖସି ୩୬,୮୪୧ରେ ଏବଂ ୫୦ ଶେୟାର ନିଫ୍ଟି ୯୧.୨୫ ପଏଣ୍ଟ ହ୍ରାସ ପାଇ ୧୧,୧୪୩ରେ ବନ୍ଦ ହୋଇଛି। ଶୁକ୍ରବାର ସେନସେକ୍ସରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜି ୨,୦୨,୪୩୩.୨୬ କୋଟି ହ୍ରାସ ପାଇଛି। ସକାଳେ ଷ୍ଟକ୍ ମାର୍କେଟ ଖୋଲିବାର କିଛି ସମୟ ଭିତରେ ସେନସେକ୍ସ ୧,୧୨୮ ପଏଣ୍ଟ ହ୍ରାସ ପାଇଥିବା ଦେଖାଯାଇଥିଲା। ଫଳରେ ଏହାକୁ ନେଇ ନିବେଶକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ସୂଚନାଥାଉ କି, ଶୁକ୍ରବାର ସୁଦ୍ଧା ମାତ୍ର ୪ ସେସନରେ ସେନସେକ୍ସ ୧୨୪୯ ପଏଣ୍ଟ ଏବଂ ନିଫ୍ଟିରେ ୩୭୨ ପଏଣ୍ଟ ହ୍ରାସ ପାଇସାରିଲାଣି। ଡିଏଚ୍‌ଏଫ୍‌ଏଲ୍ ନେତୃତ୍ୱରେ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା କମ୍ପାନୀ ଏବଂ ୟେସ ବ୍ୟାଙ୍କର ପ୍ରତିଷ୍ଠାତା ସିଇଓ ରାଣା କପୁରଙ୍କ କାର୍ଯ୍ୟକାଳକୁ ରିଜର୍ଭ ବ୍ୟାଙ୍କ ହ୍ରାସ କରିବାକୁ ନିବେଶକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।



# ଫିଲିପ୍ସର ଟ୍ରେଡ ପାର୍ଟନର ମିଟ୍



**ଭୁବନେଶ୍ୱର,୨୧-୯**

ପ୍ରମୁଖ କମ୍ପାନୀ ଫିଲିପ୍ସ ଇଣ୍ଡିଆ ଲିମିଟେଡ୍ ଓ ଏହାର ପାର୍ଟନର ଆର୍‌ଡି ଏଣ୍ଟରପ୍ରାଇଜେସ୍ ପକ୍ଷରୁ 'ଟ୍ରେଡ ପାର୍ଟନର ମିଟ୍ ୨୦୧୮' ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ ଏବଂ ନୟାଗଡ ଭଳି ସ୍ଥାନରୁ କମ୍ପାନୀ ସହ ଜଡିତ ପ୍ରାୟ ୨୦୦ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଆଗାମୀ ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଗ୍ରାହକଙ୍କ ନିକଟତର ହେବାକୁ କମ୍ପାନୀ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ପାର୍ବଣ ଉପଲକ୍ଷେ ଫିଲିପ୍ସ 'ହଜାର ପେ ହଜାର ଅଫର' ପ୍ରଦାନ କରୁଛି। ଏହା କେତେକ ବଛା ବଛା ଡୋମେଷ୍ଟିକ୍ ଆପ୍ଲାଏନ୍ସ ଉପରେ ଲାଗୁ ହେବ। ଏଥିରେ କମ୍ପାନୀର ଏକହଜାର ଟଙ୍କାର ସାମଗ୍ରୀ କ୍ରୟ ଉପରେ ୧ ହଜାର ଟଙ୍କା ଅଫର ଭାବେ ପ୍ରଦାନ କରାଯାଉଛି। କମ୍ପାନୀ କେତେକ ବଛା ବଛା ପ୍ରଡକ୍ଟ ଉପରେ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ରଦାନ କରୁଛି।

ପର୍ସନାଲ କେୟାର ପ୍ରଡକ୍ଟ କ୍ରୟ ଉପରେ ଏହି ସମୟରେ ଗ୍ରାହକମାନେ ଆକର୍ଷଣୀୟ ଉପହାର ଲାଭ କରିପାରିବେ ବୋଲି ଫିଲିପ୍ସ ପକ୍ଷରୁ ସୂଚନା ରହିଛି। କମ୍ପାନୀ ବର୍ତ୍ତମାନ କିଚେନ ଆପ୍ଲାଏନ୍ସ, ଗାର୍ମେଣ୍ଟ କେୟାର, ପର୍ସନାଲ କେୟାର, ଏୟାର ପ୍ୟୁରିଫାୟର ବର୍ଗରେ ପ୍ରଡକ୍ଟ ଶୃଙ୍ଖଳା ବଜାରକୁ ଆଣୁଛି। ଶୁକ୍ରବାର ଏହା ହଲକ୍ ଫ୍ଲାସ ପ୍ରିମିୟମ ମିକ୍ସର ଗ୍ରାଇଣ୍ଡର ଏବଂ ନୂତନ ବର୍ଗରେ ଫୋନିକ୍ସ ରେଞ୍ଜରେ ଡ୍ରାଏ ଆଇରନ ବଜାରକୁ ଆଣିଛି। ଏହା ବାଦ କମ୍ପାନୀ ନିକଟରେ ରବିନ ମିକ୍ସର ଗ୍ରାଇଣ୍ଡର, ହ୍ୟାଣ୍ଡ ମିକ୍ସର, ସ୍ଲୋ ଜୁସର, ଷ୍ଟିମ୍ ଆଇରନ, ନୂଆ ରେଞ୍ଜର ଗାର୍ମେଣ୍ଟ ଷ୍ଟିମର, ଭାକ୍ୟୁମ କ୍ଲିନର, ନୂଆ ରେଞ୍ଜର ଟ୍ରିମର ଓ ସେଭର ବଜାରକୁ ଆଣିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ ଅମିତାଭ ଶାହା, ବ୍ରାଞ୍ଚ ମୁଖ୍ୟ ଶୈଳେନ୍ଦ୍ର ଚୌଧୁରୀ, ଏରିଆ ସେଲ୍ସ ମ୍ୟାନେଜର କଷ୍ଟ ଚରଣ ନାୟକ, ବ୍ରାଞ୍ଚ ସର୍ଭିସ ମୁଖ୍ୟ ପବିତ୍ର ପଞ୍ଚା ଏବଂ ବିଜନେସ ପାର୍ଟନର ପ୍ରତାପ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## BHUBANESWAR MUNICIPAL CORPORATION

**No.31547 COMPETITIVE BIDDING THROUGH e-Procurement Dt.21/09/18**

### NOTICE INVITING TENDER

**Bid Reference No. BMC-EE DIV-1-17/2018-19, Dt.20.09.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-17/2018-19) should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name and/or its Sl. No., failing which, such bids shall be rejected outrightly and will not be opened for evaluation. Such non-opened envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **31** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 408198/- to Rs. 446512/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of 22.09.2018 to 5 P.M of 01.10.2018** for online bidding.
7. Bids received will be opened at **4.30 P.M onwards on 03.10.2018.**
8. The bidder must possess valid and Compatible **Digital Signature Certificate (DSC).**
9. Further details are available in the DTCN. The DTCN **for 31 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**
**Executive Engineer, BMC Division No.-I**

Progress Through Partnership for a Better Bhubaneswar



## JOINT ENTRANCE EXAMINATION - 2018, ODISHA

### NOTICE FOR BAMS / BHMS ADMISSION-2018

No: 423/OJEE2018 — **TENTATIVE SCHEDULE** — Date : 21/09/2018

| | |
|---|---|
| On-line Registration, Choice Filling and Choice Locking | 24-09-2018 to 30-09-2018 |
| Provisional Allotment | 03-10-2018 |
| Document Verification at **Nodal Centre, OJEE CELL, Gandamunda, Bhubaneswar** (only for Candidates who have got provisional allotment as above). | 05-10-2018 and 06-10-2018 |
| Last date for Withdrawal for Candidates (who wish to withdraw from the Admission process) | **06-10-2018, 5 PM** (only at Nodal Center, OJEE Cell) |
| Final Allotment | 07-10-2018 |
| Document Verification at **Nodal Center OJEE CELL, Gandamunda, Bhubaneswar for Freshly Allotted Candidates only** (Candidates who have already verified after Provisional Allotment, need not come again for document verification) | 09-10-2018 |
| Reporting to Allotted Institution for Final Admission | 09-10- 2018 to 11-10-2018 |
| Spot Admission (if vacancy arises due to any reason) | 30-10-2018 and 31-10-2018 |

*The Physically Challenged **(PC)** Category Candidates of NEET-2018 rank holders, who are interested to take admission in **PC** Category for **BHMS / BAMS courses in different Govt. and Private colleges of Odisha** are required to attend the Medical Board at **LT – II, SCB Medical College, Cuttack on 25.09.2018 OR 26.09.2018 at 10.00 AM.** Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.*
*The candidates appeared medical board earlier during Engineering counselling 2018/Medical Counselling 2018 are not required to attend the PC board again.*

**ELIGIBILITY :**
1. Candidates interested to participate in the BAMS/BHMS counselling must be qualified Rank holders of NEET (UG)-2018.
2. The candidates must be of at least **17 years** of age as on **31.12.2018**.
3. The parents of the candidates must be permanent natives of Odisha. Every candidate has to produce **Resident / Nativity certificate** during certificate verification.
4. The candidates must have passed +2 Sc. and in the subjects of **Physics, Chemistry, Biology and English** individually and must have secured minimum of 50% marks taken together in **Physics, Chemistry & Biology** at +2 Sc. level for General Candidate (GE). This minimum mark is 40% for SC/ST candidates.
5. **Only the Candidates who have duly registered and filled their choices will be considered for Selection / Admission.**

**PAYMENT OF FEES :**
1. During registration, candidates have to pay registration fee of Rs.1000/- online.
2. Allotted candidates have to deposit a part admission fee of Rs.5000/- (SC, ST and PC) or Rs10000/-(other category candidates) through online in the web portal or at any Axis Bank counter. Challan form is available in OJEE webpage as well as in Axis Bank. During document verification, candidates must come with online fee payment receipt or the receipt of Axis Bank which they will get after depositing the part admission fee in the bank.

**N.B. For more information, please visit the website www.ojee.nic.in**

Sd/-
CHAIRMAN, OJEE-2018



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ। ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।
- ଶିରିଡ଼ି ସାଇବାବା



ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ତିନିଜଣିଆ କମିଟି ରିପୋର୍ଟ

# ସୁପ୍ରିମକୋର୍ଟଙ୍କୁ ଅଭିଯୋଗ ପଠାଇଲେ ଭକ୍ତ

**ପୁରୀ ଅଫିସ, ୨୧।୯**–ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ତାଙ୍କ ରିପୋର୍ଟ ଦେଇସାରିଛି। ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ବାହାରେ ଓ ଭିତରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗି କମିଟି ସୁପାରିସ କରିଛି। ଧାଡ଼ି ସହିତ କମିଟି ଟିକେଟ ଦର୍ଶନ ବ୍ୟବସ୍ଥା କଥା ବି ଉଲ୍ଲେଖ କରିଛି। ଭକ୍ତମାନେ ନିଜ ଇଚ୍ଛା ମୁତାବକ ଟିକେଟ କାଟି ଦର୍ଶନ କରିପାରିବେ। ଟିକେଟ କାଟିଥିବା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ରହିବ। ସେମାନଙ୍କୁ ପଶ୍ଚିମ ଦ୍ୱାରବାଟେ ଯିବା ପାଇଁ ଅନୁମତି ଦିଆଯାଇପାରେ ବୋଲି କମିଟି ପ୍ରସ୍ତାବ ଦେଇଛି। ତେବେ ଏହି ଟିକେଟ ବ୍ୟବସ୍ଥାକୁ ନେଇ ଅନେକ ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରସ୍ତାବକୁ ବିରୋଧ କରି ଗୁରୁବାର ଦିଲୀପ ବରାଳ ନାମକ ଜଣେ ଭକ୍ତ ସୁପ୍ରିମ୍‌କୋର୍ଟଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ଅଭିଯୋଗପତ୍ର ପଠାଇଛନ୍ତି।ବରାଳ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସବୁ ଦର୍ଶନାର୍ଥୀ ସମାନ। ଟିକେଟ ବ୍ୟବସ୍ଥା ହେଲେ ଟିକେଟଧାରୀ ଭକ୍ତଙ୍କ ଦର୍ଶନ ଉପରେ ପ୍ରଶାସନ ଅଧିକ ଗୁରୁତ୍ୱ ଦେବ। ଏଥିସହ ଏହି ବ୍ୟବସ୍ଥା ଲାଗୁହେଲେ ବିଶେଷ ପର୍ବପର୍ବାଣି ଦିନରେ ମଧ୍ୟ ବହୁ ସଂଖ୍ୟାରେ ସାଧାରଣ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ। ଏହା ଅନେକଙ୍କ ମନରେ ବିଭେଦ ମନୋଭାବ ସୃଷ୍ଟି କରିବ। ସେହିପରି ଭିଡ଼କୁ ନିୟନ୍ତ୍ରଣ ପାଇଁ ତିରୁପତି ଓ ବୈଷ୍ଣୋଦେବୀ ମନ୍ଦିର ଭଳି ଭବିଷ୍ୟତରେ ଶ୍ରୀମନ୍ଦିର ପ୍ରଶାସନ ଯାତ୍ରୀ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରିପାରେ ବୋଲି କମିଟି ସୁପାରିସ କରିଛି। ଏହା ଲାଗୁହେଲେ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ ବୋଲି ବରାଳ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୂର୍ବରୁ ଏକାଧିକ କମିଶନ ଏବଂ ପୁରୀ ଜିଲାଜଜ୍ ଟିକେଟ ଦର୍ଶନ ସମ୍ପର୍କରେ କୌଣସି ରିପୋର୍ଟ ଦେଇ ନ ଥିବାବେଳେ ବର୍ତ୍ତମାନ ତିନିଜଣିଆ କମିଟି ଏହି ବ୍ୟବସ୍ଥାକୁ ଲାଗୁ ପାଇଁ ସୁପାରିସ କରିଛି। ତେଣୁ ସୁପ୍ରିମ୍‌କୋର୍ଟ ଏହି ପ୍ରସ୍ତାବକୁ ଗ୍ରହଣ ନ କରନ୍ତୁ ବୋଲି ବରାଳ ତାଙ୍କ ଅଭିଯୋଗପତ୍ରରେ ନିବେଦନ କରିଛନ୍ତି।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସମ୍ବଲପୁର ଶ୍ରୀଅରବିନ୍ଦ ସ୍କୁଲ ନର୍ସରୀ , ପ୍ରଥମ ଓ ତଦୁର୍ଦ୍ଧ ଶ୍ରେଣୀର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀମାନେ ସାମିଲ ହୋଇଛନ୍ତି।

# ୧୫ ହଜାର ମିଲିୟନ ଟନ୍ ପିଇଟି ବ୍ୟବହାର କରୁଛି ଓଡ଼ିଶା

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**–ସାରା ବିଶ୍ୱରେ ମୁଣ୍ଡପିଛା ୨୮ କିଲୋଗ୍ରାମ୍ ପ୍ଲାଷ୍ଟିକ୍ ବ୍ୟବହୃତ ହେଉଥିବା ବେଳେ ଭାରତ ବର୍ଷରେ ମୁଣ୍ଡପିଛା ୧୧ କିଲୋଗ୍ରାମ୍ ପ୍ଲାଷ୍ଟିକ୍ ବ୍ୟବହାର କରାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଜର୍ମାନୀ ଆଦି ବିକଶିତ ରାଷ୍ଟ୍ରମାନଙ୍କରେ ମୁଣ୍ଡପିଛା ପ୍ଲାଷ୍ଟିକ୍‌ର ବ୍ୟବହାର ରହିଛି ୧୦୦ କିଲୋଗ୍ରାମ୍। କିନ୍ତୁ ଭାରତରେ ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୁନଃ କାର୍ଯ୍ୟକ୍ଷମ ପ୍ରଣାଳୀର ଅଭାବ କାରଣରୁ ବିକଶିତ ରାଷ୍ଟ୍ର ତୁଳନାରେ ବର୍ଜ୍ୟବସ୍ତୁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଭଳିସ୍ଥଳେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବର୍ଜ୍ୟବସ୍ତୁର ପୃଥକୀକରଣ, ପରିବହନ, କଠିନ ବର୍ଜ୍ୟବସ୍ତୁର ଠିକ୍ ନିଷ୍କାସନ ଏବଂ ପ୍ଲାଷ୍ଟିକ୍‌ର ବ୍ୟବହାର ନିଷେଧ ବର୍ତ୍ତମାନ ସମୟରେ ଭାରତ ପାଇଁ ଏକାନ୍ତ ଆବଶ୍ୟକ ହୋଇଛି। ଦେଶରେ ବହୁଳ ଭାବେ ବ୍ୟବହୃତ ହେଉଥିବା ପଲି ଏଥିଲିନ୍ ଟେରେପ୍ଥାଲେଟ୍ ବା ପିଇଟି ବୋତଲଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ ପ୍ରଣାଳୀ ମାଧ୍ୟମରେ ରିସାଇକେଲିଂ କରିବାର ଆବଶ୍ୟକତା ରହିଛି। ପିଇଟି ବୋତଲଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ଦ୍ୱାରା ଦେଶରେ ବାର୍ଷିକ ୩,୫୦୦ କୋଟି ଟଙ୍କାର ଆର୍ଥିକ କାରବାର ସୃଷ୍ଟି ହେବ। ସେହିଭଳି ଓଡ଼ିଶାରେ ମୋଟ ପିଇଟିର ବ୍ୟବହାର ୧୫,୦୦୦ ମିଲିୟନ ଟନ୍ ଥିବା ବେଳେ ଏହା ବହୁ କୋଟି ଟଙ୍କାର ପୁନଃ କାର୍ଯ୍ୟକ୍ଷମ ଉଦ୍ୟୋଗ ସୃଷ୍ଟି କରିବ। ଏହାକୁ ଦୃଷ୍ଟିରେ ରଖି ପିଇଟି ଆସୋସିଏଶନ ଫର୍ କ୍ଲିନ୍ ଏନ୍‌ଭାଇରନ୍‌ମେଣ୍ଟ(ପେସ୍) ରିସାଇକେଲର୍ସ ଓ ର୍‌ୟାଗ୍‌ପିକର୍ସମାନଙ୍କ ସହଭାଗିତାରେ ଏକ ନୂଆ ଅଭିଯାନ ଆରମ୍ଭ କରିବ। ଆସନ୍ତା ଅକ୍ଟୋବରରୁ ଓଡ଼ିଶାରେ ୫୦୦ ମି.ଲି. ତଳକୁ ଥିବା ପାଣି ବୋତଲଗୁଡ଼ିକର ସମ୍ପୂର୍ଣ୍ଣ ନିଷେଧ ସମ୍ଭାବନାକୁ ନେଇ ସମସ୍ତ ଜିଲାରେ ଥିବା ବିବାହ ମଣ୍ଡପ, ହୋଟେଲ ଏବଂ ଶିକ୍ଷାନୁଷ୍ଠାନରୁ ପିଇଟି ପାଣି ବୋତଲ ସଂଗ୍ରହ କରାଯିବ। ଏହାସହିତ ବୋତଲଗୁଡ଼ିକର ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପେସ୍ ପକ୍ଷରୁ କୁହାଯାଇଛି।

ସାଧାରଣ ଲୋକଙ୍କୁ ଏକମାତ୍ର ଉପଯୋଗୀ ପ୍ଲାଷ୍ଟିକ୍ ଯେପରି କି, ପଲି–ବ୍ୟାଗ୍ସ ଏବଂ ବହୁବାର ବ୍ୟବହୃତ ତଥା ପୁନଃ କାର୍ଯ୍ୟକ୍ଷମ ଯୋଗ୍ୟ ପ୍ଲାଷ୍ଟିକ୍ ଯେପରି କି, ପିଇଟି ପାଣି ବୋତଲ ମଧ୍ୟରେ ପ୍ରଭେଦ ଜାଣିବା ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯିବ। ପେସ୍‌ର ସଭାପତି ବିମଳ କେଡିଆ କହିଛନ୍ତି, ପରିବେଶ ଅବକ୍ଷୟକୁ ପ୍ରତିହତ କରିବା ନିମନ୍ତେ କେବଳ ପ୍ଲାଷ୍ଟିକ୍‌ର ନିଷେଧ ଏକମାତ୍ର ସମାଧାନ ନୁହେଁ। ଏଥିପାଇଁ ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ରହିଛି। ପିଇଟି ବୋତଲଗୁଡ଼ିକ ଶତ ପ୍ରତିଶତ ପୁନଃ କାର୍ଯ୍ୟକ୍ଷମ ଯୋଗ୍ୟ। ପୋଷାକପତ୍ର ତିଆରି ନିମନ୍ତେ ବ୍ୟବହୃତ ତନ୍ତୁ ଏଥିରୁ ପ୍ରସ୍ତୁତ କରାଯାଇ ସେଥିରେ ଟି–ଶାର୍ଟ୍ସ, କପଡ଼ା ବ୍ୟାଗ୍, ଗଦି, ତକିଆ ଆଦି ତିଆରି କରାଯାଇପାରିବ। ହେଲେ ରାଜ୍ୟ ସରକାରଙ୍କୁ ବର୍ଜ୍ୟବସ୍ତୁ ନିଷ୍କାସନ ପୂର୍ବରୁ ପ୍ରଥମେ ଏହାକୁ ଦୁଇ ଭାଗରେ ବିଭକ୍ତ କରିବା ଜରୁରୀ। ପୁନଃ କାର୍ଯ୍ୟକ୍ଷମ ଉପଯୋଗୀ ଓ ଅନୁପଯୋଗୀ ପ୍ଲାଷ୍ଟିକ୍‌କୁ ଅଲଗା ଅଲଗା କରି ସେଗୁଡ଼ିକୁ ଉପଚାର କେନ୍ଦ୍ରକୁ ପଠାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ୨୪ରୁ ବନ୍ଦ ରହିବ ଅଗ୍ନିଶମ କେନ୍ଦ୍ର

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

୬ ଦଫା ଦାବି ନେଇ ଆସନ୍ତା ୨୪ ତାରିଖରୁ ଓଡ଼ିଶା ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଅଗ୍ନିକ, ମୁଖ୍ୟ ଅଗ୍ନିକ ଓ ଗାଡି ଚାଳକମାନେ ଆନ୍ଦୋଳନରେ ସାମିଲ ହେବେ। ଫଳରେ ଆସନ୍ତା ୨୪ ତାରିଖରୁ ସବୁ ଫାୟାର ଷ୍ଟେଶନ ବନ୍ଦ ରହିବ ବୋଲି ଓଡ଼ିଶା ଅଗ୍ନିଶମ ଏବଂ ହାବିଲଦାର ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ କରିବା, ଜବ ଚାର୍ଟ ନିର୍ଘଣ୍ଟ ଆଦି ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି।

# ବର୍ଷେ ହେଲା ଅପମାନ ସୂଚକ ଟୁଇଟ୍ କରୁଛନ୍ତି ଅଭିଜିତ

**ପୁରୀ ଅଫିସ, ୨୧।୯**

ଅଭିଜିତ ଆୟର ମିତ୍ର ଦୀର୍ଘ ୧ବର୍ଷ ହେଲା ଓଡ଼ିଶା, ଓଡ଼ିଆ ଜାତି, ଓଡ଼ିଶାର ଐତିହ୍ୟକୁ ନେଇ ବିଭିନ୍ନ ପ୍ରକାର ଅରୁଚିକର ମନ୍ତବ୍ୟ ସୋସିଆଲ ମିଡିଆରେ ଦେଇ ଆସୁଛନ୍ତି। ସେ କେବଳ ଓଡ଼ିଶା ଏବଂ ଓଡ଼ିଆଙ୍କ ସ୍ୱାଭିମାନକୁ କଠୋର ଆଘାତ ପହଞ୍ଚାଇଲା ଭଳି ମନ୍ତବ୍ୟ ପୋଷ୍ଟ କରି ଆସୁଛନ୍ତି। ଶ୍ରୀଜଗନ୍ନାଥଙ୍କ ବିରୋଧରେ ମଧ୍ୟ ଅରୁଚିକର ମନ୍ତବ୍ୟ ରଖିଛନ୍ତି। ଓଡ଼ିଶା ପ୍ରତି କାହିଁକି ଏଭଳି ମନ୍ତବ୍ୟ ରଖୁଛନ୍ତି ଏବଂ ଏହାପଛରେ କିଛି ଷଡ଼ଯନ୍ତ୍ର ରହିଛି କି, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପୁରୀ ଏସ୍‌ପି ସାର୍ଥକ ଷଡଙ୍ଗୀ ସୂଚନା ଦେଇଛନ୍ତି।

ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଅଭିଜିତଙ୍କ ନାମରେ ବିମ୍ବାଧର ବେଉରା ନାମକ ଜଣେ ବ୍ୟକ୍ତି କୋଣାର୍କ ଥାନାରେ ବୁଧବାର ଏକ ଏତଲା ଦେଇଥିଲେ। ଏତଲାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନାମ ରହିଛି। କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଅଭିଜିତ ତାଙ୍କ ଟୁଇଟରରେ ଏକ ଭିଡିଓ ଅପଲୋଡ କରିଥିବା ଦର୍ଶାଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ପର୍କରେ ସେ ଉକ୍ତ ଭିଡିଓରେ ଅରୁଚିକର ମନ୍ତବ୍ୟ ରଖିଛନ୍ତି। ମୁସଲମାନଙ୍କ ନାଁ ନେଇ ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଏହାସହିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ କଦର୍ଥ ଟୁଇଟ୍ କରିଥିବା ଅଭିଯୋଗକାରୀ ଏତଲାରେ ଦର୍ଶାଇଛନ୍ତି। ଉକ୍ତ ଏତଲାକୁ ନେଇ ଆମେ ତଦନ୍ତ କଲୁ। ଅଭିଜିତଙ୍କ ଟୁଇଟର ଦେଖିଲୁ। ସେ ସୋସିଆଲ ମିଡିଆରେ ବହୁ ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି କୋଣାର୍କ ଥାନାରେ ୧୫୩(ଏ), ୨୯୫(ଏ), ୨୯୮(ଏ) ଏବଂ ୬୬ ଆଇଟି ଆକ୍ଟ ବଳରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ସଦର ଥାନା ଅଧିକାରୀ ଗୌରାଙ୍ଗ ପୃଷ୍ଟି ଏବଂ କୋଣାର୍କ ଥାନା ଅଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ଦିଲ୍ଲୀ ପଠାଇଥିଲୁ। ସେ ଦିଲ୍ଲୀ ଯାଇ ତାଙ୍କ ସହିତ ଆଲୋଚନା କଲେ। କିନ୍ତୁ ଆଲୋଚନା ବେଳେ ଉକ୍ତ ଘଟଣାକୁ ନେଇ ତାଙ୍କର କୌଣସି ଅନୁଶୋଚନା ଜଣାପଡିଲା ନାହିଁ। ବରଂ ସେ ଯାହା କରିଛନ୍ତି ଠିକ୍ କରିଥିବା ଯୁକ୍ତି ବାଢିଲେ। ଓଡ଼ିଆଙ୍କ ଧର୍ମୀୟ ଭାବନାକୁ କ୍ଷୁଣ୍ଣ କରୁଥିବାରୁ ତାଙ୍କୁ ଗିରଫ କରିବା ଲାଗି ନିଷ୍ପତ୍ତି ନେଇଥିଲୁ। ତାଙ୍କୁ ଗିରଫ କରାଯାଇ ଦିଲ୍ଲୀର ସାକେତ କୋର୍ଟରେ ଟ୍ରାଞ୍ଜିଟ ରିମାଣ୍ଡ ଲାଗି ହାଜର କରାଯାଇଥିଲା। ତଦନ୍ତରେ ଅଭିଜିତ ସହାୟତା କରୁଥିବା କୋର୍ଟ ଅନୁଭବ କରି ଟ୍ରାଞ୍ଜିଟ ରିମାଣ୍ଡକୁ ଅଗ୍ରାହ୍ୟ କରି ଦେଇଥିଲେ। ଆରତୀ ଟିକୋ ୧୦ଜଣ ଆଇନଜୀବୀଙ୍କୁ ଆଣି ସଙ୍ଗେ ସଙ୍ଗେ କୋର୍ଟରେ ଜାମିନ ଆବେଦନ କରିଥିଲେ। ୧ଲକ୍ଷ ଟଙ୍କାର ମୁଚାଲିକାରେ କୋର୍ଟ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ୨୮ତାରିଖ ସୁଦ୍ଧା ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସର ତଦନ୍ତ ପ୍ରକ୍ରିୟା କୋହଳ ଥିଲା କି ପ୍ରଶ୍ନରେ ଏସ୍‌ପି କହିଛନ୍ତି ଯେ, ଅଭିଯୋଗକୁ ଭିତ୍ତିକରି ଦଫା ଲଗାଯାଇଛି। ସମସ୍ତ ତଥ୍ୟ କୋର୍ଟଙ୍କ ନିକଟରେ ରଖିଛୁ। ସାଧାରଣତଃ ଟ୍ରାଞ୍ଜିଟ ରିମାଣ୍ଡରେ ଜାମିନ ଆବେଦନ ହୋଇ ନ ଥାଏ। କିନ୍ତୁ ସିଆରପିସି ୧୬୭ ଅନୁଯାୟୀ କୋର୍ଟଙ୍କ ଅନ୍ତରୀଣ ଜାମିନ ଦେବାର କ୍ଷମତା ରହିଛି। ଅଭିଜିତ ଯେତେବେଳେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବେ ଆମେ ତାଙ୍କୁ ଅଧିକ ପଚରାଉଚୁରା କରିବୁ।

ଏହି ମାମଲାରେ ବୈଜୟନ୍ତଙ୍କୁ ଯୋଡ଼ାଯିବ କି ପ୍ରଶ୍ନରେ ସେ କହିଥିଲେ ଯେ, ଏତଲାରେ ବୈଜୟନ୍ତଙ୍କ ନାମ ରହିଛି। ଯଦି ତଦନ୍ତ ବେଳେ ତାଙ୍କର ସମ୍ପୃକ୍ତି ଆସେ ତା' ହେଲେ ସେ ବି ପରିସରଭୁକ୍ତ ହେବେ। ଅଭିଜିତ ହେଉଛନ୍ତି ଜଣେ ବେଙ୍ଗଲୀ। ସେ ଇନ୍‌ଷ୍ଟିଚ୍ୟୁଟ ଅଫ ପିସ୍ ଆଣ୍ଡ କନ୍‌ଫ୍ଲିକ୍ଟର ସିନିୟର ରିସର୍ଚ୍ଚ ଫେଲୋ ରହିଛନ୍ତି। ଶ୍ରୀଜଗନ୍ନାଥଙ୍କ ନାମରେ କଦର୍ଥ ଟୁଇଟ କରିଛନ୍ତି। ତାଙ୍କ ସମସ୍ତ ଟୁଇଟ୍‌ର ଆଇନଗତ ତର୍ଜମା କରାଯିବ। ଆବଶ୍ୟକ ପଡିଲେ ଅଧିକ ମାମଲା ରୁଜୁ କରାଯିବ ବୋଲି ଏସ୍‌ପି କହିଛନ୍ତି। ସିଂହଦ୍ୱାର ଥାନାରେ ହୋଇଥିବା ଏତଲାର ତର୍ଜମା କରାଯାଉଛି ବୋଲି ଏସ୍‌ପି କହିଛନ୍ତି।




# ବକୁଳବନ ଜମି ବିକ୍ରି ପାଇଁ ଆବେଦନ କଲା ଟ୍ରଷ୍ଟ ବୋର୍ଡ

**ପୁରୀ ଅଫିସ,୨୧।୯**

## ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପ୍ରସଙ୍ଗ

ବକୁଳବନ ନିକଟରେ ଓଡିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। କିନ୍ତୁ ଉକ୍ତ ଜମି ସତ୍ୟବାଦୀର ଗୋପୀନାଥ ଦେବ ଠାକୁରଙ୍କ ନାମରେ ରହିଛି। ଏହି ଜମିକୁ ସରକାରଙ୍କୁ ବିକ୍ରି କରିବା ଲାଗି ସତ୍ୟବାଦୀ ଗୋପୀନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦେବୋତ୍ତର କମିଶନରଙ୍କ ନିକଟରେ ଆବେଦନ କରାଯାଇଛି। ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ଓଡିଶା ହିନ୍ଦୁ ଦେବୋତ୍ତର ଆଇନର ୧୯ ଧାରା ଅନୁଯାୟୀ ଆବେଦନ କରିଛନ୍ତି।

ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ୧୯୮୭ ମସିହା ଆରଓଆର ଅନୁଯାୟୀ ଉକ୍ତ ଜମି ସତ୍ୟବାଦୀ ଗୋପୀନାଥ ଦେବଙ୍କ ନାମରେ ରହିଛି। ପଞ୍ଚସଖାଙ୍କ କର୍ମଭୂମି ଥିଲା ବକୁଳବନ। ଏହି ଐତିହ୍ୟକୁ ଉଜ୍ଜୀବିତ ରଖିବା ଲାଗି ଉକ୍ତ ଜମିରେ ରାଜ୍ୟ ସରକାର ଓଡିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ ମନ୍ଦିରର କର୍ପସ ଫଣ୍ଡ ନ ଥିବାରୁ ବିକାଶମୂଳକ କାର୍ଯ୍ୟ ମଧ୍ୟ ହୋଇପାରୁନାହିଁ। ମନ୍ଦିର ବିକାଶ ପାଇଁ ଏହି ଜମି ବିକ୍ରି କରିବାର ଆବଶ୍ୟକତା ରହିଛି। ବକୁଳବନର ୨୯.୦୧ ଜମିରେ ବିଶ୍ୱବିଦ୍ୟାଳୟ ହେବ। ଏହି ଜମି ୨୪ ପ୍ଲଟରେ ରହିଛି। ଉକ୍ତ ଜମି ବଗାୟତ, ଘରବାରି, ଜଳାଶୟ ଓ ପତିତ କିସମର। ତେବେ କମିଶନ ଏହି ଆବେଦନକୁ ଗ୍ରହଣ କରି ୨୬୨/୧୮ରେ ଏକ କେସ ରୁଜୁ କରିଛନ୍ତି। ଉକ୍ତ ଜମିର ବେଞ୍ଚମାର୍କ ମୂଲ୍ୟ ଜଣାଇବା ଲାଗି ସତ୍ୟବାଦୀ ତହସିଲଦାରଙ୍କୁ ଦେବୋତ୍ତର କମିଶନର ଚିଠି ଲେଖିଛନ୍ତି।

# ବଳାତ୍କାର ମାମଲା:ଏୟାର ଓଡ଼ିଶା ନିର୍ଦ୍ଦେଶକ ନିଲମ୍ବିତ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**–ଏୟାର ଓଡ଼ିଶା ନିର୍ଦ୍ଦେଶକ ସନ୍ତୋଷ ପାଣିଙ୍କ ନାମରେ ବଳାତ୍କାର ଅଭିଯୋଗ ଆସିବା ପରେ ଜିଏସ୍‌ଇସି ମୋନାର୍କ ଆଭିଏଶନ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଅନ୍ୟପଟେ ବଳାତ୍କାର ଅଭିଯୋଗ ଆଣିଥିବା ବଙ୍ଗୀୟ ଯୁବତୀଙ୍କର ଗୁରୁବାର କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପୀଡ଼ିତା ପୋଲିସ ଆଗରେ ଯେଉଁ ବୟାନ ଦେଇଥିଲେ କୋର୍ଟରେ ମଧ୍ୟ ତାହାକୁ ଦୋହରାଇଛନ୍ତି। ଅନ୍ୟପକ୍ଷରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତଙ୍କ ଖଣ୍ଡଗିରିସ୍ଥିତ ଅଫିସରେ ଚଢାଉ କରିଛି। ପୋଲିସ ଅଫିସରୁ ଯୁବତୀଙ୍କ ନିଯୁକ୍ତିପତ୍ର ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଛି। ଖୁବ୍‌ଶୀଘ୍ର ଯୁବତୀଙ୍କର ଡାକ୍ତରୀମାଇନା କରାଯିବ। ଡାକ୍ତରୀମାଇନାରେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତଦନ୍ତରୁ ଯୁବତୀଙ୍କ ଅଭିଯୋଗର ସତ୍ୟତା ଜଣାପଡ଼ିଲେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୦ରେ ସନ୍ତୋଷ ଉକ୍ତ ଯୁବତୀଙ୍କୁ ତାଙ୍କ ଘରେ ଛାଡ଼ିଦେବା ଲାଗି ନିଜ କାରରେ ନେଇଥିଲେ। ପରେ ବଡ଼ଗଡ଼ କେନାଲ ରୋଡ୍‌ସ୍ଥିତ ଯୁବତୀଙ୍କ ଭଡ଼ା ଘରେ ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ।



"୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।
- ଗୌତମ ବୁଦ୍ଧ

# ବନ୍ୟାଜଳରେ ଭାସି ଯାଉଥିବା ହାତୀଛୁଆ ଉଦ୍ଧାର

ଗାଇସିଲେଟ୍,୨୧।୯(ଡି.ଏନ.ଏ)



ବନ୍ୟାଜଳରୁ ଗ୍ରାମବାସୀ ହାତୀଛୁଆକୁ ଉଦ୍ଧାର କରି ଆଣୁଛନ୍ତି ।

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ତାଲପାଲି ଗ୍ରାମ ଉପକଣ୍ଠରେ ବହି ଯାଇଥିବା ଅଙ୍ଗନଦୀର ବନ୍ୟାଜଳରେ ଶୁକ୍ରବାର ପୂର୍ବାହ୍ନରେ ଭାସି ଯାଉଥିବା ଏକ ହାତୀଛୁଆକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି । ଉଦ୍ଧାର ହାତୀଛୁଆକୁ ତାଲପାଲି ନିକଟ ସେମେଲଗୁଡ଼ାଠାରେ ଥିବା ହାତୀପଲଙ୍କ ମଧ୍ୟରେ ଛାଡ଼ି ଦିଆଯାଇଛି । ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୯ଟାରେ ୨୨ଟି ହାତୀ ଥିବା ଏକ ହାତୀପଲ ଘେଁସ ରେଞ୍ଜ ଅଧୀନ ଜଙ୍ଗଲ ପଟୁ ଅଙ୍ଗନଦୀ ଅତିକ୍ରମ କରି ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି, ସେମେଲଗୁଡ଼ା ଅଞ୍ଚଳକୁ ଆସୁଥିଲେ । ଅନ୍ୟ ହାତୀମାନେ ନଦୀ ଅତିକ୍ରମ କରି ଆସିଯାଇଥିବା ବେଳେ ଉଦ୍ଧାର ହୋଇଥିବା ହାତୀଛୁଆ ନଦୀ ମଧ୍ୟରୁ ବାହାରି ପାରି ନ ଥିଲା । ଅନ୍ୟ ହାତୀମାନେ ସେହି ହାତୀଛୁଆକୁ ନଦୀ ମଧ୍ୟରୁ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ ଏବଂ ସେମାନେ ସେମେଲଗୁଡ଼ା ଅଞ୍ଚଳକୁ ଚାଲି ଯାଇଥିଲେ । ଅନ୍ୟପଟେ ସେହି ହାତୀଛୁଆଟି ଅଙ୍ଗନଦୀର ବନ୍ୟାଜଳରେ ଭାସି ଯାଉଥିଲାବେଳେ ସେଠାକୁ ଗାଧୋଇବା ପାଇଁ ଯାଇଥିବା ଲୋକେ ଦେଖିଥିଲେ ଏବଂ ହାତୀଛୁଆକୁ ଉଦ୍ଧାର କରିଥିଲେ । ଉଦ୍ଧାର କାର୍ଯ୍ୟରେ ତାଲପାଲି ଗ୍ରାମର ରାଧାକାନ୍ତ ଭୋଇ, ସତକୁମାର ଷାଣ୍ଡ, ଗୁନିଆ ସାହୁ, ଦେବରାଜ ସନ୍ୟାସୀ, ରାମକୃଷ୍ଣ ପଟେଲ, ଦୋଳଗୋବିନ୍ଦ ସାହୁ, ଘନାମାଲ ଗ୍ରାମର କଇଁରା ପ୍ରଧାନ, କୃପା ପ୍ରଧାନ, କର୍ଣ୍ଣ ପୁଟେଲ, ଋଷଭ ସନ୍ୟାସୀ ପ୍ରମୁଖ ସାମିଲ ହୋଇଥିଲେ। ଉଦ୍ଧାର ହୋଇଥିବା ହାତୀଛୁଆର ବୟସ ପାଖାପାଖି ୨ ମାସ ହେବ ବୋଲି ସ୍ଥାନୀୟ ଫରେଷ୍ଟର ଖେଳପ୍ରିୟ ସାହୁ କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବଡ଼ସାହି,୨୧।୯(ସ୍ୱ.ପ୍ର.)–ବଡ଼ସାହି ବ୍ଲକ ଅଧୀନ ମିରିଗିଦାରୀ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଃଶାସନ(୩୦) ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ଦୁଃଶାସନଙ୍କ ଘରେ କରମ ପୂଜା ହେଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଚେତାଶୂନ୍ୟ ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ମାଣତ୍ରୀ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।












"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ଆମର ଚିରନମସ୍ୟ



✓ ଡକ୍ଟର ଭ୍ରମରବର ବେହେରା
୧୨ ମେ ୧୯୨୪ – ୧୨ ସେପ୍ଟେମ୍ବର ୨୦୧୮

ଆପଣଙ୍କ ସମ୍ପୂର୍ଣ୍ଣ ଜୀବନ ଆପଣଙ୍କ ପରିବାରର ମଙ୍ଗଳ ଓ ସାମାଜିକ ସେବା ପାଇଁ ଉତ୍ସର୍ଗୀକୃତ ରହିଥିଲା। ଆପଣଙ୍କ ସନ୍ତାନ ଭାବେ ଆମେ ଆଜି ଅତି ଗର୍ବ ଅନୁଭବ କରୁଅଛୁ ଏବଂ ଆପଣଙ୍କ ଆଦର୍ଶ ଓ ପ୍ରଦର୍ଶିତ ଜୀବନଯାତ୍ରାର ମାର୍ଗରେ ଆମେ ଅଗ୍ରସର ପାଇଁ ସଦା ପ୍ରଚେଷ୍ଟାରତ।

ଶୋକସନ୍ତପ୍ତ ବେହେରା ପରିବାର
ଜାମସେଦପୁର • ପୁନେ • କଟକ • ଭୁବନେଶ୍ୱର

# ଆଇଜିଏଚ୍‌କୁ ମେଡିକାଲ କଲେଜ କରିବାର ପ୍ରସ୍ତାବ ନାହିଁ

■ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପାଇଁ ମନା କଲା ଆରଏସ୍‌ପି

ବଲାଙ୍ଗୀର ଅଫିସ, ୨୧।୯

ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)କୁ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ଏବଂ ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଉରକେଲା ଗସ୍ତ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ଏବେ ତାହା ପାଣିର ଗାର ସଦୃଶ ହୋଇଛି । ସୂଚନା ଅଧିକାର ଆଇନ ବଳରେ ମଗା ଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ରାଉରକେଲା ଇସ୍ପାତ୍ ଜେନେରାଲ ହସ୍‌ପିଟାଲକୁ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯିବାର ପ୍ରସ୍ତାବ ସମ୍ପର୍କରେ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ଏବଂ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆକୁ ପୃଥକ ପୃଥକ୍ ଭାବେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ପାଇଁ ପ୍ରସ୍ତାବ ନାହିଁ ବୋଲି ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ସେହିପରି ରାଉରକେଲା ଇସ୍ପାତ୍ କାରଖାନା ପାଖରେ ମଧ ଏହି ଡାକ୍ତରଖାନାକୁ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରିବା ପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି କାରଖାନା ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ସ୍ଥାନୀୟ ବିଧାୟକ ଦିଲୀପ ରାୟ ନିଜର ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ମୁକ୍ତିକାନ୍ତ ବିଶ୍ୱାଳ ନାମକ ଜଣେ ଯୁବକ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ମନେ ପକାଇ ଦେବା ପାଇଁ ରାଉରକେଲାରୁ ଦିଲ୍ଲୀ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଭିଲାଇ ଷ୍ଟିଲ ପ୍ଲାଣ୍ଟ ଅଧୀନରେ ଜବାହରଲାଲ ନେହେରୁ ହସ୍‌ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ନାମରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଅଧୀନରେ ଏକମାତ୍ର ସୁପର ସ୍ପେଶିଆଲିଟି ହସ୍‌ପିଟାଲ ରହିଥିବା ତଥ୍ୟରୁ ଜଣାପଡିଛି ବୋଲି ପଣ୍ଡା କହିଛନ୍ତି।

ଓଦା ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ଆଘାତ

# ବଡ ଯାଆଙ୍କୁ ବଞ୍ଚାଇବାକୁ ଯାଇ ମଝିଆ ମୃତ

ଅମ୍ବାଭୋନା, ୨୧।୯ (ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ରୁଚିଦା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗ୍ରାମର ହଜାରୁ ପଧାନଙ୍କ ମଝିଆ ବୋହୂଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ ଅଞ୍ଜନା ପଧାନ (୩୦) । ବଡ ବୋହୂ ପଦ୍ମିନୀ ପଧାନ (୩୩) ଆହତ ହୋଇଛନ୍ତି । ତାଙ୍କୁ ଅମ୍ବାଭୋନାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ଅପରାହ୍ନ ସାଢେ ୨ଟାରେ ପଦ୍ମିନୀ ଏକ ତାରରେ ଓଦାଲୁଗା ଶୁଖାଉଥିବା ବେଳେ ସେଥିରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା । ଫଳରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ଚିତ୍କାର କରିବାରୁ ତାଙ୍କୁ ବଞ୍ଚାଇବାକୁ ଯାଇ ମଝିଆ ବୋହୂ ଅଞ୍ଜନାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଅଞ୍ଚଳର ଜୀବନଜ୍ୟୋତି ଚୌଧୁରୀ। ସୂଚନା ମୁତାବକ, ଜୀବନଜ୍ୟୋତି ଉକ୍ତ ନାବାଳିକାଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ପ୍ରେମ ଜାଲରେ ଫସାଇଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ବିବାହ ପାଇଁ ପରିବାର ଲୋକଙ୍କ ସହିତ କଥା ହେବାକୁ କହିବାରୁ ଜୀବନ ତାଙ୍କଠାରୁ ଦୂରେଇ ଯାଇଥିଲେ। ଏ ନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା(୩୮୮/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଜୀବନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।




## ସଂକ୍ଷେପରେ

### ସାନଭାଇ ଟାଙ୍ଗିଆ ଚୋଟରେ ବଡଭାଇ ଗୁରୁତର

**ସମ୍ବଲପୁର,୨୧।୯(ବ୍ୟୁରୋ)**-ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନଭାଇ ଟାଙ୍ଗିଆ ଚୋଟରେ ବଡଭାଇ ଗୁରୁତର ଆହତ ହୋଇଛନ୍ତି। ଆହତ ବଡଭାଇ ସୁରେନ୍ଦ୍ର ବାରିକ ଗୁରୁବାର ଅଭିଯୋଗ କରିବା ପରେ ସଦର ଥାନା ପୋଲି ଅଭିଯୁକ୍ତ ସାନ ଭାଇ ଗଜେନ୍ଦ୍ର ବାରିକଙ୍କୁ ଗିରଫ କରିଛି । ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୨୦୪/୧୮) ରୁଜୁ ହୋଇଛି।



### ଏମ୍ସରେ ଜୟନାରାୟଣ

**ସମ୍ବଲପୁର, ୨୧।୯ (ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ସମ୍ବଲପୁରର ଭାଜପା ଯୁବନେତା କାହ୍ନୁରାମ ଶର୍ମା ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡିଶା ଗସ୍ତରେ ଆସୁଛନ୍ତି। ବହୁ ପ୍ରତୀକ୍ଷିତ ଝାରସୁଗୁଡା ଏୟାରପୋର୍ଟକୁ ସେ ଉଦ୍‌ଘାଟନ କରିବେ । ଏହାପରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। କିନ୍ତୁ ଜୟନାରାୟଣଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକଙ୍କ ମଧରେ ନିରାଶାଭାବ ଦେଖାଦେଇଛି ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।

ଜାଲ୍ ନୋଟ୍ କାରବାରର ପର୍ଦ୍ଦାଫାଶ

## ୧୭ ହଜାର ଜାଲ୍ ୫ଶହ ଟଙ୍କିଆ ନୋଟ୍ ଜବତ

**୨ ଅଭିଯୁକ୍ତ ଗିରଫ, ପୋଲିସ ଯୋଜନା ସଫଳ**

**ଧର୍ମଗଡ,୨୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ପୋଲିସ ଏକ ଜାଲ୍ ନୋଟ୍ ର୍ୟାକେଟର ପର୍ଦ୍ଦାଫାଶ କରିଛି । ଏହି କାରବାରରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଧର୍ମଗଡ ଥାନା ଅନ୍ତର୍ଗତ କୁଟୁରୁ ଗ୍ରାମର ରାଜେନ୍ଦ୍ର ଭୋଇ ଏବଂ ଗଡିଆଯୋର ଗ୍ରାମର କୁଳମଣି ନାଏକ। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ, ଗୋଟିଏ ବାଇକ୍ ଏବଂ ୧୭ ହଜାର ଜାଲ ୫ଶହ ଟଙ୍କିଆ ନୋଟ୍ ପୋଲିସ ଜବତ କରିଛି । ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ ୫୦୦ ଟଙ୍କିଆ ନୋଟକୁ କଲର ଜେରକ୍ସରେ ଅସଲି ବନାଇ ବଜାରରେ ଚଳାଉଥିଲେ ବୋଲି ଶୁକ୍ରବାର ଧର୍ମଗଡ଼ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି। ସୂଚନା ଅନୁସାରେ, ଗତ ସପ୍ତାହ ତଳେ ଧନିରାମ ନାଏକ ନାମକ ଜଣେ ଛେଳି, ମେଣ୍ଢା ବ୍ୟବସାୟୀଙ୍କଠାରୁ ଅଭିଯୁକ୍ତମାନେ ୪୦ ହଜାର ଟଙ୍କା ଦେଇ ଛେଳି କିଣିଥିଲେ। ବ୍ୟବସାୟୀ ଧନିରାମ ଗ୍ରହଣ କରିଥିବା ନୋଟ୍‌ଗୁଡ଼ିକ ନକଲି ବୋଲି ଜାଣି ପାରି ନ ଥିଲେ। ସେ ଏଥିରୁ ୫୦୦ ଟଙ୍କା ଧରି କୋତମେର ଗ୍ରାମର ଏକ ଦୋକାନକୁ ଜିନିଷ କିଣିବାକୁ ଯାଇଥିଲେ। ଦୋକାନୀ ଜଣଙ୍କ ଏହା ନକଲି ନୋଟ ବୋଲି କହିଥିଲେ । ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ଧନିରାମଙ୍କୁ ମାରପିଟ କରିଥିଲେ। ସେ ଗାଁକୁ ଆସି ଛେଳିବିକ୍ରି କରି ପାଇଥିବା ସମସ୍ତ ଜାଲନୋଟକୁ ଭୟରେ ଜାଳି ଦେଇଥିଲେ । ଏହା ପରେ ଧନିରାମ ପୋଲିସରେ ଜଣାଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଏକ ଯୋଜନା ପ୍ରସ୍ତୁତ କରିଥିଲା । ଯୋଜନା ଅନୁଯାୟୀ, ଧନିରାମ ସଂପୃକ୍ତ ଯୁବକଙ୍କୁ ଫୋନ୍ କରି ଆଉ ଛେଳି ବିକ୍ରି କରିବାର ଅଛି ବୋଲି କହି ଡକାଇଥିଲେ। ଅଭିଯୁକ୍ତ ଜଣକ ଆହୁରି ୧୭ ହଜାର ଟଙ୍କା ଧରି ଆସିଥିଲେ। ହେଲେ ପୂର୍ବରୁ ପ୍ରସ୍ତୁତ ଥିବା ଧର୍ମଗଡ ପୋଲିସ କୁଟୁରୁ ଗ୍ରାମର ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା। ଏହି ନୋଟ କୁଳମଣି ଦେଇଥିବା ରାଜେନ୍ଦ୍ର କହିବା ପରେ ପୋଲିସ ଗଡିଆଯୋର ଗ୍ରାମକୁ ଯାଇ କୁଳମଣିଙ୍କୁ ଗିରଫ କରିଥିଲା । ଏହା ଏକ ଆନ୍ତଃରାଜ୍ୟ ର୍ୟାକେଟ ସନ୍ଦେହରେ ସାଇବର କ୍ରାଇମ ଡିଭିଜନ ସହାୟତାରେ ଆହୁରି ତଦନ୍ତ ଚାଲିଥିବା ଧର୍ମଗଡ ପୋଲିସ ଡିଏସ୍‌ପି ଶତପଥୀ କହିଛନ୍ତି ।

## ବିଲରେ ସାର ପକାଇବା ବେଳେ ଯୁବକଙ୍କୁ ଭାଲୁ ଆକ୍ରମଣ କଲା

**ରେଢାଖୋଲ,୨୧।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲା ବନଖଣ୍ଡର ଚାରମାଳ ରେଞ୍ଜ ଅନ୍ତର୍ଗତ କଣ୍ଢେଇ ଗ୍ରାମରେ ଜଣେ ଯୁବକଙ୍କୁ ଭାଲୁ ଆକ୍ରମଣ କରିଛି। ସେ ହେଲେ ସୁରୁ ଦେହୁରୀ(୨୫)। ତାଙ୍କ ମୁହଁ ଏବଂ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର) ସ୍ଥାନାନ୍ତର କରାଯାଇଛି। ସୁରୁ ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ବିଲରେ ସାର ପକାଉଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଭାଲୁଟି ଆସି ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଆଖପାଖ ଲୋକ ପହଞ୍ଚି ତାଙ୍କୁ ଭାଲୁ କବଳରୁ ବଞ୍ଚାଇ ଥିଲେ। ତେବେ ବନ ବିଭାଗ ପକ୍ଷରୁ ତାଙ୍କର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।









## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାମରା, ୨୧।୯ (ସ୍ୱ.ପ୍ର.)**–ବାମରା–ଝାରସୁଗୁଡା ମଧ୍ୟବର୍ତ୍ତୀ ବାଗଡିହି ରେଳଷ୍ଟେଶନ ନିକଟରେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ରେଳବାଇ ପୋଲିସ ଶୁକ୍ରବାର ଉଦ୍ଧାର କରିଛି । କୌଣସି ଚଳନ୍ତା ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ବାଗଡିହି ରେଳଷ୍ଟେଶନରୁ ପ୍ରାୟ ୩୦୦ ମିଟର ଦୂର (ପୋଲ ସଂଖ୍ୟା ୪୯୩/୨୫/୨୭) ରେଳଧାରଣା ନିକଟରେ କେହି ଜଣେ ଟ୍ରେନରେ କଟି ମୃତ୍ୟୁ ଘଟିଥିବା ଖବର ପାଇ ବାମରା ଜିଆରପି ମୃତଦେହ ଉଦ୍ଧାର କରିଥିଲା । ଏ ନେଇ ଏକ ଅପମୃତ୍ୟୁ ମାମଲା ( ନଂ. ୪୧/୧୮) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଝାରସୁଗୁଡା ପଠାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପ୍ରାୟ ଆନୁମାନିକ (୩୫) ବର୍ଷ ହେବ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଏ ଜନ୍ମରେ ସୁକର୍ମ କଲେ ଆଗାମୀ
ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଟିକ୍ରାପଡା,୨୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ ଅଧିନ ଚଲକି ଗ୍ରାମରେ ଦୁର୍ଗାପୂଜା ପରିଚାଳନା ସମିତି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଦୟାନିଧି ନାଗ, ସମ୍ପାଦକ ସତ୍ୟବ୍ରତ ଭୋଇ, କୋଷାଧକ୍ଷ ଭାବେ ହିରାଲାଲ ଜୈନ ମନୋନୀତ ହୋଇଛନ୍ତି। ଯଜ୍ଞେଶ୍ୱର ପାଢୀ, ପଦ୍ମଲୋଚନ ବଗର୍ତ୍ତୀ, ଭଜରାଜ ପୁଟେଲଙ୍କୁ ଉପଦେଷ୍ଟାଭାବେ ଗ୍ରହଣ କରାଯାଇଥିଲା। ନର୍ଭେ ବଗର୍ତ୍ତୀ, ମଧୁ ନାଗ, ସୁଶାନ୍ତ ଭୋଇ, ନରସିଂହ ଚନ୍ଦନ, ହୃଦାନନ୍ଦ ପାତ୍ର, ରାଜୁ ମୁଣ୍ଡା, ରାଜେଶ ହାତୀ, ବିପିନ ପରାଭୁଏ ପ୍ରମୁଖ ସଦସ୍ୟ ମନୋନୀତ ହୋଇଥିଲେ। ବାସନ୍ତୀ ଜାନି, ଉପେନ୍ଦ୍ର ଭୋଇ ଯଜ୍ଞ କର୍ତ୍ତା ରହିବେ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

### ଅକ୍ଟୋବର ୯ରୁ ଭୂମିକାର ନାଟ୍ୟ କର୍ମଶାଳା

**ବଲାଙ୍ଗୀର ଅଫିସ,୨୧।୯:** ବଲାଙ୍ଗୀରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆଗାମୀ ଅକ୍ଟୋବର ୯ରୁ ୩୨୧ ପର୍ଯ୍ୟନ୍ତ ଏକ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହେବ। ଏଠାରେ ନାଟକ ସମ୍ପର୍କିତ ବିଭିନ୍ନ କଳା କୌଶଳ ତାଲିମ ଦିଆଯିବ। ପ୍ରଶିକ୍ଷକଭାବେ ଏନ୍ଏସ୍‌ଡିଆନ୍ ବିଶ୍ୱଜିତ୍ ବିଶ୍ୱାସ ଯୋଗଦେବେ। ୧୯୯୬ ମସିହାରେ ବିଶ୍ୱାସ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାରେ ଯୋଗଦେଇ ସ୍ପେଶାଲ ପେପର ଭାବେ ଅଭିନୟକୁ ବାଛିଥିଲେ। ୧୯୯୯ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସେ ପଶ୍ଚିମବଙ୍ଗର ଶାନ୍ତିପୁରଠାରେ ଶାନ୍ତିପୁର ରଙ୍ଗପୀଠ ଗଠନ କରି ସ୍ଥାନୀୟ ଯୁବକମାନଙ୍କୁ ପ୍ରଶକ୍ଷଣ ପ୍ରଦାନ କରୁଛନ୍ତି। ବିଶ୍ୱାସ ଗୋଆ କଳା ଏକାଡେମୀ ଏବଂ ମହାରାଷ୍ଟ୍ରର ୱାର୍ଦ୍ଧା ସ୍ଥିତ ମହାତ୍ମାଗାନ୍ଧୀ ଅନ୍ତରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ବିଶ୍ୱାସ ଏହି ନାଟ୍ୟ କର୍ମଶାଳାରେ ଯୋଗଦେବେ। ଏହି କର୍ମଶାଳାରେ ୨୫ ବର୍ଷରୁ କମ୍ ବୟସର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ତାଲିମ ଶିବିରରେ ଶିଖିଥିବା ପ୍ରଶିକ୍ଷାର୍ଥୀଙ୍କୁ ନେଇ ଶେଷରେ ପ୍ରଦର୍ଶନୀ ନାଟକ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି।କର୍ମଶାଳାରେ ଯୋଗଦେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ନାମ ରେଜିଷ୍ଟ୍ରେଶସନ୍ କରିନେବାକୁ ଅନୁରୋଧ କରାଯାଇଛି। ଏହା ପୂର୍ବରୁ ୧୯୯୮ ଏବଂ ୨୦୦୪ ମସିହାରେ ଭୂମିକା ପକ୍ଷରୁ ଏଭଳି ନାଟ୍ୟ କର୍ମଶାଳା ଆୟୋଜନ କରାଯାଇଥିଲା।

# ପୋଲିସ କବ୍‌ଜାରେ ୩ ଆନ୍ତଃ ଜିଲା ଲୁଟେରା

**ବଲାଙ୍ଗୀର ଅଫିସ, ୨୧।୯**



ଗିରଫ ହୋଇଥିବା ୩ ଲୁଟେରାଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି।

- ୨ ବାଇକ, ୫ ମୋବାଇଲ ଫୋନ୍ ଜବତ
- ଲୁଟିଥିଲେ ୧ ଲକ୍ଷ ୭୫ ହଜାର ଟଙ୍କା
- ପୂର୍ବରୁ ଗିରଫ ହୋଇଥିଲେ ୩ ଲୁଟେରା
- ବିଭିନ୍ନ ଜିଲାର ଲୁଟ୍ ଘଟଣାରେ ସମ୍ପୃକ୍ତ

ଗତ ମାର୍ଚ୍ଚମାସରେ ବଲାଙ୍ଗୀର ସହର ସନ୍ନିକଟ ସଦାଇପାଲି-କନ୍ଧପାଲି ରାସ୍ତାରେ ଜଣେ ବାଇକ ଆରୋହୀଙ୍କୁ ମାଡ ମାରି ତାଙ୍କଠାରୁ ୧ଲକ୍ଷ ୭୫ହଜାର ଲୁଟ୍ ହୋଇଥିଲା। ବଲାଙ୍ଗୀର ପ୍ୟାଲେସ ଲାଇନ୍‌ଠାରେ ଥିବା ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ୍ ଲିମିଟେଡ ନାମକ ଏକ ସଂସ୍ଥାର ଗ୍ରୁପ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ନିମାଇ ଚରଣ ବେହେରା ତାଙ୍କ ବାଇକରେ ବରକାନୀ ଓ ସିନ୍ଦୁରବାହାଲ ଗାଁରୁ ବଲାଙ୍ଗୀର ସହରକୁ ଫେରୁଥିଲେ। ସଦାଇପାଲି-କନ୍ଧପାଲି ମଝି ରାସ୍ତାରେ ୬ଜଣ ଲୁଟେରା ତାଙ୍କୁ ଅଟକାଇଥିଲେ। ଲୁହାରଡ୍‌ରେ ପିଟିବା ସହ ତାଙ୍କଠାରୁ ୧ଲକ୍ଷ ୭୫ହଜାର ଟଙ୍କା, ହିରୋହଣ୍ଡା ସ୍ପ୍ଲେଣ୍ଡର ବାଇକ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗକାରୀ ବେହେରା ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୨/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ଲୁଟେରାଙ୍କୁ ଗିରଫ କରିଥିଲା। ଗିରଫ ଲୁଟେରାମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଭାଗଭାଟି ଗାଁର ଗୋପାଲ ବାରିକ(୨୬) ଓ କାକା ଓରଫ୍ ବିଜୟ ପୋଢ଼(୩୫) ଏବଂ ତୁଷରା ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗାଁର ସୁଧୀର କୁଦେଇ ଓରଫ୍ ବାଘ(୨୩)। ତିନି ଲୁଟେରାଙ୍କୁ ଗିରଫ କରିବା ପରେ ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଲୁଟ୍ ଘଟଣାରେ ପୋଲିସ ପୂର୍ବରୁ ୩ ଜଣ ଲୁଟେରା ମନୋଜ ସିଂ, ରାଜେନ୍ଦ୍ର ମିର୍ଦ୍ଧା, ଅକ୍ଷୟ ବଗର୍ତ୍ତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁକ୍ରବାର ଅନ୍ୟ ୩ ଜଣଙ୍କୁ କୋର୍ଟଚାଲାଣ କରିବା ପରେ ଏହି ଘଟଣାରେ ସମୁଦାୟ ୬ଜଣ ଗିରଫ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ଜମାଦାର ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଡାକି ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଆନ୍ତଃଜିଲା ଲୁଟ୍, ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର, ଟିଟିଲାଗଡ, କଳାହାଣ୍ଡି, ନୂଆପଡା, ବରଗଡ ଓ ନର୍ଲାଠାରେ ହୋଇଥିବା ଡକାୟତି ଘଟଣାରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତଙ୍କଠାରୁ ଏକ ଗ୍ଲାମର ମୋଟରସାଇକେଲ (ନଂ.ଓଡି୦୩ଏଚ୍୪୮୬୬) ଏବଂ ଏକ କଳାରଙ୍ଗର ପଲସର ବାଇକ୍ (ନଂ ଓଡି୦୩୯୬୫୪), ୫ଟି ମୋବାଇଲ ଫୋନ୍, ଗୋଟିଏ ଲୁହାରଡ୍ ଜବତ୍ ହୋଇଥିବା ସୂଚନା ଦେଇଛନ୍ତି। ତେବେ ଲୁଟେରାଙ୍କଠାରୁ ଟଙ୍କାଟିଏ ମଧ ଜବତ ହୋଇ ନ ଥିବା ସୂଚନା ଦିଆଯାଇଛି।

### ବିଦେଶୀ ମଦ ଦୋକାନ ଭିଡିଓ ଭାଇରାଲ, ଅବକାରୀ ବିଭାଗ ଚୁପ୍

**ଗୁଡଭେଲା,୨୧।୯(ଡି.ଏନ.ଏ.)** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ କାର୍ଯ୍ୟାଳୟ ଅଧିନରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦେକାନରେ ନିୟମ ଉଲ୍ଲଂଘନ କରାଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତୁଷରାର ଏକ ବିଦେଶୀ ଠିପିବନ୍ଦ ମଦ ଦୋକାନରେ ବେଆଇନ୍ ଭାବେ କିଛି ଲୋକ ମଦ ସେବନ କରୁଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ଏଦିଗରେ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ମଦ ଦୋକାନରୁ ଆଖପାଖର ଢାବାଗୁଡିକରେ ବେଆଇନ୍ ଭାବେ ବିକ୍ରି ଚାଲିଥିବା ଜଣାପଡିଛି। ଏ ନେଇ ତୁଷୁରା ଅବକାରୀ ଅଧିକାରୀ ଅନ୍ନପୂର୍ଣ୍ଣା ରଥଙ୍କୁ ପଚରାଯିବାରୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ ସେ ଦେଖି ନାହାନ୍ତି କି କେହି ତାଙ୍କୁ ନିର୍ଦ୍ଦିଷ୍ଟ ଭାବେ ଏନେଇ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ଜିଲା ଅତିରିକ୍ତ ଅବକାରୀ ଅଧିକାରୀ ବିମ୍ବାଧର ସେଠଙ୍କୁ ଏନେଇ ପଚରାଯିବାରୁ ଘଟଣାକୁ ହାଲୁକା ଭାବେ ଗ୍ରହଣ କରି କେହି ଜଣେ କିଣି ବାହାରେ ପିଇ ଦେଇଥିବ। କ'ଣ ସବୁ ବେଳେ ଜଗିବା ସମ୍ଭବ କି ବୋଲି ଓଲଟା ପ୍ରଶ୍ନ କରିଥିଲେ।

# ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଆଦିବାସୀ

**ମୁରିବାହାଲ, ୨୧।୯(ଡି.ଏନ.ଏ.)**



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ମୁରିବାହାଲ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁରଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ ଯୋଗଦେଇଥିଲେ। ଏହି ଅଞ୍ଚଳର ଆଦିବାସୀ ଯୁବତୀଯୁବକମାନେ ଶିକ୍ଷିତ ବେକାର ହୋଇ ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଉଥିବା ବେଳେ ମୁରିବାହାଲ ଓ ଗୁଡିଘାଟ ଗ୍ରୀଡକୋରେ ଠିକା ମାଧ୍ୟମରେ ଚାକିରି ପ୍ରଦାନ କରାଯାଉଥିବାକୁ ସମାଲୋଚନା କରିଥିଲେ। ତେଣୁ ଯଥାଶୀଘ୍ର ସ୍ଥାନୀୟ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ। ସମ୍ମାନୀତ ଅତିଥି ଭାବେ ସଂଘର ଜିଲା ସଂଗଠକ ସୁରେଶ ଭୋଇ, ଥବୀର ପୂଜାରୀ, ପାଟଣାଗଡ ବ୍ଲକ ସମ୍ପାଦକ ଡମ୍ବରୁଧର ଧରୁଆ ଉପସ୍ଥିତ ରହି ବିଦ୍ୟୁତ ବିଭାଗର କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ ଗ୍ରୀଡକୋ ବା ୱେସ୍କୋରେ ଖାଲି ପଡିଥିବା ପଦବୀଗୁଡିକରେ ଶିକ୍ଷା ଅନୁଯାୟୀ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ, ଲାଇନମ୍ୟାନ, ହେଲପର, ଜଗୁଆଳି, ଷ୍ଟୋର କିପର ତଥା କିରାଣୀ ପଦବୀରେ ସ୍ଥାନୀୟ ନିଯୁକ୍ତି, ସ୍ଥାନୀୟ ଠିକାଦାର ବ୍ୟବସ୍ଥା ଆଦି ପ୍ରଧାନ। ଏହି ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଏହି ଅବସରରେ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ସିଂଭୋଇ, କୈଳାଶ ପ୍ରଧାନୀ, ଜୟଲାଲ ସିଂ ମାଝୀ, ଭୁବନେ ମାଝୀ, ପତରଙ୍ଗି ମାଝୀ, ହୁଙ୍କାର ନାଥ ଯାନୀ ପ୍ରମୁଖ ସହଯୋଗ କରିଥିଲେ।

### ବିଜେଡିର ନୂଆଁଖାଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର/କୁଚିଣ୍ଡା,୨୧।୯ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର-କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡି ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୯ ତାରିଖରେ ନୂଆଁଖାଇ ଭେଟଘାଟ ପାଳନ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି।







■ ବଲାଙ୍ଗୀର ଫୁଟ୍‌ବଲ ଲିଗ୍

# ପାଟଣାଗଡ଼-ବଲାଙ୍ଗୀର ଗ୍ରାଣ୍ଡ ଫାଇନାଲ

**ବଲାଙ୍ଗୀର ଅଫିସ,୨୧।୯**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ଟାଇବ୍ରେକର ୩-୧ ଗୋଲରେ ଜିଓ଼ାଇଡିସି ନକ୍ସାସରକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ନିର୍ଦ୍ଧାରିତ ସମୟର ଖେଳ ୩-୩ ଗୋଲରେ ଡ୍ର ରହିଥିଲା। ଖେଳ ପ୍ରଥମାର୍ଦ୍ଧରେ ପାଟଣାଗଡ ଦଳର କୁନାଲ ପଣ୍ଡା ଓ ବିକାଶ ବନଛୋର ଗୋଟିଏ ଲେଖାଁଏ ଗୋଲ ଦେଇଥିବାବେଳେ ନକ୍ସାସର ତରଫରୁ ଶାନ୍ତନୁ ଭୋଇ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ନକ୍ସାସର ଦଳର ଆଲୋକ ଧରୁଆ ଓ ସରଜନ ପଟେଲ ୨ଟି ଗୋଲ ଦେଇଥିଲେ। ଶେଷ ମୁହୂର୍ତ୍ତରେ ପାଟଣାଗଡ ଦଳର ଗୋଲକିପର ଦେବେନ୍ଦ୍ର ନାଏକ ଏକ କର୍ଣ୍ଣର ସଟ୍‌ରେ ହେଡ ମାରି ଗୋଲ ପରିଶୋଧ କରିଥିଲେ। ଫଳରେ ଖେଳ ଅମୀମାଂସିତ ରହି ନିର୍ଣ୍ଣୟ ଟାଇବ୍ରେକରକୁ ଥିଲା। ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଶିକ୍ଷା ବିଭାଗ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ଠାକୁର ଯୋଗ ଦେଇଥିଲେ। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ରେଫରି ସୁଶାନ୍ତ ନାଗ, ଖଲିଉର ରହେମାନ, ଦେବରାଜ ନାହକ ଓ ଶରତ କୁମାର ନନ୍ଦ ପରିଚାଳନା କରିଥିଲେ। ୨୨ ତାରିଖ ଶନିବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ବନାମ୍ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ଖେଳ ଅନୁଷ୍ଠିତ ହେବ। କ୍ରୀଡାପ୍ରେମୀ ବହୁସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଅନୁରୋଧ କରିଛନ୍ତି।

■ ପିଆର ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠିତ

# ଟ୍ରଷ୍ଟ ନାଁରେ ୫.୯୫ଲକ୍ଷ ଟଙ୍କାର କର୍ପସ ପାଣ୍ଠି

## ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଙ୍କୁ ମିଳିବ ଛାତ୍ରବୃତ୍ତି

**ବଲାଙ୍ଗୀର ଅଫିସ,୨୧।୯**



ବଲାଙ୍ଗୀର ପୃଥ୍ୱୀରାଜ(ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରାଯାଇଛି। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅର୍ଥ ଅଭାବରୁ ଏହି ହାଇସ୍କୁଲର ଯେଉଁ ମେଧାବୀ ଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେହିମାନଙ୍କୁ ଶିକ୍ଷା ସହାୟତା ଯୋଗାଇବା ଏହି ଟ୍ରଷ୍ଟର ମୂଳ ଲକ୍ଷ୍ୟ ବୋଲି ଜଣାପଡିଛି। ୨୦୧୬ମସିହରେ ପୃଥ୍ୱୀରାଜ ହାଇସ୍କୁଲର ଶତବାର୍ଷିକ ସମାରୋହ ପାଳନ କରାଯାଇଥିଲା। ସେତେବେଳେ ଶତବାର୍ଷିକ ସମାରୋହକୁ ଅନାବଶ୍ୟକ ଏବଂ ଆଡମ୍ବରପୂର୍ଣ୍ଣ କରାନଯାଇ ଖର୍ଚ୍ଚକାଟ କରାଯାଇ ଏହି ସ୍କୁଲ ଛାତ୍ରମାନଙ୍କ ଶିକ୍ଷା ସହାୟତା ପାଇଁ କିଛି ଅର୍ଥ ସଞ୍ଚୟ କରାଯାଇଥିଲା। ଉକ୍ତ ସଞ୍ଚିତ ଅର୍ଥର ସଦ୍‌ବିନିଯୋଗ କରିବା ପାଇଁ ଶତବାର୍ଷିକ ପାଳନ କମିଟି ସଭାପତି ପ୍ରଫେସର ମଧୁସୂଦନ ପତି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସେତେବେଳେ କମିଟିର ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ପୃଥ୍ୱୀରାଜ (ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରିବା ପାଇଁ ସମସ୍ତେ ରାଜି ହୋଇଥିଲେ। ନିଷ୍ପତ୍ତି ଅନୁଯାୟୀ ଶତବାର୍ଷିକ ପାଳନ କମିଟି ମୁଖ୍ୟ ସଂଯୋଜକ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନବଗଠିତ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ମନୋନୀତ କରାଯାଇଛି। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ ଟ୍ରଷ୍ଟ ସମ୍ପାଦକ ଓ ବୀରେନ୍ଦ୍ର କୁମାର ବନ୍‌ଛୋର କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଅନ୍ୟ ଟ୍ରଷ୍ଟି ଭାବେ ଜିଲା ଶିକ୍ଷା ଅଧିକାରୀ, ପିଆର ହାଇସ୍କୁଲର ଜଣେ ବରିଷ୍ଠ ଶିକ୍ଷକ, ବିକ୍ରମାନନ୍ଦ ବହିଦାର, ନୟନ କୁମାର ମହାନ୍ତି, ଗୋପାଳଜୀ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ ଓ ଅସିତ୍ କୁମାର ଷଡଙ୍ଗୀ ମନୋନୀତ ହୋଇଛନ୍ତି। ଏହି ଟ୍ରଷ୍ଟର ପ୍ରଥମ ସାଧାରଣ ସଭା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପିଆର ହାଇସ୍କୁଲର ୨୦ ଜଣ ମେଧାବୀ ଛାତ୍ରଙ୍କ ନାମ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ଆର୍ଥିକ ଅନଗ୍ରସର ଏବଂ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ଥିବା ଛାତ୍ରଙ୍କୁ ଚୟନ କରାଯାଇଥିଲା। ସମ୍ପୃକ୍ତ ଛାତ୍ରଙ୍କୁ ଆଗାମୀ ବର୍ଷଠାରୁ ପ୍ରତିମାସ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ପୃଥବୀରାଜ ହାଇସ୍କୁଲ ଶତବାର୍ଷିକୀ ସମାରୋହରୁ ସଞ୍ଚିତ ୫ଲକ୍ଷ ୯୫ ହଜାର ୯୫୦ଟଙ୍କାକୁ ଟ୍ରଷ୍ଟ ନାମରେ କର୍ପସ ପାଣ୍ଠି ଭାବେ ଜମା କରାଯାଇଛି। ଉକ୍ତ ଜମାରାଶିର ସୁଧରୁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯିବ। ବର୍ତ୍ତମାନ ଟ୍ରଷ୍ଟରେ ଜମା ହୋଇଥିବା ରାଶିକୁ ଆଖି ଆଗରେ ରଖି ଏବେ କେବଳ ଜଣେ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ହାଇସ୍କୁଲର ପୁରାତନ ଛାତ୍ର ଏବଂ ସହୃଦୟ ବ୍ୟକ୍ତିଙ୍କ ଅନୁଦାନରେ ଟ୍ରଷ୍ଟ ପାଣ୍ଠିବୃଦ୍ଧି ହେଲେ ଅଧିକ ମେଧାବୀ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଟ୍ରଷ୍ଟ ଗଠନରେ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ରଙ୍କ ବିଶେଷ ଅବଦାନ ଥିବାରୁ ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଟ୍ରଷ୍ଟର ଆୟବୃଦ୍ଧି କରିବା ପାଇଁ ହାଇସ୍କୁଲର ପୂର୍ବତନ ଛାତ୍ର, ବିଭିନ୍ନ ବ୍ୟାଚ୍‌ର ଛାତ୍ର ସମୂହଙ୍କ ସହଯୋଗ ଲୋଡା ଯିବା ପାଇଁ ଆହ୍ୱାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବଲାଙ୍ଗୀର ଜିଲାରେ ଶିକ୍ଷାକ୍ଷେତ୍ରରେ ଏହା ହେଉଛି ପ୍ରଥମ ଟ୍ରଷ୍ଟ ଏବଂ ଯେଉଁମାନେ ଏହି ଟ୍ରଷ୍ଟକୁ ସହାୟତା ଦେବା ପାଇଁ ଇଚ୍ଛୁକ ସେମାନେ ମୁଖ୍ୟଟ୍ରଷ୍ଟି, ସମ୍ପାଦକ ଓ କୋଷାଧକ୍ଷଙ୍କୁ ଯୋଗାଯୋଗ କରିପାରିବେ ବୋଲି ଟ୍ରଷ୍ଟି ପକ୍ଷରୁ ଅନୁରୋଧ କରାଯାଇଛି।


## ପୂର୍ବ ତଟ ରେଳପଥ

### କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ। ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000** ଘଟିକା, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଟିକା ସୁଦ୍ଧା ଇମେଲ୍ ଠିକଣା **dycpoirecor@gmail.com** କିମ୍ବା ଫ୍ୟାକ୍ସ - 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| **ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍** | ପ୍ରତ୍ୟେକ ସୋମବାର 1030 ଘଟିକା, ଦରଖାସ୍ତ ସେହିଦିନ 1000 ଘଟିକା ରେ ଦାଖଲ କରିବାକୁ ହେବ। |
| **ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର** | ପ୍ରତ୍ୟେକ ମଙ୍ଗଳବାର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| **ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର** | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଟିକା ରୁ 1630 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| **ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ** | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ। ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ। |
| **ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର** | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଟିକା ରୁ 1800 ଘଟିକା ପର୍ଯ୍ୟନ୍ତ। |

PR-351/J/18-19

*ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W*



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିପିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନ ରହିପାରେ ।

- ଜର୍ଜ ବର୍ଣ୍ଣାଡ ଶ

## ସଂକ୍ଷେପରେ

### ଫୋନରେ ଧମକ ଦେଇ ଜଣେ ଗିରଫ

**ପଦ୍ମପୁର, ୨୧।୯(ଡି.ଏନ.ଏ.):** ଜଣେ ଖବରଦାତାଙ୍କୁ ଧମକ ଦେବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପଦ୍ମପୁର ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସେକ୍ ମହମ୍ମଦ ୱାଜିଦ। ୱାଜିଦଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବରପାଲି, ୨୧।୯(ଡି.ଏନ.ଏ.):** ବରପାଲି ସହରର ଅଶୋକ କ୍ଲବ ପକ୍ଷରୁ ୪୪ତମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର କ୍ଲବର ପୂଜାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକକୁ ପ୍ରଫୁଲ୍ଲ ଦଫାଦାର ପରିଚାଳନା କରିଥିଲେ । ବୈଠକରେ ପୂର୍ବବର୍ଷର ବିବରଣୀ ଉପସ୍ଥାପନା ପୂର୍ବକ ଚଳିତବର୍ଷର ପୂଜା, ସାଜସଜ୍ଜା ଉପରେ ଆଲୋଚନା ହୋଇଥିଲା । ପରେ ନୂତନ ପୂଜା କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ପ୍ରଫୁଲ୍ଲ ଦଫାଦାର ଓ ସମ୍ପାଦକ ଦୀନସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ପୂଜାକର୍ତ୍ତା ଭାବେ ସନ୍ତୋଷ ସାହୁଙ୍କୁ ଚୟନ କରାଯାଇଥିଲା । ବୈଠକରେ ଗଜାନନ ମେହେର, କିଶୋର ଦଫାଦାର, କୈଳାସ ପରିଡା, ବିରେନ୍ଦ୍ର ସାହୁ, ଅଶ୍ୱିନୀ ରାଉତ, ମେଘନାଦ ସାହୁ, ଗଜରାଜ ଗହୀର ପ୍ରମୁଖ ଉପସ୍ଥିତ ଥିଲେ ।

### ସାମପାଲିରେ ବ୍ୟଙ୍ଗ କବି ସମ୍ମିଳନୀ

**ଅମ୍ବାଭୋନା, ୨୧।୯ (ଡି.ଏନ.ଏ):** ଅମ୍ବାଭୋନା ବ୍ଲକର କପାଶିରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାମପାଲି ଗ୍ରାମରେ ବ୍ୟଙ୍ଗ କବି ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଧୁରକୁଟା ହସି କବି କୁଟୁମ୍ବ ତରଫରୁ ହାସ୍ୟ ବ୍ୟଙ୍ଗ କବିତା ପରିବେଷଣ କରାଯାଇଥିଲା । କପାଶିରା ସରପଞ୍ଚ ବିଷ୍ଣୁ ପଧାନଙ୍କ ଅଧକ୍ଷତାରେ ଆୟୋଜିତ କବି ସମ୍ମିଳନୀକୁ ବ୍ୟଙ୍ଗକବି ବିଦ୍ୟାଧର ପଶାୟତ ପରିଚାଳନା କରିଥିଲେ। ବ୍ୟଙ୍ଗକବି ବିଭୂତି ଭୂଷଣ ଦୀପ, ଅଭିମନ୍ୟୁ ପଧାନ, ବଳରାମ ଦରଦମେଘ, ରାମେଶ୍ୱର ଭୁଏ ଏବଂ ଆଲୋକ ବଡେଇ ସ୍ୱରଚିତା ବ୍ୟଙ୍ଗକବିତା ଆବୃତ୍ତି କରିଥିଲେ । ଏହାପରେ କୁନି କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ କୌତୁକ ବେଶ ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁକୂଳ ନାଏକ ପରିଚାଳନା କରିଥିବା ବେଳେ କୃଷ୍ଣ କୁମାର ପଟେଲ, ସାଲବେଗ ପଧାନ, କ୍ଷୀରୋଦ୍ର ବେହେରା, ଶ୍ୟାମଲାଲ ପଟେଲ ସହଯୋଗ କରିଥିଲେ । ଶେଷରେ ଧନେଶ୍ୱର ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅର୍ଜୁନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭଟଲି,୨୧।୯(ଡି.ଏନ.ଏ):** ଭଟଲି ରାଜୀବ ଭବନ ପରିସରରେ ଶୁକ୍ରବାର ଖବରଦାତା ସ୍ୱର୍ଗତ ଅର୍ଜୁନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭଟଲି ନାଗରିକ ମଞ୍ଚର ଆହ୍ୱାନ କ୍ରମେ ସ୍ୱର୍ଗତ ସାହୁଙ୍କ ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁ, ଖବରଦାତା ଶଙ୍କର ବଲ୍ଲଭ ମିଶ୍ର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ନାୟକ, କୋଶଳ ନେତା ବେଣୁଧର ମହାପାତ୍ର, ଗାନ୍ଧୀବାଦୀ ନେତା ବ୍ରହ୍ମାନନ୍ଦ ନାୟକ, ଗୋପାଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୀନକେତନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଜକିଶୋର ସାହୁ, ଜଗଦିଶ ସାହୁ, କୁଞ୍ଜବିହାରୀ ସାହୁ, ଅବଦୁଲ ଫାରୁକ୍ ଖାଁ, ସତ୍ୟବାଦୀ ପଧାନ, ଅବଦୁଲ ଫାରୁକ ଖାଁଙ୍କ ସମେତ ବରଗଡ଼ ଜିଲା ସାମ୍ବାଦିକ ସଂଘ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ୍, ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ଏବଂ ଭଟଲି ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଚଟାଣରେ ଚାଲିଛି ରୋଗୀସେବା

**ବରଗଡ଼ ଅଫିସ୍,୨୧।୯**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବହୁବିଧ ସମସ୍ୟା ଲାଗି ରହିଛି । ଏଠାରେ କେବଳ ଡାକ୍ତର କିମ୍ବା ଅତ୍ୟାଧୁନିକ ଚିକିତ୍ସା ଉପକରଣ ଅଭାବ ରହିଛି, ତାହା ନୁହେଁ । ଏହି ଡାକ୍ତରଖାନାରେ ଶଯ୍ୟାଭାବ ଏକ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଫଳରେ ଏଠାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା ଡାକ୍ତରଖାନାର ଚଟାଣରେ ଚାଲିଛି । ରୋଗୀଙ୍କ ସମ୍ପର୍କୀୟମାନେ ସାଙ୍ଗରେ ଆଣିଥିବା ମଶିଣାକୁ ଚଟାଣରେ ପକାଇଥିବାବେଳେ ସେଥିରେ ରୋଗୀ ଶୋଉଛନ୍ତି । ସେହିପରି ଚଟଣାକୁ ଲାଗି ରହିଥିବା ଝରକା କିମ୍ବା କଣ୍ଟାରେ ସାଲାଇନ ଝୁଲାଇ ରଖାଯାଉଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ରୋଗୀଙ୍କ ଶଯ୍ୟା ପାଲଟିଥିବା ଚଟାଣ ଦେଇ ଜୋତା ପିନ୍ଧି ଶହ ଶହ ଲୋକେ ଯାତାୟାତ କରୁଛନ୍ତି । ଫଳରେ ଚିକିତ୍ସା ପାଇଁ ଆସିଥିବା ସମ୍ପୃକ୍ତ ରୋଗୀ ଜଣକ ସୁସ୍ଥ ହେବା ପରିବର୍ତ୍ତେ ଅନ୍ୟ କୌଣସି ରୋଗରେ ସଂକ୍ରମିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଥିବାବେଳେ ଅନେକ ସମୟରେ ମନ୍ତ୍ରୀ, ବିଧାୟକ ଏବଂ ଜିଲାପାଳ ମଧ୍ୟ ଏଠାକୁ ଆସୁଛନ୍ତି । ମାତ୍ର ବର୍ଷ ବର୍ଷ ଧରି ଡାକ୍ତରଖାନାରେ ଦେଖାଯାଇଥିବା ଶଯ୍ୟାଭାବ ସମସ୍ୟା ସମାଧାନ ହୋଇପାରୁନାହିଁ। ଅନ୍ୟପଟେ ଡାକ୍ତରଖାନା ପରିସରରେ ୬ମହଲା ବିଶିଷ୍ଟ ନୂତନ ଭେଷଜ ଓ ଶିଶୁରୋଗ ବିଭାଗ ନିର୍ମାଣ ସରିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏପରିକି ୨୦୧୬ ନଭେମ୍ବର ୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରେ ଅନୁଷ୍ଠିତ ବିଜୁ ଜନ୍ମ ଶତବାର୍ଷିକୀ ତଥା ଓଡ଼ିଶା ପ୍ରଦେଶ ଗଠନ ୮୦ବର୍ଷ ପୂର୍ତ୍ତି ସମାରୋହକୁ ଆସି ଏହି ବିଭାଗକୁ ଉଦଘାଟନ ମଧ୍ୟ କରି ସାରିଛନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟକୁ ଆଉ ୨ମାସ ପରେ ୨ବର୍ଷ ପୂରିବ। ତଥାପି ସେହି ନବନିର୍ମିତ କୋଠାଘରେ ଜଣେ ହେଲେ ରୋଗୀଙ୍କ ଚିକିତ୍ସା ହୋଇପାରି ନାହିଁ । ଅଗ୍ନିଶମ ବିଭାଗର ଫାୟାର ସେଫ୍ଟି ସାର୍ଟିଫିକେଟ୍ ମିଳୁ ନ ଥିବା ଯୋଗୁ ସେଭଳି ପରିସ୍ଥିତି ଉପୁଜିଛି । ତେବେ ଅଳ୍ପ କେଇମାସ ହେଲା, ସେହି କୋଠାଘରର ତଳମହଲା କେବଳ ଡାକ୍ତରଖାନାର ସହାୟତା କେନ୍ଦ୍ର ପାଲଟିଛି ।

ସହରର କେନ୍ଦ୍ରସ୍ଥଳରେ ଏହି ଡାକ୍ତରଖାନା ରହିଥିବା ବେଳେ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ବରଗଡ଼ ସମେତ ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲା ଏବଂ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରୋଗୀମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏଠାକୁ ଦୈନିକ ୭୦୦ରୁ ୮୦୦ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ୨୨୦ରୁ ୨୩୦ଜଣ ରୋଗୀ ଆଡମିଶନ ହେଉଛନ୍ତି। କିନ୍ତୁ ଡାକ୍ତରଖାନାରେ ମାତ୍ର ୯୧ଟି ଶଯ୍ୟା ରହିଥିବାରୁ ସାଧାରଣ ରୋଗୀ, ପ୍ରସୂତୀ, ଗର୍ଭବତୀ ମହିଳାଙ୍କ ଚିକିତ୍ସା ମଧ୍ୟ ଚଟାଣରେ ଚାଲିଛି । ଏ ସମ୍ପର୍କରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ବରଗଡ଼-ଭଟଲି ରାସ୍ତାର ଖେଦାପାଲି ନିକଟରେ ୪୬୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଆପାତତଃ ସରି ଯାଇଛି । ତାକୁ ଯେତେଶୀଘ୍ର କାର୍ଯ୍ୟକ୍ଷମ କରିହେବ, ସେ ନେଇ ପଦକ୍ଷେପ ନିଆଯାଉଛି । ତାହା କାର୍ଯ୍ୟକ୍ଷମ ହେଲେ ଆଉ ଶଯ୍ୟାଭାବ ରହିବ ନାହିଁ ବୋଲି ଆଚାର୍ଯ୍ୟ କହିଥିଲେ ।






ଖାଲି ପଡ଼ିଥିବା ଜିଲା ମୁଖ୍ୟ ଡାକ୍ତରଖାନାର ୬ମହଲା ବିଶିଷ୍ଟ କୋଠାଘର (ବାମ) । ଜିଲା ମୁଖ୍ୟ ଡାକ୍ତରଖାନାରେ ଶଯ୍ୟାଭାବ ଯୋଗୁ ଚଟାଣରେ ରୋଗୀ ଚିକିତ୍ସିତ ହେଉଛନ୍ତି ।

**ବରଗଡ଼ ଜିଲା**
- ମୁଖ୍ୟ ଡାକ୍ତରଖାନାରେ ଶଯ୍ୟାଭାବ ନିତିଦିନିଆ ଘଟଣା
- ଅଭିଯୋଗ ପରେ ବି ପ୍ରତିକାର ନାହିଁ
- ଖାଲି ପଡ଼ିଛି ୬ ମହଲା କୋଠାଘର
- ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନଜର

## ଭିନ୍ନକ୍ଷମ ସ୍କୁଲରେ ସ୍ୱ ଓକିଲାତି କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୧।୯**

ବରଗଡ଼ ଭିନ୍ନକ୍ଷମ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱ ଓକିଲାତି (ସେଲ୍ଫ ଆଡ଼ଭୋକେସି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡିଏସଏସଓ ନବକୃଷ୍ଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସୋନପୁରର ଡିଏପିପିଡବ୍ଲୁଡି କାର୍ଯ୍ୟକ୍ରମ ସଂଯୋଜକ ଅନଙ୍ଗ ନେଗୀ, ପ୍ରଧାନଶିକ୍ଷକ ମେଘନାଦ ସାହୁ, କିଶୋର ଚନ୍ଦ୍ର ସାହୁ, ଅଭୟ ପ୍ରଧାନ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିକାଶ ଦିପ୍ତୀର କାର୍ଯ୍ୟକ୍ରମ ସଂଯୋଜକ ଅନ୍ତର୍ଯାମୀ ସାହୁ, ବରିଷ୍ଠ ଶିକ୍ଷକ ନେପାଳ ଦୁଆନ, ବିଆରଟି ବିଭୁଦତ୍ତ ଖମାରୀ, କଳ୍ପନା ବଘାର, ବୀଣାପାଣି ମିଶ୍ର, ସ୍ୱେଚ୍ଛାସେବୀ ସାନନ୍ଦ ନାଗ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ମେଘନାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନେଗୀ ଦିବ୍ୟାଙ୍ଗମାନଙ୍କ ପାଇଁ ରହିଥିବା ଆଇନର ଦିଗ, ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ନ୍ୟାଶନାଲ ଟ୍ରଷ୍ଟ ପକ୍ଷରୁ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଦୁଃଖିସେବକ ସାହୁ, ସାନନ୍ଦ ନାଗ ବହୁବିଧ ଅକ୍ଷମତା ପିଲାମାନେ କିଭଳି ବିଭିନ୍ନ ସୁବିଧା ସୁଯୋଗ ମାଧ୍ୟମରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେଥିପ୍ରତି ମା,ବାପା ମାନଙ୍କୁ ସଚେତନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଗୁଣନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଲାଗି କଳାକାର ବରଣ

**ଘେଁସ,୨୧।୯(ଡି.ଏନ.ଏ)**

ସୋହେଲା ବ୍ଲକ ପେଟୁପାଲି ଠାରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଲାଗି କଳାକାର ବରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏ ନେଇ ପଣ୍ଡିତ ଅଶ୍ୱିନୀ ସାବତଙ୍କ ପୌରୋହିତ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟି କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କ ସମେତ କଳାକାର ବୃନ୍ଦ ଉପସ୍ଥିତ ଥିଲେ । କଳାସୁର ଭୂମିକାରେ ଅଭିନୟ କରିବାକୁ ବଲାଙ୍ଗୀର ଜିଲା ଲାଠୋର ଗ୍ରାମର କଳାକାର ଆର୍ତ୍ତତ୍ରାଣ ସୁନାନୀ ପ୍ରଭୁ ଜଗନ୍ନାଥଙ୍କ ଠାରେ ସଂକଳ୍ପ ନେଇଥିଲେ । ପରେ ପୂଜା କମିଟି ପକ୍ଷରୁ ତାଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ପେଟୁପାଲି ଜମିଦାର ସୁରେଶ ସିଂ ବରିହା, ଦୁର୍ଗାମାଧବ ସେନାପତି, କୃଷ୍ଣଚନ୍ଦ୍ର ସାବତ, ମିନକେତନ ବାରିକ, ମିତ୍ରଭାନୁ ବାରିକ, ଉପେନ୍ଦ୍ର ବିଶି, ସୌକିଲାଲ ତାଣ୍ଡି, ଗଜରାଜ ମେହେରଙ୍କ ସମେତ ପୂଜା କମିଟି ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।



ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ କଳାକାର ବରଣ କରାଯାଉଛି ।

# କଲେଜ ଛାତ୍ରୀଙ୍କୁ ଅସଦାଚରଣ, ଛାତ୍ରୀନିବାସ ପରିଚାଳକ ଗିରଫ

**ବରଗଡ଼ ଅଫିସ୍,୨୧।୯**

ବରଗଡ଼ ସହରର ଏକ ଘରୋଇ ଛାତ୍ରୀନିବାସର ପରିଚାଳକ ସେଠାରେ ରହୁଥିବା ଅନ୍ତେବାସିନୀ ତଥା କଲେଜ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ଦଫା ୩୫୪, ୩୫୪(କ) ଆଇପିସି ଏବଂ ୧୨ପିସିଏସଓ ଆକ୍ଟରେ ଏକ ମାମଲା ରୁଜୁ କରିଛି । ଏହା ସହିତ ସେହି ଛାତ୍ରୀନିବାସର ପରିଚାଳକ ସୁଧାଂଶୁ ପାଢ଼ୀ(୬୦)ଙ୍କୁ ଗିରଫ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

ଛାତ୍ରୀନିବାସ ପରିଚାଳକ ପାଢ଼ୀ ଅନ୍ତେବାସିନୀଙ୍କୁ ଛାତ୍ରୀନିବାସର ଷ୍ଟୋରରୁମକୁ ଡାକି ଅସଦାଚରଣ କରିଥିଲେ । ସେ ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ସମ୍ପର୍କୀତ ଭିଡ଼ିଓ ଫୁଟେଜ ଧରି ଶୁକ୍ରବାର ସନ୍ଧ୍ୟାରେ ଛାତ୍ରୀନିବାସର ଅନ୍ତେବାସିନୀମାନେ ବରଗଡ଼ ଟାଉନ ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହିତ ଛାତ୍ରୀନିବାସ ପରିଚାଳକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିଲା । ବରଗଡ଼ ଏସପି ମୁକେଶ କୁମାର ଭାମୁ ମଧ୍ୟ ଖବର ପାଇ ଟାଉନ ଥାନାକୁ ପହଞ୍ଚିଥିଲେ ଏବଂ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏସଆଇ ଅନିତା କୁଜୁର ଉକ୍ତ ମାମଲାର ତଦନ୍ତ କରୁଛନ୍ତି ।

ଅନ୍ୟପକ୍ଷେ ବରଗଡ଼ ସହରରେ ଥିବା ସମସ୍ତ ଘରୋଇ ଛାତ୍ରାବାସ, ଛାତ୍ରୀନିବାସରେ ଅନ୍ତେବାସିନୀଙ୍କ ସୁରକ୍ଷା ପାଇଁ ପରିଚାଳିକା ନିଯୁକ୍ତି, ସିସିଟିଭି ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏହା ସହିତ ଏନଜିଓ, ପୋଲିସ, ସିପିଓ ଏବଂ ଅନ୍ୟାନ୍ୟ ମହିଳା ସୁରକ୍ଷା ସମ୍ପର୍କୀତ ସଂସ୍ଥାମାନଙ୍କୁ ନେଇ ଗୋଟିଏ ମିଳିତ ଟିମ୍ ଗଠନ କରି ନିୟମିତ ଭାବେ ଛାତ୍ରାବାସ, ଛାତ୍ରୀନିବାସ ଗୁଡ଼ିକୁ ତଦାରଖ କରାଯିବ ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି । ମହିଳା, ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପୋଲିସ ହେଲ୍ପ ଲାଇନ ମଧ୍ୟ ଜାରି କରାଯାଇଛି । ଏହି ହେଲ୍ପ ଲାଇନରେ ରହିଥିବା ମୋବାଇଲ ନମ୍ବର ୭୬୫୫୦ ୦୫୦୦୯, ୯୪୩୮ ୧୬୫୦୪, ୯୭୭୭୩ ୨୩୭୦୭ ଏବଂ ୯୯୩୭୩ ୬୨୮୦୪ରେ ଯୋଗାଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

# ଡାକ କର୍ମଚାରୀଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ପଦ୍ମପୁର, ୨୧।୯(ଡି.ଏନ.ଏ.)**

ପଦ୍ମପୁର ରାଜବୋଡାସମ୍ବର ଡାକଘର ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । ଏଥିରେ ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପଡାକ ମଣ୍ଡଳ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ନେତୃତ୍ୱରେ ଡାକ କର୍ମଚାରୀ ଅଞ୍ଜନ ହୋତା, ଅଜୟ ବର୍ଗତ୍ତି, ମାଧବ ଦୀପ, ଈଶ୍ୱର ସାହା, ରୋହିତ ମେହେର, ମାଧବାନନ୍ଦ ଦେବତା, ଦୈତାରୀ ସାହୁ, ସୌକିଲାଲ ନାଏକ, ରାମଚନ୍ଦ୍ର ସାହୁ, ପ୍ରକାଶ ସାହୁ, ଅଶୋକ ମିଶ୍ର, ଜ୍ୟୋସ୍ନାରାଣୀ କର ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ ।



ବରଗଡ଼ ଜିଲା ରାଜବୋଡାସମ୍ବର ଡାକଘର କର୍ମଚାରୀମାନେ ରାସ୍ତା ସଫେଇ କରୁଛନ୍ତି ।

■ ଗଣେଶ ଭସାଣି ଉତ୍ସବ

# ଦୁଲଦୁଲିରେ କମ୍ପିଲା ସହର

**ବୌଦ୍ଧ,୨୧।୯(ସ୍ୱ.ପ୍ର)**

ବୌଦ୍ଧସହରଗଣେଶବଜାରରଗଜାନନଙ୍କ ଭସାଣି ଉତ୍ସବ ମହାସମାରୋହରେ ଶୁକ୍ରବାର ସନ୍ଧ୍ୟାରେ ହୋଇଯାଇଛି । ଗତ ୧୩ ତାରିଖଠାରୁ ସହରର ଗଣେଶ ବଜାରଠାରେ ପୂଜା ପାଇ ଆସୁଥିବା ପ୍ରଭୁ ଗଜାନନଙ୍କ ୮ ଦିନ ପରେ ଭସାଣି ଉତ୍ସବ ପାଳିତ ହୋଇଛି । ପ୍ରଭୁ ଗଜାନନଙ୍କୁ ଏକ ସୁସଜ୍ଜିତ ଗାଡିରେ ବିରାଜମାନ କରାଇ ପ୍ରଭୁଙ୍କ ଆଗେ ଆଗେ ବଜାରର କର୍ମକର୍ତ୍ତା ଦୁଲଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖ, ମୃଦଙ୍ଗ, ଡିଜେ ସାଉଣ୍ଡ ଓ ଆତସବାଜିରେ ସହର କମ୍ପି ଉଠିଥିଲା। ଭସାଣି ଶୋଭାଯାତ୍ରା ଭୈରବୀ ଛକ, ଜଗନ୍ନାଥ ମନ୍ଦିର ସାହି, ପୋଡାପୋଡା ଛକ, ଏନଏସି ଛକ, ଗାନ୍ଧୀଛକ ଦେଇ ମହାନଦୀରେ ମୂର୍ତ୍ତି ବିସର୍ଜନ ହୋଇଥିଲା।

## ବୌଦ୍ଧ ପଞ୍ଚାୟତ କଲେଜରେ ଶୋକସଭା

**ବୌଦ୍ଧ,୨୧।୯(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରଥମ ଅଧ ଡା. ସୋମନାଥ ମିଶ୍ରଙ୍କ ବିୟୋଗରେ ମହାବିଦ୍ୟାଳୟଠାରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡମ୍ବରୁଧର ଭୋଇ ଅଧକ୍ଷତା କରିଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶୋକସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ର ପଞ୍ଚାୟତ ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ ଭାବେ ୧୯୭୮ରୁ ୧୯୭୯ ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିଲେ । ପରେ ୧୯୯୩ ମସିହାରେ ସେ ଟିଟିଲାଗଡ ମହାବିଦ୍ୟାଳୟରୁ ରାଜନୀତି ପ୍ରାଧ୍ୟାପକ ଭାବେ ଅବସର ନେଇଥିଲେ । ସ୍ୱର୍ଗତ ମିଶ୍ରଙ୍କ ନିଜ ଘର ବୌଦ୍ଧ ଜିଲା ଶିମିଳିପଦର ଗାଁରେ । ୮୫ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା ।

■ ଚେତି ଶୁଇଛେ ପୁଲିସ

# ଲଗାମ୍‌ଛଡା ହେଲାନ ସଟ୍ଟା ଖେଲ୍

**ଜାମଟିକ୍ରା, ୨୧।୯ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଅଂଚଲ୍‌ରେ ସଟ୍ଟା ଖେଲଟା ଏହେଦେ ଲଗାମ୍ ଛଡା ହିସାବେ ଚାଲିଛେ। ଇତାର ସଂଗେ ମାଡଗାଲି, ଲୁଟ୍‌ପାଟ୍ ଲେଖେଁ ଅପରାଧିକ୍ କାୟ୍‌କଲାପ ବି ବଢ଼ତେଲ ଯାଉଛେ। ଗାଁ ଗଁଲିନୁ ମୂଲ୍ କରି ହାଟହଟ୍‌ଲି, ସହରର ଭିନେ ଭିନେ ଜାଗାରେ ସଟ୍ଟା ଖେଲ୍ ବେଧଡକ୍ ଚାଲିଛେ। ଇ ସବୁ ଅପରାଧିକ୍ କାୟ୍‌ରେ ଲଗାମ୍ କସ୍‌ବାରେ ଫେଲ୍‌ମାରିଛେ ଥାନୀୟ ପୁଲିସ୍। ଅତାବିରା ସହର ଆର ଗାଁ ଗଁଲିରେ ଥିବାର ଚା, ପାନ୍ ଦୁକାନ ତରେ ଜୁଆରିକର ଭିଡ୍ ଜମୁଛେ। ଏଜେଣ୍ଟମାନେ ଭିନେ ଭିନେ ଛକ୍‌ରେ ରହି ସଟ୍ଟା ଖେଲ୍‌କେ ପରିଚାଲ୍‌ନା କରୁଛନ୍। ଯୁବପିଢ଼ି ଇଥିରେ ବଡ଼ଭାରି ପର୍‌ଭାବିତ ହେଉଛନ୍। ଏନ୍‌ତା କି ହାଇସ୍କୁଲ, କଲେଜ ପିଲାମାନେ ଇ ବେଆଇନ୍ ଖେଲର ମୋହରା ପାଲଟିଛନ୍। ଅତାବିରା ଅଂଚଲ୍‌ରେ ଫିଦିନ୍ ଲକ୍ଷ ଲକ୍ଷ ଟଁକାର ବାଜି ଲାଗୁଛେ। ଇ ସବୁ ବାବ୍‌ଦେ ଜାନି ବି ଅତାବିରା ପୁଲିସ୍ ନାହିରେ ତେଲ ଦେଇ ଉଁଭେଇ ଧରି ଶୁଇଛେ। ଯେନ୍‌ଥିର୍‌ଲାଗି ଅଂଚଲ୍‌ରେ ସଟ୍ଟା କାରବାର ଲଗାମ୍ ଛଡ଼ା ହିସାବେ ଚାଲିଛେ। ଇ ଖେଲର ଚେର୍ ରାଏଜ୍ ବାହାରକେ ଲମିଛେ। ହେଲେ ପୁଲିସ୍ ବିଭାଗ୍‌କେ ଇତାର ଅତାପତା ନାଇଁ ମିଲ୍‌ବାର। ଖବର କାଗଜ୍‌ରେ ସଟ୍ଟା ବାବ୍‌ଦେ ଖବର ପର୍‌କାଶ ପାଏଲେ ପୁଲିସ୍ ଉପେ ଶୂଇନ୍ ହେଇ ଲୋକ୍ ଦେଖାନିଆଁ ଚଢ଼ଉ କରୁଥିବାର ସାଧାରନ୍‌ରେ ଚର୍‌ଚା ହେଉଛେ। ଲୋକ୍ ଦେଖାନିଆଁ ପୁଲିସ୍ କେତେଟା ଛୋଟ୍‌ମୋଟ୍ ସଟ୍ଟା ଦଲାଲ୍‌କେ ଧରି ବାହାଦୁରି ମାରୁଛେ। ହେଲେ ଲକ୍ଷ ଲକ୍ଷ ଟଁକାର ସଟ୍ଟା ଖେଲଉଥିବାର ଆର୍ ଖେଲୁଥିବାର ଜୁଆରିକର ପାସେ ପୁଲିସ୍ ପୁହୁଁଚି ନାଇଁ ପାରବାର। ବେଧଡକ ଇ ସଟ୍ଟା କାରବାର ଚାଲିଥିଲା ବେଲେ ମଦ କାର୍‌ବାର ବି ଅଂଚଲ୍‌ରେ ଦିନ୍‌କେ ଦିନ୍ ବଢ଼ତେଲ ଯାଉଛେ। ଅତାବିରା ସମେତ ଚକୁଳିଫାର୍ମ, ଗୋଡ଼ଭଗା, ରେଙ୍ଗାଲିକେମ୍ପ, କାଦୋବାହାଲ, ପାହାଡଶ୍ରୀଗିଡା, କାଠଡେରା ଲେଖେଁ ଜାଗାମାନ୍‌କେ ସଟ୍ଟା ଖେଲ ଲଗାମ୍ ଛଡା ହିସାବେ ଚାଲିଛେ। ଭିନେ ଭିନେ ଦୁକାନ ପାସେ ନିଜର ପସରା ମେଲିଥିବାର ଏଜେଣ୍ଟମାନେ ସଟ୍ଟା ଖେଲାରିକରନୁ ଟଁକା ଅସୁଲ କରି ସଟ୍ଟା ଡନ୍‌କେ ଖବର ଦେସନ୍। ଫଲାଫଲ ଆଏଲା ଉତାରୁ ଜୁଆରିମାନ୍‌କୁ ଇ ଏଜେଣ୍ଟମାନ୍‌କର ଜରିଆରେ ଟଁକା ଦିଆଯାଏସି। ଇଥିରେ ବାଜି ଟଁକାର ପାଖାପାଖି ୮୦ ଗୁନ୍ ଲାଭ୍ ହେସି। ଇ ସଟ୍ଟା ଖେଲ୍‌ଟା ଅଂଚଲ୍‌ରେ ଏନ୍‌ତା ହିସାବେ ଚରିଗଲାନ ଯେ ଲୋକ୍ ଧାର ଉଧାର, ଘରର ଜିନିଷପତର ଗହନା କରି ସଟ୍ଟା ଖେଲବାରେ ମାତିଛନ୍। ଯେନ୍‌ଥିର୍‌ଲାଗି ଅଂଚଲ୍‌ରେ ବହୁତ୍‌ଟେ ପରିବାର୍‌ରେ ଅଶାଁତି ଦେଖା ଦେଉଛେ। ଇତାର ବାହାରେ ଚୁରିହାରି, ମଦ୍‌କାରବାର ବି ଦିନୁ ଦିନ୍‌କେ ବଢୁଛେ। ଜିଲା ପୁଲିସ୍ ଗୁଟେ ସ୍କ୍ୱାର୍ଡ ତିଆର କରି ଇ ସଟ୍ଟା ଖେଲାରି, ଦଲାଲ୍, ଡନ୍‌ମାନ୍‌କୁ ଗିରଫ୍ କର୍‌ବାକେ ସାଧାରନ୍‌ରେ ଦାବି ହେଉଛେ। ଇ ବାବ୍‌ଦେ ଅତାବିରା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପଚ୍‌ରାବାରେ ଭିନେ ଭିନେ ସମିଆରେ ଜୁଆ, ସଟ୍ଟା ଖେଲ ଉପରେ ଚଢ଼ଉ ହେଉଛେ। ଆଏବାର ଦିନ୍‌ମାନ୍‌କେ ବି ଚଢ଼ଉ ଜାରି ରହେବା ବଲି କହିଥିଲେ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ



### ୨୧ତମ ଦୁର୍ଗାପୂଜା ନିମନ୍ତେ ଶୁଭସ୍ତମ୍ଭ ସ୍ଥାପନ

ବୀରମହାରାଜପୁର, ୨୧।୯ (ଡି.ଏନ.ଏ): ବୀରମହାରାଜପୁରର ତ୍ରିବେଣୀ ଛକ ପୂଜା କମିଟି ଆନୁକୂଲ୍ୟରେ ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ୨୧ବର୍ଷରେ ପହଞ୍ଚିଥିବା ଏଠାକାର ପୂଜନୋତ୍ସବ ପାଇଁ ଶୁକ୍ରବାର ଶୁଭଲଗ୍ନରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସମାରୋହରେ ପୂଜାକମିଟି ସଭାପତି ଖଗେଶ୍ୱର ମେହେର ଓ ସମ୍ପାଦକ ତ୍ରିନାଥ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପୂଜାକର୍ମରେ ମନୋରଞ୍ଜନ ଦାଶ ପୂଜକ ଥିବାବେଳେ କମିଟି ତରଫରୁ କୃଷ୍ଣଚନ୍ଦ୍ର ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଚଳିତ ଥର ଦୁର୍ଗାପୂଜା ଅବସରରେ ନବନିର୍ମିତ ଦୁର୍ଗା ମନ୍ଦିର ପ୍ରତିଷ୍ଠା ସମାରୋହର ଆୟୋଜନ ପାଇଁ ପ୍ରୟାସ ଚାଲିଥିବା କମିଟିର କର୍ମକର୍ତ୍ତାଙ୍କ ସୂତ୍ରରୁ ଜଣାଯାଇଛି ।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ସମ୍ପର୍କୀୟ ଗିରଫ

ବୀରମହାରାଜପୁର, ୨୧।୯(ଡି.ଏନ.ଏ.): ବୀରମହାରାଜପୁର ବସ୍ତି ଚମ୍ପାପୁର ଅଞ୍ଚଳର ଜନୈକା ୧୪ ବର୍ଷୀୟା ସ୍କୁଲ ଛାତ୍ରୀ ଅପହୃତା ହେବାର ଦିନକ ପରେ ଏହି ଥାନା ଅଞ୍ଚଳରେ ଘଟିଛି ପୁଣି ସେଭଳି ଏକ ଘଟଣା। ଉଭୟ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ଥାନୀୟ ପୋଲିସ। ପ୍ରଥମ ଘଟଣାଟି ୧୮ତାରିଖରେ ପୋଲିସ ଦ୍ୱାରା ପଞ୍ଜିକୃତ ହୋଇଥିବା ବେଳେ ୧୯ରେ ୨ୟ ଘଟଣାର ଏତଲା ଦାଏର ହୋଇଛି। ଉଲୁଣ୍ଡା ବ୍ଲକ ଭଜବଲପୁର ଗାଁର ଜନୈକା ନାବାଳିକା(୧୪) ଗତ ୧୫ତାରିଖ ଅପହୃତା ହୋଇଥିଲେ। ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହେଶ୍ୱରପିଣ୍ଡା ଗ୍ରାମର ପ୍ରକାଶ କୁମ୍ଭାର(୨୩) ଏଠାକୁ କୁଣିଆଁ ହୋଇ ଆସି ନାବାଳିକାଙ୍କୁ ନେଇ ପଳାଇଥିଲେ। ସେ ପୀଡିତାଙ୍କ ପରିବାରର ସମ୍ପର୍କୀୟ ବୋଲି କୁହାଯାଉଛି। ନାବାଳିକା ସେହି ଯୁବକଙ୍କ କବ୍‌ଜାରେ ଥିବା ଅବସ୍ଥାରେ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି । ପୀଡିତାଙ୍କ ବାପା ଗୁରୁବାର ଏ ନେଇ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି କୁଶ ପାଣିଗ୍ରାହୀ ଆଇପିସିର ୩୬୩ ଓ ୩୭୬ (କ) ଏବଂ ଶିଶୁ ଯୌନ ଶୋଷଣ ନିରୋଧ ଆଇନର ଦଫା ୬ ଅନୁସାରେ ଏକ ମାମଲା (ନଂ୧୩୬/୧୮) ରୁଜୁ କରିବା ସହ ନିଜେ ତଦନ୍ତ ଭାର ହାତକୁ ନେଇଛନ୍ତି। ପୋଲିସ ଅଭିଯୁକ୍ତ ପ୍ରକାଶ କୁମ୍ଭାରଙ୍କୁ ତାଙ୍କ ଘରୁ ଗିରଫ କରିବା ସହ ପୀଡିତାଙ୍କୁ ଉଦ୍ଧାର କରିଥିଲା । ଉଭୟଙ୍କର ଡାକ୍ତରୀମାଇନା ପରେ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସୋନପୁରସ୍ଥିତ ସ୍ୱତନ୍ତ୍ର ଅଦାଲତ ତାଙ୍କର ଜାମିନ ନାମଞ୍ଜୁର କରି ଜେଲ ହାଜତ ପଠାଇଥିବା ଜଣାପଡିଛି ।

■ ବୀରମହାରାଜପୁର ଅଞ୍ଚଳରେ କରମସାନୀ ପୂଜା

# ମାଦଳର ତାଳେ ତାଳେ ଜମିଲା ଆସର

ଅମରପାଲି, ୨୧।୯(ଡି.ଏନ.ଏ.)

ଜୁହାର ମାଁ କରମସାନୀ ଜଗତର ଠାକୁରାନୀ, ମାଲବନ୍ତ ଗିରିଜାବର ସେନୀ। ଆର ତୁମର ପାଦେ କରୁଛେ ଦଏନି ମାଁ କରମସାନୀ.... । ଏହି କରମସାନୀ ଗୀତ ଓ ମାଦଳର ତାଳେ ତାଳେ ଆସର ଜମିଥିଲା ଗୁରୁବାର ରାତିତମାମ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଆଦିବାସୀ ବହୁଳ ଗାଁମାନଙ୍କରେ।

ଗୁରୁବାର ଥିଲା ଭାଦ୍ରବ ଏକାଦଶୀ। ତେଣୁ ବିଭିନ୍ନ ସ୍ଥାନରେ ହୋଇଥିଲା କରମା ପୂଜା। ଅଞ୍ଚଳର ଭାଲୁଡୁଙ୍ଗୁରୀ କଲନିପଡା, ଲୁଡୁରପଙ୍କ, କୋହ୍ଲାପଡା, ସାଗଯୋରୀ, ବଡକର୍ଡକଟା, କୋହ୍ଲପଡା, ଖଣ୍ଡହତା, ତେନ୍ତୁଳିମହଦା, କୁଡାପରା, ଚମ୍ପାପୁର, ଟାଙ୍ଗରପାଲି ଆଦି ସ୍ଥାନରେ ଖୁବ ଯାକଜମକରେ ପାଳିତ ହୋଇଛି ଏହି ପୂଜା। ପୂର୍ବ ପ୍ରସ୍ତୁତି ମତେ ଚାରିଦିନ ଧରି ଏହାକୁ ପାଳନ କରାଯାଇଛି। ପ୍ରଥା ଓ ପରମ୍ପରା ଅନୁସାରେ ଚଳିତମାସର ନବମୀ ତିଥିରେ ଗ୍ରାମର ସାତଜଣ ଅବିବାହିତ ଝିଅ(ଧାଙ୍ଗରୀ) ଦୁଇଟି ନାଳ(ଛୋଟ ନଦୀ)ର ସଙ୍ଗମକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ ଆଦିଶକ୍ତି (ସାତବହିନୀ)ଙ୍କୁ। ସେଠାରେ ସାତ ବହିନୀଙ୍କୁ ବରଣ କରାଯାଇ ସେହି ଅବିବାହିତ ଝିଅମାନେ ପାଣିରେ ବୁଡ ପକାଇ ୭ ଆଞ୍ଜୁଳା ବାଲି ଆଣିଥିଲେ। ସେହି ବାଲିକୁ ବାଉଁଶ ତିଆରି ପାତ୍ର (ଟୁପ୍‌ଲି)ରେ ଧରି ଏକ ଶୋଭାଯାତ୍ରାରେ ଗାଁ ମୁଣ୍ଡରେ ତିଆରି ହୋଇଥିବା ଆଖଡାଶାଳକୁ ଆଣିଥିଲେ। ସେଠାରେ ଏହାକୁ ରଖି କରମା ପୂଜା ଆରମ୍ଭ କରିଥିଲେ। ଦଶମୀ ଦିନ ସେଠାରେ ଖିର, ଗୁଡ, ମହୁଲ, ଫୁଲ, ଦୁବ, ଚାଉଳ, ହଳଦୀ ଆଦି ପୂଜାସାମଗ୍ରୀ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ଏକାଦଶୀ ଦିନ ଗ୍ରାମର ମହିଳା ଓ ପୁରୁଷ ଏକତ୍ରିତ ହୋଇ ସନ୍ଧ୍ୟାରେ ମାଦଳ ଓ ଝାଞ୍ଜ ବଜାଇ ଏକ ଶୋଭାଯାତ୍ରାରେ ଯାଇ ଏକ ମୁଡିଗଛରୁ ୭ଟି ପତ୍ରଥିବା ଏକ ଡାଳ(କରମାଡାଳ) ଆଣି ଆଖଡାସ୍ଥଳରେ ସ୍ଥାପନ କରିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଗାଁର ଲୋକେ ନିଜ ନିଜର ହାରି ଗୁହାରୀ ଜଣାଇଥିଲେ। ଅପୁତ୍ରିକ ପାଇଁ ପୁତ, ନିରୋଗୀ ଓ ଭଲ ଫସଲ ପାଇଁ ସେମାନେ ଆଦିଶକ୍ତିଙ୍କୁ ପ୍ରାର୍ଥନା କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ନାଚଗୀତ। କରମାଗୀତର ତାଳେତାଳେ ସେମାନେ ଗାଉଥିଲେ ମାତା ତାଙ୍କର ସତଯବତୀ ପିତା ତାଙ୍କର ଅନନ୍ତମୂର୍ତ୍ତି। ଆର କରମାଡାଳରେ ତାଲଥିତି, ମଞ୍ଚପୁରେ ହେଲା ଉତୁପତି।

ଶନିବାର ସକାଳୁ ପୁଣି ଆଖଡାଶାଳାରେ ପ୍ରଭାତୀପୂଜା କରଯାଇ କରମାଡାଳ ଓ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ପରିବାର ନିଜ ନିଜ ଘର ଆଗରେ ବନ୍ଦାପନା କରିଥିଲେ। ଶେଷରେ ଏକ ଶୋଭାଯାତ୍ରାରେ କରମାଡାଳକୁ ବିସର୍ଜନ କରାଯାଇଥିଲା। ଏହିକ୍ରମରେ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ କଲନୀପଡାରେ ହୋଇଥିବା କରମା ପୂଜାରେ ଘାସି ମୁଣ୍ଡା ଓ ରତିଲାଲ ମୁଣ୍ଡା ଦେହେରୀ ଭାବେ ପୂଜାର୍ଚ୍ଚନା କରିଥିଲେ। ପ୍ରହ୍ଲାଦ ମୁଣ୍ଡା, ମାଷ୍ଟର ଗର୍ଡିଆ, ପରମାମୁଣ୍ଡା, ମହେଶ୍ୱର ମୁଣ୍ଡା, ହସଡ ମୁଣ୍ଡା, ବିଠଲ ରନବିଡା ପ୍ରମୁଖ ରାତି ତମାମ କରମା ନୃତ୍ୟ ପରିବେଷଣ କରିଥିଲେ। ଅର୍ଜୁନ ମୁଣ୍ଡା, ରମେଶ ମୁଣ୍ଡା, ରାଧାକାନ୍ତ ମୁଣ୍ଡା, ବସନ୍ତମୁଣ୍ଡା, ପୁରନ୍ଦର ମୁଣ୍ଡା, ବିଭୀଷଣ, ମୋତିଲାଲ ପ୍ରମୁଖ କାଯର୍ୟକ୍ରମ ପରିଚାଳନା କରିଥିଲେ। ଲୁଡୁରପଙ୍କର ଏହି ପୂଜା ଅବସରରେ ପତର ସଉରା ପ୍ରତିଯୋଗିତା କରାଯାଇଥିଲା ।



କରମସାନୀ ପୂଜା ଅବସରରେ ବାହାରିଥିବା ଶୋଭାଯାତ୍ରା।

### ସୁରକ୍ଷା ବ୍ୟବସ୍ଥା ଢିଲା, କୋର୍ଟ କ୍ୟାମ୍ପସରୁ ଚୋରି

ବୀରମହାରାଜପୁର, ୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜଙ୍କ କୋର୍ଟ କ୍ୟାମ୍ପସ ମଧ୍ୟରୁ ଚୋରି ହୋଇଛି। ଅଦାଲତ ପରିସରସ୍ଥିତ ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାରଣ୍ଡାରେ ଲାଗିଥିବା ପଙ୍ଖା ଖୋଲି ଦୁର୍ବୃତ୍ତ ନେଇ ପଳାଇଥିବା କୁହାଯାଉଛି। ମାତ୍ର ୧୦ମାସ ପୂର୍ବରୁ ନୂତନ ଭାବେ ଖୋଲିଥିବା ଉକ୍ତ କୋର୍ଟ ଜଗିବା ପାଇଁ ଅଦ୍ୟାବଧି ଜଗୁଆଳି ନିଯୁକ୍ତି ହୋଇ ନ ଥିବା ବେଳେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ଢିଲା ଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ବସ୍ତିର ପ୍ରମୁଖ ସ୍ଥାନରେ ଅବସ୍ଥିତ କୋର୍ଟ କ୍ୟାମ୍ପସର ପାଚେରି ଡେଇଁ ଦୁର୍ବୃତ୍ତ ଭିତରକୁ ପଶିଥିବା ସନ୍ଦେହ କରାଯାଇଛି। ଘଟଣା ସମ୍ପର୍କରେ ଓକିଲ ସଂଘ ସଭାପତି ଥାନାରେ ଏତଲା ଦାଏର କରିବା ପରେ ଏକ ମାମଲା(ନଂ. ୧୩୭/୧୮) ରୁଜୁ କରିଛନ୍ତି। ତେବେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନରୁ ଚୋରି ହୋଇ ଯାଇଥିଲେ ସୁଦ୍ଧା ୨ଦିନ ପରେ ବି ପୋଲିସ ତଦନ୍ତ ଆରମ୍ଭ କରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଦୋଷ ଦିଆନିଆରେ ଅଟ୍‌କିଛେ କଲଭର୍ଟ ମରାମତି କାମ୍



କଲଭର୍ଟର ଫାଳେ ଧସି ଆଁ କରିଛେ।

ସିଂଘିଯୁବା,୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଦେଣ୍ଡୁପଦର ଗାଁନୁ ଯାଇଥିବାର ଆର.ଡି ରାସ୍‌ତାର ଶେଷ୍‌ମୁଡ଼ସା ଅରିଗାଁ-ରାମପୁରକେ ଲାଗିକରି ଥିବାର କଲଭର୍ଟଟା ଏହେଦେ ମରନଯଁତା ପାଲଟିଛେ। ଏହେଦେ କଲଭର୍ଟର ଛାତ୍‌ଟା ଫାଟି ଆଁ କରିଛେ, ହେଲେ ଉଭଏ ଆର.ଡି ଆର୍ କେନଲାନ ବିଭାଗ୍ ଅଧିକାରୀମାନେ କଲଭର୍ଟର ମରାମତି ଦିଗେ ପଦକ୍ଷେପ ନାଇଁ ନେଉଥିବାର ସାଧାରନରେ ଅଭିଯୋଗ୍ ହେଉଛେ। ଇ ରାସ୍‌ତା ଉପ୍‌ରେ ଫିଦିନ୍ ଶହ ଶହ ଉଜ୍‌ନିଆଁ ଗାଡ଼ିମଟର ଯିବାର ଆଏବାର କରୁଛେ। ଇତାର ବାହାରେ ଭେଡ଼େନ ଆର ବିନିକା ଅଂଚଲର ହଜାର ହଜାର ଜନସାଧାରନ ଇ ରାସ୍‌ତା ଉପରେ ନିର୍‌ଭର କରୁଛନ୍। ଆଏଜ୍‌କେ ପାଖାପାଖି ୧୦ ବଛର ହେଲା ଇ କଲଭର୍ଟର ମରାମତି କାମ୍ ନାଇଁହେଇ। ଯେନ୍‌ଥିର୍‌ଲାଗି କଲଭର୍ଟର ଦୁଇଫାଲୁ ବାଲି, ମାଟି ଖସ୍‌ରି ଗାଡ଼ଖାଲ ହେଇଯାଇଛେ। ଅଂଚଲବାସୀ ବାରବାର କେନାଲ ବିଭାଗ୍‌ର ଜେଇ ଆର୍ ଆର.ଡି ଜେଇକଁର ଦୃଷ୍ଟି ଆକର୍‌ଷନ୍ କରିଥିଲେ ବି ଆଏଜ୍‌ତକ୍ ଇ କଲଭର୍ଟର ମରାମତି କାମ୍ ନାଇଁ ହେଇପାରି। ଦୁଇ ବିଭାଗ୍‌ର କାଦୋ ଫିକାଫିକିରେ କଲଭର୍ଟର ମରାମତି କାମ୍ ଅଟ୍‌କିଛେ। ଯଦି କେହେନ୍‌ସି କାରନ୍‌ରୁ ଇ କଲଭର୍ଟରେ ଦୁର୍‌ଘଟନା ଘଟେ ଇଥିର୍‌ଲାଗି ଉଭଏ ବିଭାଗ୍ ଦାୟୀ ରହେବେ ବଲି ଅଂଚଲବାସୀ ଚେତାବନି ଦେବାର ସଂଗେ ଯେତେ ଜଲ୍‌ଦି ହେବା କଲଭର୍ଟ ମରାମତି କର୍‌ବାକେ ଦାବି କରିଛନ୍।

### ରାସ୍ତାରେ ଉପୁଡ଼ି ପଡ଼ିଲା ଗଛ

ଖପ୍ରାଖୋଲ, ୨୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ-ହରିଶଙ୍କର ରାସ୍ତାର ମହରାପଦର ନିକଟରେ ବର୍ଷା ଯୋଗୁଁ ଏକ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ଦୀର୍ଘ ୯ ଘଣ୍ଟା ଧରି ହରିଶଙ୍କରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପୂର୍ତ୍ତ ବିଭାଗର ଏହି ରାସ୍ତା ଉପରେ ବାରମ୍ବାର ଗଛ ପଡି ରାସ୍ତା ଅବରୋଧ ହେଉଥିଲେ ବି ବିଭାଗୀୟ ଉଦାସୀନତା ଯୋଗୁଁ ପର୍ଯ୍ୟଟକ ଅନେକ ସମୟରେ ହଇରାଣ ହେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ବର୍ଷା ଯୋଗୁଁ ଏକ ବିରାଟ ତେନ୍ତୁଳି ଗଛ ଉପୁଡି ରାସ୍ତା ଉପରେ ପଡିଥିଲା। ଫଳରେ ଗାଡି ମୋଟର ଚଳାଚଳ ହରିଶରକୁ ବନ୍ଦ ହୋଇଯାଇଥିଲା। ଅନେକ ପର୍ଯ୍ୟଟକଙ୍କ ଗାଡି ହରିଶଙ୍କରକୁ ଯିବା ପାଇଁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିଲା। ଏ ନେଇ ପୂର୍ତ୍ତ ବିଭାଗ କଣ୍ଟାବାଞ୍ଜି ସବଡିଭିଜନ ସହକାରୀ ଯନ୍ତ୍ରୀ ପଦ୍ମନାଭ ଗୌଡାଙ୍କୁ ଫୋନ ଯୋଗେ ଜଣାଯାଇଥିବା ବେଳେ ତୁରନ୍ତ ଗଛ ଉଠାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ ଅପରାହ୍ନ ୩ଟା ଯାଏଁ ଉଠାଇବା ବ୍ୟବସ୍ଥା କରି ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଧରି ରାସ୍ତା ଉପରେ ଗଛ ପଡିବା ଖବର ପାଇ ଖପ୍ରାଖୋଲ ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରୁ ଗଛ କାଟି ସଫା କରିଥିଲେ। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## କୁକିଆରେ ନୂଆଁଖାଇ ଭେଟ୍‌ଘାଟ

ଉଲୁଣ୍ଡା,୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର କୁକିଆ ଗାଁରେ ସ୍ଥାନୀୟ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଅଶୋକ ପଣ୍ଡାଙ୍କ ସଭାପତିତ୍ୱ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗନେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ନୂଆଁଖାଇ ଉତ୍ସବର ପ୍ରାସଙ୍ଗିକତା ଏବଂ ଯୁବଗୋଷ୍ଠୀର ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ରେବତୀ ବିଶ୍ୱାଳ, ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁ, ସାମାଜିକ କର୍ମୀ ନରେନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ରାଧାକାନ୍ତ ମହାକୁର, ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ ଓ ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ମଞ୍ଚ ଅଭିନେତା ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଉଲୁଣ୍ଡା ଆଇଆଇସି ରୀନାକୁମାରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଦିତ୍ୟ ପୁରୋହିତ ସଂଯୋଜନା କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବାଗବର ୟୁପି ସ୍କୁଲ

## ପିଲାଏ ଗଠନ କଲେ ନୂତନ ମନ୍ତ୍ରିମଣ୍ଡଳ



ସ୍କୁଲ କ୍ୟାବିନେଟର ସଦସ୍ୟମାନେ ଶପଥ ଗ୍ରହଣ କରୁଛନ୍ତି।

ବୀରମହାରାଜପୁର, ୨୧।୯ (ଡି.ଏନ.ଏ.)

ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମତେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାୟା ମନ୍ତ୍ରିମଣ୍ଡଳ(ସ୍କୁଲ କ୍ୟାବିନେଟ) ଗଠିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଗଣ ସେମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କୁ ନିର୍ବାଚନ ଜରିଆରେ ବାଛିଥିଲେ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ବିବେକ ଭୋଇ, ଉପମୁଖ୍ୟମନ୍ତ୍ରୀ ରୋନାଲି ଜଗଦେଲା ନିର୍ବାଚିତ ହୋଇଥିଲେ। ଅନ୍ୟାନ୍ୟ ମନ୍ତ୍ରୀଗଣ ହେଲେ ପ୍ରିୟତମ ଦେହୁରୀ, ରାଧେଶ୍ୟାମ ରଣା, ସରସ୍ୱତୀ ମଲ୍ଲିକ, କବିତା ସାହୁ, ଶୁଭଶ୍ରୀ ମହାକୁର, ପ୍ରିୟଙ୍କା ସାହୁ, ସୁନାତନ ଭୁଇ, ଲକ୍ଷ୍ମୀ ସେଠୀ ଓ ଦେବରାଜ ଭୁଇ। ନବନିର୍ବାଚିତ ମନ୍ତ୍ରୀମଣ୍ଡଳର ସଦସ୍ୟା ସଦସ୍ୟମାନଙ୍କୁ ଗୁରୁବାର ପ୍ରଧାନଶିକ୍ଷକ ମାର୍କଣ୍ଡେଶ୍ୱର ମିଶ୍ର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀ ଛାତ୍ର ବିବେକ ଭୋଇ ତାଙ୍କର ସ୍ୱାଗତ ଭାଷଣରେ ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀମଣ୍ଡଳକୁ ଅଭିନନ୍ଦନ ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶ୍ୱିନୀ ପଧାନ, ପ୍ରଭୁଦତ୍ତ ବେଦୋଲ୍ତା, ଗୌରୀ କୁମୁରା ଏବଂ ସସ୍ମିତା ଗଣ୍ଡ ଏଥିରେ ସହଯୋଗ କରିଥିଲେ।

# ହିତାଧିକାରୀ ଚୟନରେ ବିଳମ୍ବ

ସୋନପୁର,୨୧।୯(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**

- ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
- ୨୫,୪୨୪ ଆବେଦନର ତଦନ୍ତ ସରିଛି
- ୩୭,୭୭୧ ଜଣଙ୍କୁ ସାମିଲ ପାଇଁ ଲକ୍ଷ୍ୟ

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହେବ। ସରକାରଙ୍କ ଏହି ଫ୍ଲାଗସିପ୍ ଯୋଜନା କାର୍ଯ୍ୟକାରୀ ହେବାକୁ ଆଉ ମାତ୍ର ୧୧ଦିନ ବାକି ରହିଛି। ହେଲେ ଧାର୍ଯ୍ୟ ସମୟ ମଧ୍ୟରେ ଜିଲାର ଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହୋଇ ପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦ତାରିଖ ସୁଦ୍ଧା ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଆରସିଏମଏସ)ରେ ୨୮୬୫୭ ଆବେଦନ ଗ୍ରହଣ କରାଯାଇଛି। ହିତାଧିକାରୀଙ୍କ ସମସ୍ତ ଆବେଦନ ଫର୍ମ ତଦନ୍ତ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ଦଳୀୟଭିତ୍ତିରେ ହିତାଧିକାରୀ ଚୟନ ହେଉଥିବା ଭଳି ଗୁରୁତର ଅଭିଯୋଗ ଉଠିଛି। ତେଣୁ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେବା ସହିତ ବିଳମ୍ବ ହେଉଥିବା କୁହାଯାଉଛି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୪ଲକ୍ଷ ୮୬ ହଜାର ଲୋକ ଉପକୃତ ହେଉଛନ୍ତି। ଏଥିରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ଚାଉଳ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଦିନ ମଜୁରିଆ, ଅସୁରକ୍ଷିତ ଆଦିମ ଅଧିବାସୀ, ବାସହୀନ ପରିବାର, ବିଧବା, ନିରାଶ୍ରୟ ମହିଳା, ଭିନ୍ନକ୍ଷମ ବ୍ୟକ୍ତି, କୁଷ୍ଠ, ଏଚଆଇଭି ଆକ୍ରାନ୍ତ ଥିବା ସଦସ୍ୟଙ୍କ ପରିବାର ଓ ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ। ଏଥିରେ ସୁବର୍ଣ୍ଣପୁର ଜିଲାର ୩୭,୭୭୧ ଜଣ ଗରିବ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ଲକ୍ଷ୍ୟ ରହିଛି । ହିତାଧିକାରୀ ଚିହ୍ନଟ ପାଇଁ ନିର୍ଦ୍ଧାରିତ ହୋଇଥିବା ସରକାରୀ ମାନଦଣ୍ଡ ଆଧାରରେ ପ୍ରକୃତ ହିତାଧିକାରୀ ଚୟନ କରିବାକୁ ଜିଲାପାଳ ମଧୁସୂଦନ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳ ଓ ସହରରେ ଜଣେ ବି ଯୋଗ୍ୟ ଗରିବ ଲୋକ ଯେମିତି ଏହି ଯୋଜନାରୁ ବାଦ ନ ପଡିବେ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି କ୍ଷେତ୍ରରେ ମାନଦଣ୍ଡକୁ ଅଣଦେଖା କରି ଯଦି କୌଣସି ଅଧିକାରୀ ବା କର୍ମଚାରୀ ହିତାଧିକାରୀ ଚୟନ କ୍ଷେତ୍ରରେ ଅନିୟମିତତା କରିବେ ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଥିଲେ। ଏଥିପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି କରାଯାଇଛି। ତେବେ କେତେକ ଅସାଧୁ କର୍ମଚାରୀ କିଛି ପ୍ରଭାବଶାଳୀ ଲୋକ ପ୍ରତିନିଧିଙ୍କ ଇଙ୍ଗିତରେ ଏହାର ମାନଦଣ୍ଡକୁ ଅଣଦେଖା କରି ହିତାଧିକାରୀ ଚୟନ କରୁଥିବା ଅଭିଯୋଗ ଉଠୁଛି। ଡୁଙ୍ଗୁରିପାଲି, ବିନିକା, ତରଭା ଓ ବୀରମହାରାଜପୁର ବ୍ଲକରେ ଏଭଳି ଅନିୟମିତତା ଅଧିକ ହୋଇଥିବା ସୂଚନା ମିଳୁଛି। ଅନ୍ୟପକ୍ଷେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ତଦନ୍ତ ସକାଶେ କର୍ମଚାରୀଙ୍କୁ ୩ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମିଳିଥିଲା। ମାତ୍ର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏହି ବ୍ୟବସ୍ଥା ନଥିବାରୁ କର୍ମଚାରୀମାନେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ଗାଁଗାଁରେ ବୁଲି କ୍ଷେତ୍ରୀୟ ତଦନ୍ତ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ଏହି ଯୋଜନାରେ ସଫଳତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରସ୍ତୁତି ବୈଠକରେ ହୋର୍ଡିଂ, ପୋଷ୍ଟର, ଡାକବାଜିଯନ୍ତ୍ର ମାଧ୍ୟମରେ ଯୋଜନାର ପ୍ରଚାର ପ୍ରସାର କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ସେଭଳି ସଚେତନତା ଗ୍ରାମାଞ୍ଚଳରେ ଆଦୌ ଦେଖିବାକୁ ମିଳୁନି। ଫଳରେ ସେମାନେ ସ୍ଥାନୀୟ ନେତାଙ୍କ ସହଯୋଗ ନେଇ ଅଡୁଆରେ ପଡୁଛନ୍ତି। ଗତ ଅଗଷ୍ଟ ୧୩ରୁ ଆବେଦନ ପତ୍ର ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏ ପର୍ଯ୍ୟନ୍ତ ୨୪୦୩୮ ଆବେଦନ ଡିଜିଟାଇଜେସନ ହୋଇଥିବା ଜଣାପଡିଛି । ଏ ପର୍ଯ୍ୟନ୍ତ ୨୫୪୨୪ ଜଣ ଆବେଦନକାରୀଙ୍କ ତଦନ୍ତ ରିପୋର୍ଟ ମିଳିଛି । ସେଥିରୁ ୫୪୪୨ ଜଣଙ୍କୁ ଅଯୋଗ୍ୟ ବୋଲି ଦର୍ଶାଯାଇଛି । ୭୪୪୧ ଜଣ ଯୋଜନାରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଯୋଗ୍ୟତା ତାଲିକାରେ ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୫୯୨ ଜଣ, ସୋନପୁର ବ୍ଲକରେ ୭୮୧, ପୌରାଞ୍ଚଳରେ ୨୮୩, ତରଭା ବ୍ଲକରେ ୧୨୦୪, ତରଭା ଏନଏସିରେ ୧୨୯, ବିନିକା ବ୍ଲକରେ ୬୦୫, ବିନିକା ଏନଏସିରେ ୧୫୮, ବୀରମହାରାଜପୁରରେ ୧୧୯୪ ଓ ଉଲୁଣ୍ଡାରେ ୧୪୯୫ ଜଣ ହିତାଧିକାରୀ ଯୋଗ୍ୟ ବୋଲି ଦର୍ଶାଯାଇଛି। ଏହି କାଯ୍ୟ ଜାରି ରହିଥିବାରୁ ଜିଲା ପ୍ରଶାସନ କ୍ରମବର୍ଦ୍ଧନଶୀଳ ବୋଲି ଦର୍ଶାଇଛି। ଧାର୍ଯ୍ୟ ସମୟ ପୂର୍ବରୁ ଯେନତେନ ପ୍ରକାରେ ତାଲିକା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଲାଗି ପଡିଛନ୍ତି। ସ୍ଥାନୀୟ ଲୋକପ୍ରତିନିଧି ଯେଉଁ ତାଲିକା ଦେଉଛନ୍ତି ତାହାର କୌଣସି ତଦନ୍ତ ନ କରି ଗ୍ରହଣ କରାଯାଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କୁହନ୍ତି, ହିତାଧିକାରୀ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ନୋଡାଲ ଅଫିସରମାନେ ତଦାରଖ କରୁଛନ୍ତି। ଅଭିଯୋଗ ଆସିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ



### ପୂର୍ବତନ ମନ୍ତ୍ରୀ ନଟବର ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ

ବୌଦ୍ଧ,୨୧।୯(ସ୍ୱ.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବୌଦ୍ଧ ମାଟିର ଟାଣୁଆ ନେତା ନଟବର ପ୍ରଧାନଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି । ନଟବର ପ୍ରଧାନ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା । ଏହି ଅବସରରେ କମିଟିର ସମ୍ପାଦକ ଆଇନଜୀବୀ ତାରେଣୀ ମହାପାତ୍ରଙ୍କ ନେତୃତ୍ୱରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଦୀପ୍ତିପ୍ରଭା ସ୍ୱାଇଁ, କମିଟି ସଦସ୍ୟ, ସହରର ବୁଦ୍ଧିଜୀବୀ, ବିଜେଡି ନେତାମାନେ ଯୋଗ ଦେଇ ଏନଏସି ଛକଠାରେ ସ୍ଥାପିତ ନଟବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ କିମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଶ୍ରାଦ୍ଧବାର୍ଷିକୀ ପାଳନରେ ବିଜେଡି ଯୁବ ଜୋନାଲ ସଭାପତି ଅଶୋକ କୁମାର ସାହୁ, ବରିଷ୍ଠ ନାଗରିକ ଅଖିଳ ଚାନ୍ଦ ମହାପାତ୍ର, କହ୍ନାଇଁ ଚରଣ ଦାସ, ସୁବାଷ ସାହୁ, ନିବାସ ଚନ୍ଦ୍ର ଦାନୀ, ଚିତ୍ତରଞ୍ଜନ ଦାସ, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ଧୂରୀଣ ଦେହୁରୀ, ପୃଥିରାଜ ମେହେର, ଦେବରଞ୍ଜନ ବିଶି, ପୂର୍ବତନ ଉପନଗର ପାଳ ବସନ୍ତ ସ୍ୱାଇଁ, ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସମେତ ଜୁଲିୟସ ମହାକୁଲ ପ୍ରମୁଖ ଯୋଗ ଦେଇଥିଲେ।

# ସରିଲା କରମସାନୀ ପୂଜା

ସୋନପୁର,୨୧।୯(ନି.ପ୍ର.)



ଦ୍ୱିତୀୟ ଦିନର ସାଂସ୍କୃତିକ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର କଳିଙ୍ଗ ନଗରରେ ଭାଦ୍ରବ ମହା ଏକାଦଶୀ ତିଥିରେ ସାର୍ବଜନୀନ ମାଁ ବୁଢୀମାଁଙ୍କ ଭାଦ୍ରବ ମହାଏକାଦଶୀ କରମାସନୀ ପୂଜା ଆରମ୍ଭ ହୋଇଛି । ଶୁକ୍ରବାର ଦେବୀଙ୍କ ନଗର ପରିକ୍ରମା ସହିତ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ମଞ୍ଚପୂଜା ହୋଇଥିଲା। ପଡାର ବିଭିନ୍ନ ସ୍ଥାନରେ କରମା ଡାଳ ପୂଜାର୍ଚ୍ଚନା କରାଯାଇ କରମାସନୀ ମାଁଙ୍କ ମନ୍ଦିରରେ ରାତିରେ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ଘାସି ସମ୍ପ୍ରଦାୟର ଲୋକ ମହାନଦୀକୁ ଯାଇ ସେଠାରେ ଜଳ ଓ ବାଲି ସମେତ ଚଣା, ମୁଗ, ବିରି ଓ କୋଳଥ ଇତ୍ୟାଦି ଶସ୍ୟକୁ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ପୂଜାଥାଳିକୁ ମୁଣ୍ଡରେ ବୋହି ନିଜ ସାହି ପୂଜା ମଣ୍ଡପକୁ ଆଣିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ମାଁ କରମସାନୀ(ବନଦୁର୍ଗା)ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ବରୁଆଙ୍କ ଶରୀରରେ ମାଁ ଆବିର୍ଭାବ ହୋଇ ସାହିର ପ୍ରତ୍ୟେକ ଘରକୁ ଯାଇଥିଲେ। ମାଦଳର ତାଳେତାଳେ ନୃତ୍ୟ କରି ପଡା ପରିକ୍ରମା କରିଥିଲେ। ଏଥିପାଇଁ ପଡାର ସମସ୍ତେ ନିଜ ନିଜ ଘର ଆଗରେ ପୂର୍ଣ୍ଣ କୁମ୍ଭ ସ୍ଥାପନ କରି ମାଁଙ୍କ ପାଦ ଧୋଇ ଆଶୀର୍ବାଦ ଭିକ୍ଷା କରିଥିଲେ । କୃଷିର ଉନ୍ନତି ତଥା ବସ୍ତି ସହର ଏବଂ ଜଗତର କଲ୍ୟାଣ ପାଇଁ ଏହି ପୂଜାର ଆୟୋଜନ ପ୍ରତିବର୍ଷ କରାଯାଇଥାଏ। ଏହି ଅବସରରେ ଜିଲାର ବିଭିନ୍ନ ଗ୍ରାମର ମନ୍ଦଳବାଦକ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଧବାର ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ଓ ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ଥାଟି ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ସାଂସ୍କୃତିକ ସମାରୋହରେ ଅଭିମନ୍ୟୁ କୁଶଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ପରମ୍ପରା ଅତି ପୁରୁଣା ବୋଲି କହିଥିଲେ। ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର ଓ ଅଧାପକ ପୁରୁଷୋତ୍ତମ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା ପୁରୁଣା ସଂସ୍କୃତି ଓ ପରମ୍ପରା ବଞ୍ଚି ରହିଛି ବୋଲି ମତପ୍ରକାଶ କରିଥିଲେ। ଯୁବନେତା ମହାଦେବ ମଲ୍ଲିକ ମଞ୍ଚାସୀନ ଥିଲେ। ଚୌଧୁରୀ ବିଭାର ଓ ଅଧାପକ ମଦନ ସୁନ୍ଦର ଖେତି ମଞ୍ଚ ପରିଚାଳନା କରିଥିଲେ। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ପୂଜା କମିଟିର କାହ୍ନୁ ଚରଣ ଭରାସାଗର, ଦେବେନ୍ଦ୍ର ସାଗର, ସନ୍ତୋଷ ଗଣ୍ଡ, ଧରମ ସୁରଗୁଜିଆ, ଲିଙ୍ଗରାଜ ଭରାସାଗର, ଷଷ୍ଠିରାଜ ବାଗ, ମେଧୁ ସୁରୁଗୁଜିଆ, ରଘୁନାଥ ନାଏକ, ଗଣେଷ ସିନ୍ଧ୍ରିଆ, ଶଙ୍କର ଘଡିଆ, ମିଥୁନ ସୁରୁଗୁଜିଆ, ଶମ୍ଭୁ ନରଭସିଆ ଓ ରମେଶ ବାଗ ଏବଂ କଳିଙ୍ଗ ନଗରର ଅଧିବାସୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ଚମ୍ପା**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା ।**

ଚମ୍ପାଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା । ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ। ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି। ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚାଲିଲା ବେଳେ କି ମଠମଠ**
**ଶୋଇଲା ବେଳେ କି ଭଟଭଟ ?**

ମଠେଇ ମଠେଇ ଯିଏ ବାଟ ଚାଲୁଥାଏ ତା' ସଙ୍ଗେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଶୋଇଲାବେଳେ କାନ ପାଖରେ ଯଦି କିଏ ଭଟ ଭଟ ହୁଏ ବା କଥା କୁହେ ତା'ହେଲେ ନିଦ ଭାଙ୍ଗିଯାଇଥାଏ। ଏପରି ଅବସ୍ଥା ବଡ଼ ବିରକ୍ତିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଏଲଓ, ସୁପରଭାଇଜରଙ୍କ ପ୍ରଶିକ୍ଷଣ ବୈଠକ

ପଦ୍ମପୁର, ୨୧।୯ (ଡି.ଏନ.ଏ)

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁସାରେ ଗତ ସେପ୍ଟେମ୍ବର ୧ ତାରିଖରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ ଓ କ୍ରିୟାଶୀଳ କରିବା ପାଇଁ ଗତ ୧୯ ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ସମସ୍ତ ବୁଥସ୍ତରୀୟ ଅଧିକାରୀ, ସୁପରଭାଇଜର ଏବଂ ସେକ୍ଟର ଅଫିସରମାନଙ୍କ ଏକ ପ୍ରଶିକ୍ଷଣ ବୈଠକ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କମିଶନଙ୍କ ନିର୍ଦ୍ଦେଶାନୁସାରେ ୧ ଜୁନାୟାରୀ, ୨୦୧୯ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ କିମ୍ବା ତାଠାରୁ ଅଧିକ ହୋଇଥିବ ସେମାନଙ୍କ ନାମ ଭୋଟର ତାଲିକାରେ ସ୍ଥାନୀତ, ମୃତ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ତଥା ତୃଟିପୂର୍ଣ୍ଣ ଭୋଟର ପରିଚୟ ପତ୍ରର ସଂଶୋଧନ ଉପରେ ଉପଜିଲାପାଳ ବିସ୍ତୃତ ଆଲୋଚନା କରିଥିଲେ । ଏତତ୍‌ବ୍ୟତୀତ ବୁଥସ୍ତରୀୟ ଅଧିକାରୀମାନେ ନିର୍ବାଚନ ହେଉଥିବା ବୁଥ୍‌ଗୁଡିକୁ ବୁଲି ଆନୁସଙ୍ଗିକ ବ୍ୟବସ୍ଥା ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବା ନିମନ୍ତେ ଆଶା ଏବଂ ଅଙ୍ଗନୱାଡି କର୍ମୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଚାରି ଜଣିଆ ବୁଥସ୍ତରୀୟ ସଚେତନତା ଜଜ୍ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୩, ଅକ୍ଟୋବର ୭ ଏବଂ ୨୮ ଏହି ତିନି ଦିନ ସ୍ୱତନ୍ତ୍ର ଭାବେ ବୁଥସ୍ତରୀୟ ଅଧିକାରୀମାନେ ନିଜ ନିଜ ବୁଥ୍‌ରେ ଉପସ୍ଥିତ ରହି ବିଭିନ୍ନ ଫର୍ମ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ସହକାରୀ ଜିଲାପାଳ ଅନୀଲ କୁମାର ହୋତା, ଦୀପ୍ତିମୟୀ ଭୁଏ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସେହିଭଳି ଗତ ୨୦ ତାରିଖ ପୂର୍ବାହ୍ନ ସାଢ଼େ ୧ଟା ସମୟରେ ଗାଇସିଲେଟ ବ୍ଲକରେ ଏବଂ ଅପରାହ୍ନ ୪ଟା ସମୟରେ ଝାରବନ୍ଧ ବ୍ଲକରେ ବିଏଲଓ ଏବଂ ସୁପରଭାଇଜରମାନଙ୍କୁ ନେଇ ଅନୁରୂପ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଥିଲା ।

# ଅଲିଭା ମହାସଂଘର ଜିଲାସ୍ତରୀୟ ବୈଠକ





ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ଓ ସାମାଜିକକର୍ମୀ ।

ସୋନପୁର,୨୧।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଅଲିଭା ମହାସଂଘର ଗଣମାଧମ ପ୍ରତିନିଧିଙ୍କ ସହ ଜିଲାସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକର ୧୫ଟି ପଞ୍ଚାୟତର ୧୧୭ ଜଣ ସଦସ୍ୟାଙ୍କୁ ନେଇ ଏହି ସଂଘ ଗଠିତ ହୋଇଛି। ମହାସଂଘର ବ୍ଲକସ୍ତରୀୟ ସଭାନେତ୍ରୀ ଯାଜ୍ଞସେନୀ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦିକ ଚନ୍ଦ୍ରକାନ୍ତି ନାଏକ, ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା ଓ ସ୍ୱାଧୀନ ମେହେର ଯୋଗ ଦେଇଥିଲେ। ରେଆରର ସଭାପତି ପଣ୍ଡା ନିର୍ବାଚିତ ମହିଳାଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ବିକାଶ ପ୍ରକ୍ରିୟା ସହିତ ବିଗତ ୧ ବର୍ଷ ମଧରେ ସେମାନେ ଅନୁଭବ କରିଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ପ୍ରକାଶ କରିବା ପାଇଁ ବୈଠକ ଉଦ୍ଦିଷ୍ଟ ଥିବା କହିଥିଲେ। ରେଆରର ସାଧାରଣ ସମ୍ପାଦକ ଆଶୁତୋଷ ହୋତା ଏହି ସଂଗଠନ ଦକ୍ଷତା ବିକାଶ, ନେତୃତ୍ୱ ବିକାଶ ସହିତ ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ବାଲ୍ୟ ବିବାହ, ବୈଷମ୍ୟ ବିରୋଧରେ କାମ କରିବ ବୋଲି କହିଥିଲେ। କମସରା ପଡା, କର୍ଲାମୁହାଣ ଓ ଲେମ୍ବୁପାଣି ସ୍କୁଲରେ ରୋଷେଇ ଗୃହ ନଥିବାରୁ ମଧାହ୍ନ ଭୋଜନ ପ୍ରସ୍ତୁତିରେ ସମସ୍ୟା ହେଉଥିବା ଗ୍ରାମାଞ୍ଚଳରୁ ଆସିଥିବା ସଦସ୍ୟା ମାନେ ଅଭିଯୋଗ କରିଥିଲେ। ସେହିପରି କେତେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ବିଳମ୍ବରେ ଆସିବା, ବିଦ୍ୟାଳୟ ପରିଚାଳନା କମିଟି ବୈଠକ ନ ହେବା, ମଧାହ୍ନଭୋଜନ ଦୁର୍ନିତୀ ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପଲ୍ଲିସଭା, ଗ୍ରାମସଭା ଠିକ୍ ଭାବେ ହେଉ ନଥିବା, ତୁଲୁଣ୍ଡା ପଞ୍ଚାୟତର ସ୍ଥାୟୀ ପଞ୍ଚାୟତ ଗୃହ ନିର୍ମାଣ ନହେବା, କେତେକ ପଞ୍ଚାୟତରେ ନିୟମିତ ମାସିକ ବୈଠକ ନହେବା ଓ ମହିଳା ସରପଞ୍ଚଙ୍କ ସ୍ଥାନରେ ତାଙ୍କ ସ୍ୱାମୀ ପଞ୍ଚାୟତ ବୈଠକରେ ଉପସ୍ଥିତ ରହିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ତରଭା ବ୍ଲକର ବ୍ରାହ୍ମଣୀ ପଞ୍ଚାୟତରେ ବାଲ୍ୟବିବାହ ବୃଦ୍ଧି ପାଇବା ସମ୍ପର୍କରେ ସ୍ଥାନୀୟ ସଭ୍ୟା ଜଣାଇଥିଲେ। ଖବରଦାତା ନିରଞ୍ଜନ ମିଶ୍ର ଓ ଗଣନାଥ ବାଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ସଂଯୋଜକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମଣ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ। ରେଆର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗାନ୍ଧୀ କେନାଲ ସଫା କଲେ ଅଞ୍ଚଳବାସୀ

ତଳଗାଁ,୨୧।୯(ଡି.ଏନ.ଏ)



ଚାଷୀମାନେ କେନାଲ ସଫେଇ କରୁଛନ୍ତି ।

ସରକାର କୃଷିର ବିକାଶକୁ ଗୁରୁତ୍ୱ ଦେବା ସହିତ କୃଷକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ବୌଦ୍ଧ ଜିଲା ହରଭଙ୍ଗା ଭଳି ଏକ ପଛୁଆ ବ୍ଲକରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଓ ମନମୁଖି କାର୍ଯ୍ୟ ପାଇଁ ଏଠାକାର ଜମିକୁ ଜଳସେଚନ ଏକପ୍ରକାର ଠପ୍ ହୋଇଯାଇଥିବା ଅଭିଯୋଗ ହେଉଛି । ପ୍ରାପ୍ତ ସୂଚନା ମତେ, ହରଭଙ୍ଗା ବ୍ଲକ ମୂଷାଡରୁ ରାମଗଡ ଯାଇଥିବା ଗାନ୍ଧୀ କେନାଲ ଦୀର୍ଘ ୧୦ ବର୍ଷ ହେବ ମରାମତି ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା । ଫଳରେ ଉକ୍ତ କେନାଲ ଉପରେ ନିର୍ଭର କରୁଥିବା ୩ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ଚାଷଜମିକୁ ଜଳସେଚନ ହୋଇ ନ ପାରି ଅନେକ ସମୟରେ ଫସଲ ନଷ୍ଟ ହେଉଥିଲା । ଉକ୍ତ କେନାଲର ଅନେକ ସ୍ଥାନରେ ଛୋଟ ଛୋଟ ଗଛ ହୋଇ ଜଳ ଠିକ ଭାବେ ପ୍ରବାହିତ ହେଉ ନ ଥିବା ବେଳେ ଆଉ କେତେକ ସ୍ଥାନରେ ମାଟି ଅତଡା ଖସି କେନାଲ ପଥକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବା ଦେଖାଯାଇଛି । ଉକ୍ତ କେନାଲ ଉପରେ ନିର୍ଭର କରୁଥିବା ଚାଷୀମାନେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସଙ୍କର୍ଷଣ ଝାଙ୍କର ଓ ଅରୂପାନନ୍ଦ ପାତ୍ରଙ୍କ ନେତୃତ୍ୱରେ ୫ଟି ଗ୍ରାମର ଶତାଧିକ ଚାଷୀ ଅର୍ଥ ଓ ଶ୍ରମଦାନ କରି ଉକ୍ତ କେନାଲକୁ ପୁନରୁଦ୍ଧାର କରିଥିବା ଦେଖିବାକୁ ମିଳିଛି ।

## ଇସ୍‌ଲାମପୁରରେ ହିଂସା: ୨ ଛାତ୍ର ମୃତ

ରାଇଗଞ୍ଜ, ୨୧।୯(ପି.ଟି.): ଏକ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ରକରି ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରର ଇସ୍‌ଲାମପୁରରେ ପୋଲିସ ଜନତା ହାତାହାତି ହେବା ଫଳରେ ବଡ଼ଧରଣର ହିଂସା ଘଟିଛି। ଏହି ଘଟଣାରେ ଦୁଇ ଛାତ୍ରଙ୍କ ଜୀବନ ଯାଇଛି। ସଂଘର୍ଷବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁ ଗୁରୁବାର ଜଣେ ଆଇଟିଆଇ ଛାତ୍ର ପ୍ରାଣ ହରାଇଥିଲେ। ଆହତ ହୋଇଥିବା ଆଉ ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ନର୍ଥ ବେଙ୍ଗଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି।

# ବାଲ୍ୟ ବିବାହ ନିରୋଧ କର୍ମଶାଳା

ବୀରମହାରାଜପୁର, ୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଜାତୀୟ ସେବା ସଂସ୍ଥା ଗୁରୁବାର ଏହାର ଆୟୋଜନ କରିଥିଲେ। ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ରାଜୀବ କୁମାର ନାଏକ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହର କୁପରିଣତି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହାର ନିରାକରଣ ତଥା ସଚେତନତା ସୃଷ୍ଟି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। କର୍ମଶାଳା ଅବସରରେ ବିଦ୍ୟାର୍ଥୀମାନଙ୍କ ସହିତ ପ୍ରସଙ୍ଗଭିତ୍ତିକ ମତ ବିନିମୟ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ମୀନକେତନ ଛୁରିଆ, ଅଧ୍ୟାପକ ରମାକାନ୍ତ ପୁରୋହିତ, ଶିବଶଙ୍କର ମହାନନ୍ଦ ଓ ଅଧ୍ୟାପିକା ଆନନ୍ଦା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀପ କୁମାର ମେହେର ଓ ଗୋପାଳ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବାଲ୍ୟ ବିବାହ ନିରୋଧ କର୍ମଶାଳାରେ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର।

ବାହା ଜାଂଗଲ୍ ମାଜ୍‌ଲେ ନିହାତି ସଫଲ୍‌ତା ମିଲ୍‌ବା

# ପାତଲଘଁଟା ଚାଷ୍ ଦେଇଛେ ରୁଜ୍‌ଗାର

ଲୋଇସିଂହା,୨୧।୯(ଡି.ଏନ.ଏ)



ନିଜର ପରିବା ବାଏରଥି ଚାଷୀ ଗୋପୀନାଥ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଉପରବାହାଲ ଗାଁର ଗୋପୀନାଥ ବିଶ୍ୱାଳ ଝନେ ସଫଲ ପରିବା ଚାଷୀ। ୩ ଏକର ଜମିରୁ ଚାଷ୍ ଆରମ୍ କରିଥିବାର ଇ ଯୁବଚାଷୀ ଏହେଦେ ୧୬ ଏକର ଚାଷ ଜମିରେ ଚାଷ କରୁଛନ୍। ପରିବା ଚାଷ୍ କରି ନିଜେ ନିଜର ଗୁଡେ ଠିଆ ହେବାର ସଂଗେ ସେ ୧୬ ଏକର ଚାଷ୍ ଜମି, ସମ୍ବଲପୁର ସହରରେ ଘର ଡିହ ଘିନ୍‌ବାରେ ସକ୍ଷମ ହେଇପାରିଛନ୍। ଚାଷ୍‌ର କିଛି ବିକଳ୍ପ ନାଁଇନ, ଚାଷୀ ଭାଇମାନେ ଧରୟହରା ନାଇଁ ହେଇକରି ନିଜର ବାହା ଜାଂଗଲ୍ ଉପ୍‌ରେ ଭର୍‌ଷା କରି ମାଜ୍‌ଲେ ନିହାତି ସଫଲତା ପାଏବେ ବଲି ସେ କହିଛନ୍। ଲୋଇସିଂହା ବ୍ଲକ୍ ଉପରବାହାଲ ପଁନ୍‌ଚେତ ସଦର ଗାଁର ପାୟ ବିଶ୍ୱାଳଙ୍କର ୫ ପୁଓ ଭିତ୍‌ରୁ ଗୋପୀନାଥ ୪ ନଂ. ପୁଓ। ଗୋପୀନାଥଙ୍କର ଦୁଇ ଭାଇ ଚାଏରଚକିଆ ଆର୍ ଉନିଆ ଦୁଇ ଭାଇ ସମ୍ବଲପୁର ସହରରେ ବେଉସା କରୁଛନ୍। ଗାଁରେ ରହି ଗୋପୀନାଥ ଧାନ ଚାଷ୍‌ରେ ବିଛୋ ହେଇ ଭାଇ ଭାଗ୍ ପାଇଥିବାର ୩ ଏକର ଜମିରେ ପାତଲଘଁଟା ଆର ମାଖନ୍ ଚାଷ୍ କର୍‌ବାର ମୂଲ୍ କରିଥିଲେ। ଇଥିରେ ସେ ସଫଲ ବି ହେଇଥିଲେ। ସେଦିନ୍‌ଠାନୁ ପାତଲଘଁଟା, ମାଖନ୍ ଚାଷ୍‌କେ ଆଦ୍‌ରି ନେଇଛନ୍। ଫିବଛର ଲକ୍ଷାଧିକ୍ ଟଁକା ଆଏ କରୁଛନ୍। ଇ ପନିପରିବା ଚାଷ୍‌ରୁ ହେଇଥିବାର ଆଏ ଟଁକାରେ ସେ କୁଟୁମ୍ ପୁଷ୍‌ବାର ସଂଗେ ୧୭ ଏକର ଚାଷ୍ ଜମି ଘିନିଥିବାର କହିଛନ୍। ପରିବାର ଲୁକେ ଖାଇବାର ଲାଗି ୪ ଏକର ଜମିରେ ଧାନଚାଷ୍ ଆର୍ ବାକି ଜମିରେ ଟମାଟୋ ଚାଷ କରିଛନ୍। ଅଷାଢ଼ ଦଶମୀରେ ୧୭୦ ପେକେଟ ମୁଜି ପଲ୍‌ହା ପକେଇଥିଲେ। ଶରାବନ୍ ପୁନିରେ କ୍ଷେତେ ଚାରା ଲଗାଯାଇଛେ। ପାତଲଘଁଟା ଗଛ୍‌ମାନ୍‌କୁ ଫୁଲ୍ ଆଏଲାନ, କାରତିକ୍ ମାସେ ଅମଲ ହେଇଯିବା। ତାକର ନିକେ ବାହାର ଜିଲାର ବେଉସାୟୀ ଆସି ଘରୁ ନପେଇ ନେସନ୍। ଯେନ୍‌ଥିର୍‌ଲାଗି ନେବାର ଆନ୍‌ବାର ଖର୍‌ଚା ବଁଚ୍‌ବାର ସଂଗେ ଗୋପୀନାଥ ଭଲ୍ ଦୁଇପଏସା ରୁଜ୍‌ଗାର କରିପାରୁଛନ୍। ମୁଜି ଘିନାରୁ ଆରମ୍ କରି ଉଷୋକସା, ସାର, ମୂଲମଜୁରୀ ଟଁକା ବାବ୍‌ଦେ ଚାଷ୍‌ରେ ବଛରକ ୫ ଲକ୍ଷରୁ ଅଧିକା ଟଁକା କରଚ୍ କରୁଛନ୍ ସତ୍ ହେଲେ ତାର ତିନ୍ ଗୁନା ଟଁକା ଲାଭ୍ ବି କରୁଥିବାର ସେ କହିଛନ୍। ଚାଷ୍‌ବାସ୍‌ରେ ଲାଭ୍ କ୍ଷତି ଲାଗି ରହିଛେ। କେନ୍ ବଛର ଭଲ ଦୁଇ ପଏସା ଲାଭ୍ ମିଲୁଥିଲା ବେଲେ କେଭେ କେନ୍‌ତା ନୁକ୍‌ସାନ୍ ସହେବାକେ ବି ପଡ଼ସି। ପାତଲଘଁଟା ଆଗ୍‌ରୁ କରିଥିବାର ମାଖନ ଚାଷ୍‌ରେ ପାଖାପାଖି ୪୫ ହଜାର ଟଁକା ନୁକ୍‌ସାନ ସହିଥିବାର ସେ କହିଛନ୍। ହେଲେ ଗୋପୀନାଥ ଲେଖେଁ ଝନେ ସଫଲ ଚାଷୀକେ ଉଦ୍ୟାନ ବିଭାଗ୍ ଅନ୍‌ଦେଖା କରି ଅଣଚାଷୀମାନ୍‌କୁ ପୋର୍‌ଛାହନ୍ ଦେଉଥିବାରୁ ସେ ମନ୍ ଦୁଖ୍ କରିଛନ୍। ଏନ୍‌ତା କି ସେ ବ୍ୟାଙ୍କ କି କୃଷି ସମବାୟ ସମିତିରୁ ଋଣ ଆନ୍‌ବାକେ ବି ପସନ୍ ନାଇଁକରେଁ ବଲି କହିଛନ୍।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଟିକ୍ରାପଡା,୨୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ ଅଧିନ ଚଲକି ଗ୍ରାମରେ ଦୁର୍ଗାପୂଜା ପରିଚାଳନା ସମିତି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଚାଳନା କମିଟି ଗଠନ କରାଯାଇଥିଲା । ସଭାପତି ଦୟାନିଧି ନାଗ, ସମ୍ପାଦକ ସତ୍ୟବ୍ରତ ଭୋଇ, କୋଷାଧକ୍ଷ ଭାବେ ହିରାଲାଲ ଜୈନ ମନୋନୀତ ହୋଇଛନ୍ତି । ଯଜ୍ଞେଶ୍ୱର ପାଢ଼ୀ, ପଦ୍ମଲୋଚନ ବଗର୍ତ୍ତୀ, ଭଜରାଜ ପୁଟେଲଙ୍କୁ ଉପଦେଷ୍ଟାଭାବେ ଗ୍ରହଣ କରାଯାଇଥିଲା । ନର୍ଭେ ବଗର୍ତ୍ତୀ, ମଧୁ ନାଗ, ସୁଶାନ୍ତ ଭୋଇ, ନରସିଂହ ଚନ୍ଦନ, ହୃଦାନନ୍ଦ ପାତ୍ର, ରାଜୁ ମୁଣ୍ଡା, ରାଜେଶ ହାତୀ, ବିପିନ ପରାଭୁଏ ପ୍ରମୁଖ ସଦସ୍ୟ ମନୋନୀତ ହୋଇଥିଲେ । ବାସନ୍ତୀ ଜାନି, ଉପେନ୍ଦ୍ର ଭୋଇ ଯଜ୍ଞ କର୍ତ୍ତା ରହିବେ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

### ଅକ୍ଟୋବର ୯ରୁ ଭୂମିକାର ନାଟ୍ୟ କର୍ମଶାଳା

**ବଲାଙ୍ଗୀର ଅଫିସ,୨୧।୯:** ବଲାଙ୍ଗୀରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆଗାମୀ ଅକ୍ଟୋବର ୯ରୁ ୩୨୧ ପର୍ଯ୍ୟନ୍ତ ଏକ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହେବ । ଏଠାରେ ନାଟକ ସମ୍ପର୍କିତ ବିଭିନ୍ନ କଳା କୌଶଳ ତାଲିମ ଦିଆଯିବ। ପ୍ରଶିକ୍ଷକଭାବେ ଏନ୍‌ଏସ୍‌ଡିଆନ୍ ବିଶ୍ୱଜିତ୍ ବିଶ୍ୱାସ ଯୋଗଦେବେ। ୧୯୯୬ ମସିହାରେ ବିଶ୍ୱାସ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାରେ ଯୋଗଦେଇ ସ୍ପେଶାଲ ପେପର ଭାବେ ଅଭିନୟକୁ ବାଛିଥିଲେ । ୧୯୯୯ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସେ ପଶ୍ଚିମବଙ୍ଗର ଶାନ୍ତିପୁରଠାରେ ଶାନ୍ତିପୁର ରଙ୍ଗପୀଠ ଗଠନ କରି ସ୍ଥାନୀୟ ଯୁବକମାନଙ୍କୁ ପ୍ରଶକ୍ଷଣ ପ୍ରଦାନ କରୁଛନ୍ତି। ବିଶ୍ୱାସ ଗୋଆ କଳା ଏକାଡେମୀ ଏବଂ ମହାରାଷ୍ଟ୍ରର ୱାର୍ଦ୍ଧା ସ୍ଥିତ ମହାତ୍ମାଗାନ୍ଧୀ ଅନ୍ତରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି । ବିଶ୍ୱାସ ଏହି ନାଟ୍ୟ କର୍ମଶାଳାରେ ଯୋଗଦେବେ। ଏହି କର୍ମଶାଳାରେ ୨୫ ବର୍ଷରୁ କମ୍ ବୟସର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ତାଲିମ ଶିବିରରେ ଶିଖିଥିବା ପ୍ରଶିକ୍ଷାର୍ଥୀଙ୍କୁ ନେଇ ଶେଷରେ ପ୍ରଦର୍ଶନୀ ନାଟକ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି।କର୍ମଶାଳାରେ ଯୋଗଦେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ନାମ ରେଜିଷ୍ଟ୍ରେଶସନ୍ କରିନେବାକୁ ଅନୁରୋଧ କରାଯାଇଛି। ଏହା ପୂର୍ବରୁ ୧୯୯୮ ଏବଂ ୨୦୦୪ ମସିହାରେ ଭୂମିକା ପକ୍ଷରୁ ଏଭଳି ନାଟ୍ୟ କର୍ମଶାଳା ଆୟୋଜନ କରାଯାଇଥିଲା ।

# ପୋଲିସ କବ୍‌ଜାରେ ୩ ଆନ୍ତଃ ଜିଲା ଲୁଟେରା



ଗିରଫ ହୋଇଥିବା ୩ ଲୁଟେରାଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି ।

- ୨ ବାଇକ, ୫ ମୋବାଇଲ ଫୋନ୍ ଜବତ
- ଲୁଟିଥିଲେ ୧ ଲକ୍ଷ ୭୫ ହଜାର ଟଙ୍କା
- ପୂର୍ବରୁ ଗିରଫ ହୋଇଥିଲେ ୩ ଲୁଟେରା
- ବିଭିନ୍ନ ଜିଲାର ଲୁଟ୍ ଘଟଣାରେ ସମ୍ପୃକ୍ତ

**ବଲାଙ୍ଗୀର ଅଫିସ, ୨୧।୯**

ଗତ ମାର୍ଚ୍ଚମାସରେ ବଲାଙ୍ଗୀର ସହର ସନ୍ନିକଟ ସଦାଇପାଲି-କନ୍ଧପାଲି ରାସ୍ତାରେ ଜଣେ ବାଇକ ଆରୋହୀଙ୍କୁ ମାଡ ମାରି ତାଙ୍କଠାରୁ ୧ଲକ୍ଷ ୭୫ହଜାର ଲୁଟ୍ ହୋଇଥିଲା । ବଲାଙ୍ଗୀର ପ୍ୟାଲେସ ଲାଇନ୍‌ଠାରେ ଥିବା ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ୍ ଲିମିଟେଡ ନାମକ ଏକ ସଂସ୍ଥାର ଗ୍ରୁପ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ନିମାଇ ଚରଣ ବେହେରା ତାଙ୍କ ବାଇକରେ ବରକାନୀ ଓ ସିନ୍ଦୁରବାହାଲ ଗାଁରୁ ବଲାଙ୍ଗୀର ସହରକୁ ଫେରୁଥିଲେ । ସଦାଇପାଲି-କନ୍ଧପାଲି ମଝି ରାସ୍ତାରେ ୬ଜଣ ଲୁଟେରା ତାଙ୍କୁ ଅଟକାଇଥିଲେ । ଲୁହାରଡ୍‌ରେ ପିଟିବା ସହ ତାଙ୍କଠାରୁ ୧ଲକ୍ଷ ୭୫ହଜାର ଟଙ୍କା, ହିରୋହଣ୍ଡା ସ୍ପ୍ଲେଣ୍ଡର ବାଇକ ଲୁଟି ନେଇ ଫେରାର ହୋଇଯାଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗକାରୀ ବେହେରା ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୨/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ଲୁଟେରାଙ୍କୁ ଗିରଫ କରିଥିଲା । ଗିରଫ ଲୁଟେରାମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଭାଗଭାଟି ଗାଁର ଗୋପାଲ ବାରିକ(୨୬) ଓ କାକା ଓରଫ୍ ବିଜୟ ପୋଢ଼(୩୫) ଏବଂ ତୁଷରା ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗାଁର ସୁଧୀର କୁଦେଇ ଓରଫ୍ ବାଘ(୨୩) । ତିନି ଲୁଟେରାଙ୍କୁ ଗିରଫ କରିବା ପରେ ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଲୁଟ୍ ଘଟଣାରେ ପୋଲିସ ପୂର୍ବରୁ ୩ ଜଣ ଲୁଟେରା ମନୋଜ ସିଂ, ରାଜେନ୍ଦ୍ର ମିର୍ଦ୍ଧା, ଅକ୍ଷୟ ବଗର୍ତ୍ତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଶୁକ୍ରବାର ଅନ୍ୟ ୩ ଜଣଙ୍କୁ କୋର୍ଟଚାଲାଣ କରିବା ପରେ ଏହି ଘଟଣାରେ ସମୁଦାୟ ୬ଜଣ ଗିରଫ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ଜମାଦାର ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଡାକି ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଆନ୍ତଃଜିଲା ଲୁଟ୍, ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର, ଟିଟିଲାଗଡ, କଳାହାଣ୍ଡି, ନୂଆପଡା, ବରଗଡ ଓ ନର୍ଲାଠାରେ ହୋଇଥିବା ଡକାୟତି ଘଟଣାରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ସେ ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତଙ୍କଠାରୁ ଏକ ଗ୍ଲାମର ମୋଟରସାଇକେଲ (ନଂ.ଓଡି୦୩ଏଚ୍‌୪୮୬୬) ଏବଂ ଏକ କଳାରଙ୍ଗର ପଲସର ବାଇକ୍ (ନଂ ଓଡି୦୩୯୬୫୪), ୫ଟି ମୋବାଇଲ ଫୋନ୍, ଗୋଟିଏ ଲୁହାରଡ୍ ଜବତ୍ ହୋଇଥିବା ସୂଚନା ଦେଇଛନ୍ତି । ତେବେ ଲୁଟେରାଙ୍କଠାରୁ ଟଙ୍କାଟିଏ ମଧ୍ୟ ଜବତ ହୋଇ ନ ଥିବା ସୂଚନା ଦିଆଯାଇଛି ।

### ବିଦେଶୀ ମଦ ଦୋକାନ ଭିଡିଓ ଭାଇରାଲ, ଅବକାରୀ ବିଭାଗ ଚୁପ୍

**ଗୁଡଭେଲା,୨୧।୯(ଡି.ଏନ.ଏ.)** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ କାର୍ଯ୍ୟାଳୟ ଅଧିନରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦେକାନରେ ନିୟମ ଉଲ୍ଲଂଘନ କରାଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତୁଷରାର ଏକ ବିଦେଶୀ ଠିପିବନ୍ଦ ମଦ ଦୋକାନରେ ବେଆଇନ୍ ଭାବେ କିଛି ଲୋକ ମଦ ସେବନ କରୁଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ଏଦିଗରେ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ମଦ ଦୋକାନରୁ ଆଖପାଖର ଢାବାଗୁଡିକରେ ବେଆଇନ୍ ଭାବେ ବିକ୍ରି ଚାଲିଥିବା ଜଣାପଡିଛି । ଏ ନେଇ ତୁଷୁରା ଅବକାରୀ ଅଧିକାରୀ ଅନ୍ନପୂର୍ଣ୍ଣା ରଥଙ୍କୁ ପଚରାଯିବାରୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ ସେ ଦେଖି ନାହାନ୍ତି କି କେହି ତାଙ୍କୁ ନିର୍ଦ୍ଦିଷ୍ଟ ଭାବେ ଏନେଇ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି । ଜିଲା ଅତିରିକ୍ତ ଅବକାରୀ ଅଧିକାରୀ ବିମ୍ବାଧର ସେଠଙ୍କୁ ଏନେଇ ପଚରାଯିବାରୁ ଘଟଣାକୁ ହାଲୁକା ଭାବେ ଗ୍ରହଣ କରି କେହି ଜଣେ କିଣି ବାହାରେ ପିଇ ଦେଇଥିବ । କ'ଣ ସବୁ ବେଳେ ଜଗିବା ସମ୍ଭବ କି ବୋଲି ଓଲଟା ପ୍ରଶ୍ନ କରିଥିଲେ ।

## ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଆଦିବାସୀ

**ମୁରିବାହାଲ, ୨୧।୯(ଡି.ଏନ.ଏ.)**



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ମୁରିବାହାଲ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁରଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ ଯୋଗଦେଇଥିଲେ । ଏହି ଅଞ୍ଚଳର ଆଦିବାସୀ ଯୁବତୀଯୁବକମାନେ ଶିକ୍ଷିତ ବେକାର ହୋଇ ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଉଥିବା ବେଳେ ମୁରିବାହାଲ ଓ ଗୁଡିଘାଟ ଗ୍ରୀଡକୋରେ ଠିକା ମାଧ୍ୟମରେ ଚାକିରି ପ୍ରଦାନ କରାଯାଉଥିବାକୁ ସମାଲୋଚନା କରିଥିଲେ । ତେଣୁ ଯଥାଶୀଘ୍ର ସ୍ଥାନୀୟ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ । ସମ୍ମାନୀତ ଅତିଥି ଭାବେ ସଂଘର ଜିଲା ସଂଗଠକ ସୁରେଶ ଭୋଇ, ଥବୀର ପୂଜାରୀ, ପାଟଣାଗଡ ବ୍ଲକ ସମ୍ପାଦକ ଡମ୍ବରୁଧର ଧରୁଆ ଉପସ୍ଥିତ ରହି ବିଦ୍ୟୁତ ବିଭାଗର କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶିବାନୀକାନ୍ତ ରଥଙ୍କୁ ପ୍ରଦାନ କରାଯାଇଥିଲା । ପ୍ରମୁଖ ଦାବିଗୁଡିକ ମଧ୍ୟରେ ଗ୍ରୀଡକୋ ବା ୱେଷ୍କୋରେ ଖାଲି ପଡିଥିବା ପଦବୀଗୁଡିକରେ ଶିକ୍ଷା ଅନୁଯାୟୀ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ, ଲାଇନମ୍ୟାନ, ହେଲପର, ଜଗୁଆଳି, ଷ୍ଟୋର କିପର ତଥା କିରାଣୀ ପଦବୀରେ ସ୍ଥାନୀୟ ନିଯୁକ୍ତି, ସ୍ଥାନୀୟ ଠିକାଦାର ବ୍ୟବସ୍ଥା ଆଦି ପ୍ରଧାନ । ଏହି ଦାବିଗୁଡିକ ଯଥାଶୀଘ୍ର ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଏହି ଅବସରରେ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ସିଂଭୋଇ, କୈଳାଶ ପ୍ରଧାନୀ, ଜୟଲାଲ ସିଂ ମାଝୀ, ଭୁବନେ ମାଝୀ, ପତରଙ୍ଗି ମାଝୀ, ହୁଙ୍କାର ନାଥ ଯାନୀ ପ୍ରମୁଖ ସହଯୋଗ କରିଥିଲେ ।

## ବିଜେଡିର ନୂଆଁଖାଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର/କୁଚିଣ୍ଡା,୨୧।୯ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର-କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡି ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୨୯ ତାରିଖରେ ନୂଆଁଖାଇ ଭେଟଘାଟ ପାଳନ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି ।

A grand Exhibition of Cotton & Silk
10th Cottonfab™-2018
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing

SPECIAL ATTRACTION
Handloom Dress
FASHION SHOW
Today 6.30 PM Onwards
BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.
All Debit/Credit Cards Accepted
Gate No. 3, Exhibition Ground,
Unit-III, Kharvela Nagar, Bhubaneswar
31st Aug. - 02nd Oct. 2018, Time: 10.30 AM To 9.00 PM
REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com

■ ବଲାଙ୍ଗୀର ଫୁଟ୍‌ବଲ ଲିଗ୍

## ପାଟଣାଗଡ଼-ବଲାଙ୍ଗୀର ଗ୍ରାଣ୍ଡ ଫାଇନାଲ

**ବଲାଙ୍ଗୀର ଅଫିସ,୨୧।୯**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ଟାଇବ୍ରେକର ୩-୧ ଗୋଲରେ ଜିୱାଇଡିସି ନକ୍ସାସରକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି । ନିର୍ଦ୍ଧାରିତ ସମୟର ଖେଳ ୩-୩ ଗୋଲରେ ଡ୍ର ରହିଥିଲା । ଖେଳ ପ୍ରଥମାର୍ଦ୍ଧରେ ପାଟଣାଗଡ ଦଳର କୁନାଲ ପଣ୍ଡା ଓ ବିକାଶ ବନଛୋର ଗୋଟିଏ ଲେଖାଁଏ ଗୋଲ ଦେଇଥିବାବେଳେ ନକ୍ସାସର ତରଫରୁ ଶାନ୍ତନୁ ଭୋଇ ଗୋଟିଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା । ନକ୍ସାସର ଦଳର ଆଲୋକ ଧରୁଆ ଓ ସରଜନ ପଟେଲ ୨ଟି ଗୋଲ ଦେଇଥିଲେ । ଶେଷ ମୁହୂର୍ତ୍ତରେ ପାଟଣାଗଡ ଦଳର ଗୋଲକିପର ଦେବେନ୍ଦ୍ର ନାଏକ ଏକ କର୍ଣ୍ଣର ସଟ୍‌ରେ ହେଡ ମାରି ଗୋଲ ପରିଶୋଧ କରିଥିଲେ । ଫଳରେ ଖେଳ ଅମୀମାଂସିତ ରହି ନିର୍ଣ୍ଣୟ ଟାଇବ୍ରେକରକୁ ଥିଲା । ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଶିକ୍ଷା ବିଭାଗ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ଠାକୁର ଯୋଗ ଦେଇଥିଲେ । କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ରେଫରି ସୁଶାନ୍ତ ନାଗ, ଖଲିଉର ରହେମାନ, ଦେବରାଜ ନାହକ ଓ ଶରତ କୁମାର ନନ୍ଦ ପରିଚାଳନା କରିଥିଲେ । ୨୨ ତାରିଖ ଶନିବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ପାଟଣାଗଡ ପାଟଣେଶ୍ୱରୀ କ୍ଲବ ବନାମ୍ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ଖେଳ ଅନୁଷ୍ଠିତ ହେବ । କ୍ରୀଡାପ୍ରେମୀ ବହୁସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଅନୁରୋଧ କରିଛନ୍ତି ।

ପୂର୍ବ ତଟ ରେଳପଥ
କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ । ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000 ଘଟିକା**, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଟିକା ସୁଦ୍ଧା ଇମେଲ୍ ଠିକଣା **dycpoirecor@gmail.com** କିମ୍ବା ଫ୍ୟାକ୍ସ - 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ | ପ୍ରତ୍ୟେକ ସୋମବାର 1030 ଘଟିକା, ଦରଖାସ୍ତ ସେହିଦିନ 1000 ଘଟିକା ରେ ଦାଖଲ କରିବାକୁ ହେବ । |
| ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର | ପ୍ରତ୍ୟେକ ମଙ୍ଗଳବାର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ । |
| ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଟିକା ରୁ 1630 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ । |
| ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ । ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ । ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ । |
| ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଟିକା ରୁ 1800 ଘଟିକା ପର୍ଯ୍ୟନ୍ତ । |

PR-351/J/18-19
ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W

■ ପିଆର ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠିତ

## ଟ୍ରଷ୍ଟ ନାଁରେ ୫.୯୫ଲକ୍ଷ ଟଙ୍କାର କର୍ପସ ପାଣ୍ଠି

**ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଙ୍କୁ ମିଳିବ ଛାତ୍ରବୃତ୍ତି**

**ବଲାଙ୍ଗୀର ଅଫିସ,୨୧।୯**



ବଲାଙ୍ଗୀର ପୃଥ୍ୱୀରାଜ(ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରାଯାଇଛି । ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅର୍ଥ ଅଭାବରୁ ଏହି ହାଇସ୍କୁଲର ଯେଉଁ ମେଧାବୀ ଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେହିମାନଙ୍କୁ ଶିକ୍ଷା ସହାୟତା ଯୋଗାଇବା ଏହି ଟ୍ରଷ୍ଟର ମୂଳ ଲକ୍ଷ୍ୟ ବୋଲି ଜଣାପଡିଛି । ୨୦୧୬ମସିହରେ ପୃଥ୍ୱୀରାଜ ହାଇସ୍କୁଲର ଶତବାର୍ଷିକ ସମାରୋହ ପାଳନ କରାଯାଇଥିଲା । ସେତେବେଳେ ଶତବାର୍ଷିକ ସମାରୋହକୁ ଅନାବଶ୍ୟକ ଏବଂ ଆଡମ୍ବରପୂର୍ଣ୍ଣ କରାନଯାଇ ଖର୍ଚ୍ଚକାଟ କରାଯାଇ ଏହି ସ୍କୁଲ ଛାତ୍ରମାନଙ୍କ ଶିକ୍ଷା ସହାୟତା ପାଇଁ କିଛି ଅର୍ଥ ସଞ୍ଚୟ କରାଯାଇଥିଲା । ଉକ୍ତ ସଞ୍ଚିତ ଅର୍ଥର ସଦ୍‌ବିନିଯୋଗ କରିବା ପାଇଁ ଶତବାର୍ଷିକ ପାଳନ କମିଟି ସଭାପତି ପ୍ରଫେସର ମଧୁସୂଦନ ପତି ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ସେତେବେଳେ କମିଟିର ସମସ୍ତ ସଦସ୍ୟ ସମର୍ଥନ କରିଥିଲେ । ପରେ ସର୍ବସମ୍ମତିକ୍ରମେ ପୃଥ୍ୱୀରାଜ (ପିଆର) ହାଇସ୍କୁଲ ସେଣ୍ଟେନାରୀ ସ୍କଲାରଶିପ୍ ଟ୍ରଷ୍ଟ ଗଠନ କରିବା ପାଇଁ ସମସ୍ତେ ରାଜି ହୋଇଥିଲେ । ନିଷ୍ପତ୍ତି ଅନୁଯାୟୀ ଶତବାର୍ଷିକ ପାଳନ କମିଟି ମୁଖ୍ୟ ସଂଯୋଜକ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନବଗଠିତ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ମନୋନୀତ କରାଯାଇଛି । ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ ଟ୍ରଷ୍ଟ ସମ୍ପାଦକ ଓ ବୀରେନ୍ଦ୍ର କୁମାର ବନ୍‌ଛୋର କୋଷାଧକ୍ଷ ମନୋନୀତ ହୋଇଛନ୍ତି । ଅନ୍ୟ ଟ୍ରଷ୍ଟି ଭାବେ ଜିଲା ଶିକ୍ଷା ଅଧିକାରୀ, ପିଆର ହାଇସ୍କୁଲର ଜଣେ ବରିଷ୍ଠ ଶିକ୍ଷକ, ବିକ୍ରମାନନ୍ଦ ବହିଦାର, ନୟନ କୁମାର ମହାନ୍ତି, ଗୋପାଲଜୀ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ ଓ ଅସିତ୍ କୁମାର ଷଡଙ୍ଗୀ ମନୋନୀତ ହୋଇଛନ୍ତି। ଏହି ଟ୍ରଷ୍ଟର ପ୍ରଥମ ସାଧାରଣ ସଭା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପିଆର ହାଇସ୍କୁଲର ୨୦ ଜଣ ମେଧାବୀ ଛାତ୍ରଙ୍କ ନାମ ବଛାଯାଇଥିଲା । ସେମାନଙ୍କ ମଧ୍ୟରୁ ଆର୍ଥିକ ଅନଗ୍ରସର ଏବଂ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ଥିବା ଛାତ୍ରଙ୍କୁ ଚୟନ କରାଯାଇଥିଲା । ସମ୍ପୃକ୍ତ ଛାତ୍ରଙ୍କୁ ଆଗାମୀ ବର୍ଷଠାରୁ ପ୍ରତିମାସ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି । ପୃଥବୀରାଜ ହାଇସ୍କୁଲ ଶତବାର୍ଷିକୀ ସମାରୋହରୁ ସଞ୍ଚିତ ୫ଲକ୍ଷ ୯୫ ହଜାର ୯୫୦ଟଙ୍କାକୁ ଟ୍ରଷ୍ଟ ନାମରେ କର୍ପସ ପାଣ୍ଠି ଭାବେ ଜମା କରାଯାଇଛି । ଉକ୍ତ ଜମାରାଶିର ସୁଧରୁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯିବ । ବର୍ତ୍ତମାନ ଟ୍ରଷ୍ଟରେ ଜମା ହୋଇଥିବା ରାଶିକୁ ଆଖି ଆଗରେ ରଖି ଏବେ କେବଳ ଜଣେ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଆଗାମୀ ଦିନରେ ହାଇସ୍କୁଲର ପୁରାତନ ଛାତ୍ର ଏବଂ ସହୃଦୟ ବ୍ୟକ୍ତିଙ୍କ ଅନୁଦାନରେ ଟ୍ରଷ୍ଟ ପାଣ୍ଠିବୃଦ୍ଧି ହେଲେ ଅଧିକ ମେଧାବୀ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି । ଏହି ଟ୍ରଷ୍ଟ ଗଠନରେ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ରଙ୍କ ବିଶେଷ ଅବଦାନ ଥିବାରୁ ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଦିଆଯାଇଛି । ଟ୍ରଷ୍ଟର ଆୟବୃଦ୍ଧି କରିବା ପାଇଁ ହାଇସ୍କୁଲର ପୂର୍ବତନ ଛାତ୍ର, ବିଭିନ୍ନ ବ୍ୟାଚ୍‌ର ଛାତ୍ର ସମୂହଙ୍କ ସହଯୋଗ ଲୋଡା ଯିବା ପାଇଁ ଆହ୍ୱାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ବଲାଙ୍ଗୀର ଜିଲାରେ ଶିକ୍ଷାକ୍ଷେତ୍ରରେ ଏହା ହେଉଛି ପ୍ରଥମ ଟ୍ରଷ୍ଟ ଏବଂ ଯେଉଁମାନେ ଏହି ଟ୍ରଷ୍ଟକୁ ସହାୟତା ଦେବା ପାଇଁ ଇଚ୍ଛୁକ ସେମାନେ ମୁଖ୍ୟଟ୍ରଷ୍ଟି, ସମ୍ପାଦକ ଓ କୋଷାଧକ୍ଷଙ୍କୁ ଯୋଗାଯୋଗ କରିପାରିବେ ବୋଲି ଟ୍ରଷ୍ଟି ପକ୍ଷରୁ ଅନୁରୋଧ କରାଯାଇଛି ।

## ସଂକ୍ଷେପରେ

### ବୃଦ୍ଧାଙ୍କୁ ହତ୍ୟା ସନ୍ଦେହ, ଥାନାରେ ଅଭିଯୋଗ

**ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ.)**
ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧିନ ରାଜଗାଙ୍ଗପୁର ଝୁମ୍ପୁଡିପଡାଠାରେ କରମା ପର୍ବ ପାଳନ ବେଳେ ବିଳମ୍ବିତ ରାତ୍ରିରେ ଜନୈକା ୫୦ ବର୍ଷ ମହିଳାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଝୁମ୍ପୁଡିପଡାରେ କରମା ପର୍ବ ପାଳନ କରାଯାଇଥିଲା। ଶୁକ୍ରବାର ସକାଳେ ଝୁମ୍ପୁଡିପଡାର ମୁନ୍ନି ଗୋସାଇଁଙ୍କ ମୃତଦେହ ଏକ ପରିତ୍ୟକ୍ତ ସ୍ଥାନରେ ଉଲଂଗ୍ନ ଅବସ୍ଥାରେ ପଡିଥିବା ଦେଖି ଗ୍ରାମବାସୀ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଘର ଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସମ୍ବଲପୁର ରେଳମଣ୍ଡଳ ଡିଭିଜନ ପକ୍ଷରୁ ସ୍ୱଚ୍ଛ ରେଳଗାଡ଼ି ଅଭିଯାନ

**ସମ୍ବଲପୁର,୨୧।୯(ବ୍ୟୁରୋ)**
ସମ୍ବଲପୁର ରେଳମଣ୍ଡଳ ଡିଭିଜନ ପକ୍ଷରୁ ସ୍ୱଚ୍ଛ ରେଳଗାଡି ଅଭିଯାନ ଆରମ୍ଭ କରାଯାଇଛି । ଏହି ଅବସରରେ ବିଭିନ୍ନ ଷ୍ଟେଶନଗୁଡିକରେ ଟ୍ରେନଗୁଡିକରେ ସଫାସୁତୁରା ନିରୀକ୍ଷଣ କରାଯାଇଥିଲା । ଟ୍ରେନର ପ୍ରତ୍ୟେକ କୋଚର ଟଏଲେଟ, ବର୍ଥ, ୱାସ ବେସିନ, ମିରର, ବିଦ୍ୟୁତ ଯନ୍ତ୍ରପାତି ନିରୀକ୍ଷଣ କରାଯାଇଥିଲା। ଏହାସହ ଟ୍ରେନ ଯାତ୍ରୀଙ୍କଠାରୁ ତାଙ୍କର ପ୍ରସ୍ତାବ ଓ ମତାମତ ଗ୍ରହଣ କରାଯାଇଥିଲା। ଯାତ୍ରୀଙ୍କ ମତାମତ ଅନୁସାରେ ଆଗାମୀ ଦିନରେ ରେଳ ବିଭାଗ ଆହୁରି ଯତ୍ନବାନ ହେବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ସେପ୍ଟେମ୍ବର ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଶନିବାର ବିଭିନ୍ନ ଷ୍ଟେଶନଗୁଡିକରେ ସେବା ଦିବସ ପାଳନ କରାଯିବ।

ବେଲଟୁକୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ଜବରଦଖଲକାରୀଙ୍କ କବ୍‌ଜାରେ ହସ୍ପିଟାଲ ଜମି

**ନୂଆପଡା ଅଫିସ,୨୧।୯**

ନୂଆପଡା ଏବଂ ପଡୋଶୀ ଛତିଶଗଡ ରାଜ୍ୟ ସୀମାନ୍ତରେ ରହିଛି ବେଲଟୁକୁରୀ ଅଞ୍ଚଳ । ଜିଲା ସଦର ମହକୁମାଠାରୁ ୩୫ କି.ମି. ଦୂରରେ ରହିଥିବା ବେଲଟୁକୁରୀ ଗ୍ରାମପଞ୍ଚାୟତର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଏଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିଛନ୍ତି । ଏହା ଉପରେ ସ୍ଥାନୀୟ ୪/୫ଟି ଗ୍ରାମପଞ୍ଚାୟତ ସହ ପଡୋଶୀ ବରଗଡ, ଛତିଶଗଡ ରାଜ୍ୟର ବହୁ ରୋଗୀ ଭରସା କରି ସ୍ୱାସ୍ଥ୍ୟସେବା ପାଇଥାନ୍ତି । ହେଲେ ଏହି ହସ୍ପିଟାଲ ଜମି ଉପରେ ବର୍ତ୍ତମାନ ଜମି ମାଫିଆମାନଙ୍କର ଲୋଲୁପ ଦୃଷ୍ଟି ପଡିଥିବା ଅଭିଯୋଗ ହୋଇଛି । ଏଠିକାର ଜମିକୁ ଜବରଦଖଲକାରୀମାନେ ନିଜର କବଜାକୁ ନେଉଥିବାରୁ ଏଠିକାର ଉନ୍ନୟନ ହୋଇପାରୁନାହିଁ । ଏହା ଉପରେ ଜିଲାପାଳଙ୍କୁ ଅବଗତ କରିବାକୁ ଗ୍ରାମବାସୀ ସୁଦୂର ନୂଆପଡାକୁ ଆସି ଭେଟିଛନ୍ତି । ଏହା ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ବେଲଟୁକୁରୀବାସୀ ଜିଲାପାଳଙ୍କୁ ଜଣାଇବାକୁ ଠୁଳ ହୋଇଛନ୍ତି ।

- ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ
- ହସ୍ପିଟାଲ ପାଇଁ ଆନ୍ଦୋଳନ ପାଇଁ ଚେତାବନୀ

୧୯୮୦ରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ହସ୍ପିଟାଲ ଆରମ୍ଭ ହେଲା । ସେତେବେଳେ ଏଠିକାର ଜଣେ ବଦାନ୍ୟ ବ୍ୟକ୍ତି ୧ ଏକର ୭୪ ଡେସିମିଲ ଜମି ଦାନ ସୂତ୍ରରେ ଦେଇଥିଲେ । ସେହି ଦିନଠାରୁ ହସ୍ପିଟାଲ ନିର୍ମାଣ ହେବା ସହ ଏହି କ୍ୟାମ୍ପସରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇ ଆସୁଛି । ହେଲେ ଏଠାରେ ପାଚେରି ନ ଥିବାରୁ ସ୍ଥାନୀୟ ଲୋକମାନେ ନିଜ ଦଖଲକୁ ନେଇଯାଉଥିବା ଦେଖାଯାଇଛି । ଏହାକୁ ଲୋକେ ବାରମ୍ବାର ମନା କରିବା ସତ୍ତ୍ୱେ କେହି ମାନୁ ନ ଥିବା କୁହାଯାଉଛି । ବର୍ତ୍ତମାନ ସରକାର ଏଠାରେ ହେଲ୍‌ଥ ଆଣ୍ଡ ଆୱାରନେସ ସଣ୍ଟର ତିଆରି ପାଇଁ ଘୋଷଣା କରିଛନ୍ତି । ହେଲେ ଏଥିପାଇଁ ଜାଗାର ଅଭାବ ରହୁଛି । ଦଖଲକାରୀଙ୍କୁ ଏଠାରେ ହଟାଇବା ଜରୁରି ହୋଇପଡିଛି । ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ବୈଠକ କରିଥିଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି । ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରିବା ଜରୁରି ହୋଇପଡିଛି । ଜମିର ଚିହ୍ନଟ କରିବା ସହ ଆୱାରନେସ ସେଣ୍ଟର ନିର୍ମାଣ ପାଇଁ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ଦାବି ହୋଇଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ରତନ ଚନ୍ଦ୍ରକାର, ରୋମେନ୍ଦ୍ର କୁମାର ଚନ୍ଦ୍ରକାର, ତୁଙ୍ଗନ ଚନ୍ଦ୍ରକାର, ମହେଶ ସାହୁ, ନୀଳକଣ୍ଠ ଚନ୍ଦ୍ରକାର, ମୁକେଶ ଚନ୍ଦ୍ରକାର ପ୍ରମୁଖ ନୂଆପଡା ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଜଣାଇଛନ୍ତି । ଏହା ଉପରେ ସେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଦକ୍ଷିଣ ରାଉରକେଲା ଅବସର ସେଲ୍ କର୍ମଚାରୀ ସଂଘ ବୈଠକ

**ରାଉରକେଲା ଅଫିସ. ୨୧। ୯**

ଫର୍ଟିଲାଇଜର ଟାଉନସିପ୍‌ଠାରେ ଥିବା କଳିଙ୍ଗ କ୍ଲବ ପରିସରରେ ଶୁକ୍ରବାର ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସଭାପତି ହରିହର ମୁଦୁଲି ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ ଯେ, ଦକ୍ଷିଣ ରାଉରକେଲା ଅଞ୍ଚଳରେ ବସବାସ କରୁଥିବା ଅବସରପ୍ରାପ୍ତ ଆର୍‌ଏସ୍‌ପି ତଥା ସେଲ କର୍ମଚାରୀ ସଂଗଠନରେ ସାମିଲ ହେବା ଆବଶ୍ୟକ। ଅବସର କର୍ମଚାରୀଙ୍କ ଗୃହ ଓ ଚିକିତ୍ସା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଫର୍ଟିଲାଇଜର ଟାଉନଖସିପର ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍, ଚିକିତ୍ସା ବ୍ୟବସ୍ଥାର ସମାଧାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ସ୍ଥାନୀୟ ଇସ୍ପାତ ହସ୍ପିଟାଲରେ ଆବଶ୍ୟକୀୟ ଔଷଧ ମିଳୁ ନ ଥିବା ବେଳେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଅଭାବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଟାଉନ୍‌ସିପର ଅନେକ ପରିତ୍ୟକ୍ତ ସ୍ଥାନ ଖୋଲା ପଡିଥିବା ବେଳେ ଏଥିରେ ବୃକ୍ଷରୋପଣ କରାଯିବା ନେଇ ଉପସ୍ଥିତ ସଂଘ ସଦସ୍ୟ ଦାବି କରିଥିଲେ । ଅଞ୍ଚଳର ବିକାଶ ନେଇ ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କାରଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ଚାନ୍ଦମଣି ନାୟକ, ଶ୍ରୀନାଥ ନାୟକ, ଗୌରାଙ୍ଗ ଦାସ, ମୂରଲୀ ଗୌଡ଼, ମଧୁସୂଦନ ମୁଦୁଲି, ପ୍ରମୋଦ ବେହେରା, ଉଦିତ ଅମାତ, ଲୋକନାଥ ଦାସ, ସୁଧାକର ମଲ୍ଲିକ ଓ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର

**ସମ୍ବଲପୁର,୨୧।୯(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବ ନେଇ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୧୬ଦିନରେ ପହଞ୍ଚିଛି । ଜିଲା ଓକିଲ ସଂଘ ପକ୍ଷରୁ ଏହି ଆନ୍ଦୋଳନରେ ଓକିଲମାନଙ୍କ ସହ ବିଭିନ୍ନ ସଂଗଠନ ସାମିଲ ହୋଇଛନ୍ତି । ତେବେ ଶୁକ୍ରବାର ଜିଲା ଓକିଲ ସଂଘ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀଙ୍କ ଉଦ୍ଦେଶ୍ୟରେ ଜିଲା ଜଜ ମଳୟ ରଞ୍ଜନ ଦାଶଙ୍କୁ ଏହି ମାମଲାର ବିଚାର କରିବା ପାଇଁ ଏକ ଦାବିପତ୍ର ଦେଇ ଅନୁରୋଧ କରାଯାଇଛି । ବହୁଦିନ ଧରି ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ହୋଇ ଆସୁଛି । ଏପରିକି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ କରୁଥିବା ନେଇ ଚିଠି ଦିଆ ନିଆ ଚାଲିଛି । ହେଲେ ଏହି ମାମଲା ଉପରେ ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଓକିଲମାନେ ଏହି ପତ୍ରରେ ଅନୁରୋଧ କରିଛନ୍ତି । ସେଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସମର୍ଥ ବର୍ମାଙ୍କୁ ଦିଆ ଯାଇଛି ।

# ଦିଲ୍ଲୀରେ ନୂଆଁଖାଇ ଉତ୍ସବ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ସମ୍ବଲପୁର,୨୧।୯(ବ୍ୟୁରୋ)**

ଦିଲ୍ଲୀ ଜବାହାରଲାଲ ନେହେରୁ ଷ୍ଟାଡ଼ିୟମ ଅଡ଼ିଟୋରିୟମରେ ଶନିବାର ନୂଆଁଖାଇ ପରବ-୨୦୧୮ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି । ନୂଆଁଖାଇ ଏକତା ବନ୍ଧନର ପ୍ରତୀକ ନୂଆଁଖାଇରେ ସମସ୍ତେ ଏକାଠି ହୋଇ ଅଞ୍ଚଳର ଆକର୍ଷଣୀୟ ସଂସ୍କୃତିକୁ ପ୍ରତିଫଳନ କରିଥାନ୍ତି । ଦିଲ୍ଲୀରେ ଆୟୋଜିତ ହେଉଥିବା ନୂଆଁଖାଇ ଆନନ୍ଦ ମୁଖର ହେବା ସହିତ ଅଞ୍ଚଳର ସମୃଦ୍ଧ ସଂସ୍କୃତି ଓ ପରିଚୟ ପାଳନର ଉତ୍ସବ ହେଉ । ସମସ୍ତଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଶୀର୍ବାଦ କାମନା ସହିତ ସମାରୋହର ସଫଳତା କାମନା କରି ପ୍ରଧାନମନ୍ତ୍ରୀ ମୋଦି ନୂଆଁଖାଇ ଜୁହାର ଜଣାଇଛନ୍ତି । ଶୁକ୍ରବାର ଏକ ପ୍ରେସ ବିବୃତିରେ ଆୟୋଜକ ଜୁହାର ପରିବାର ସଦସ୍ୟମାନେ ଏହି ସୂଚନା ଦେଇଛନ୍ତି ।

## ଫଟୋରେ ଖବର...





ନୂଆପଡା ଏନଏସିର ନୀଳ ଶୈଳ ନଗରରେ କୁଢ କୁଢ ଆବର୍ଜନା ପଡିରହିଛି । ବର୍ଷାହେଲେ ପାଣିରେ ସବୁ ବୋହିଯାଉଛି (ବାମ) । ମକା ଦେଇଛି ଜୀବିକା: ନୂଆପଡା-ପଟୋରା ରାସ୍ତାରେ ମକା ଚାଷ ପଡିଆ ନିକଟରେ ବସି କ୍ଷେତ ମାଲିକମାନେ ମକା ବିକ୍ରି କରୁଛନ୍ତି ।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାରକୋଟ, ୨୧।୯ (ଡି.ଏନ.ଏ.)**

ଦେବଗଡ ଜିଲା ଗୋପପୁର ଗ୍ରାମଠାରେ ରାଧାକୃଷ୍ଣ କ୍ଲବ ଗୋପପୁର ଆନୁକୂଲ୍ୟରେ ଚାଲିଥିବା ୨୫ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । କ୍ଲବର ସଭାପତି ଧରଣୀଧର ସାହୁ ଓ ସମ୍ପାଦକ ହିମାଂଶ ପ୍ରଧାନ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟରେ ୩୨ ଗୋଟି ଦଳ ଯୋଗ ଦେଇଥିଲେ । ଫାଇନାଲ ଖେଳରେ ଅକ୍ଷରଶୀଳା ଦଳ ୨-୦ ଗୋଲରେ ବଲଣ୍ଡା ଦଳକୁ ପରାସ୍ତ କରି ଚମ୍ପିୟନ ହୋଇଥିଲା ।

# ଉଜ୍ଜ୍ୱଳା ଯୋଜନାରେ ୧୯ଜଣଙ୍କୁ ଗ୍ୟାସ୍ ବଣ୍ଟନ

**ରିଷିଡା,୨୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧୯ ଜଣଙ୍କୁ ଗ୍ୟାସ ବଣ୍ଟନ କରାଯାଇଛି । ପଞ୍ଚାୟତ ଭବନରେ ଆୟୋଜିତ ଉତ୍ସବରେ ରିଷିଡା ସରପଞ୍ଚ ସରସ୍ୱତୀ ମାଝି, ଭାଜପା ମହିଳା ନେତ୍ରୀ ପଦ୍ମାବତୀ ତ୍ରିପାଠୀ, ସାମାଜିକ କର୍ମୀ ଭଜଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ଗ୍ୟାସ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା ମଧୁସୂଦନ ବାଗ ପରିଚାଳନା କରିଥିଲେ ।



ରିଷିଡା ସରପଞ୍ଚ ଜଣେ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବଣ୍ଟନ କରୁଛନ୍ତି।

# ଏଥର ମା'ଙ୍କୁ ମୁକୁଟ, ଅଳଙ୍କାରରେ ସଜ୍ଜିତ କରାଯିବ

**ନୂଆପଡା ଅଫିସ,୨୧।୯**

ନୂଆପଡା ସହରର ସଂସ୍କୃତି ଏବଂ ପରମ୍ପରାକୁ ମର୍ଯ୍ୟାଦା ଦେବା ସହ ଲୋକଙ୍କ ମଧ୍ୟରେ ସ୍ନେହ ଶ୍ରଦ୍ଧା ଏବଂ ଭାଇଚାରା ଆଣିବାକୁ ଉଦ୍ୟମ କରାଯାଉଛି । ଏଥିପାଇଁ ଦୁର୍ଗାପୂଜା ଏକ ମାଧ୍ୟମ । ସହରର ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସାମିଲ କରିବା ଏହାକୁ କିପରି ଉତ୍ସବ ମୁଖର କରାଯିବ ସେଥିପାଇଁ ପ୍ରୟାସ କରାଯିବ । ଏଥର ଦୁର୍ଗାପୂଜାରେ ମା' ଦୁର୍ଗାଙ୍କୁ ପ୍ରଥମ ଥର ପାଇଁ ମୁକୁଟ ଏବଂ ଅଳଙ୍କାରରେ ସଜ୍ଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଶୁକ୍ରବାର ସ୍ଥାନୀୟ ତେଲିପଡା ଦୁର୍ଗାପୂଜା ମଣ୍ଡପରେ ଆହୂତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ଭୁୟାଁଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ସମୂହ ଯୋଗଦେଇଥିଲେ । ଆଗକୁ ଦୁର୍ଗା ପୂଜା ହେବ । ଏଥର ଜିଲାରେ ଚାଷ, ଚାଷୀଙ୍କ ମୁହଁରେ ଖୁସି ଆସିଛି । ସହରରେ ସମସ୍ତଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି କରିବାକୁ ଉଦ୍ୟମ କରାଯିବ । ଏଥିପାଇଁ ସମସ୍ତ ସହରବାସୀଙ୍କୁ ଆହ୍ୱାନ କରାଯିବ । ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ପ୍ରଥମେ ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ମହେଶ ନିଆଲଙ୍କୁ ସଭାପତି, ବରିଷ୍ଠ ଆଇନଜୀବୀ ଘାସିରାମ ବାଗ ସମ୍ପାଦକ, ଟଙ୍କଧର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିରେ ମୂରଲୀଧର ସୁନା, ବିଷ୍ଣୁଚରଣ ଭୁୟାଁ, କୃଷ୍ଣ ସିଂ, ସରୋଜ କୁମାର ସାହୁ, ଶିବ କୁମାର ତିୱାରୀ, ରଞ୍ଜିତ ସୁନା, ଅନୁପମ ତିୱାରୀ, କରୁଣାକର ନାଏକ ପ୍ରମୁଖ ରହିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ପୂଜାରେ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେଥିପାଇଁ ପ୍ରସ୍ତୁତି କରାଯାଇଥିଲା । ଆସନ୍ତା ଅକ୍ଟୋବର ୯ ତାରିଖରେ ମା'ଙ୍କ ଶୃଙ୍ଗାର କାର୍ଯ୍ୟକ୍ରମ ହେବ । ଏଥିରେ ସମସ୍ତ ପରିବାର ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ୧୦ ତାରିଖଠାରୁ ଦାଣ୍ଡିଆ କାର୍ଯ୍ୟକ୍ରମ ହେବ । ୧୬ତାରିଖ ସପ୍ତମୀ ଦିନ ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା, ଅଷ୍ଟମୀରେ ଭେଡେନର ଦଣ୍ଡନୃତ୍ୟ, ନବମୀରେ ରାୟପୁର ସ୍ୱରାଙ୍ଗନ ଅନୁଷ୍ଠାନ ତରଫରୁ ଅର୍କେଷ୍ଟା ଏବଂ ଦଶମୀ ଦିନ ରାତିରେ ସ୍ୱର ଝଙ୍କାର ରାୟପୁର କଳାକାରମାନଙ୍କ ଅର୍କେଷ୍ଟା କାର୍ଯ୍ୟକ୍ରମ ମୂଖ୍ୟ ଆକର୍ଷଣ ହେବ । ଏଥର ପ୍ରଥମ କରି ମା' ଦୁର୍ଗାଙ୍କୁ ମୁକୁଟ ଏବଂ ଅଳଙ୍କାର ବେଶରେ ସଜ୍ଜିତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ସହରର ଭକ୍ତିପ୍ରିୟ ଲୋକେ ଆଗକୁ ଆସି ଅଂଶଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି । ସଂଯୋଜକ ମୂରଲୀ ସୁନା ଧନ୍ୟବାଦ ଦେଇଥିଲେ ।


ଦୁର୍ଗାପୂଜା ପ୍ରସ୍ତୁତ ବୈଠକରେ ମଞ୍ଚାସୀନ ବ୍ୟକ୍ତି ବିଶେଷ।

**ତେଲିପଡା ଦୁର୍ଗାପୂଜା କମିଟି**
- ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି
- କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ

## ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଘୋଡ଼ାବନ୍ଧ ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ସଂକ୍ଷେପରେ



## ମୃତ ଓମ୍‌ଫେଡ୍ ଏଜେଣ୍ଟଙ୍କ ପରିବାରକୁ ବୀମା ସହାୟତା

ଲାଞ୍ଜିଗଡ,୨୧।୯(ଡି.ଏନ.ଏ.)

ଓମ୍‌ଫେଡ୍ ପକ୍ଷରୁ ଜଣେ ମୃତ ଏଜେଣ୍ଟଙ୍କ ପରିବାରବର୍ଗଙ୍କୁ ବୀମା ସହାୟତା ପ୍ରଦାନ କରାଯାଇଛି । ଏଥି ନିମନ୍ତେ ତାଙ୍କୁ ୧ ଲକ୍ଷ ୧୩ ହଜାର ୭୦୧ ଟଙ୍କାର ବୀମାରାଶି କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ମୃତ ଏଜେଣ୍ଟ ସୁଶାନ୍ତ ସାହୁଙ୍କ ବିଧବା ସ୍ତ୍ରୀ ବସୁଧାଙ୍କୁ ପ୍ରଦାନ କରିଛନ୍ତି । ଏହାସହ ତାଙ୍କୁ ପୂର୍ବ ଭଳି ସ୍ୱାମୀଙ୍କ ବୁଥ୍ ଚଳାଇବାର ଅନୁମତି ଦେଇଛନ୍ତି। ଜିଲାପାଳଙ୍କ ବାସଭବନରେ ବସୁଧା ଏହା ଗ୍ରହଣ କରିଥିଲେ। ଏହି ସମୟରେ ଓମ୍‌ଫେଡ ଭବାନୀପାଟଣା ପ୍ରକଳ୍ପ ପରିଚାଳକ ପୂର୍ଣ୍ଣଚନ୍ଦ୍ର ଜେନା, ବ୍ୟବସାୟିକ ଅଧିକାରୀ ଦୀପକ କୁମାର ପଣ୍ଡା, କୋଷାଧକ୍ଷ ଅମିତାଂଶୁ ବଳ ଓ ଗୋପାଳ ଚନ୍ଦ୍ର ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ । ଓମ୍‌ଫେଡ୍ କଳାହାଣ୍ଡି ୟୁନିଟ୍ ପକ୍ଷରୁ ଭବାନୀପାଟଣା ଷ୍ଟାଡିୟମ ଛକ ନିକଟରେ ଏକ ଓମ୍‌ଫେଡ୍ ବୁଥ୍ କରି ପରିବାର ପ୍ରତିପୋଷଣ କରୁଥିଲେ ସୁଶାନ୍ତ । ଗତବର୍ଷ ଅଗଷ୍ଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ଏବେ ଓମ୍‌ଫେଡ୍ ପକ୍ଷରୁ ତାଙ୍କ ବିଧବା ସ୍ତ୍ରୀ ବସୁଧା ସାହୁଙ୍କୁ ବୀମା ସହାୟତା ରାଶି ପ୍ରଦାନ କରାଯାଇଛି ।



## ସାର ବୋଝେଇ ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ପଲମ,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ଚାରିଛକରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ୨୦ ତାରିଖ ଅପରାହ୍ନରେ ଏକ ସାର ବୋଝେଇ ଟ୍ରକ (ନଂ. ଓଆର୦୬ଇ ୦୮୪୭) ଧକ୍କାରେ ଭାଙ୍ଗି ଯାଇଛି । ଫଳରେ ବିଦ୍ୟୁତ ଚଳାଚଳ ହୋଇପାରୁନାହିଁ । ଉତ୍ତ୍ୟକ୍ତ ଲୋକେ ଟ୍ରକ ଓ ଡ୍ରାଇଭରଙ୍କୁ ଅଟକ କରି ରଖିଛନ୍ତି । ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ଟ୍ରକ୍ ମାଲିକ ସେଠାରେ ପହଞ୍ଚିଥିଲେ । ପରେ ଭାଙ୍ଗିପଡ଼ିଥିବା ଖୁଣ୍ଟ ସଜାଡ଼ିବା ସହ ବିଦ୍ୟୁତ୍ ସଂଯୋଗ କରିବାରୁ ଲୋକେ ଟ୍ରକ ଓ ଡ୍ରାଇଭରଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି । ଟ୍ରକ କେସିଙ୍ଗାଠାରୁ ମୁସ୍କୁଟି ଗ୍ରାମର ତ୍ରିମୂର୍ତ୍ତି ସାର ଦୋକାନକୁ ଯାଉଥିଲା। ଭୁଲ ବଶତଃ ଅନ୍ୟ ରାସ୍ତା ପଟେ ଯାଉଥିବା ଜାଣିବା ପରେ ଡ୍ରାଇଭର ଠିକ ରାସ୍ତାରେ ଯିବାକୁ ଟ୍ରକ ପଛକୁ କରୁଥିବା ବେଳେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା। ସେହି ସମୟରେ ବିଦ୍ୟୁତ ସରବାହ ରହିଥିଲା। କୌଣସି ମତେ ବିଦ୍ୟୁତ କଟିବା ପରେ ଲୋକମାନେ ଯାତାୟାତ କରିଥିଲେ । ସୌଭାଗ୍ୟ ବଶତଃ କୌଣସି କ୍ଷତି ହୋଇ ନ ଥିଲା ।



ହସ୍ତାନ୍ତର କରାଯାଇ ନ ଥିବା ବାସ ଗୃହ ।





ଉକ୍‌ଲା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

### ସମସ୍ୟାରେ ଉକ୍‌ଲା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ଫାର୍ମାସିଷ୍ଟରେ ଚାଲିଛି ରୋଗୀ ସେବା

କେସିଙ୍ଗା,୨୧।୯(ଡି.ଏନ.ଏ.)

**କେସିଙ୍ଗା ବ୍ଲକ**

- ୨୦ ବର୍ଷ ହେଲା ଏଭଳି ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର
- ଷ୍ଟାଫ ନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ବାସ ଗୃହ ଶେଷ ହୋଇଯାଇଛି
- ଦୀର୍ଘ ୪ ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉକ୍‌ଲାରେ ଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗତ ୧୯୮୮ରେ ସ୍ଥାପିତ ହୋଇ ଅସ୍ଥାୟୀ ଭାବରେ ଉକ୍‌ଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଚାଲୁଥିଲା । ଗ୍ରାମବାସୀଙ୍କ ଦ୍ୱାରା ବହୁବାର ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନକୁ ଅଭିଯୋଗ କରିବା ପରେ ଦୀର୍ଘ ୨୨ବର୍ଷ ପରେ ଉକ୍‌ଲା ଗ୍ରାମଠାରୁ ପ୍ରାୟ ଅଧ କି.ମି. ଦୂର ଉକ୍‌ଲା ଫାଣ୍ଡି ନିକଟରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରାଯାଇଛି । ଏହାକୁ ଗତ ୩।୧୦।୨୦୧୦ରେ ଉଦ୍‌ଘାଟିତ କରାଯାଇଛି । ଏହି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୯୯୮ରେ ଡି. ଅଶୋକ କୁମାର ନାୟକ ଜଣେ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେହି ମସିହାଠାରୁ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୨୦ ବର୍ଷ ହେବ ଫାର୍ମାସିଷ୍ଟ ଜଣକ ଏଠାରେ କାର୍ଯ୍ୟ କରି ଆସୁଛନ୍ତି । କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଭାବେ ଡା. ଗୋରୁ ଗୋବିନ୍ଦ ମଲ୍ଲିକ ନାମକ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । କିନ୍ତୁ ସେ ମାସରେ ୧୦ରୁ ୧୫ ଉପସ୍ଥିତି ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରୋଗୀମାନେ ଯେବେ ବି ଆସିଲେ ମେଡିକାଲ ଅଫିସରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳେ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡିକାଲ ଅଫିସର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ହେଲଥୱାର୍କର ଫିମେଲ, ଜଣେ ଏଟେଣ୍ଡେଡେନ୍ସ, ଜଣେ ରାତ୍ର ଜଗୁଆଳି ନିୟୋଜିତ ହୋଇଛନ୍ତି। ଏଥିମଧ୍ୟରୁ ମେଡିକାଲ ଅଫିସର ମାସକୁ ଥରେ ଆସି ନିଜର ଉପସ୍ଥାନରେ ଦସ୍ତଖତ ଦେଇ ବିଭିନ୍ନ ବାହାନାରେ ଭବାନୀପାଟଣାରେ ରହିଥାନ୍ତି। ଫଳରେ ରୋଗୀମାନଙ୍କୁ ଜଣେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଦ୍ୱାରା ରୋଗୀ ସେବା ମିଳୁଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ୨୦୧୪ଠାରୁ ଷ୍ଟାଫ ନର୍ସ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବାସଗୃହ ଆରଡି ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି । ଆଜକୁ ଦୀର୍ଘ ୪ ବର୍ଷ ବିତିଗଲାଣି ଏହି ବାସଗୃହ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାନାହିଁ। ଫଳରେ ଷ୍ଟାଫନର୍ସ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ରୋଗୀ ସେବା କରିବାରେ ବାଧା ସୃଷ୍ଟି ହେଉଛି। ଏହି ବାସ ଭବନ ୧୫ ଲକ୍ଷ ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି । କିନ୍ତୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଶୌଚାଳୟଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଗଲାଣି । ପାଣିର ମଧ୍ୟ ସୁବିଧା କରାଯାଇନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଥିବା ୨ଟି ପାଥୋଲୋଜି କେନ୍ଦ୍ର ମଧ୍ୟ ବିନା ଲାଇସେନ୍ସ ଦ୍ୱାରା ଚାଲୁଥିବା ଗ୍ରାମବାସୀ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମେଡିକାଲ ଅଫିସର ଡା. ଗୁରୁ ଗୋବିନ୍ଦ ମଲ୍ଲିକଙ୍କୁ ପଚାରିବାରୁ ସିଡିଏମଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜରୁରୀ କାର୍ଯ୍ୟ ଟ୍ରେନିଂକୁ ମୁଁ ଯାଇଥାଏ ବୋଲି ପ୍ରକାଶ କହିଥିଲେ । ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧାରୀ ସରୋଜ କୁମାର ତିଆଡ଼ିଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### କେସିଙ୍ଗା ବ୍ଲକରେ ଲଘୁଚାପ ବର୍ଷା

# ବନ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ସଜାଗ

କେସିଙ୍ଗା,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଗୁରୁବାରଠାରୁ ବର୍ଷା ଜାରି ରହିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗାର ବୁଡି ଅଞ୍ଚଳ ସୁରକ୍ଷା ନିମନ୍ତେ ଏନଡିଆରଏଫ ଦଳକୁ କେସିଙ୍ଗା ଏନଏସିର କଲ୍ୟାଣ ମଣ୍ଡପଠାରେ ରଖାଯାଇଛି। କେସିଙ୍ଗା ବ୍ଲକ ପଥର୍ଲା ଗ୍ରାମପଞ୍ଚାୟତ, ଗୁଜିମୁଣ୍ଡା, ତୁର୍ଲାଖମନ, ତୁଣ୍ଡଲା, ବେଲଖଣ୍ଡି, ସିର୍ଜାପାଲି ଆଦି ପଞ୍ଚାୟତରେ ବନ୍ୟା ହେଲେ ଜଳମଗ୍ନ ହୋଇଥାଏ । ସମସ୍ତ ରାସ୍ତାଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ । ତେଣୁ ଅତିବିପଦ ସଙ୍କୁଳ ଉକ୍ତ ଗ୍ରାମପଞ୍ଚାୟତ ଗୁଡିକରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କଟକସ୍ଥିତ ମୁଣ୍ଡଳୀ ୦୩ବିଆଇଟି ୨୫ ଜଣିଆ ଟିମ୍ ଗୁରୁବାର ପହଞ୍ଚି ପ୍ରସ୍ତୁତ ହୋଇ ରହିଛନ୍ତି । ଏହି ଦଳରେ ଜଣେ ଟିମ୍ କମାଣ୍ଡର ଡି.କେ. ସିଂହ, ଜଣେ ସିଏଚଏମ କେ. ସମିତ ରହିଛନ୍ତି। ଏହି ଟିମରେ ୩ଟି ବୋଟ୍ ସହିତ ସମସ୍ତ ଆବଶ୍ୟକ ବନ୍ୟା ଜନିତ ଜିନିଷ ପତ୍ର ସାଙ୍ଗରେ ଥିବା ଜଣାପଡିଛି । ଏହି କ୍ୟାମ୍ପରେ ଟିମ କମାଣ୍ଡର ଡି.କେ. ସିଂହ ସମେତ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ତଦାରଖରେ ବାତ୍ୟାର ମୁକାବିଲା ପାଇଁ ଏନଡିଆରଏଫ ଟିମକୁ ପ୍ରସ୍ତୁତ ରଖାଯାଇଛି । ପ୍ରବଳ ବର୍ଷା ଓ ବାତ୍ୟା ହେଲେ ଏହି ଟିମକୁ ଆବଶ୍ୟକ ସ୍ଥଳକୁ ନେଇ ଯିବା ପାଇଁ ଗୋଟିଏ ବସ ଓ ଗୋଟିଏ ଟ୍ରକ ମଧ୍ୟ ସଜାଗ ରଖାଯାଇଛି ।



କେସିଙ୍ଗା ଏନଏସିର କଲ୍ୟାଣ ମଣ୍ଡପରେ ପ୍ରସ୍ତୁତ ହୋଇଥିବା ଏନ୍‌ଡିଆର୍‌ଏଫ୍ ଟିମ କମାଣ୍ଡର ସହିତ ୨୫ ଜଣିଆ ଦଳ ।

## ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ

ସେରଗଡ଼,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଘୋଡ଼ାବନ୍ଧ ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣକାନ୍ତୀ ସାହୁ, ସମିତି ସଭ୍ୟା ରୀନାମଞ୍ଜରୀ ସାହୁ, ସାମାଜିକ କର୍ମୀ ନୀଳମଣୀ ସାହୁ, ସିଆସି. ଚର୍ତ୍ତୁଭୂଜ ସାହୁ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ବିଜୁ ଯୁବ ବାହିନୀ ସଭାପତି ସୁଧାଂଶୁ ଶେଖର ସାହୁ, ଶିବ ପ୍ରସାଦ ସାହୁ, ହଳଧର ସାହୁ ତଥା ଘୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମର ପଞ୍ଚାୟତପଡ଼ା, ହାଇସ୍କୁଲ ପରିସର ଓ ରମମନ୍ଦିର ରାସ୍ତାରେ ଶତାଧିକ ଚାରା ରୋପଣ କରାଯାଇଛି। ଏହା ସହିତ ଗଛ ଲଗାଇବା ଓ ଯତ୍ନନେବା ପାଇଁ ସମସ୍ତେ ସପଥ ନେଇଥିଲେ ।



ବିଜୁ ଯୁବ ବାହିନୀ ପକ୍ଷରୁ ଘୋଡ଼ାବନ୍ଧ ଗ୍ରାମପଞ୍ଚାୟତଠାରେ ଚାରାରୋପଣ କରାଯାଉଛି।

## ସମୂହ ଛୁଟିରେ ଡିପ୍ଲୋମା ଇଞ୍ଜିନିୟର, ଉନ୍ନୟନ ମୂଳକ କାର୍ଯ୍ୟ ଠପ୍

ଲଡୁଗାଁ,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଗତ ବୁଧବାରଠାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୪୪ ଦିନ ସମୂହ ଛୁଟିରେ ଯାଇଛନ୍ତି । ଫଳରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏହି ଆନ୍ଦୋଳନ ଯୋଗୁ ରାସ୍ତା ଓ ସେତୁ ନିର୍ମାଣ, ପାନୀୟ ଜଳ ଯୋଗାଣ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ, ଆମ ଗାଁ ଆମ ବିକାଶ ଆଦି କାର୍ଯ୍ୟକ୍ରମ ସବୁ ଠପ୍ ହୋଇଯାଇଛି। ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ୫ଦଫା ଦାବି ନେଇ ୧୦ ମାସ ଧରି ସରକାରଙ୍କ ନିକଟରେ ଆବେଦନ କରାଯାଇଥିଲା । କିନ୍ତୁ ଏଯାଁଏ କୌଣିସି ପଦକ୍ଷେପ ନେଇ ନ ଥିବାରୁ ଏହି ଆନ୍ଦୋଳନ ଚାଲିଥିବା ଜଣାପଡ଼ିଛି ।

### ବିଡିଓଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

# ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ବିଡିଓ



କେସିଙ୍ଗା ବିଡିଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି ।

କେସିଙ୍ଗା,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏ ନେଇ ସ୍ଥାନୀୟ ବିଡିଓଙ୍କ ନିକଟରେ କେସିଙ୍ଗା ଯୁବ ଗୋଷ୍ଠୀମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉକ୍ତ ବିଦ୍ୟାଳୟକୁ ବିଡିଓ ଭୀମସେନ ଶବର ଶୁକ୍ରବାର ପରିଦର୍ଶନ କରିଛନ୍ତି । ସେଠାରେ ଥିବା ସମସ୍ତ ସମସ୍ୟାଗୁଡିକ ଅନୁଧ୍ୟାନ କରି ଜିଲାପାଳଙ୍କ ନିକଟରେ ଉପସ୍ଥାପନା କରିଥିବା ଜଣାପଡିଛି । ଏହି ଅବସରରେ ବିଦ୍ୟାଳୟ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଡିଓ ଏକ ଘଣ୍ଟା ପାଠ ପଢ଼ାଇ ବିଭିନ୍ନ ଉପଦେଶ ଦେଇଥିଲେ । ଉକ୍ତ ବିଦ୍ୟାଳୟର ଉପର ଛାତ ଉପରେ ବର୍ଷା ପାଣି ଜମି ରହିବା ଯୋଗୁ ଶ୍ରେଣୀ ଗୃହରେ ପାଣି ଝରୁଛି । ଶୌଚାଳୟଗୁଡିକରେ ପାଇପ ଭାଙ୍ଗି ନଷ୍ଟ ହେଲାଣି । ଏହି ବିଦ୍ୟାଳୟରେ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ।

# ୨ ବର୍ଷ ହେଲା ଅଧାରେ ଅଟକିଛି ପୋଲ କାମ

ପଲମ,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ପଲମ ଫାଣ୍ଡି ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତସ୍ଥିତ ସାହାଜପାଟି ଗ୍ରାମର ମଙ୍ଗଳା ଯୋରଠାରେ ନିର୍ମାଣାଧୀନ ପୋଲ କାମ ୨ ବର୍ଷ ହେଲା ଅଧାରେ ଅଟକିଛି । ଗତ ୨୦୧୬ରେ କେସିଙ୍ଗା ଆରଡି ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଯାତ୍ରୀ ତଥା ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ଯାତ୍ରୀମାନେ ପୋଲର ଉପର ଭାଗରେ ଯିବା ଆସିବା କରୁଛନ୍ତି। ଏପରିସ୍ଥଳେ କଛି ଦିନ ତଳେ ଜଣେ ବାଇକ୍ ଅରୋହୀ ସମୀର ଜାନୀ ବୋରପଦର ଗ୍ରାମର ଯୋଗୀପଲାଠାରୁ ସାହାଜପାଟିକୁ ଆସୁଥିବା ସମୟରେ ପୋଲ ସାଇଡରେ ପଡିଯାଇଥିଲେ। ଘଟଣା ସାହାଜପାଟି ଗ୍ରାମର ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ସେ ବହୁ ଆଘାତ ହୋଇଛନ୍ତି ଓ ମୁଣ୍ଡରେ ଧକ୍କା ମଧ୍ୟ ବାଜିଛି । ବର୍ତ୍ତମାନ ସେ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି । ୧ମାସ ପୂର୍ବରୁ ନର୍ଲା ବିଧାୟକ ଧନେଶ୍ୱର ମାଝି ଓ ଯୋଜନା ବୋର୍ଡ ଅଧକ୍ଷ ଭୁପିନ୍ଦର ସିଂ ଯାଇ ସେହି ଅଧପନ୍ତରିଆ ପୋଲକୁ ଦେଖି ବିଭାଗୀୟ କର୍ମଚାରୀଙ୍କୁ ତୁରନ୍ତ କାମ ନିର୍ମାଣ କରିବା ପାଇଁ କହିଥିଲେ ହେଁ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ମଧ ହୋଇପାରି ନାହିଁ । ଆରଡି ବିଭାଗୀୟ ଏସଡିଓ କେସିଙ୍ଗା ଜୋନକୁ ପଚାରି ବୁଝିବାରେ ଯେଉଁ ବ୍ୟକ୍ତି ଟେଣ୍ଡର ନେଇ କାମ କରୁଥିଲା ସେ ବର୍ତ୍ତମାନ କୌଣସି କେସରେ ସାମିଲ ଥିବା ଯୋଗୁ କାର୍ଯ୍ୟଟି ବନ୍ଦ ରହିଥିଲା । ତାକୁ ବାତିଲ କରି ନୂତନ ଟେଣ୍ଡର ଦିଆଯାଇ କାର୍ଯ୍ୟାରମ୍ଭ କରାଯିବା ପାଇଁ କହିଥିଲେ ।



ବେଲଖଣ୍ଡି ପଞ୍ଚାୟତସ୍ଥିତ ସାହାଜପାଟି ଗ୍ରାମର ମଙ୍ଗଳା ଯୋରଠାରେ ନିର୍ମାଣାଧୀନ ପୋଲ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି।

### ଜନ୍ମରୁ ରକ୍ତଶିକୁଳି ରୋଗରେ ପୀଡ଼ିତ

# ଅର୍ଥାଭାବରୁ ସରୋଜଙ୍କ ଚିକିତ୍ସାରେ ବାଧା

**ସରକାରୀ ସହାୟତା ଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିଶ୍ରୁତି**

ଜୁନାଗଡ,୨୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମ ପଲସାପଡାର ଶଶିରାମ ଲହଜଲଙ୍କ ପୁଅ ସରୋଜ (୧୧) ଜନ୍ମରୁ ରକ୍ତ ଶିକୁଳି (ସିକଲିନ) ରୋଗରେ ପୀଡିତ ହୋଇଛନ୍ତି। ବିଭିନ୍ନ ସମୟରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ରହୁ ନ ଥିବାବେଳେ ଚଲାବୁଲା ମଧ୍ୟ ଠିକ ଭାବେ କରିପାରୁନାହାନ୍ତି। କିନ୍ତୁ ସେ ଅତିକଷ୍ଟରେ ପାଠ ପଢିବାକୁ ସ୍କୁଲକୁ ଯାଇଥାନ୍ତି। ଗାଁ ସ୍କୁଲରେ ସେ ଏବେ ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଶଶିରାମ ପ୍ରତିଦିନ ଦିନ ମଜୁରିଆ ଭାବେ କାମ କରିବାକୁ ଯାଇଥାନ୍ତି। ସେଥିରୁ ଯାହାକିଛି ଆଣିଲେ ପରିବାର ଅତିକଷ୍ଟରେ ଚଳୁଥିବା ବେଳେ ଅବଶିଷ୍ଟ ଟଙ୍କାକୁ ପୁଅର ଚିକିତ୍ସା ନିମନ୍ତେ ଖର୍ଚ୍ଚ କରିଥାନ୍ତି। ଅର୍ଥାଭାବ ଯୋଗୁ ପୁଅର ଚିକିତ୍ସା ନିମନ୍ତେ ବାପା ଶଶିରାମ ଓ ମା' ତାରା ଦୁଃଖରେ ଭାଙ୍ଗିପଡିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଶୁକ୍ରବାର ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ ଭାରପ୍ରାପ୍ତ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ଜଣାଇଥିଲେ। ଏହା ପରେ ଡାକ୍ତର ପଣ୍ଡା ଓ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ ସରୋଜଙ୍କୁ ଭେଟିବା ପାଇଁ ଛୋରିଆଗଡ ପଲସାପଡାକୁ ଯାଇଥିଲେ। ସେଠାରେ ସରୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଡାକ୍ତର ପଣ୍ଡା ଦେଖିଥିଲେ। ସରୋଜଙ୍କ ଚିକିତ୍ସା ପାଇଁ ସରକାରୀ ସ୍ତରରେ ଯାହାକିଛି ସୁବିଧା ରହିଛି ତାହା ଯୋଗାଇ ଦିଆଯିବ ବୋଲି ଡାକ୍ତର ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ ଓ ସ୍ଥାନୀୟ ଆଶା କର୍ମୀ ମନୋରମା ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସରୋଜଙ୍କୁ ଭେଟିବା ପାଇଁ ଆସିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ସେପ୍ଟେମ୍ବର, ୨୦୧୮



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ । ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ । ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ । – ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପିଲାଏ ଗଠନ କଲେ ନୂତନ ମନ୍ତ୍ରିମଣ୍ଡଳ

**ବୀରମହାରାଜପୁର, ୨୧।୯ (ଡି.ଏନ.ଏ.):** ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମତେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାୟା ମନ୍ତ୍ରିମଣ୍ଡଳ(ସ୍କୁଲ କ୍ୟାବିନେଟ) ଗଠିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଗଣ ସେମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କୁ ନିର୍ବାଚନ ଜରିଆରେ ବାଛିଥିଲେ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ବିବେକ ଭୋଇ, ଉପମୁଖ୍ୟମନ୍ତ୍ରୀ ରୋନାଲି ଜଗଦଲା ନିର୍ବାଚିତ ହୋଇଥିଲେ। ଅନ୍ୟାନ୍ୟ ମନ୍ତ୍ରୀଗଣ ହେଲେ ପ୍ରିୟତମ ଦେହୁରୀ, ରାଧେଶ୍ୟାମ ରଣା, ସରସ୍ୱତୀ ମଲ୍ଲିକ, କବିତା ସାହୁ, ଶୁଭଶ୍ରୀ ମହାକୁର, ପ୍ରିୟଙ୍କା ସାହୁ, ସୁନାତନ ଭୁଇ, ଲକ୍ଷ୍ମୀ ସେଠୀ ଓ ଦେବରାଜ ଭୁଇ। ନବନିର୍ବାଚିତ ମନ୍ତ୍ରୀମଣ୍ଡଳର ସଦସ୍ୟା ସଦସ୍ୟମାନଙ୍କୁ ଗୁରୁବାର ପ୍ରଧାନଶିକ୍ଷକ ମାର୍କଣ୍ଡେଶ୍ୱର ମିଶ୍ର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀ ଛାତ୍ର ବିବେକ ଭୋଇ ତାଙ୍କର ସ୍ୱାଗତ ଭାଷଣରେ ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀମଣ୍ଡଳକୁ ଅଭିନନ୍ଦନ ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶ୍ୱିନୀ ପଧାନ, ପ୍ରଭୁଦତ୍ତ ବେଦୋକ୍ତା, ଗୌରୀ କୁମୁରା ଏବଂ ସସ୍ମିତା ଗଣ୍ଡ ଏଥିରେ ସହଯୋଗ କରିଥିଲେ।

### ଅଲିଭା ମହାସଂଘର ଜିଲାସ୍ତରୀୟ ବୈଠକ

ସୋନପୁର,୨୧।୯(୨ନି.ପ୍ର.): ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଅଲିଭା ମହାସଂଘର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲାସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକର ୧୫ଟି ପଞ୍ଚାୟତର ୧୧୭ ଜଣ ସଦସ୍ୟାଙ୍କୁ ନେଇ ଏହି ସଂଘ ଗଠିତ ହୋଇଛି। ମହାସଂଘର ବ୍ଲକସ୍ତରୀୟ ସଭାନେତ୍ରୀ ଯାଜ୍ଞସେନୀ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦିକ ଚନ୍ଦ୍ରକାନ୍ତି ନାଏକ, ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା ଓ ସ୍ୱାଧୀନ ମେହେର ଯୋଗ ଦେଇଥିଲେ । ରେଆରର ସଭାପତି ପଣ୍ଡା ନିର୍ବାଚିତ ମହିଳାଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ବିକାଶ ପ୍ରକ୍ରିୟା ସହିତ ବିଗତ ୧ ବର୍ଷ ମଧ୍ୟରେ ସେମାନେ ଅନୁଭବ କରିଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ପ୍ରକାଶ କରିବା ପାଇଁ ବୈଠକ ଉଦ୍ଦିଷ୍ଟ ଥିବା କହିଥିଲେ। ରେଆରର ସାଧାରଣ ସମ୍ପାଦକ ଆଶୁତୋଷ ହୋତା ଏହି ସଂଗଠନ ଦକ୍ଷତା ବିକାଶ, ନେତୃତ୍ୱ ବିକାଶ ସହିତ ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ବାଲ୍ୟ ବିବାହ, ବୈଷମ୍ୟ ବିରୋଧରେ କାମ କରିବ ବୋଲି କହିଥିଲେ। କମସରା ପଡା, କର୍ଲାମୁହାଣ ଓ ଲେମ୍ବୁପାଣି ସ୍କୁଲରେ ରୋଷେଇ ଗୃହ ନଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସମସ୍ୟା ହେଉଥିବା ଗ୍ରାମାଞ୍ଚଳରୁ ଆସିଥିବା ସଦସ୍ୟା ମାନେ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ବିଳମ୍ବରେ ଆସିବା, ବିଦ୍ୟାଳୟ ପରିଚାଳନା କମିଟି ବୈଠକ ନ ହେବା, ମଧ୍ୟାହ୍ନଭୋଜନ ଦୁର୍ନିତୀ ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

## ବଲାଙ୍ଗୀରରେ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା

# ଯୋଗଦେଲେ ୪ଜିଲାର ୧୫୦ଛାତ୍ରୀଛାତ୍ର

**ବଲାଙ୍ଗୀର ଅଫିସ, ୨୧।୯**



ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାର କୃତୀ ଛାତ୍ରୀଛାତ୍ର ।

ସ୍ଥାନୀୟ କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ଦକ୍ଷିଣ-ପଶ୍ଚିମ ସମ୍ଭାଗର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଶିକ୍ଷାବିତ୍ ସନାତନ ଠାକୁର, ମୁଖ୍ୟବକ୍ତା ଭାବେ କୈଳାଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥି ପରିଚୟ, ସମ୍ପାଦକ ସୁରେନ୍ଦ୍ର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ଭାଗ ଅନ୍ତର୍ଗତ ୪ଜିଲାରୁ ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା, ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଶିଶୁ, ବାଳ ଓ କିଶୋରବର୍ଗର ସଂସ୍କୃତିବୋଧ ପରିଯୋଜନା, ବୈଦିକ ଗଣିତ ଓ ବିଜ୍ଞାନ ବିଷୟରେ ପ୍ରଶ୍ନମଞ୍ଚ ଓ ପତ୍ର ବାଚନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂସ୍କୃତିବୋଧ ପତ୍ର ବାଚନରେ ସିଞ୍ଚନ ମିଶ୍ର, ଅନ୍ନପୂର୍ଣ୍ଣା ପାଲ, ହିନା ଆରା, ବୈଦିକ ଗଣିତରେ ଶାଶ୍ୱତ ତ୍ରିପାଠୀ ଓ ଦୀପାଞ୍ଜଳି ପାତ୍ର ତଥା ବିଜ୍ଞାନରେ ହୃଦରଞ୍ଜନ ପଧାନ ଓ ରଜତ ଶର୍ମା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ସଂସ୍କୃତିବୋଧ ପ୍ରଶ୍ନମଞ୍ଚରେ ଶିଶୁ ବର୍ଗର ସସ୍ମିତ ସାହୁ, ଓମକାର ମାଝି, ପ୍ରୟାସ କୁଦେଇ, ବାଳବର୍ଗର ଅଙ୍କିତ ସାହୁ, ସିପୁନ ଦନ୍ତା, ନୀତିନ ଯୋଶୀ ଏବଂ କିଶୋର ବର୍ଗର ମନୋରଞ୍ଜନ ମହାପାତ୍ର, ସଂଗ୍ରାମ ବିଶ୍ୱାଳ, ସୋହନ ସୌଭାଗ୍ୟ ପଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବୈଦିକ ଗଣିତ ପ୍ରଶ୍ନମଞ୍ଚ ବାଳ ବର୍ଗରେ ସଂଗ୍ରାମ ସମର୍ପିତ କୁଅଁର, ପ୍ରତ୍ୟୁଷ ପଧାନ, ସ୍ୱାଭିମାନ ନାୟକ, କିଶୋର ବର୍ଗରେ ଅର୍ପଣ କୁମାର ମିଶ୍ର, ଅଭିନବ କୁମାର ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବିଜ୍ଞାନ ପ୍ରଶ୍ନ ମଞ୍ଚ ବାଳବର୍ଗରେ ଅନୁପମା ସାହୁ, ମୀନତି ମେହେର, କମଳ ମେହେର ତଥା କିଶୋର ବର୍ଗରେ ଆକର୍ଷଣ ମିଶ୍ର, ଅଂଶିକା ମେହେର, ସୁଜଲ କୁମାର ସାହୁ ବିଜୟୀ ହୋଇଥିଲେ । ଏହି କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ନଭେମ୍ବର ମାସରେ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଗୁପ୍ତେଶ୍ୱର ଥନାପତି ଓ କାର୍ଯ୍ୟାଳୟ ପ୍ରମୁଖ ଜ୍ଞାନରଞ୍ଜନ ପାଢୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ, ବିରାଟ କିଶୋର ପଧାନ, ଅମ୍ବରୀଶ ଭୋଇ ଓ ବିଷ୍ଣୁ ମିଶ୍ର ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଶୀଭୂଷଣ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ଷଡଙ୍ଗୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ସହଯୋଗ କରିଥିଲେ।

### ସୁରକ୍ଷା ବ୍ୟବସ୍ଥା ଢିଲା, କୋର୍ଟ କ୍ୟାମ୍ପସରୁ ଚୋରି

**ବୀରମହାରାଜପୁର, ୨୧।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜଙ୍କ କୋର୍ଟ କ୍ୟାମ୍ପସ ମଧ୍ୟରୁ ଚୋରି ହୋଇଛି। ଅଦାଲତ ପରିସରସ୍ଥିତ ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାରଣ୍ଡାରେ ଲାଗିଥିବା ପଙ୍ଖା ଖୋଲି ଦୁର୍ବୃତ୍ତ ନେଇ ପଳାଇଥିବା କୁହାଯାଉଛି। ମାତ୍ର ୧୦ମାସ ପୂର୍ବରୁ ନୂତନ ଭାବେ ଖୋଲିଥିବା ଉକ୍ତ କୋର୍ଟ ଜଗିବା ପାଇଁ ଅଦ୍ୟାବଧି ଜଗୁଆଳି ନିଯୁକ୍ତି ହୋଇ ନ ଥିବା ବେଳେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ଢିଲା ଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ବସ୍ତିର ପ୍ରମୁଖ ସ୍ଥାନରେ ଅବସ୍ଥିତ କୋର୍ଟ କ୍ୟାମ୍ପସର ପାଚେରି ଡେଇଁ ଦୁର୍ବୃତ୍ତ ଭିତରକୁ ପଶିଥିବା ସନ୍ଦେହ କରାଯାଇଛି। ଘଟଣା ସମ୍ପର୍କରେ ଓକିଲ ସଂଘ ସଭାପତି ଥାନାରେ ଏତଲା ଦାଏର କରିବା ପରେ ଏକ ମାମଲା(ନଂ. ୧୩୭/୧୮) ରୁଜୁ କରିଛନ୍ତି। ତେବେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନରୁ ଚୋରି ହୋଇ ଯାଇଥିଲେ ସୁଦ୍ଧା ୨ଦିନ ପରେ ବି ପୋଲିସ ତଦନ୍ତ ଆରମ୍ଭ କରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ହରିଭାଇ ଆର୍ଯ୍ୟନ ଚନ୍ଦ୍ରଶେଖର ଆଜାଦ ସମ୍ମାନରେ ସମ୍ମାନିତ



ଅତିଥିମାନେ ଯୋଗଗୁରୁ ହରିଭାଇ ଆର୍ଯ୍ୟନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଖପ୍ରାଖୋଲ,୨୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜ ପାଣି ପଞ୍ଚାୟତ ଅନ୍ତର୍ଗତ ଫୁଲକି ମୁଣ୍ଡା ଗାଁର ଯୁବ ଯୋଗଗୁରୁ ହରିଭାଇ ଆର୍ଯ୍ୟନଙ୍କୁ ଚନ୍ଦ୍ରଶେଖର ଆଜାଦ ସମ୍ମାନ ୨୦୧୮ରେ ସମ୍ମାନିତ କରାଯାଇଛି। ମହାରାଷ୍ଟ୍ରର ଲାଟୁର ସହରସ୍ଥିତ ପ୍ରଣବ ମଙ୍ଗଳ ଭବନଠାରେ ଅଖିଳ ଭାରତୀୟ ଭ୍ରଷ୍ଟାଚାର ନିର୍ମୁଳ ସଂଘର୍ଷ ସମିତି ତରଫରୁ ମରାଠା ବାଡା ମୁକ୍ତି ଦିବସ ପାଳନ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ମହାରାଷ୍ଟ୍ରର ପନର୍ବାସ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ସମ୍ଭାଜୀରାଓ ପାଟିଲ, ପୂର୍ବତନ ମନ୍ତ୍ରୀ ଲକ୍ଷ୍ମୀରାଓ ତୋବଲେ, ଅଖିଳ ଭାରତୀୟ ଭ୍ରଷ୍ଟାଚାର ନିର୍ମୁଲ ସଂଘର୍ଷ ସମିତି ରାଷ୍ଟ୍ରୀୟ ଅଧକ୍ଷ ପ୍ରଦୀପ ପାଟିଲ ଖଣ୍ଡାଲପୁରକର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲଲିତ କରଜି, ଚଳଚ୍ଚିତ୍ର ନିର୍ଦ୍ଦେଶକ ସରଜ ସିଂ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ତରଫରୁ ପ୍ରତିବର୍ଷ ଦେଶର ବିଭିନ୍ନମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏପରି ପୁରସ୍କାର ପ୍ରଦାନ କରିଥାନ୍ତି। ଯୁବ ଯୋଗଗୁରୁ ଆର୍ଯ୍ୟନଙ୍କୁ ତାଙ୍କ ଯୋଗ ଶିକ୍ଷା, ଲେଖା, ପ୍ରାକୃତିକ ଚିକିତ୍ସା ପାଇଁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।

### ବାଲ୍ୟ ବିବାହ ନିରୋଧ କର୍ମଶାଳା

**ବୀରମହାରାଜପୁର, ୨୧।୯(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ବାଲ୍ୟ ବିବାହ ନିରୋଧ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଜାତୀୟ ସେବା ସଂସ୍ଥା ଗୁରୁବାର ଏହାର ଆୟୋଜନ କରିଥିଲେ। ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ରାଜୀବ କୁମାର ନାଏକ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହର କୁପରିଣତି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ମୀନକେତନ ଛୁରିଆ, ଅଧ୍ୟାପକ ରମାକାନ୍ତ ପୁରୋହିତ, ଶିବଶଙ୍କର ମହାନନ୍ଦ ଓ ଅଧ୍ୟାପିକା ଆନନ୍ଦା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀପ କୁମାର ମେହେର ଓ ଗୋପାଳ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ସଂଘର ନୂଆଁଖାଇ ଭେଟଘାଟ ପ୍ରସ୍ତୁତି

**କଣ୍ଟାବାଞ୍ଜି, ୨୧।୯(ଡି.ଏନ.ଏ.)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଆଦିବାସୀମାନେ।

ଜିଲା ଆଦିବାସୀ କଲ୍ୟାଣ ସଂଘ ତୁରେକେଲା ଶାଖା ପକ୍ଷରୁ ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ଶୁକ୍ରବାର ବଡବାଙ୍କି ପଞ୍ଚାୟତ ଜାମକି ଗାଁରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି ଅଧକ୍ଷତା କରିଥିଲେ। ପ୍ରସ୍ତୁତି ବୈଠକରେ ବ୍ଲକର ୧୯ ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ଆଦିବାସୀ ପ୍ରତିନିଧିମାନେ ପ୍ରସ୍ତାବମାନ ଦେଇଛନ୍ତି। ବିଭିନ୍ନ ପ୍ରସ୍ତାବ ମଧ୍ୟରେ ଜଳ ଜମି ଜଙ୍ଗଲ ସ୍ୱୀକୃତି ଆଇନ ୨୦୦୬, ଶିକ୍ଷାର ବିକାଶ, ମଦମୁକ୍ତି, ଜମି ମୁକ୍ତିର ବିକାଶ, ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀଙ୍କୁ ପଟ୍ଟା ପ୍ରଦାନ, ଯୋଗ୍ୟ ହିତାଧିକାରୀ ଆଦିବାସୀଙ୍କୁ ରାଶନ କାର୍ଡ ପ୍ରଦାନ ଅନ୍ତର୍ଭୁକ୍ତ । ଅକ୍ଟୋବର ୬ ତାରିଖ ଦିନ ହେବାକୁ ଥିବା ନୂଆଁଖାଇ ଭେଟଘାଟରେ ଆଦିବାସୀମାନଙ୍କ ଦାବି ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଆଲୋଚନା ହୋଇଛି । ବୈଠକରେ କମିଟି ଗଠନ କରାଯାଇଛି । ଏଥିରେ ବସନ୍ତ ମାଝି ସଭାପତି, କ୍ଷେତ୍ରମୋହନ ମାଝି ସମ୍ପାଦକ, ଦୁର୍ବଳ ମାଝି କୋଷାଧ୍ୟକ୍ଷ, ଲୋଚନ ମାଝୀ ସହ ସମ୍ପାଦକ ମନୋନୀତ ହୋଇଛନ୍ତି। ଦୁର୍ଯ୍ୟୋ ମାଝୀ, ରାଧେଶ୍ୟାମ ମାଝୀ, ନରସିଂ ମାଝୀ, କୁଶ ମାଝି, ରାଏଧର ମାଝୀ, ସୁନ୍ଦର ମାଝୀ, ବୁଢା ମାଝୀ, ଲୋକନାଥ ମାଝୀ, ମୁକ୍ତା ମାଝୀ, ନାରୀନେତ୍ରୀ ଭୂମିସୁତା ସମରଥ,ଖେଲନ୍ତି ସମରଥ, ଦୈତାରୀ ଭୋଇ, ସୌମେତ୍ରୀ ଭୋଇ, ନରୋତ୍ତମ ମାଝୀଙ୍କୁ ଭେଟଘାଟ କମିଟିରେ ନିଆଯାଇଛି।

## ରୋଗୀଙ୍କୁ ରକ୍ତ ଦେଲେ ଡାକ୍ତର

**କଣ୍ଟାବାଞ୍ଜି, ୨୧।୯(ଡି.ଏନ.ଏ.)**

ବହୁ ସମୟରେ ଡାକ୍ତରଙ୍କ ରୋଗୀସେବାରେ ଅବହେଳା ନେଇ ଅଭିଯୋଗ ହୋଇଥାଏ। ହେଲେ ଏପରି ବହୁ ଡାକ୍ତର ଅଛନ୍ତି ଯେଉଁମାନଙ୍କ କାର୍ଯ୍ୟ ଅନ୍ୟ ପାଇଁ ଉଦାହରଣ ସାଜେ। ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ରୋଗୀଙ୍କୁ ବଞ୍ଚିବାର ନୂତନ ଆଶା ଦେଖାଏ । ଗୁରୁବାର ରାତିରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଏହିଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ରକ୍ତହୀନତା ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କୁ କାର୍ଯ୍ୟରତ ଡାକ୍ତର ନିଜେ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି। ଘଟଣା ଥିଲା ଏହିପରି। କଣ୍ଟାବାଞ୍ଜି ଧୋବାପଡାର ପ୍ରତ୍ୟୁଷ କୁମାର ହେର୍ଣ୍ଣା ଗୁରୁବାର ରାତିରେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।



ଡାକ୍ତର ବିଷ୍ଣୁ ମେହେର ରକ୍ତଦାନ କରୁଛନ୍ତି।

ଚିକିତ୍ସା ସମୟରେ ତାଙ୍କର ନିହାତି ରକ୍ତ ଆବଶ୍ୟକ ଥିବା ଡାକ୍ତର ବିଷ୍ଣୁ ମେହେର କହିଥିଲେ। 'ବି' ପଜିଟିଭ୍ ରକ୍ତର ଆବଶ୍ୟକତା ଥିବା ବେଳେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଏହା ଉପଲବ୍ଧ ନ ଥିଲା। ଅବସ୍ଥା ଗୁରୁତର ହେବା ଦେଖି ଡାକ୍ତର ମେହେର ନିଜେ ୧ୟୁନିଟ ରକ୍ତଦାନ କରିଥିଲେ। ପରେ ଏହା ରୋଗୀଙ୍କୁ ଦିଆଯାଇଥିଲା। ଡାକ୍ତରଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ରାସ୍ତାରେ ଉପୁଡି ପଡିଲା ଗଛ

### ୯ ଘଣ୍ଟା ଧରି ହରିଶଙ୍କରକୁ ଯୋଗାଯୋଗ ବିଚ୍ଛିନ୍ନ



ଖପ୍ରାଖୋଲ-ହରିଶଙ୍କର ରାସ୍ତାର ମହାରାପଦର ନିକଟରେ ଗଛ ଉକୁଡି ପଡିଛି।

**ଖପ୍ରାଖୋଲ, ୨୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ-ହରିଶଙ୍କର ରାସ୍ତାର ମହାରାପଦର ନିକଟରେ ବର୍ଷା ଯୋଗୁଁ ଏକ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ଦୀର୍ଘ ୯ ଘଣ୍ଟା ଧରି ହରିଶଙ୍କରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପୂର୍ତ୍ତ ବିଭାଗର ଏହି ରାସ୍ତା ଉପରେ ବାରମ୍ବାର ଗଛ ପଡି ରାସ୍ତା ଅବରୋଧ ହେଉଥିଲେ ବି ବିଭାଗୀୟ ଉଦାସୀନତା ଯୋଗୁଁ ପର୍ଯ୍ୟଟକ ଅନେକ ସମୟରେ ହଇରାଣ ହେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ବର୍ଷା ଯୋଗୁଁ ଏକ ବିରାଟ ତେନ୍ତୁଳି ଗଛ ଉପୁଡି ରାସ୍ତା ଉପରେ ପଡିଥିଲା। ଫଳରେ ଗାଡି ମୋଟର ଚଳାଚଳ ହରିଶରକୁ ବନ୍ଦ ହୋଇଯାଇଥିଲା। ଅନେକ ପର୍ଯ୍ୟଟକଙ୍କ ଗାଡି ହରିଶଙ୍କରକୁ ଯିବା ପାଇଁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିଲା। ଏ ନେଇ ପୂର୍ତ୍ତ ବିଭାଗ କଣ୍ଟାବାଞ୍ଜି ସବଡିଭିଜନ ସହକାରୀ ଯନ୍ତ୍ରୀ ପଦ୍ମନାଭ ଗୌଡାଙ୍କୁ ଫୋନ ଯୋଗେ ଜଣାଯାଇଥିବା ବେଳେ ତୁରନ୍ତ ଗଛ ଉଠାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ ଅପରାହ୍ନ ୩ଟା ଯାଏଁ ଉଠାଇବା ବ୍ୟବସ୍ଥା କରି ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଧରି ରାସ୍ତା ଉପରେ ଗଛ ପଡିବା ଖବର ପାଇ ଖପ୍ରାଖୋଲ ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରୁ ଗଛ କାଟି ସଫା କରିଥିଲେ। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

### କୁକିଆରେ ନୂଆଁଖାଇ ଭେଟ୍‌ଘାଟ

**ଉଲୁଣ୍ଡା,୨୧।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର କୁକିଆ ଗାଁରେ ସ୍ଥାନୀୟ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଅଶୋକ ପଣ୍ଡାଙ୍କ ସଭାପତିତ୍ୱ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗନେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ନୂଆଁଖାଇ ଉତ୍ସବର ପ୍ରାସଙ୍ଗିକତା ଏବଂ ଯୁବଗୋଷ୍ଠୀର ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ରେବତୀ ବିଶ୍ୱାଳ, ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁ, ସାମାଜିକ କର୍ମୀ ନରେନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ରାଧାକାନ୍ତ ମହାକୁର, ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ ଓ ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ମଞ୍ଚ ଅଭିନେତା ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଉଲୁଣ୍ଡା ଆଇଆଇସି ରୀନାକୁମାରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାହା ଜାଂଗଲ୍ ମାଜ୍‌ଲେ ନିହାତି ସଫଲ୍‌ତା ମିଲ୍‌ବା

# ପାତଲଘଁଟା ଚାଷ୍ ଦେଇଛେ ରୁଜ୍‌ଗାର

**ଲୋଇସିଂହା,୨୧।୯(ଡି.ଏନ.ଏ)**



ନିଜର ପରିବା ବାଏରଥି ଚାଷୀ ଗୋପୀନାଥ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଉପରବାହାଲ ଗାଁର ଗୋପୀନାଥ ବିଶ୍ୱାଳ ଝନେ ସଫଲ ପରିବା ଚାଷୀ। ୩ ଏକର ଜମିରୁ ଚାଷ୍ ଆରମ୍ କରିଥିବାର ଇ ଯୁବଚାଷୀ ଏହେଦେ ୧୬ ଏକର ଚାଷ ଜମିରେ ଚାଷ କରୁଛନ୍। ପରିବା ଚାଷ୍ କରି ନିଜେ ନିଜର ଗୁଡେ ଠିଆ ହେବାର ସଂଗେ ସେ ୧୬ ଏକର ଚାଷ୍ ଜମି, ସମ୍ବଲପୁର ସହରରେ ଘର ଡିହ ଘିନ୍‌ବାରେ ସକ୍ଷମ ହେଇପାରିଛନ୍। ଚାଷ୍‌ର କିଛି ବିକଳ୍ପ ନାଁଇଁନ, ଚାଷୀ ଭାଇମାନେ ଧରୟହରା ନାଇଁ ହେଇକରି ନିଜର ବାହା ଜାଂଗଲ୍ ଉପ୍‌ରେ ଭରଷା କରି ମାଜ୍‌ଲେ ନିହାତି ସଫଲତା ପାଏବେ ବଲି ସେ କହିଛନ୍। ଲୋଇସିଂହା ବ୍ଲକ୍ ଉପରବାହାଲ ପଁନ୍‌ଚେତ ସଦର ଗାଁର ପାୟ ବିଶ୍ୱାଳକଁର ୫ ପୁଓ ଭିତ୍‌ରୁ ଗୋପୀନାଥ ୪ ନଂ. ପୁଓ। ଗୋପୀନାଥକଁର ଦୁଇ ଭାଇ ଚାଏରଚକିଆ ଆର୍ ଉନିଆ ଦୁଇ ଭାଇ ସମ୍ବଲପୁର ସହରରେ ବେଉସା କରୁଛନ୍। ଗାଁରେ ରହି ଗୋପୀନାଥ ଧାନ ଚାଷ୍‌ରେ ବିଛୋ ହେଇ ଭାଇ ଭାଗ୍ ପାଇଥିବାର ୩ ଏକର ଜମିରେ ପାତଲଘଁଟା ଆର ମାଖନ୍ ଚାଷ୍ କର୍‌ବାର ମୂଳ୍ କରିଥିଲେ। ଇଥିରେ ସେ ସଫଲ ବି ହେଇଥିଲେ। ସେଦିନ୍‌ଠାନୁ ପାତଲଘଁଟା, ମାଖନ୍ ଚାଷ୍‌କେ ଆଦ୍‌ରି ନେଇଛନ୍। ଫିବଛର ଲକ୍ଷାଧିକ୍ ଟଁକା ଆଏ କରୁଛନ୍। ଇ ପନିପରିବା ଚାଷ୍‌ରୁ ହେଇଥିବାର ଆଏ ଟଁକାରେ ସେ କୁଟୁମ୍ ପୁଷ୍‌ବାର ସଂଗେ ୧୭ ଏକର ଚାଷ୍ ଜମି ଘିନିଥିବାର କହିଛନ୍। ପରିବାର ଲୁକେ ଖାଇବାର ଲାଗି ୪ ଏକର ଜମିରେ ଧାନଚାଷ୍ ଆର୍ ବାକି ଜମିରେ ଟମାଟୋ ଚାଷ କରିଛନ୍। ଅଷାଢ଼ ଦଶମୀରେ ୧୭୦ ପେକେଟ ମୁଜି ପଲ୍‌ହା ପକେଇଥିଲେ। ଶରାବନ୍ ପୁନିରେ କ୍ଷେତେ ଚାରା ଲଗାଯାଇଛେ। ପାତଲଘଁଟା ଗଛମାନ୍‌କୁ ଫୁଲ୍ ଆଏଲାନ, କାର୍‌ତିକ୍ ମାସେ ଅମଲ ହେଇଯିବା। ତାକର ନିକେ ବାହାର ଜିଲାର ବେଉସାୟୀ ଆସି ଘରୁ ନପେଇ ନେସନ୍। ଯେନ୍‌ଥିର୍‌ଲାଗି ନେବାର ଆନ୍‌ବାର ଖର୍‌ଚା ବଁଚ୍‌ବାର ସଂଗେ ଗୋପୀନାଥ ଭଲ୍ ଦୁଇପଏସା ରୁଜ୍‌ଗାର କରିପାରୁଛନ୍। ମୁଜି ଘିନାରୁ ଆରମ୍ କରି ଉଷୋକସା, ସାର, ମୂଲମଜୁରୀ ଟଁକା ବାବ୍‌ଦେ ଚାଷ୍‌ରେ ବଛରକ ୫ ଲକ୍ଷରୁ ଅଧିକା ଟଁକା କରଚ୍ କରୁଛନ୍ ସତ୍ ହେଲେ ତାର ତିନ୍ ଗୁନା ଟଁକା ଲାଭ୍ ବି କରୁଥିବାର ସେ କହିଛନ୍। ଚାଷ୍‌ବାସ୍‌ରେ ଲାଭ୍ କ୍ଷତି ଲାଗି ରହିଛେ। କେନ୍ ବଛର ଭଲ ଦୁଇ ପଏସା ଲାଭ୍ ମିଲୁଥିଲା ବେଲେ କେଭେ କେନ୍‌ତା ନୁକ୍‌ସାନ୍ ସହେବାକେ ବି ପଡ଼ସି। ପାତଲଘଁଟା ଆଗ୍‌ରୁ କରିଥିବାର ମାଖନ ଚାଷ୍‌ରେ ପାଖାପାଖି ୪୫ ହଜାର ଟଁକା ନୁକ୍‌ସାନ ସହିଥିବାର ସେ କହିଛନ୍। ହେଲେ ଗୋପୀନାଥ ଲେଖେଁ ଝନେ ସଫଲ ଚାଷୀକେ ଉଦ୍ୟାନ ବିଭାଗ୍ ଅନ୍‌ଦେଖା କରି ଅଣଚାଷୀମାନ୍‌କୁ ପୋତ୍‌ଛାହନ୍ ଦେଉଥିବାରୁ ସେ ମନ୍ ଦୁଖ୍ କରିଛନ୍। ଏନ୍‌ତା କି ସେ ବ୍ୟାଙ୍କ କି କୃଷି ସମବାୟ ସମିତିରୁ ରୁଣ ଆନ୍‌ବାକେ ବି ପସନ୍ ନାଇଁକରେଁ ବଲି କହିଛନ୍।



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।

- କନ୍‌ଫୁସିୟସ

# ଶାନ୍ତିଶୃଙ୍ଖଳାରେ ପାଳିତ ହେଲା ମହରମ

**ରାଉରକେଲା ଅଫିସ,୨୧।୯**

ମୁସଲିମ୍ ସମ୍ପ୍ରଦାୟର ପବିତ୍ର ମହରମ ପର୍ବ ଶୁକ୍ରବାର ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମହରମ କମିଟି ପକ୍ଷରୁ ତାଜିଆ ତଥା ଭବ୍ୟ ଶୋଭାଯାତ୍ରା ସାଙ୍ଗକୁ ଆଖଡ଼ା ପରିବେଷଣ କରାଯାଇଥିଲା। ଏହା ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଡ. ଉମାଶଙ୍କର ଦାସଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳାରେ ମହରମ ପାଳିତ ହୋଇଥିବାରୁ ରାଉରକେଲା ବିଧାୟକ ଦିଲ୍ଲୀପ ରାୟ ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ଶୁକ୍ରବାର ପବିତ୍ର ମହରମ ପର୍ବ ପାଳନ ଅବସରରେ ଆଖଡ଼ା ପରିବେଷଣ କରାଯାଉଛି।

ଭାଇଚାରା ଓ ଶାନ୍ତିର ବାର୍ତ୍ତା ନେଇ ଏହା ଶେଷ ହୋଇଥିବାରୁ ରାୟ ସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ପୂର୍ବତନ ନଗରପାଳ ରମେଶ ବଳ, ରସିଦ ଆସଲମ, ଧୀର ଦାସ, ରଞ୍ଜିତ ନାୟକ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ସାର ବୋଝେଇ ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

**ପଲମ,୨୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ଚାରିଛକରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ୨୦ ତାରିଖ ଅପରାହ୍ନରେ ଏକ ସାର ବୋଝେଇ ଟ୍ରକ (ନଂ. ଓଆର୦୬ଇ ୦୮୪୭) ଧକ୍କାରେ ଭାଙ୍ଗି ଯାଇଛି । ଫଳରେ ବିଦ୍ୟୁତ ଚଳାଚଳ ହୋଇପାରୁନାହିଁ । ଉତ୍ତ୍ୟକ୍ତ ଲୋକେ ଟ୍ରକ ଓ ଡ୍ରାଇଭରଙ୍କୁ ଅଟକ କରି ରଖିଛନ୍ତି । ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ଟ୍ରକ୍ ମାଲିକ ସେଠାରେ ପହଞ୍ଚିଥିଲେ । ପରେ ଭାଙ୍ଗିପଡ଼ିଥିବା ଖୁଣ୍ଟ ସଜାଡ଼ିବା ସହ ବିଦ୍ୟୁତ୍ ସଂଯୋଗ କରିବାରୁ ଲୋକେ ଟ୍ରକ ଓ ଡ୍ରାଇଭରଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି । ଟ୍ରକ କେସିଙ୍ଗାଠାରୁ ମୁସ୍କୁଟି ଗ୍ରାମର ତ୍ରିମୂର୍ତ୍ତି ସାର ଦୋକାନକୁ ଯାଉଥିଲା। ଭୁଲ ବଶତଃ ଅନ୍ୟ ରାସ୍ତା ପଟେ ଯାଉଥିବା ଜାଣିବା ପରେ ଡ୍ରାଇଭର ଠିକ ରାସ୍ତାରେ ଯିବାକୁ ଟ୍ରକ ପଛକୁ କରୁଥିବା ବେଳେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା। ସେହି ସମୟରେ ବିଦ୍ୟୁତ ସରବାହ ରହିଥିଲା। କୌଣସି ମତେ ବିଦ୍ୟୁତ କଟିବା ପରେ ଲୋକମାନେ ଯାତାୟାତ କରିଥିଲେ । ସୌଭାଗ୍ୟ ବଶତଃ କୌଣସି କ୍ଷତି ହୋଇ ନ ଥିଲା ।

### ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣରେ ବିଳମ୍ବ

# ସଂଗ୍ରାମ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ରାଉରକେଲା ଅଫିସ,୨୧।୯**

ତାଳଚେର-ବିମଳାଗଡ଼ ରେଳ ସଂଗ୍ରାମ ସମିତି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ସଚ୍ଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସଂଗ୍ରାମ ସମିତି ସଭାପତି ଅଦ୍ୱୈତ ବିଶ୍ୱାଳ, ବିଷ୍ଣୁ ମହାନ୍ତି. ହରି ରାଉତରାୟ, ସୁଧୀର ସୁନ୍ଦରାୟ, ରମେଶ ବଳ, ବିମଳ ବିଶି, ରଙ୍ଗାବାହାଦୁର ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବ, ଏହାର ଇତିହାସ, ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଏବଂ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ରେଳପଥ ନିର୍ମାଣରେ ବାଧା ଉପୁଜି ଥିବା ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ। ସୁନ୍ଦରଗଡ଼ ଜିଲାରେ ଆବଶ୍ୟକ ଜମି ଅଧିଗ୍ରହଣ କରାଗଲେ ରେଳବାଇ ପକ୍ଷରୁ ବିମଳାଗଡ଼ାଠାରେ ଏକ କାର୍ଯ୍ୟାଳୟ ଖୋଲିବା ସହ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା। ଏହି ମର୍ମରେ ବିଭିନ୍ନ ସମସ୍ୟାର ସମାଧାନ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସ୍ମାରକ ପତ୍ର ପାଠ କରିବା ସହ ଓଡ଼ିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଓ ଅନ୍ୟ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏଥିସହ ଜମି ଅଧିଗ୍ରହଣରେ କାହିଁକି ବିଳମ୍ବ ହେଉଛି ସେନେଇ ଅନୁସନ୍ଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ କହିଥିଲେ। ଧୈର୍ଯ୍ୟର ସହ ପ୍ରତିନିଧି ମଣ୍ଡଳୀଙ୍କ ଆପତ୍ତି ଶୁଣି ଥିବାରୁ ତାଙ୍କ ପ୍ରତି ସଂଗ୍ରମ ସମିତି କର୍ମକର୍ତ୍ତା କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ଚମ୍ପା**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା ।**

ଚମ୍ପାଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା। ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ। ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି। ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚାଲିଲା ବେଳେ କି ମଠମଠ**
**ଶୋଇଲା ବେଳେ କି ଭଟଭଟ ?**

ମଠେଇ ମଠେଇ ଯିଏ ବାଟ ଚାଲୁଥାଏ ତା' ସଙ୍ଗେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଶୋଇଲାବେଳେ କାନ ପାଖରେ ଯଦି କିଏ ଭଟ ଭଟ ହୁଏ ବା କଥା କୁହେ ତା'ହେଲେ ନିଦ ଭାଙ୍ଗିଯାଇଥାଏ। ଏପରି ଅବସ୍ଥା ବଡ଼ ବିରକ୍ତିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁଲ୍‌ଦୁଲିରେ କମ୍ପିଲା ସହର

**ବୌଦ୍ଧ,୨୧।୯(ସ୍ୱ.ପ୍ର)**

ବୌଦ୍ଧ ସହର ଗଣେଶ ବଜାରର ଗଜାନନଙ୍କ ଭସାଣି ଉତ୍ସବ ମହାସମାରୋହରେ ଶୁକ୍ରବାର ସନ୍ଧ୍ୟାରେ ହୋଇଯାଇଛି । ଗତ ୧୩ ତାରିଖଠାରୁ ସହରର ଗଣେଶ ବଜାରଠାରେ ପୂଜା ପାଇ ଆସୁଥିବା ପ୍ରଭୁ ଗଜାନନଙ୍କ ୮ ଦିନ ପରେ ଭସାଣି ଉତ୍ସବ ପାଳିତ ହୋଇଛି । ପ୍ରଭୁ ଗଜାନନଙ୍କୁ ଏକ ସୁସଜ୍ଜିତ ଗାଡିରେ ବିରାଜମାନ କରାଇ ପ୍ରଭୁଙ୍କ ଆଗେ ଆଗେ ବଜାରର କର୍ମକର୍ତ୍ତା ଦୁଲଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖ, ମୃଦଙ୍ଗ, ଡିଜେ ସାଉଣ୍ଡ ଓ ଆତସବାଜିରେ ସହର କମ୍ପି ଉଠିଥିଲା ।

# ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ କରମସାନୀ ପୂଜା

**ସୁନ୍ଦରଗଡ଼, ୨୧।୯ (ଡି.ଏନ୍.ଏ)**

ଓଡିଶା, ଝାଡଖଣ୍ଡ, ବିହାର ଓ ଛତିଶଗଡ ଜନଜାତି ମାନଙ୍କର ଏକ ପ୍ରମୁଖ ପର୍ବ କରମାପର୍ବ। ପ୍ରତିବର୍ଷ ଭାଦ୍ରବମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଏହି ଅଧିକାଂଶ ଜନଜାତି ବହୁଳ ଗ୍ରାମ ଗୁଡିକରେ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଆସୁଛି। କୃଷିଭିତ୍ତିକ ଏହି ପର୍ବକୁ ଧୁମଧାମରେ ପାଳନ କରିବା ପାଇଁ ଚଳିତବର୍ଷ ସ୍ଥାନୀୟ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଆୟୋଜନ କରାଯାଇଛି। ଏଥିରେ ସୁନ୍ଦରଗଡ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଛନ୍ତି। ଏହି ଦିନ ମୁଖ୍ୟ ପୂଜକଙ୍କ ଦ୍ୱାରା ରାତି ପ୍ରାୟ ୭ଟା ୩୦ରେ କରମା ଡାଳକୁ ଯଥାରୀତି ପୂଜାକରାଯାଇ କାଟିବା ପରେ ନାଗରା ଓ ମାଦଳର ତାଳେ ତାଳେ ଉପାସନାଧାରୀ ମହିଳା ଓ ପୁରୁଷମାନେ ଆଶ୍ରମରେ ପହଞ୍ଚିଥିଲେ। ପରେ ଆଶ୍ରମର କାର୍ଯ୍ୟ ସଂଯୋଜକ ପଙ୍କଜ ଠାକୁର, ଜନାର୍ଦ୍ଦନ ପାଣିଗ୍ରାହୀ, ଅମୀୟ ପଟ୍ଟନାୟକଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ କରମାସାନୀ ଠାକୁରାଣୀଙ୍କୁ ସ୍ୱାଗତ କରି ଆଣିବା ପରେ ଆଖଡାରେ



କରମା ନୃତ୍ୟ ଚାଲିଛି।

ସ୍ଥାପନ କରାଯାଇଥିଲା। ଏହା ପରେ କରମା ଦେବୀଙ୍କର ପାରମ୍ପାରିକ ପୂଜାର୍ଚ୍ଚନା ହୋଇଥିଲା। ଉପବାସ କରିଥିବା ମହିଳାମାନେ ମଧ୍ୟ ନିଜର ମନୋସ୍କାମନା ଓ ପରିବାରର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରି ପ୍ରାର୍ଥନା କରିବା ପରେ ମାଦଲ ଓ ନାଗରାର ତାଳେ ତାଳେ ପୁରୁଷଙ୍କ ସହ ମିଶି କରମା ନୃତ୍ୟରେ ମଜ୍ଜି ଯାଇଥିଲେ। ନାଚଗୀତ ଆରମ୍ଭ ହେବା ପୂର୍ବରୁ ମାଦଲିଆ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର କିରାଲଗା, ପାଇକବାହାଲ. ଲକ୍ରାଘରା, ତିଲଜରା, ଗୋପପୁର, ଲୁହେନବେର୍ଣ୍ଣି, ରସରାଜପୁର, ଭାଲୁବୁଡ ,ମାନମୁଣ୍ଡା, ଲହଣ୍ଡାବୁଡ ,ଶଙ୍କରା ପୋଷ ,ରାଣୀବୁଡ ଆଦି ଗ୍ରାମଗୁଡିକରୁ ଆସିଥିବା ଉପାସନାକାରୀ କରମା ଭକ୍ତ ମହିଳା ପୁରୁଷ ଯୋଗଦେଇଥିଲେ। ସୁନ୍ଦରଗଡ ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପାଣ୍ଡୁ ମାଝୀ, ଶିବୁ ପଟ୍ଟନାୟକ, ହୃଦାନନ୍ଦ ଟପ୍ପୋ, କୁନାରାମ ମାଝୀ, ଉଜ୍ଜଳ ବାଘ, ଶଶୀଭୂଷଣ ମହାକୁଡ, ଶ୍ୟାମସୁନ୍ଦର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃଷିଭିତ୍ତିକ ଏହି ପର୍ବରେ କରମା ଡାଳ ସହିତ ୭ରୁ ୯ପ୍ରକାର ଶସ୍ୟକୁ ଅଙ୍କୁରିତ କରାଯାଇ ପୂଜା କରାଯାଇଥିଲା। ବୃକ୍ଷ ହିଁ ଏକମାତ୍ର ପ୍ରକୃତିର ଦାନ ଯାହା ପର୍ଯ୍ୟାବରଣକୁ ସନ୍ତୁଳିତ ରଖିବା ସହିତ ସମସ୍ତଙ୍କୁ ଆହାର ଯୋଗାଇଥାଏ। କରମା ପୂଜା ମାଧ୍ୟମରେ ପଞ୍ଚଭୂତ ଯଥା -ପାଣି, ପବନ, ବାୟୁ, ଅଗ୍ନି ଓ ମାଟିର ସୁରକ୍ଷାର ସନ୍ଦେଶକୁ ଥରେ ସମସ୍ତେ ପୁନଃ ସ୍ମରଣ କରି ନାଚଗୀତରେ ମଜ୍ଜି ଯାଆନ୍ତି। ଜନଜାତିଙ୍କର ଦୃଢ ବିଶ୍ୱାସ ଯେ ପ୍ରକୃତିର ମର୍ଯ୍ୟାଦା ରକ୍ଷାକଲେ ସେ ଆମକୁ ସୌଭାଗ୍ୟ ତଥା ସନ୍ତାନ ପ୍ରଦାନ କରିବା ସହିତ ସେମାନଙ୍କର ଭବିଷ୍ୟତ ସୁରକ୍ଷା ଦେଇପାରିବ ବୋଲି ବିଶ୍ୱାସ ରହିଛି। ତେଣୁ ପଶ୍ଚିମ ଓଡିଶା ଓରାମ, କିଷାନ, ଗଣ୍ଡ, ବିଂଝାଲ, ଭୂୟାଁ , ଖଡିଆ ଇତ୍ୟାଦି ସମସ୍ତ ଜନଜାତି କରମା ଗୀତରେ ଗାଇ ନାଚି ଝୁମି ଉଠିଥିଲେ। ଜୁହାର ଗୋ ମା କରମା ସାନୀ, ନିପୁତ୍ରୀକେ ପୁତ୍ର ଦେଉ ତୁହି ଗୋ ମାଁ କରମାସାନୀ, ତୋପାଦେ କରୁଛେ ଦୟିନୀ, ଗୋ କରମସାନୀ, ଘେନ ଘେନ ଦୁଃଖୀର ଦୟିନୀ। କରମସାନୀଙ୍କ ପ୍ରତି ଭକ୍ତିପୂତ ପୂଜାର୍ଚ୍ଚନା ଓ ସାରାରାତି ନାଚଗୀତରେ ଉଜାଗର ରହି ବିତାଇବା ପରେ ସକାଳେ ସ୍ନାନଶୌଚ ପରେ କରମାସାନୀଙ୍କ ବିସର୍ଜନ ହୋଇଥିଲା। ଏହାପରେ ପ୍ରସାଦ ସେବନ କରି ସମସ୍ତେ ଫେରିଥିଲେ।

## ଫଟୋରେ ଖବର



ଶୁକ୍ରବାର ମଧୁସୁଦନ ପାଲ୍ଲୀ ଏନ୍ଏସି ସ୍କୁଲ ରାସ୍ତାରେ ଅଳିଆ ଆବର୍ଜନା ଗଦା ହୋଇରହିଛି।



ମହରମ ଅବସରରେ ଶୁକ୍ରବାର ସୁନ୍ଦରଗଡ ସଦର ମସ୍ ଜିଦ କମିଟି ପକ୍ଷରୁ ବାହାରିଥିବା ତାଜିଆ ଶୋଭାଯାତ୍ରା, ଶୋଭାଯାତ୍ରାରେ ମୁସଲମାନ ଯୁବକମାନଙ୍କ ଶାରୀରିକ କୌଶଳ ପ୍ରଦର୍ଶନ।

A grand Exhibition of Cotton & Silk
10th Cottonfab™-2018
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing



SPECIAL ATTRACTION
Handloom Dress
FASHION SHOW
Today 6.30 PM Onwards

BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.

All Debit/Credit Cards Accepted

Gate No. 3, Exhibition Ground,
Unit-III, Kharvela Nagar, Bhubaneswar
31st Aug. - 02nd Oct. 2018, Time: 10.30 AM To 9.00 PM

REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com

ପୂର୍ବ ତଟ ରେଳପଥ

କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ । ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000** ଘଣ୍ଟିକା, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଣ୍ଟିକା ସୁଦ୍ଧା ଇମେଲ୍ ଠିକଣା **dycpoirecor@gmail.com** କିମ୍ବା ଫ୍ୟାକ୍ସ - 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ | ପ୍ରତ୍ୟେକ ସୋମବାର 1030 ଘଣ୍ଟିକା, ଦରଖାସ୍ତ ସେହିଦିନ 1000 ଘଣ୍ଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର | ପ୍ରତ୍ୟେକ ମଙ୍ଗଳବାର 1600 ଘଣ୍ଟିକା ରୁ 1700 ଘଣ୍ଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଣ୍ଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଣ୍ଟିକା ରୁ 1630 ଘଣ୍ଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଣ୍ଟିକା ରେ ଦାଖଲ କରିବାକୁ ହେବ। |
| ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଣ୍ଟିକା ରୁ 1700 ଘଣ୍ଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଣ୍ଟିକା ରେ ଦାଖଲ କରିବାକୁ ହେବ। ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ। ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ। |
| ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଣ୍ଟିକା ରୁ 1800 ଘଣ୍ଟିକା ପର୍ଯ୍ୟନ୍ତ। |

PR-351/J/18-19
ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି
ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।
-ଜନ୍ ଟିଲୋଟ୍ସନ



## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗର ଅଣଦେଖା, ପାଣି ଯୋଗାଣରେ ବାଧାପ୍ରାପ୍ତ

ଲେଫ୍ରିପଡା,୨୧।୯(ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ଅଲାପକାଠାରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଅଲାପକାରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଗତ ୭ତାରିଖରୁ ଅଦ୍ୟାବଧି ପର୍ଯ୍ୟନ୍ତ ଲୋକେ ପାଣି ନ ପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଭାଗ ଦ୍ୱାରା ତିନୋଟି ଫେଜ୍‌କୁ ନେଇ ପାଣି ପମ୍ପ ସାହାଯ୍ୟରେ ପାଣି ଯୋଗାଣ ହେଉଥିବାବେଳେ ଅଲାପକାର ଏକ ଡିସ୍କ ଖରାପ ହୋଇଥିବାରୁ ପାଣି ପମ୍ପ ଚାଲୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଡିସ୍କକୁ ମରାମତି କରିବା ପାଇଁ ଅଞ୍ଚଳ ଦାୟିତ୍ୱରେ ଥିବା ବିଭାଗୀୟ ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀଙ୍କୁ ଗ୍ରାମବାସୀ ବାରମ୍ବାର କହୁଥିଲେ ମଧ୍ୟ ଅବହେଳା କରିଚାଲିଛନ୍ତି। ଏ ନେଇ ଲେଫ୍ରିପଡା ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପଞ୍ଚାୟତ ଆରଓ ପ୍ଲାଣ୍ଟରେ ତିନି ଫେଜ୍ ଦ୍ୱାରା ପାଣିପମ୍ପ ପରିଚାଳିତ ହୋଇଥାଏ। ସେଥି ମଧ୍ୟରୁ ଅଞ୍ଚଳରେ ବାରମ୍ବାର ବଜ୍ରପାତ ହେଉଥିବାରୁ ଏହା ସଫଳ ହୋଇ ପାରୁନାହିଁ। କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ କାର୍ଯ୍ୟ ହୋଇପାରି ନାହିଁ। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି।

# ୧୨ ଦିନରେ ଛାତ୍ର ଆନ୍ଦୋଳନ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ କାଂଶବାହାଲଠାରେ ଥିବା ଆଇଆଇପିଏମ୍‌ରେ ଦୀର୍ଘ ୧୨ଦିନ ହେବ ଛାତ୍ର ଆନ୍ଦୋଳନ ଚାଲିଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ଧାରଣାରେ ବସିଥିବା ଛାତ୍ରୀଙ୍କ ପ୍ରତି ସେହି ଅନୁଷ୍ଠାନର ୬ଜଣ ଛାତ୍ର ଆକ୍ରମଣ କରିଛନ୍ତି। ସଂସ୍ଥାର ଡାଇରେକ୍ଟର ନିରଞ୍ଜନ ନାଏକଙ୍କ ନିର୍ଦ୍ଦେଶରେ ଛାତ୍ରୀଙ୍କୁ ଆକ୍ରମଣ କରିଥିବା ନେଇ କାଂଶବାହାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ୬ଜଣ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଚାଲୁରଖିଛି। ଶୁକ୍ରବାର ସନ୍ଧ୍ୟାରେ କଂଗ୍ରେସରେ ଯୋଗଦାନ କରିଥିବା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାଇ ଆଇଆଇପିଏମ୍ ପରିସରରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଆଇଆଇପିଏମ୍‌ରେ ଅତିରିକ୍ତ ଏସପି ରବିନାରାୟଣ ବାରିକ ଉପସ୍ଥିତ ଥିଲେ। ତାଙ୍କୁ ପଚାରିବାରୁ ସେ ଶୁକ୍ରବାର ରାତି ଭିତରେ ଏହି ଘଟଣାର ସମାଧାନ ହେବା ନେଇ ପ୍ରଶାସନ ପଦକ୍ଷେପ ନେଉଥିବା ଜଣାଇଥିଲେ। ଏ ସମ୍ବନ୍ଧରେ ବିଧାୟକ ଜର୍ଜ ତିର୍କୀଙ୍କୁ ପଚାରିବାରୁ କହିଲେ, ଶୁକ୍ରବାର ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଶନିବାର ଧାରଣାରେ ବସିବା ସାଙ୍ଗକୁ ପରିସ୍ଥିତି ଭୟାବହ ହେବ ବୋଲି ଉତ୍ତର ଦେଇଥିଲେ। ଛାତ୍ରୀମାନେ ପ୍ରଶାସନ ପ୍ରତି ଆସନ୍ତଥିବା କାନ୍ଦି କାନ୍ଦି ଜଣାଇଥିଲେ। ଅଭିଭାବକଙ୍କୁ ପଚାରିବାରୁ ଏଠାରେ ଶାସନରେ ଥିବା ବିଧାୟକ ଏବଂ ତାଙ୍କ ସମର୍ଥକଙ୍କ ଦ୍ୱାରା ଆତଙ୍କରାଜ ଚଳାଯିବା ସାଙ୍ଗକୁ ଆଇଆପିଏମର ଡାଇରେକ୍ଟରଙ୍କ ଦ୍ୱାରା ହରିଲୁଟ କରାଯିବା ଓ ଛାତ୍ରୀଛାତ୍ରଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ କରିଥିଲେ। ଯଦି ଏହି ଘଟଣାର ସମାଧାନ ଯଥାଶୀଘ୍ର କରା ନ ଯାଏ ତାହେଲେ ଏଠାରେ ପରିସ୍ଥିତି ଅସମ୍ଭାଳ ହେବା ସାଙ୍ଗକୁ ଛାତ୍ରୀଛାତ୍ରମାନେ ଆତ୍ମାହୁତି ଦେବାପାଇଁ ପଛଘୁଞ୍ଚା ଦେବେନାହିଁ ବୋଲି କହିଛନ୍ତି।



ଆଇଆଇପିଏମ୍‌ରେ ଜର୍ଜ ତିର୍କୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

**ରାଜଗାଙ୍ଗପୁର ଆଇଆଇପିଏମ**
- ଆନ୍ଦୋଳନରତ ଛାତ୍ରୀଙ୍କ ପ୍ରତି ଆକ୍ରମଣ
- ଥାନାରେ ଅଭିଯୋଗ, ୬ଛାତ୍ର ଗିରଫ
- ଜର୍ଜ ତିର୍କୀଙ୍କ ଛାତ୍ରୀଛାତ୍ର ସହିତ ଆଲୋଚନା

# ମହିଳା ସମାବେଶ ଲାଗି ବିଜେଡିର ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୨୧।୯ (ଡି.ଏନ୍.ଏ)

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ମହିଳା ବିଜୁ ଜନତା ଦଳ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ମହିଳା ସମାବେଶ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସୁନ୍ଦରଗଡ ଜିଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ରାଜବାଟୀଠାରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ରାଜମାତା, ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ଜିଲା ବିଜୁ ଜନତା ଦଳ ମହିଳା ଶାଖାର ସଭାନେତ୍ରୀ ପଦ୍ମିନୀ ଶେଖର ଦେଓଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁନ୍ଦରଗଡ ଜିଲାର ବିଜେଡି ମୁଖ୍ୟ ପର୍ଯ୍ୟବେକ୍ଷକ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଯୋଗଦେଇ ଜିଲାରେ ବିଜେଡିର ମହିଳା ସମାବେଶ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ଓ କେଉଁଠାରେ ଆୟୋଜନ କରାଗଲେ ଅଧିକ ସଂଖ୍ୟାରେ ମହିଳା ଯୋଗଦେଇ ପାରିବେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହାସହ ରାଉରକେଲା ଭଞ୍ଜଭବନ ଠାରେ ଏହି ମହିଳା ସମାବେଶ ଆୟୋଜନ ପାଇଁ ବୈଠକରେ ପ୍ରାୟତଃ ସ୍ଥିର ହୋଇଛି। ତେବେ ଏହା କେବେ କରାଯିବ ସେ ନେଇ ଦିନଧାର୍ଯ୍ୟ କରିବା ପାଇଁ ଜିଲା ମହିଳା ବିଜେଡି ସଭାନେତ୍ରୀ ରାଜମାତା ପଦ୍ମିନୀ ଶେଖରଦେଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ସୁନ୍ଦରଗଡର ରାଜା ସମରେନ୍ଦ୍ର ଶେଖର ଦେଓ, ସୁନ୍ଦରଗଡ ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ବିଜେଡିର ବରିଷ୍ଠ ନେତା ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, ଗୋପ ମହାନ୍ତି, ଗୋପାଳ ପ୍ରଧାନ, ସୁକାନ୍ତ ପତି, ବିନୟ ଟପ୍ପୋ, ସୁଶୀମ ଦାଶ, ଷ୍ଟିଫେନ୍ ସୋରେନ୍, ବୀରମିତ୍ରପୁର ପୂର୍ବତନ ବିଧାୟକ ନିହାର ସୋରେନ୍‌ଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।



ବୈଠକରେ ବିଜେଡ଼ି କର୍ମକର୍ତ୍ତା ମଞ୍ଚାସୀନ।

## ଏବେ ବି ବଞ୍ଚିଛି ମାନବିକତା

# ବୃଦ୍ଧାଙ୍କୁ ଘରେ ପହଞ୍ଚାଇଲେ ସିଟିଜେନ୍ ଫୋରମ୍ ସଦସ୍ୟ

କୁଆଁରମୁଣ୍ଡା,୨୧।୯ (ଡି.ଏନ.ଏ.)

ଏବେ ବି ବଞ୍ଚିଛି ମାନବିକତା। ସମ୍ପ୍ରତି ବ୍ୟସ୍ତବହୁଳ ସମାଜରେ ମଧ୍ୟ କେତେକ ବ୍ୟକ୍ତି ତଥା ସଙ୍ଗଠନର ସଦସ୍ୟମାନେ ନିଜ ବ୍ୟକ୍ତିଗତ କାର୍ଯ୍ୟ ସହ ପରୋପକାର କରିବା ପାଇଁ ଆଗେଇ ଆସିଥାଆନ୍ତି। ଏହାର ନିଚ୍ଛକ ଉଦାହରଣ ହେଉଛି, ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ସିଟିଜେନ ଫୋରମ୍। ଏହି ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ରବିବାର ଅଞ୍ଚଳର ବିଭିନ୍ନ ନାଳ, ନର୍ଦ୍ଦମା ସଫେଇ କରିବା ସହ ପ୍ରାଣୀଙ୍କଠାରୁ ମନୁଷ୍ୟ ପର୍ଯ୍ୟନ୍ତ ଅସହାୟଙ୍କୁ ସହାୟ ହୋଇଥାଆନ୍ତି। ରାଜଗାଙ୍ଗପୁର ବ୍ଲକର ଜାମପାଲି ଗ୍ରାମର ଇଦ୍‌ଗାପଡ଼ା ନିବାସୀ ୭୫ ବର୍ଷୀୟା ସୀତା ଲାକ୍ରା। ବୃଦ୍ଧା ସୀତା କିଛି ଦିନ ତଳେ ନିଜ ବାପ ଘର ଲାଠିକଟା ଯାଇଥିଲେ। ସେଠାରୁ ଗତ ୩ଦିନ ତଳେ ରାଜଗାଙ୍ଗପୁର ଯିବା ପାଇଁ ପ୍ରଥମେ ରାଉରକେଲାକୁ ଅଟୋରେ ଯାଇଥିଲେ। ରାଉରକେଲାରୁ ପୁନର୍ବାର ଏକ ଅଟୋରେ ବସି ରାଜଗାଙ୍ଗପୁର ପରିବର୍ତ୍ତେ କୁଆଁରମୁଣ୍ଡାରେ ପହଞ୍ଚି ଥିଲେ। ବୟସାଧିକ୍ୟ କାରଣରୁ ବୃଦ୍ଧା ସୀତା କେଉଁଆଡେ ଯିବେ ଠିକ୍ ଭାବେ ଜାଣି ନ ପାରି ପଦ୍ମପୁର ରୋଡରେ ଅସହାୟ ଅବସ୍ଥାରେ ବୁଲୁଥିଲେ। ସେତେବେଳକୁ ରାତି ପ୍ରାୟ ୧୦ଟା ହେଲାଣି। ବୃଦ୍ଧାଙ୍କୁ ଏକୁଟିଆ ଦେଖି କୁଆଁରମୁଣ୍ଡା ସିଟିଜେନ ଫୋରମ୍ ସଦସ୍ୟ ତଥା ସାମାଜିକ କର୍ମୀ ଶୈଳେଶ୍ ତିୱାରୀ,ବାଲକ୍ରିଷ୍ଣ ଅଗ୍ରୱାଲ ପ୍ରମୁଖ ଘଟଣା ସମ୍ପର୍କରେ ବୃଦ୍ଧାଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ମାତ୍ର ଠାରରେ ସେ କହିଥିଲେ ଯେ ମୋତେ ମୋର ଘର ଲୋକ ଖୋଜାଖୋଜି କରି ନେଇଯିବେ, ତୁମେମାନେ ବ୍ୟସ୍ତ ହୁଅ ନାହିଁ। ସେ ୨ ଦିନ ହେଲା ଭାତ ଖାଇ ନ ଥିବାରୁ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଥିଲେ। ସିଟିଜେନ ଫୋରମ ସଦସ୍ୟମାନେ ତାଙ୍କୁ ବିସ୍କୁଟ,କେକ୍ ଇତ୍ୟାଦି ଖାଇବାକୁ ଦେଇଥିଲେ ମଧ୍ୟ ସେ ତାହାକୁ ଖାଇ ନ ଥିଲେ। ଏତେ ରାତିରେ ବୃଦ୍ଧାଙ୍କୁ ଏକୁଟିଆ ବାହାରେ ନ ରହିବା ପାଇଁ ପରାମର୍ଶ ଦେବା ସହ ଆଶ୍ରୟ ଦେବା ପାଇଁ ସିଟିଜେନ୍ ଫୋରମ୍ କାର୍ଯ୍ୟକର୍ତ୍ତାମାନେ କହିଥିଲେ ମଧ୍ୟ ବୃଦ୍ଧା ସୀତା ସେମାନଙ୍କ କଥାକୁ ଗ୍ରହଣ ନ କରି ଶୈଳେଶଙ୍କ ଘର ପିଣ୍ଡାରେ ଶୋଇଥିଲେ। ଶୁକ୍ରବାର ଫୋରମ୍‌ର କାର୍ଯ୍ୟକର୍ତ୍ତାମାନେ ସୀତାଙ୍କ ନିକଟରେ ପହଞ୍ଚି ତାଙ୍କୁ ବହୁ ବୁଝାଇବା ପରେ ସେ ସବୁ ବିଷୟ କହିଥିଲେ। ଏପରିକି ସେ କୌଣସି ଦୋକାନ କିମ୍ବା ବିବାହିତ ଲୋକଙ୍କ ଠାରୁ କିଛି ଖାଦ୍ୟ ଗ୍ରହଣ କରିନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ଠାରୁ ଠିକଣା ପାଇବା ପରେ ସିଟିଜେନ୍ ଫୋରମ୍ ସଦସ୍ୟ ଅର୍ଜୁନ ମିଂଜ, ବୀରେନ ସିଂ ଏକ ସ୍କୋର୍ପିଓ ଗାଡିରେ ବୃଦ୍ଧା ସୀତାଙ୍କୁ ତାଙ୍କ ଗ୍ରାମ ରାଜଗାଙ୍ଗପୁରର ଜାମପାଲିର ଇଦଗାପଡ଼ାସ୍ଥିତ ଜୀତନ ଲାକ୍ରା ଓ ଲାଛୁ ଲାକ୍ରାଙ୍କ ନିକଟକୁ ନେଇଥିଲେ। ସୀତାଙ୍କୁ ପାଣି ବୋତଲ ଓ ତାଙ୍କ ରୁଚି ଅନୁସାରେ ଖାଦ୍ୟର ବ୍ୟବସ୍ଥା କରାଇ ତାଙ୍କୁ ଗାଡିରେ ନିଆଯାଇଥିଲା। ସୀତାଙ୍କୁ ପାଇ ତାଙ୍କ ପରିବାର ଲୋକଙ୍କ ସହ ରାଜଗାଙ୍ଗପୁରର ବହୁ ବୁଦ୍ଧିଜୀବୀ କୁଆଁରମୁଣ୍ଡା ସିଟିଜେନ ଫୋରମ୍ କାର୍ଯ୍ୟକର୍ତ୍ତାଙ୍କ ମହାନୁଭବତା ପାଇଁ ଅଶେଷ ଧନ୍ୟବାଦ ଦେଇଛନ୍ତି। କେବଳ ଏହି ଘଟଣା ନୁହେଁ, ଗତ ୧୫ ଦିନ ତଳେ ଜଣେ ମାନସିକ ବିକୃତ ମହିଳା ଅସୁସ୍ଥ ହୋଇପଡିବାରୁ ସିଟିଜେନ୍ ଫୋରମ୍ ପକ୍ଷରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ରାଉରକେଲା ସରକାରୀ ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା କରାଇଥିଲେ। ଏହାବାଦ୍ ରାସ୍ତାଘାଟରେ ଏପରିକି ରାଜପଥରେ ଗାଡି ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଗୋରୁଙ୍କୁ ସିଟିଜେନ୍ ଫୋରମ୍ କାର୍ଯ୍ୟକର୍ତ୍ତାମାନେ ଉଠାଇ ନେଇ ପାରମ୍ପରିକ ରୀତିରେ ପୋତିବା କାର୍ଯ୍ୟ କରି ଥାଆନ୍ତି। କୁଆଁରମୁଣ୍ଡା ସିଟିଜେନ ଫୋରମ୍ ଏହି ମହତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଯେ ପ୍ରେରଣାର ଉତ୍ସ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।



ବୃଦ୍ଧାଙ୍କୁ କୁଆଁରମୁଣ୍ଡାରେ ସିଟିଜେନ ଫୋରମ୍ ସଦସ୍ୟମାନେ ଉଦ୍ଧାର କରି ତାଙ୍କୁ ଘରକୁ ପଠାଇବାର ବନ୍ଦୋବସ୍ତ କରୁଛନ୍ତି।

# ପୋଲିସର କାର୍ଯ୍ୟ ନେଇ ବଢୁଛି ଅସନ୍ତୋଷ

ଲେଫ୍ରିପଡା,୨୧।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଞ୍ଚଳର ବେକାର ଯୁବତୀଯୁବକ ଗୋଟିଏ ଲେଖାଏଁ ଦୋକାନ କରି ସ୍ୱାବଲମ୍ବୀ ହୋଇ ଗୁଜୁରାଣ ମେଣ୍ଟାଇଥାନ୍ତି। ବିଭିନ୍ନ ସମୟରେ ଲେଫ୍ରିପଡାରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ଚାଲୁଥିବା ବେଳେ ବିଗତ ଦିନରେ ଦୋକାନ ଚୋରି ଘଟଣା ହୋଇଥିଲେ ମଧ୍ୟ ଲେଫ୍ରିପଡା ପୋଲିସର କାର୍ଯ୍ୟ ନେଇ ଅସନ୍ତୋଷ ବଢୁଥିବା ଦେଖାଦେଉଛି। ଗତ ସେପ୍ଟେମ୍ବର ୪ତାରିଖ ରାତ୍ରିରେ ତହସିଲଛକଠାରେ ସୁବାସ ମୋବାଇଲ ଦୋକାନରୁ କୌଣସି ଦୁର୍ବୃତ୍ତ ତାଲାକାଟି ଦୋକାନରୁ କମ୍ପୁଟର, ଇନଭର୍ଟର ସମେତ ଅନେକ ମୋବାଇଲ ଚୋରି କରି ନେଇଥିଲା। ସମ୍ପୃକ୍ତ ଚୋରକୁ ଧରିବାକୁ ଅଧ୍ୟାବଧି ଟେର୍ ପାଉନି ପୋଲିସ। ଦୋକାନ ମାଲିକ ଦୋକାନ ଚୋରି ହୋଇଥିବା ବେଳେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ସୁନ୍ଦରଗଡ ସାଇଣ୍ଟିଫିକ ଦଳକୁ ନେଇ ଦୋକାନରେ ତଦନ୍ତ ଚଳାଇଥିଲା। ସେହି ତଦନ୍ତ ପରେ ପୋଲିସ ହାତଗୋଡ ବାନ୍ଧି ବସିଥିବା ଅଭିଯୋଗ ହେଉଛି। ଚୋରି ଘଟଣା ନେଇ ଲେଫ୍ରିପଡା ଓଆଇସି ସୌଦାମିନୀ ନାଗଙ୍କୁ ପଚାରିବାରୁ ଘଟଣାର ଅପରାଧୀ ସମ୍ପର୍କରେ କିଛି ଜଣାପଡିନାହିଁ। ଦେକାନୀ ଜଣକ ଚୋରି ହୋଇଥିବା ମୋବାଇଲଗୁଡିକର ଆଇଏମ୍ଆଇ କିଛି ଦେଇପାରି ନାହାନ୍ତି। ତେଣୁ ତଦନ୍ତରେ କିଛି ଜଣା ପଡୁନାହିଁ ବୋଲି କହିଛନ୍ତି।

# ପାମରା ଗାଁରେ ବାଲ୍ମୀକି ରାମାୟଣ ପଠନ

ବଡ଼ଗାଁ, ୨୧।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା (ଜୁନାପଡା) ଗ୍ରାମରେ ୧୫ ତାରିଖଠାରୁ ନବମତମ ବାର୍ଷିକ ଇନ୍ଦ୍ର ପୂଜନୋତ୍ସବ ଓ ବାଲ୍ମୀକି ରାମାୟଣ ପଠନ ସ୍ଥାନୀୟ ମାଉସୀ ମା ମନ୍ଦିରରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୧ ଦିନ ଧରି ଚାଲିବ। ପାମରା ପାଲା ଗାୟକ ଗୋକୁଳା ନନ୍ଦ ବାରିକ ରାମାୟଣ ଉପରେ ଆଲୋଚନା କରୁଛନ୍ତି। ଶ୍ରୀ ରାମଚନ୍ଦ୍ରଙ୍କ ଜୀବନଚରିତ୍ର ରସାମୃତ ପାନ କରିବା ପାଇଁ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଆସୁଛନ୍ତି।

ବକ୍ତାମାନେ ତଥା ପାଲା ଗାୟକ ବାରିକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରିବାକୁ ଉପଦେଶ ଦେଉଛନ୍ତି। ରୂପଧର ବାରିକ, ଟଙ୍କଧର ଖିଲାରୀ, ଯୁଧିଷ୍ଠିର ରାଉତ, ଯୁଗେଶ୍ୱର ରାଉତ, ଅନିତା ବିଶି, ସୁଭଦ୍ରା ଖିଲାରୀ, ଡିଳେଶ୍ୱରୀ ଦେଇ, ଯଶୋଦା ବାରିକ, ହାରାବତୀ ଦେଇ, ନେପୁର ଦେଇ, ଇନ୍ଦୁମତୀ ବାରିକ, ସଞ୍ଜୁଲତା ଦେଇ, ସବିତା ବାରିକ ପ୍ରମୁଖ ଗ୍ରାମର ମହିଳା ପୁରୁଷମାନେ ସକ୍ରିୟ ସହଯୋଗ କରିବା ସହ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। କାର୍ଯ୍ୟକ୍ରମ ୨୫ ତାରିଖ ସମାପନ ହେବ।



ଶ୍ରଦ୍ଧାଳୁମାନେ ରାମାୟଣ କଥାମୃତ ପାନ କରୁଛନ୍ତି।

# ହାଇୱାରେ ବାଲି ଚାଲାଣ ଯୋଗୁ ନଷ୍ଟ ହେଉଛି ରାସ୍ତା

ବଡ଼ଗାଁ, ୨୧।୯ (ଡି.ଏନ.ଏ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର କୁରେଇବଗା ଗ୍ରାମରୁ ଭୋଇପାଲିଗ୍ରାମ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ୬ ମାସ ପୂର୍ବେ ଶେଷ ହୋଇଛି। ତେବେ ଏହି ରାସ୍ତାରେ ସପ୍ତାହେ ହେଲା ନଦୀରୁ ବାଲି ଉଠାଇ ହାଇୱା ଗାଡି ଦ୍ୱାରା ଚାଲାଣଯୋଗୁ ରାସ୍ତାରୁ ପିଚୁ ଉଠି ରାସ୍ତା ଖରାପ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାଇୱା ବଦଳରେ ଟ୍ରାକ୍ଟର କିମ୍ବା ଟ୍ରକରେ ବାଲି ନେବାକୁ କହୁଥିଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଉଚ୍ଚ କ୍ଷମତା ସମ୍ପନ୍ନ ହୋଇ ନ ଥିବାରୁ ହାଇୱା ଭଳି ଭାରିଯାନରେ ବାଲି ବୋଝେଇ କରି ନେବା ଦ୍ୱାରା ଏଭଳି ପରିସ୍ଥିତି ହୋଇଛି। ଗତ ସପ୍ତାହେ ହେଲା ହାଇୱାରେ ବାଲି ଚାଲାଣ ହେଉଥିଲାବେଳେ ଏହା ଜାରି ରହିଲେ ମାସେ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ପ୍ରଶାସନ ଏହା ଉପରେ ପଦକ୍ଷେପ ନ ନେଲେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା ନଷ୍ଟ ହେବ ଓ ଅର୍ଥ ବିନିଯୋଗ ପାଣିରେ ପଡିବା ଭଳି ହେବ।



କୁରେଇବଗାରୁ ଭୋଇପାଲିଗ୍ରାମ ପର୍ଯ୍ୟନ୍ତ ଯାଇଥିବା ପିଚୁ ରାସ୍ତା।

# କଳାବଜାରରେ ସାର କିଣୁଛନ୍ତି ଚାଷୀ

ବଡ଼ଗାଁ, ୨୧।୯ (ଡି.ଏନ.ଏ.)

ସରକାରୀ ସ୍ତରରେ ଚରମ ଅବ୍ୟବସ୍ଥା ଓ ଦୁର୍ନୀତି ଯୋଗୁ ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଚାଷୀ ହଇରାଣ ହେଉଛନ୍ତି। କେଉଁବର୍ଷ ବୀମା କମ୍ପାନୀ ଦ୍ୱାରା ପ୍ରତାରିତ ହେଉଛନ୍ତି ତ କେଉଁବର୍ଷ ବିହନ ଓ ସାର ପାଇଁ ହନ୍ତସନ୍ତ ହୋଇ ଶେଷରେ କଳାବଜାରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧରେ ଚାଷୀ ବିଲରେ ୟୁରିଆ ସାର ଦେଇଥାନ୍ତି। କିନ୍ତୁ ବଡ଼ଗାଁ ଲ୍ୟାମ୍ପସରେ ସାର ନ ଥିବାରୁ ଚାଷୀମାନେ ୧୨୦ ଟଙ୍କା ଅଧିକ ଦେଇ ଗୋଟିଏ ବସ୍ତାକୁ ୪ଶହ ଟଙ୍କାରେ କିଣୁଥିବା ଅଭିଯୋଗ ହେଉଛି। ସମିତି ସଭ୍ୟ ପଞ୍ଚାନନ ନାଏକ, ପ୍ରଫୁଲ୍ଲ ମେହେର, ରାଜୁ ଦାସ, ଧରଣୀଧର ସା, ଶିବ ଶଙ୍କର ସେଠଙ୍କ ସହିତ ବହୁ ସଂଖ୍ୟକ ଚାଷୀ ଲ୍ୟାମ୍ପସରେ ସାର ନ ଥିବାରୁ ୪ଶହ ଟଙ୍କା ଦେଇ କଳାବଜାରରେ କିଣିଥିବା ଓ ଏ ସମ୍ପର୍କରେ ଲ୍ୟାମ୍ପସ ସଭାନେତ୍ରୀ ଅହଲ୍ୟା ଲାକ୍ରାଙ୍କଠାରେ ଅଭିଯୋଗ କରିଥିବା କହିଛନ୍ତି। ତେବେ ପ୍ରତିବର୍ଷ ସାର ଠିକ୍ ସମୟରେ ନ ମିଳିବା ଓ ଅଭାବ ଦେଖାଦେବାର କାରଣକୁ ନେଇ କୃଷକମାନେ ସନ୍ଦେହ ପ୍ରକଟ କରୁଛନ୍ତି। ଏ ନେଇ ଲ୍ୟାମ୍ପସ ସଭାନେତ୍ରୀ ଲାକ୍ରାଙ୍କୁ ପଚାରିବାରେ ଚାଷୀଙ୍କୁ ସାର ମିଳୁ ନ ଥିବାର ସ୍ୱୀକାର କରିଥିଲେ। ଏହା ଉପରେ ପଚାରି ବୁଝି ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ ଡିଏପି ୨୨୬୦, ପଟାସ ୬୫୦, ୟୁରିଆ ୩୦୬୪, ୫୦ କେଜି ଓ ୨୦୨୦୦୧୩ ସାର ୧୫୦ କୁଇଣ୍ଟାଲ ଆସିଥିଲା। ୧୫ଦିନ ହେଲା ୟୁରିଆ ସାର ନାହିଁ। ଆସନ୍ତା ୪/୫ଦିନ ମଧ୍ୟରେ ସାର ଆସିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରତି ୨ବର୍ଷରେ ସ୍ୱଳ୍ପ ବୃଷ୍ଟିପାତ, ଅନିୟମିତ ବୃଷ୍ଟାପାତ, ରୋଗ ପୋକ ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ମାତ୍ର ବୀମା କରୁଥିବା ଚାଷୀ ଉପଯୁକ୍ତ କ୍ଷତିପୂରଣ ପାଇ ନ ଥିବା, ସର୍ବାଧିକ ଚାଷୀ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ସ୍ତରରେ ଅବ୍ୟବସ୍ଥା, ଦୁର୍ନୀତି ଯୋଗୁ ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର ମିଳୁନି। ଚାଷୀମାନେ ସୁନ୍ଦରଗଡରେ ଦେଉଥିବା ଫାଉଣ୍ଡେସନ ଧାନର ଅର୍ଥ ୮/୯ ମାସ ପରେ ମିଳୁଥିବା ଦେଖିଲେ କୃଷକ କେଉଁ କାରଣରୁ ହଇରାଣ ଏବଂ ଖର୍ଚ୍ଚାନ୍ତ ହୋଇପଡୁଛନ୍ତି ଓ ଚାଷୀଙ୍କ ପାଇଁ କେଉଁମାନେ ବୀମା ପ୍ରତିଶ୍ରୁତି ଦେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୁଝାପଡେ।

**ବଡ଼ଗାଁ ବ୍ଲକ**
- ଚାଷୀମାନେ ୧୨୦ ଟଙ୍କା ଅଧିକ ଦେଇ କିଣୁଛନ୍ତି
- ୧୫ଦିନ ହେଲା ୟୁରିଆ ସାର ନାହିଁ
- ଆସନ୍ତା ୪/୫ଦିନ ମଧ୍ୟରେ ସାର ଆସିବ
- ବୀମା କମ୍ପାନୀ ଦ୍ୱାରା ପ୍ରତାରିତ



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଅନ୍ ଲାଇନ ଔଷଧ ବ୍ୟବସାୟକୁ ବିରୋଧ
### ୨୮ରେ ଦୋକାନ ବନ୍ଦ ଡାକରା

ରାଉରକେଲା ଅଫିସ.୨୧।୯

ଇ ଫାର୍ମାସୀ ଜରିଆରେ ଅନ୍‌ଲାଇନ ଔଷଧ ବ୍ୟବସାୟ ବ୍ୟବସ୍ଥାକୁ ବିରୋଧ କରି ସୁନ୍ଦରଗଡ଼ ଜିଲା ଔଷଧ ବ୍ୟବସାୟୀଙ୍କ ପକ୍ଷରୁ ଆସନ୍ତା ୨୮ ତାରିଖରେ ଦୋକାନ ବନ୍ଦ ଡାକରା ଦିଆଯାଇଛି। ଏନେଇ ସୁନ୍ଦରଗଡ଼ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଭାପତି ରଞ୍ଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ସରସୀମୋହନ ପାତ୍ର ଓ ଅନ୍ୟାମାନେ ଉପସ୍ଥିତ ଥିଲେ। ଏଥିରେ ଇ ଫାମାର୍ସୀ ଓ ଅନ୍‌ଲାଇନ ଔଷଧ ବ୍ୟବସାୟ ଦ୍ୱାରା ପ୍ରକୃତ ଔଷଧ ଠିକଣା ସମୟରେ ରୋଗୀଙ୍କ ନିକଟରେ ପହଞ୍ଚି ପାରିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। କେବଳ ଏତିକି ନୁହେଁ ନିଶା ଔଷଧର ବହୁଳ ବ୍ୟବହାର ଓ ଦୁରୁପଯୋଗ ବଢିବା ନେଇ ଆଶଂକା ବ୍ୟକ୍ତ କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଦୋକାନୀଙ୍କଠାରୁ ଯେଉଁ ପରାମର୍ଶ ସୁବିଧା ମିଳୁଥିଲା ତାହା ମଧ ସମ୍ଭବ ହେବ ନାହିଁ। ଏପରି ବ୍ୟବସ୍ଥା ଦ୍ୱାରା ଉଭୟ ଦୋକାନୀ ଓ ସାଧାରଣ ଜନତା କ୍ଷତିଗ୍ରସ୍ତ ହେବେ ବୋଲି ଆସୋସିଏଶନ କର୍ମକର୍ତ୍ତା କହିଥିଲେ। ଏନେଇ ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଗଠନ ଡାକରାରେ ସୁନ୍ଦରଗଡ ଜିଲା ଔଷଧ ବ୍ୟବସାୟୀ ଆସନ୍ତା ୨୭ ତାରିଖ ରାତ୍ରିରୁ ୨୮ ତାରିଖ ମଧ ରାତ୍ର ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ କେବଳ ଡାକ୍ତରଙ୍କ ଦ୍ୱାରା ପ୍ରେରିତ ଚିଠା ଅନୁସାରେ ଅତି ଜରୁରି ଔଷଧ ସଂଘର ଅନୁମତିକ୍ରମେ ଯୋଗାଇ ଦେବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

# ଠିକା ଶ୍ରମିକଙ୍କୁ ପୁରସ୍କାର ନାଁରେ ପ୍ରହସନ

ରାଉରକେଲା ଅଫିସ,୨୧। ୯

ଇସ୍ପାତ କାରଖାନାରେ ଉତ୍ପାଦନ ଓ ଉତ୍ପାଦକତା ଭିତ୍ତିକ ବିଭାଗୀୟ ମରାମତି କାର୍ଯ୍ୟରେ ନିୟୋଜିତ ଦକ୍ଷ ଠିକା ଶ୍ରମିକଙ୍କୁ ପୁରସ୍କାର ନାଁରେ ପ୍ରତାରିତ କରାଯାଉଛି। ଏହାକୁ ଏକ ପ୍ରହସନ ବୋଲି ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ବିବୃତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆର୍‌ଏସ୍‌ପିର ବିଭିନ୍ନ ଭିଭାଗରେ ସ୍ଥାୟୀ କାମରେ ଠିକା ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ଯେଉଁମାନଙ୍କ କାର୍ଯ୍ୟ ଦକ୍ଷତା କୌଣସି ଗୁଣରେ ସ୍ଥାୟୀ କର୍ମଚାରିଙ୍କ ଠାରୁ ନ୍ୟୂନ ନୁହେଁ। ଅନେକ ଜଟିଳ ତଥା ବୈଷୟିକ କ୍ଷେତ୍ରରେ ନିୟୋଜିତ ଠିକା କର୍ମଚାରୀ ଧାର୍ଯ୍ୟ ସମୟରେ ପ୍ରତ୍ୟେକ କାର୍ଯ୍ୟ ଶେଷ କରୁଛନ୍ତି। ଯାହା ଅତ୍ୟନ୍ତ ପ୍ରଶଂସନୀୟ। ଏପରି ଅବସ୍ଥାରେ ସମ୍ପୃକ୍ତ ଠିକା ଶ୍ରମିକଙ୍କୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଯେଉଁ ଢଙ୍ଗରେ ପୁରସ୍କାର ପ୍ରଦାନ କରୁଛନ୍ତି। ଯେଉଁ ଠିକା ଶ୍ରମିକଙ୍କ ଶ୍ରମ ଓ ସାଧନା ଯୋଗୁ ଏପରି ସଫଳତା ମିଳୁଛି ସେମାନଙ୍କ ନାମ କିମ୍ବା

**ଏଚ୍‌ଏମ୍‌ଏସ୍‌ର ଅଭିଯୋଗ**

ଫଟୋ ଗଣ ମାଧ୍ୟମରେ ପ୍ରକାଶ ପାଉ ନାହିଁ। ବଦଳରେ ବିଭାଗୀୟ ଅଧିକାରୀ, ତାଙ୍କ ପଦ ଓ ସଫଳତାର ଗାଥା ପ୍ରଚାର କରୁଛି ଆରଏସପି।

ଜଣେ ସ୍ଥାୟୀ କର୍ମଚାରିଙ୍କ ଠାରୁ ୮ଗୁଣା କମ ପାରିଶ୍ରମିକ ପାଇ କର୍ତ୍ତୃପକ୍ଷଙ୍କ ଆର୍ଥିକ ବୋଝକୁ ଲାଘବ କରୁଥିବା ଠିକା ଶ୍ରମିକଙ୍କ ପ୍ରତି ଏଭଳି ଆଚରଣ ଆଦୌସମୀଚୀନ ନୁହେଁ ବୋଲି ସେ କହିଛନ୍ତି। ଯେଉଁ କାମକୁ ସ୍ଥାୟୀ ଶ୍ରମିକ କରିବା କଥା ସେଠାରେ ସ୍ୱଳ୍ପ ଦରମା ପାଉଥିବା ଠିକା ଶ୍ରମିକ ଲଗାଇ ନିଜ ଉଦ୍ଦେଶ୍ୟ ପୂରଣ କରୁଥିବା ଆର୍‌ଏସ୍‌ପି କାହିଁକି ଦକ୍ଷ କର୍ମଚାରୀଙ୍କ ଫଟୋ ଓ ନାମ ଗଣମାଧ୍ୟମରେ ପ୍ରକାଶ କରୁ ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସମ୍ପୃକ୍ତ ଠିକା ସଂସ୍ଥା ଓ ଠିକାଦର ନୀରବ ରହିବା ଶ୍ରମିକଙ୍କ ପ୍ରତି ଅନ୍ୟାୟ ବୋଲି ମହାନ୍ତି କହିଛନ୍ତି। ଆର୍‌ଏସ୍‌ପିର ବିଭିନ୍ନ ବିଭାଗରେ ଠିକା ଶ୍ରମିକଙ୍କୁ ଗୁରୁତ୍ୱପୂର୍ଣ୍ଣ କାମରେ ନିୟୋଜିତ କରି କର୍ତ୍ତୃପକ୍ଷ ଫାଇଦା ଉଠାଉଛନ୍ତି। ଏପରି ଅବସ୍ଥାରେ ସମ୍ପୃକ୍ତ ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଦରମା ଦିଆଯାଉଛି। ଆର୍‌ଏସ୍‌ପି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା। ଠିକା ଶ୍ରମିକଙ୍କ ସମସ୍ୟା ବୁଝିବାକୁ କେନ୍ଦ୍ରୀୟ ଶ୍ରମ ବିଭାଗ ରହିଛି। ଏହା ସତ୍ତ୍ୱେ ଏମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଦରମା ପ୍ରଦାନ କରିବା ଚଞ୍ଚକତା ନୁହେଁ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ସ୍ଥାୟୀ କାମରେ ଠିକା ଶ୍ରମିକ ନିୟୋଜିତ କରାଯାଇଉଛି, ତାହେଲ ସମାନ କାମକୁ ସମାନ ଦରମା ଦିଅ ବୋଲି ସେ ଦାବି କରିଛନ୍ତି। ଏଥିସହ ଯେଉଁ ଠିକା ଶ୍ରମିକ କାରଖାନାର ସଫଳତାରେ ସହଭାଗୀ ହୋଇ ନିଜ ଉତ୍କର୍ଷ ପ୍ରତିପାଦନ କରୁଛି ତାଙ୍କ ଫଟୋ ସହ ଖବର ପ୍ରକାଶ କରାଯିବା ଉଚିତ ବୋଲି ମହାନ୍ତି କହିଛନ୍ତି।

## ମୋ ରାଉରକେଲା

# ମାନବୀୟ ମୂଲ୍ୟବୋଧର ସାଇତା ସହର



–ଭୂପେନ ମହାପାତ୍ର, ସାହିତ୍ୟିକ

ଗୋଟିଏ ଅନିର୍ବଚନୀୟ ସୁଷମା। ପାହାଡ, ପର୍ବତ ଘଞ୍ଚ ସବୁଜ ଅରଣ୍ୟର ଅପରୂପ ଶୋଭାରାଜି ସାଙ୍ଗକୁ ଭୟଙ୍କର ଗର୍ଜୁଥିବା ଯନ୍ତ୍ର ଦାନବର ସବୁଜିମା ସହର। ବହୁ ଭାଷା, ସଂସ୍କୃତି, ପରମ୍ପରାର ସାମଞ୍ଜସ୍ୟ ଓ ଐକ୍ୟ ସମତା ଏ ସହରକୁ ଋଦ୍ଧିମନ୍ତ କରିଛି। ଏଠୁ ଅନେକ କିଛି ପାଇଥିବାର ତୃପ୍ତି ମୋତେ ଆତ୍ମ ସନ୍ତୋଷରେ ଭରି ଦେଇଛି। ଗତ ଷାଠିଏ ଦଶକ ପ୍ରଥମ ପାଦର ରାଉରକେଲା ଆଜି ମୋ ସ୍ମୃତି ପଟରେ ଉଙ୍କିମାରେ। ଜହ୍ନଠୁ ଆହୁରି ତୋରା। ଆଜି ବଢିଛି କଳେବର। ନୂତନ ପରିପାଟିରେ ସଜେଇ ହେଉଛି ଏ ସହର। ପର ଆପଣା ଭେଦ ଭୁଲି ସମସ୍ତଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ଏ ମାଟି। ମହିମା ମଣ୍ଡିତ ଷ୍ଟିଲ ସିଟି ବାସିନ୍ଦା ଯେମିତି ମହାଭାରତୀୟତାର ମଧୁର ବାସ୍ନାରେ ଛନ୍ଦି ହୋଇ ପଡିଛନ୍ତି। ଆଗକୁ ବଢୁଛନ୍ତି। ମଣିଷ ପଣିଆର ମହକ ରହିଛି ଏଠି। ସାହିତ୍ୟ, ସଂସ୍କୃତି ଓ ରଙ୍ଗମଞ୍ଚ ସହ ଆଦିମ ପରମ୍ପରାର ନିବିଡ଼ ସମ୍ପର୍କ ଋଦ୍ଧିମନ୍ତ କରିଛି ସହରୀ ଜୀବନକୁ। ଅଫୁରନ୍ତ ଆତ୍ମାର ମହାମିଳନ ଏକ ବିଂଶ ଶତାବ୍ଦିକୁ ନୂଆ ରୂପ ଦେବାରେ ଲାଗିଛି। ସ୍ନେହ ପ୍ରେମ ଭଲ ପାଇବାର ସ୍ୱର୍ଗୀୟତା ମୁଁ ଏଠି ଅନୁଭବ କରିଛି। ମାନବୀୟ ମୂଲ୍ୟବୋଧର ଏ ହେଉଛି ଏକ ସାଇତା ସହର। ରଙ୍ଗତୂଳୀରେ ଚିତ୍ରିତ ପ୍ରତିମା, କାଗଜ କଲମରୁ ଝରୁଥିବା କାବ୍ୟ କବିତା ଓ ଅଜଣା ମଣିଷର ମାର୍ମିକ ସମ୍ବେଦନଶୀଳତା ମୋତେ ଏଠି ବାନ୍ଧି ରଖିଛି। ଖୁବ ଭଲପାଏ ମୁଁ ଏ ସହରକୁ।

# ସାଥୀ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ଅଭିଯାନ

ରାଉରକେଲା ଅଫିସ,୨୧।୯



ସାମାଜିକ ସଂଗଠନ ସାଥୀ ପକ୍ଷରୁ ଶୁକ୍ରବାର ପ୍ଲାଷ୍ଟିକ ଫ୍ରି ନେଇ ଟ୍ରାଫିକ ଗେଟ ନିକଟ ବଜାରରେ ବ୍ୟବସାୟୀମାନଙ୍କୁ ସଚେତନ କରାଯାଉଛି।

ଆସନ୍ତା ୨ ଅକ୍ଟୋବର ଗାନ୍ଧି ଜୟନ୍ତୀରୁ ସହରରେ ପ୍ଲାଷ୍ଟିକ ବର୍ଜନ ନେଇ ସଚେତନତା ଜାରି ରହିଥିବା ବେଳେ ଶୁକ୍ରବାର ସାମାଜିକ ସଂଗଠନ ସାଥୀ ପକ୍ଷରୁ ସଭାପତି ତଥା ଆଇନଜୀବୀ ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଟ୍ରାଫିକ ଗେଟ ନିକଟ ବଜାରରେ ପ୍ଲାଷ୍ଟିକ ଫ୍ରି ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଫଳ ମାର୍କେଟ, ପରିବା ମାର୍କେଟ ଓ ଫୁଟ୍‌ପାଥ ବିକ୍ରେତା ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ସାହୁ ଓ ସଂଗଠନର ଅନ୍ୟ କର୍ମକର୍ତ୍ତା ପ୍ଲାଷ୍ଟିକର ଅପକାରିତା ଓ ଏହାର ଭୟାବହତା ନେଇ ଉପସ୍ଥିତ ବ୍ୟବସାୟୀଙ୍କୁ ସଚେତନ କରାଇଥିଲେ। ଏପରି କି ପଲିଥିନ, ପ୍ଲାଷ୍ଟିକ କପ୍, ଗ୍ଲାସ, ବୋତଲ ଆଦି କିପରି ପରିବେଶକୁ ନଷ୍ଟ କରୁଥିବା କର୍ମକର୍ତ୍ତା ବ୍ୟବସାୟୀଙ୍କୁ କହିଥିଲେ। ଏସବୁ ବନ୍ଦ କରାଯିବା ପରେ ମହାନଗର ନିଗମ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା ନେଇ ତତ୍ପରତା ଦେଖାଇବା ଉଚିତ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ସୌଦାମିନୀ ଜେନା, ଜସ୍ମିତା ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସ୍ୱାଗତିକା ମହାନ୍ତି ପ୍ରମୁଖମ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ବାରିକ, ଗଣେଶ ସୋନକର, ରଜନୀକାନ୍ତ ସ୍ୱାଇଁ, ବସନ୍ତ ପାଠୀ, ଶ୍ରୀକାନ୍ତ ନାୟକ ଓ ଦିଲୀପ ସୋନକର ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ପଞ୍ଚାୟତ କଲେଜରେ ଶୋକସଭା

ବୌଦ୍ଧ,୨୧।୯(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରଥମ ଅଧ ଡା. ସୋମନାଥ ମିଶ୍ରଙ୍କ ବିୟୋଗରେ ମହାବିଦ୍ୟାଳୟଠାରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବରୁଧର ଭୋଇ ଅଧ୍ୟକ୍ଷତା କରିଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶୋକସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ର ପଞ୍ଚାୟତ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବେ ୧୯୭୮ରୁ ୧୯୭୯ ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିଲେ । ପରେ ୧୯୯୩ ମସିହାରେ ସେ ଟିଟିଲାଗଡ ମହାବିଦ୍ୟାଳୟରୁ ରାଜନୀତି ପ୍ରାଧ୍ୟାପକ ଭାବେ ଅବସର ନେଇଥିଲେ । ସ୍ୱର୍ଗତ ମିଶ୍ରଙ୍କ ନିଜ ଘର ବୌଦ୍ଧ ଜିଲା ଶିମିଳିପଦର ଗାଁରେ । ୮୫ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ଆନ୍ତଃ ଏକାଡେମୀ ହକି ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା ଅଫିସ,୨୧।୯

ପାନପୋଷ କ୍ରୀଡ଼ା ଛାତ୍ରାବାସ ପରିସରରେ ଶୁକ୍ରବାର ଆନ୍ତଃ ଏକାଡେମୀ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ପାନପୋଷ ସହକାରୀ ଉପଜିଲାପାଳ ସୁଶାନ୍ତ ବେହେରା, ଜାତୀୟ ହକି ପ୍ରଶିକ୍ଷକ ହରମୋହନ ଲାକ୍ରା, ଦୋଣାଚାର୍ଯ୍ୟ ପୁରସ୍କାର ବିଜେତା ନରେନ୍ଦ୍ର ସିଂ ସାଇନି, ସ୍ମାର୍ଟ ସିଟି ଲିଃ କନସଲଟାନ୍ସି ମହାପ୍ରବନ୍ଧକ ବିଜେନ୍ଦ୍ର ସିଂ ପ୍ରମୁଖ ଅତିଥି ଭବେ ଯୋଗ ଦେଇଥିଲେ। ପାନପୋଷ କ୍ରୀଡ଼ା ସଂଗଠନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ଖେଳ ନୂଆଦିଲ୍ଲୀର ଜାତୀୟ ହକି ଏକାଡେମି ଓ ପାନପୋଷ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଖେଳାଯାଇଥିଲା। ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ଏହି ଖେଳ ଶେଷରେ ୨–୨ ଗୋଲରେ ଏହା ଅମିମାଂସୀତ ରହିଥିଲା। ଉଦ୍‌ଘାଟନୀ ଉତ୍ସବ ଉପଲକ୍ଷେ ଆୟୋଜିତ ପ୍ରଥମ ଦିନର ଦ୍ୱିତୀୟ ଖେଳ ଭୋପାଳ ହକି ଏକାଡେମି ଓ ରାଉରକେଲା ସେଲ ହକି ଏକାଡେମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେଲ ହକି ଏକାଡେମି ୬–୨ ଗୋଲ ବ୍ୟବଧାନରେ ଭୋପାଳକୁ ହରାଇ ବିଜୟୀ ହୋଇଥିଲା। ଏହି ଦୁଇଟି ଖେଳକୁ ସୁମନ ଚୌଧୁରୀ, ରୂବେନ ବିଲୁଙ୍ଗ, ଆକାଶ ଏକ୍କା, ବିରାଜ ଟପ୍ପୋ ଓ ରମନଦୀପ ଲାକ୍ରା ପରିଚାଳନା କରିଥିଲେ।



ଆନ୍ତଃ ଏକାଡେମୀ ହକି ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

# ବୃଦ୍ଧାଙ୍କୁ ହତ୍ୟା ସନ୍ଦେହ: ଥାନାରେ ଅଭିଯୋଗ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧିନ ରାଜଗାଙ୍ଗପୁର ଝୁମ୍ପୁଡିପଡାଠାରେ କରମା ପର୍ବ ପାଳନ ବେଳେ ବିଳମ୍ବିତ ରାତ୍ରିରେ ଜନୈକା ୫୦ ବର୍ଷ ମହିଳାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଝୁମ୍ପୁଡିପଡାରେ କରମା ପର୍ବ ପାଳନ କରାଯାଇଥିଲା। ଶୁକ୍ରବାର ସକାଳେ ଝୁମ୍ପୁଡିପଡାର ମୁନି ଗୋସାଇଁଙ୍କ ମୃତଦେହ ଏକ ପରିତ୍ୟକ୍ତ ସ୍ଥାନରେ ଉଲଂଗ୍ନ ଅବସ୍ଥାରେ ପଡିଥିବା ଦେଖି ଗ୍ରାମବାସୀ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଘର ଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦକ୍ଷିଣ ରାଉରକେଲା ଅବସର ସେଲ୍ କର୍ମଚାରୀ ସଂଘ ବୈଠକ

ରାଉରକେଲା ଅଫିସ. ୨୧। ୯

ଫର୍ଟିଲାଇଜର ଟାଉନଶିପ୍‌ଠାରେ ଥିବା କଳିଙ୍ଗ କ୍ଲବ ପରିସରରେ ଶୁକ୍ରବାର ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ହରିହର ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ ଯେ, ଦକ୍ଷିଣ ରାଉରକେଲା ଅଞ୍ଚଳରେ ବସବାସ କରୁଥିବା ଅବସରପ୍ରାପ୍ତ ଆର୍‌ଏସ୍‌ପି ତଥା ସେଲ କର୍ମଚାରୀ ସଂଗଠନରେ ସାମିଲ ହେବା ଆବଶ୍ୟକ। ଅବସର କର୍ମଚାରୀଙ୍କ ଗୃହ ଓ ଚିକିତ୍ସା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫର୍ଟିଲାଇଜର ଟାଉନଶିପ୍‌ର ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍, ଚିକିତ୍ସା ବ୍ୟବସ୍ଥାର ସମାଧାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସ୍ଥାନୀୟ ଇସ୍ପାତ ହସ୍ପିଟାଲରେ ଆବଶ୍ୟକୀୟ ଔଷଧ ମିଳୁ ନ ଥିବା ବେଳେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଅଭାବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଟାଉନ୍‌ସିପର ଅନେକ ପରିତ୍ୟକ୍ତ ସ୍ଥାନ ଖୋଲା ପଡିଥିବା ବେଳେ ଏଥିରେ ବୃକ୍ଷରୋପଣ କରାଯିବା ନେଇ ଉପସ୍ଥିତ ସଂଘ ସଦସ୍ୟ ଦାବି କରିଥିଲେ। ଅଞ୍ଚଳର ବିକାଶ ନେଇ ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚାନ୍ଦମଣି ନାୟକ, ଶ୍ରୀନାଥ ନାୟକ, ଗୌରାଙ୍ଗ ଦାସ, ମୁରଲୀ ଗୌଡ଼, ମଧୁସୂଦନ ମୁଦୁଲି, ପ୍ରମୋଦ ବେହେରା, ଉଦିତ ଅମାତ, ଲୋକନାଥ ଦାସ, ସୁଧାକର ମଲ୍ଲିକ ଓ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ତୃଣମୂଳସ୍ତରରୁ କଂଗ୍ରେସକୁ ସୁଦୃଢ଼ କରାଯିବ

ରାଉରକେଲା ଅଫିସ. ୨୧। ୯

ବିଧାୟକ ଜର୍ଜ ତିର୍କୀ ନୂଆଦିଲ୍ଲୀରୁ ଗୁରୁବାର ସନ୍ଧ୍ୟାରେ ରାଉରକେଲା ଫେରିବା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତର୍କୀ କହିଥିଲେ, ସମସ୍ତଙ୍କୁ ସାଙ୍ଗରେ ନେଇ ଦଳକୁ ସୁଦୃଢ କରିବାକୁ ପଡିବ। କଂଗ୍ରେସ ଏକ ସର୍ବ ପୁରାତନ ଜାତୀୟ ଦଳ। ଏହାର ଗୌରବ ଇତିହାସକୁ ଆଜି ବି ଅନେକ ଭଲ ପାଆନ୍ତି। ଜିଲାର ସାମୂହିକ ଉନ୍ନତି ପାଇଁ ଦଳୀୟ ବାଦବିବାଦରୁ ଉର୍ଦ୍ଧ୍ୱରେ ରହି ଏକାଠି କାମ କରିବାକୁ ପଡିବ ବୋଲି ସେ କହିଥିଲେ। ସଭାପତି ରାୟ କହିଥିଲେ, ଜର୍ଜ ତିର୍କୀଙ୍କ ପରି ଜଣେ ଟାଣୁଆ ନେତା କଂଗ୍ରେସରେ ଯୋଗଦେବା ପରେ ଦଳ ଅଧିକ ଶକ୍ତିଶାଳୀ ହୋଇଛି। ନେତା କର୍ମୀଙ୍କ ମନରେ ଉତ୍ସାହ ବୃଦ୍ଧି ପାଇଛି। ଆଦିବାସୀଙ୍କ ପାଇଁ ସର୍ବଦା ସଂଗ୍ରାମ କରି ଆସିଥିବା ଜର୍ଜ ଆଗାମୀ ଦିନରେ ତାଙ୍କ କାର୍ଯ୍ୟଧାରା ଅବ୍ୟାହତ ରଖିବେ ବୋଲି ରାୟ ଆଶା ବ୍ୟକ୍ତ କରିଥିଲେ। ଏଥିରେ କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ସକବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଜିଲାରେ କଂଗ୍ରେସ ସଂଗଠନକୁ ଶକ୍ତିଶାଳୀ କରି ସାଧାରଣ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟାରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ପ୍ରଭାତୀ ମିଶ୍ର, ଗୋପାଳ ଦାସ, ରାମପୁକାର ସିଂ, ମହିପାଳ ବାଗ, ଯୁବ ନେତା ପ୍ରବୋଧ ଦାସ, କୀର୍ତ୍ତନ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ଜର୍ଜ ତିର୍କୀଙ୍କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।



ଅତିଥିମାନଙ୍କୁ ନୃତ୍ୟ ଗୀତରେ ପାଛୋଟି ନିଆଯାଉଛି।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ, ସାଂସ୍କୃତିକ କାର୍ଯ୍ୟକ୍ରମ

ରାଉରକେଲା ଅଫିସ, ୨୧। ୯

ସୁଶୀଳାବତୀ ମହିଳା ମହାବିଦ୍ୟାଳୟ ଓ ରାଉରକେଲା କଲେଜ ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭଞ୍ଜଭବନ ପରିସରରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ ଏକ ସାଂସ୍କୃତିକ ବିଚିତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରତ୍ୟେକ ସମ୍ପ୍ରଦାୟ ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ନେଇ ପ୍ରୟାସ ଜାରି ରଖିବା ଉଚିତ। ଛାତ୍ରୀଛାତ୍ର ପାଠ ପଢା ସହ ନିଜ ଐତିହ୍ୟ ଓ କୀର୍ତ୍ତି ରାଜି ସମ୍ପର୍କରେ ଜ୍ଞାନ ଆହରଣ କରନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱାଳ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ରବି ରାୟ ଯୋଗଦେଇ କହିଥିଲେ, ଭାରତର ସମ୍ବିଧାନର ପ୍ରଣେତା ଡ. ବିଆର୍ ଆମ୍ବେଡ଼କରଙ୍କ ନିଷ୍ଠା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପରାୟଣତା ଆଜି ଭାରତୀୟଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିଛି। ତାଙ୍କ ପରି ଜଣେ ବିଚକ୍ଷଣ ଯୋଗଜନ୍ମାଙ୍କ ଜୀବନୀ ସମ୍ପର୍କରେ ଛାତ୍ରୀଛାତ୍ର ଜ୍ଞାନ ଆହରଣ କରିବା ଉଚିତ ହେବ ବୋଲି ରାୟ କହିଥିଲେ। ପ୍ରାରମ୍ଭରେ ଆମ୍ବେଡ଼କରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ରାଉରକେଲା କଲେଜ ସଂଗଠନ କର୍ମକର୍ତ୍ତା ଦୀନେଶ ଲୋହାର, ଶୁଶୀଳାବତୀ ମହାବିଦ୍ୟାଳୟର ରାମନୀ ମାଝିଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ର ଏହାର ମଜା ଉଠାଇଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୨ ସେପ୍ଟେମ୍ବର, ୨୦୧୮



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନ ରହିପାରେ ।

- ଜର୍ଜ ବର୍ଣ୍ଣାଡ ଶ



## ସଂକ୍ଷେପରେ

### ଫୋନରେ ଧମକ ଦେଇ ଜଣେ ଗିରଫ

**ପଦ୍ମପୁର, ୨୧।୯(ଡି.ଏନ.ଏ.):** ଜଣେ ଖବରଦାତାଙ୍କୁ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପଦ୍ମପୁର ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସେକ୍ ମହମ୍ମଦ ୱାଜିଦ। ୱାଜିଦଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବରପାଲି, ୨୧।୯(ଡି.ଏନ.ଏ.):** ବରପାଲି ସହରର ଅଶୋକ କ୍ଲବ ପକ୍ଷରୁ ୪୪ତମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର କ୍ଲବର ପୂଜାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକକୁ ପ୍ରଫୁଲ୍ଲ ଦଫାଦାର ପରିଚାଳନା କରିଥିଲେ । ବୈଠକରେ ପୂର୍ବବର୍ଷର ବିବରଣୀ ଉପସ୍ଥାପନା ପୂର୍ବକ ଚଳିତବର୍ଷର ପୂଜା, ସାଜସଜ୍ଜା ଉପରେ ଆଲୋଚନା ହୋଇଥିଲା । ପରେ ନୂତନ ପୂଜା କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ପ୍ରଫୁଲ୍ଲ ଦଫାଦାର ଓ ସମ୍ପାଦକ ଦୀନସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ପୂଜାକର୍ତ୍ତା ଭାବେ ସନ୍ତୋଷ ସାହୁଙ୍କୁ ଚୟନ କରାଯାଇଥିଲା । ବୈଠକରେ ଗଜାନନ ମେହେର, କିଶୋର ଦଫାଦାର, ଗଜରାଜ ଗହୀର ପ୍ରମୁଖ ଉପସ୍ଥିତ ଥିଲେ ।

# ଚଟାଣରେ ଚାଲିଛି ରୋଗୀସେବା

**ବରଗଡ଼ ଅଫିସ୍, ୨୧।୯**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବହୁବିଧ ସମସ୍ୟା ଲାଗି ରହିଛି । ଏଠାରେ କେବଳ ଡାକ୍ତର କିମ୍ବା ଅତ୍ୟାଧୁନିକ ଚିକିତ୍ସା ଉପକରଣ ଅଭାବ ରହିଛି, ତାହା ନୁହେଁ । ଏହି ଡାକ୍ତରଖାନାରେ ଶଯ୍ୟାଭାବ ଏକ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଫଳରେ ଏଠାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା ଡାକ୍ତରଖାନାର ଚଟାଣରେ ଚାଲିଛି । ରୋଗୀଙ୍କ ସମ୍ପର୍କୀୟମାନେ ସାଙ୍ଗରେ ଆଣିଥିବା ମଶିଣାକୁ ଚଟାଣରେ ପକାଇଥିବାବେଳେ ସେଥିରେ ରୋଗୀ ଶୋଉଛନ୍ତି । ସେହିପରି ଚଟଣାକୁ ଲାଗି ରହିଥିବା ଝରକା କିମ୍ବା କଣ୍ଟାରେ ସାଲାଇନ ଝୁଲାଇ ରଖାଯାଉଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ରୋଗୀଙ୍କ ଶଯ୍ୟା ପାଲଟିଥିବା ଚଟାଣ ଦେଇ ଜୋତା ପିନ୍ଧି ଶହ ଶହ ଲୋକେ ଯାତାୟାତ କରୁଛନ୍ତି । ଫଳରେ ଚିକିତ୍ସା ପାଇଁ ଆସିଥିବା ସମ୍ପୃକ୍ତ ରୋଗୀ ଜଣକ ସୁସ୍ଥ ହେବା ପରିବର୍ତ୍ତେ ଅନ୍ୟ କୌଣସି ରୋଗରେ ସଂକ୍ରମିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଥିବାବେଳେ ଅନେକ ସମୟରେ ମନ୍ତ୍ରୀ, ବିଧାୟକ ଏବଂ ଜିଲାପାଳ ମଧ୍ୟ ଏଠାକୁ ଆସୁଛନ୍ତି । ମାତ୍ର ବର୍ଷ ବର୍ଷ ଧରି ଡାକ୍ତରଖାନାରେ ଦେଖାଯାଇଥିବା ଶଯ୍ୟାଭାବ ସମସ୍ୟା ସମାଧାନ ହୋଇପାରୁନାହିଁ। ଅନ୍ୟପଟେ ଡାକ୍ତରଖାନା ପରିସରରେ ୬ମହଲା ବିଶିଷ୍ଟ ନୂତନ ଭେଷଜ ଓ ଶିଶୁରୋଗ ବିଭାଗ ନିର୍ମାଣ ସରିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏପରିକି ୨୦୧୬ ନଭେମ୍ବର ୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରେ ଅନୁଷ୍ଠିତ ବିଜୁ ଜନ୍ମ ଶତବାର୍ଷିକୀ ତଥା ଓଡ଼ିଶା ପ୍ରଦେଶ ଗଠନ ୮୦ବର୍ଷ ପୂର୍ତ୍ତି ସମାରୋହକୁ ଆସି ଏହି ବିଭାଗକୁ ଉଦଘାଟନ ମଧ୍ୟ କରି ସାରିଛନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟକୁ ଆଉ ୨ମାସ ପରେ ୨ବର୍ଷ ପୂରିବ। ତଥାପି ସେହି ନବନିର୍ମିତ କୋଠାଘରେ ଜଣେ ହେଲେ ରୋଗୀଙ୍କ ଚିକିତ୍ସା ହୋଇପାରି ନାହିଁ । ଅଗ୍ନିଶମ ବିଭାଗର ଫାୟାର ସେଫ୍ଟି ସାର୍ଟିଫିକେଟ୍ ମିଳୁ ନ ଥିବା ଯୋଗୁ ସେଭଳି ପରିସ୍ଥିତି ଉପୁଜିଛି । ତେବେ ଅଳ୍ପ କେଇମାସ ହେଲା, ସେହି କୋଠାଘରର ତଳମହଲା କେବଳ ଡାକ୍ତରଖାନାର ସହାୟତା କେନ୍ଦ୍ର ପାଲଟିଛି ।






ଖାଲି ପଡ଼ିଥିବା ଜିଲା ମୁଖ୍ୟ ଡାକ୍ତରଖାନାର ୬ମହଲା ବିଶିଷ୍ଟ କୋଠାଘର (ବାମ) । ଜିଲା ମୁଖ୍ୟ ଡାକ୍ତରଖାନାରେ ଶଯ୍ୟାଭାବ ଯୋଗୁ ଚଟାଣରେ ରୋଗୀ ଚିକିତ୍ସିତ ହେଉଛନ୍ତି ।

ସହରର କେନ୍ଦ୍ରସ୍ଥଳରେ ଏହି ଡାକ୍ତରଖାନା ରହିଥିବା ବେଳେ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ବରଗଡ଼ ସମେତ ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲା ଏବଂ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରୋଗୀମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏଠାକୁ ଦୈନିକ ୭୦୦ରୁ ୮୦୦ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ୨୨୦ରୁ ୨୩୦ଜଣ ରୋଗୀ ଆଡମିଶନ ହେଉଛନ୍ତି। କିନ୍ତୁ ଡାକ୍ତରଖାନାରେ ମାତ୍ର ୯୧ଟି ଶଯ୍ୟା ରହିଥିବାରୁ ସାଧାରଣ ରୋଗୀ, ପ୍ରସୂତୀ, ଗର୍ଭବତୀ ମହିଳାଙ୍କ ଚିକିତ୍ସା ମଧ୍ୟ ଚଟାଣରେ ଚାଲିଛି । ଏ ସମ୍ପର୍କରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ବରଗଡ଼-ଭଟଲି ରାସ୍ତାର ଖେଦାପାଲି ନିକଟରେ ୪୬୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଆପାତତଃ ସରି ଯାଇଛି । ତାକୁ ଯେତେଶୀଘ୍ର କାର୍ଯ୍ୟକ୍ଷମ କରିହେବ, ସେ ନେଇ ପଦକ୍ଷେପ ନିଆଯାଉଛି । ତାହା କାର୍ଯ୍ୟକ୍ଷମ ହେଲେ ଆଉ ଶଯ୍ୟାଭାବ ରହିବ ନାହିଁ ବୋଲି ଆଚାର୍ଯ୍ୟ କହିଥିଲେ ।

**ବରଗଡ଼ ଜିଲା**

- ମୁଖ୍ୟ ଡାକ୍ତରଖାନାରେ ଶଯ୍ୟାଭାବ ନିତିଦିନିଆ ଘଟଣା
- ଅଭିଯୋଗ ପରେ ବି ପ୍ରତିକାର ନାହିଁ
- ଖାଲି ପଡ଼ିଛି ୬ ମହଲା କୋଠାଘର
- ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନଜର

### ଭିନ୍ନକ୍ଷମ ସ୍କୁଲରେ ସ୍ୱ ଓକିଲାତି କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୨୧।୯**

ବରଗଡ଼ ଭିନ୍ନକ୍ଷମ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱ ଓକିଲାତି (ସେଲ୍ଫ ଆଡ଼ଭୋକେସି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡିଏସଏସଓ ନବକୃଷ୍ଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସୋନପୁରର ଡିଏପିପିଡବ୍ଲୁଡି କାର୍ଯ୍ୟକ୍ରମ ସଂଯୋଜକ ଅନଙ୍ଗ ନେଗୀ, ପ୍ରଧାନଶିକ୍ଷକ ମେଘନାଦ ସାହୁ, କିଶୋର ଚନ୍ଦ୍ର ସାହୁ, ଅଭୟ ପ୍ରଧାନ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିକାଶ ଦିପ୍ତୀର କାର୍ଯ୍ୟକ୍ରମ ସଂଯୋଜକ ଅନ୍ତର୍ଯାମୀ ସାହୁ, ବରିଷ୍ଠ ଶିକ୍ଷକ ନେପାଳ ଦୁଆନ, ବିଆରଟି ବିଭୁଦତ୍ତ ଖମାରୀ, କଳ୍ପନା ବଘାର, ବୀଣାପାଣି ମିଶ୍ର, ସ୍ୱେଚ୍ଛାସେବୀ ସାନନ୍ଦ ନାଗ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ମେଘନାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନେଗୀ ଦିବ୍ୟାଙ୍ଗମାନଙ୍କ ପାଇଁ ରହିଥିବା ଆଇନର ଦିଗ, ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ନ୍ୟାଶନାଲ ଟ୍ରଷ୍ଟ ପକ୍ଷରୁ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଦୁଃଖିସେବକ ସାହୁ, ସାନନ୍ଦ ନାଗ ବହୁବିଧ ଅକ୍ଷମତା ପିଲାମାନେ କିଭଳି ବିଭିନ୍ନ ସୁବିଧା ସୁଯୋଗ ମାଧ୍ୟମରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେଥିପ୍ରତି ମା,ବାପା ମାନଙ୍କୁ ସଚେତନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଗୁଣନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ଧବାହାଲ ପଞ୍ଚାୟତର ସରପଞ୍ଚ ଓ ଗ୍ରାମ ରୋଜଗାର ସେବକଙ୍କ ମନମୁଖୀ କାର୍ଯ୍ୟ

# ନାଏବ ସରପଞ୍ଚ, ୱାର୍ଡ ମେମ୍ବର ପଞ୍ଚାୟତକୁ ତାଲା ପକାଇଲେ

**ବାଲିଶଙ୍କରା, ୨୧।୯ (ଡି.ଏନ.ଏ)–**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବନ୍ଧବାହାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ତରଣୀସେନ ଦଣ୍ଡସେନା ଓ ଗ୍ରାମ୍ୟ ରୋଜଗାର ସେବକ ସୁଜିତ କୁମାର ଦାଶ ମନମୁଖୀ କାର୍ଯ୍ୟ କରି ଚାଲିଛନ୍ତି। ଏଥିରେ ଅତିଷ୍ଠ ହୋଇ ନାଏବ ସରପଞ୍ଚ ସୂର୍ଯ୍ୟକାନ୍ତି କାଲୋଙ୍କ ନେତୃତ୍ୱରେ ସମସ୍ତ ୱାର୍ଡ ମେମ୍ବର ଓ ପଞ୍ଚାୟତବାସୀ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଶୁକ୍ରବାର ତାଲା ପକାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଭା କରି ସେମାନେ ସରପଞ୍ଚଙ୍କ ବିରୋଧରେ କହିଥିଲେ। ସରପଞ୍ଚ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନିଜ ଇଚ୍ଛା ମୁତାବକ କରିବା ସହିତ ନାଏବ ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କୁ ବେଖାତିର କରିବା ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଅନେକ ହିତାଧିକାରୀ ହଇରାଣ ହରକତ ହୋଇ ଘରକୁ ଫେରୁଥିବା, ଅପରପକ୍ଷେ ଗ୍ରାମ ରୋଜଗାର ସେବକଙ୍କ ମାତ୍ର ଦୁଇଟି ଗ୍ରାମ ନିକିବନ୍ଧ ଓ ବିଜାଡିହିରେ ଏମଜିଏନଆରଇଜିଏସ କାର୍ଯ୍ୟ ଜାରିରଖି ଚଳାଉଥିବାବେଳେ ଅନ୍ୟ ଗ୍ରାମ ଗୁଡିକର ଅନେକ ହିତାଧିକାରୀ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କର୍ତ୍ତବ୍ୟରେ ଅବହେଳା ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇଛୁ ବୋଲି ସମସ୍ତେ ପ୍ରକାଶ କରିଥିଲେ। ଏହି ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକା କାର୍ଯ୍ୟକ୍ରମରେ ସମିତି ମେମ୍ବର କିଶୋର ଚନ୍ଦ୍ର ଚୌଧୁରୀ, ୱାର୍ଡ ମେମ୍ବର ତପସ୍ୱିନୀ ତନ୍ତି, ସୌମେତ୍ରୀ ପଟେଲ, ସରୋଜିନୀ ଖାଲଖୋ, ଜୟମତୀ କିଷାନ, ଭଗବତୀ ମାକର, ଦଶମିଳା କାଲୋ, ଗୌରାଙ୍ଗ ତନ୍ତି, ଧରଣୀଧର ପାତର ସାମିଲ ଥିଲେ। ପଞ୍ଚାୟତବାସୀ ହେଲେ ନିଳାଦ୍ରୀ ରାଉତ, ଲକ୍ଷ୍ମୀଧର ଚୌଧୁରୀ, ପ୍ରଶାନ୍ତ ରାଉତ, ବୁଲୁ ବେହେରା, ବିରେନ୍ଦ୍ର ତନ୍ତିଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ରହି ସରପଞ୍ଚ ଓ ଗ୍ରାମ୍ୟ ରୋଜଗାର ସେବକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।



ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକେ ତାଲା ଦେଇବସିଛନ୍ତି।

# ଡାକ୍ତରଙ୍କୁ କାଉନସିଲରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ବେଲପାହାଡ଼, ୨୧।୯(ଡ଼ି.ଏନ୍.ଏ)**

**ବେଲପାହାଡ଼ ଥାନାରେ ମାମଲା**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦର କାଉନସିଲର ତଥା ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ନାୟକଙ୍କ ନାମରେ ଜଣେ ସରକାରୀ ଡ଼ାକ୍ତର ଦୁର୍ବ୍ୟବହାର ଓ ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ବେଲପାହାଡ଼ ଥାନାରେ ୩୫୩ ଓ ୫୦୬ ଦଫାରେ ଏକ ମାମଲା (ନଂ. ୧୬୬/୨୦୧୮) ରୁଜୁ ହୋଇଛି। ଗତ ଗୁରୁବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବେଲପାହାଡ଼ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର କେତେକ ଚିକିତ୍ସକ ଯୋଗ ଦେଇଥିଲେ। ଶିବିର ଚାଲିଥିବା ସମୟରେ ଜଣେ ବୃଦ୍ଧାଙ୍କ ଭିନ୍ନକ୍ଷମ ରିପୋର୍ଟ ପ୍ରସ୍ତୁତିକୁ ନେଇ କାଉନସିଲର କୈଳାସ ଚନ୍ଦ୍ର ନାୟକ ଓ ଅର୍ଥୋପେଡିକ ଚିକିତ୍ସକ ଡ଼ାକ୍ତର ତ୍ରିନାଥ ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ କାଉନସିଲର ନାୟକ ଡ଼ାକ୍ତର ପତିଙ୍କୁ କୁଆଡ଼େ ଦୁର୍ବ୍ୟବହାର କରିବା ସହିତ ଧମକ ଦେଇଥିଲେ। ଏଥିଯୋଗୁ ଶିବିରରେ ଥିବା ସମସ୍ତ ଚିକିତ୍ସକ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ପ୍ରାୟ ଏକ ଘଣ୍ଟା ଧରି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷଣ ବନ୍ଦ ହୋଇଯାଇଥିଲା । ପରେ ପୌରପରିଷଦ ଅଧ୍ୟକ୍ଷ ଓ ଅନ୍ୟ କର୍ମଚାରୀମାନେ ଡ଼ାକ୍ତରମାନଙ୍କୁ ଅନୁରୋଧ କରିବାରୁ ସେମାନେ କାର୍ଯ୍ୟରେ ଯୋଗଦେଇଥିଲେ। ଶିବିରରେ ଘଟିଥିବା ଏତାଦୃଶ ଅପ୍ରିତିକର ଘଟଣାକୁ ନେଇ ସନ୍ଧ୍ୟାରେ ଡ଼ାକ୍ତର ତ୍ରିନାଥ ପତି ବେଲପାହାଡ଼ ଥାନାରେ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଡ଼ାକ୍ତର ପତି ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ସେ ପ୍ରକୋଷ୍ଠରେ ବସିଥିବା ସମୟରେ କାଉନସିଲର ନାୟକ ତାଙ୍କୁ ଭେଟିବା ପାଇଁ ଆସିଥିଲେ ଏବଂ ୫୫ ପ୍ରତିଶତ ଭିନ୍ନକ୍ଷମ ରିପୋର୍ଟ ଲେଖାଯାଇଥିବା ଜଣେ ବୃଦ୍ଧାଙ୍କ ସପକ୍ଷରେ ଶତ ପ୍ରତିଶତ ଭିନ୍ନକ୍ଷମ ରିପୋର୍ଟ ଲେଖିବା ପାଇଁ ଦାବି କରିଥିଲେ । ଏଥିରେ ରାଜି ନ ହେବାରୁ ଦୁର୍ବ୍ୟବହାର କରିବା ସହିତ ଧମକ ଓ ଚେତାବନୀ ଦେଇଥିଲେ। ଏସଂକ୍ରାନ୍ତରେ ବେଲପାହାଡ଼ ଥାନା ଏସ୍ଆଇ ବି.କେ.ବେକ୍‌ଙ୍କୁ ପଚରା ଯିବାରୁ ଡ଼ାକ୍ତରଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହେଲା ପରେ ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ପଚାରିବା ପାଇଁ କାଉନସିଲର କୈଳାସ ଚନ୍ଦ୍ର ନାୟକଙ୍କ ସହିତ ଫୋନରେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା । ମାତ୍ର ତାଙ୍କ ଫୋନ୍ ସ୍ୱିଚ୍‌ଅଫ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ଅର୍ଜୁନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭଟଲି, ୨୧।୯(ଡି.ଏନ.ଏ):** ଭଟଲି ରାଜୀବ ଭବନ ପରିସରରେ ଶୁକ୍ରବାର ଖବରଦାତା ସ୍ୱର୍ଗତ ଅର୍ଜୁନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭଟଲି ନାଗରିକ ମଞ୍ଚର ଆହ୍ୱାନ କ୍ରମେ ସ୍ୱର୍ଗତ ସାହୁଙ୍କ ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁ, ଖବରଦାତା ଶଙ୍କର ବଲ୍ଲଭ ମିଶ୍ର, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ସୌଭାଗ୍ୟ ରଞ୍ଜନ ନାୟକ, କୋଶଳ ନେତା ବେଣୁଧର ମହାପାତ୍ର, ଗାନ୍ଧୀବାଦୀ ନେତା ବ୍ରହ୍ମାନନ୍ଦ ନାୟକ, ଗୋପାଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୀନକେତନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଜକିଶୋର ସାହୁ, ଜଗଦିଶ ସାହୁ, କୁଞ୍ଜବିହାରୀ ସାହୁ, ଅବଦୁଲ ଫାରୁକ୍ ଖାଁ, ସତ୍ୟବାଦୀ ପ୍ରଧାନ, ଅବଦୁଲ ଫାରୁକ ଖାଁଙ୍କ ସମେତ ବରଗଡ଼ ଜିଲା ସାମ୍ବାଦିକ ସଂଘ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ୍, ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ଏବଂ ଭଟଲି ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ଅନନ୍ୟ ପ୍ରୟାସ

# ‘ସ୍ୱପ୍ନ ଦେଖ ଲକ୍ଷ୍ୟ ହାସଲ କର, ସଫଳ ହୁଅ’

**କୋଲାବିରା, ୨୧।୯ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକର ସମାସିଂହା ସ୍ଥିତ କ୍ଷିରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମେଧାବୃତ୍ତି-ଭାଷାବୃତ୍ତିରେ କୃତୀ ଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଓ ମିଶନ ୨୦୧୯ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଭାଷାପ୍ରିତି , ସ୍ନେହ ଏବଂ ଅନୁରାଗକୁ ନେଇ ସରକାରଙ୍କ ଭାଷାପ୍ରେମ ଯୋଜନା ପ୍ରଣୟନ ହୋଇଥିଲା। ଏଥିମଧ୍ୟରୁ ମେଧା ବୃତ୍ତି ଏବଂ ଭାଷା ବୃତ୍ତି ଅନ୍ୟତମ। ଏହି କ୍ରମରେ ଚଳିତ ବର୍ଷ କୋଲାବିରା ବ୍ଲକରେ ଅନୁଷ୍ଠିତ ହୋଇଥିବା ମେଧାବୃତ୍ତି ଏବଂ ଭାଷା ବୃତ୍ତିରେରେ ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବିପୁଳ ସଂଖ୍ୟାରେ କୃତକାର୍ଯ୍ୟ ହୋଇଥିଲେ। ମେଧା ବୃତ୍ତିରେ ଶହେ ଜଣଙ୍କ ମଧ୍ୟରୁ ୩୩ ଜଣ ଛାତ୍ରୀ ଏବଂ ଭାଷାବୃତ୍ତିରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ଏହି ବିଦ୍ୟାଳୟର ଛାତ୍ରୀ କୃତୀତ୍ୱ ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରୀଙ୍କ ମନୋବଳ ବଢାଇବା ଉଦ୍ଦେଶ୍ୟରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ଯୋଗଦେଇ ନିଷ୍ଠା, ଏକାଗ୍ରତା ଏବଂ ଅଧ୍ୟବସାୟ ଫଳରେ ସବୁକିଛି ସମ୍ଭବ ବୋଲି ଅଭିହିତ କରିଥିଲେ। ଛାତ୍ରୀଗଣ ବହୁସଂଖ୍ୟାରେ କୃତୀ ହାସଲ କରି ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିଥିବାରୁ ସମସ୍ତ ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ତଥା ଅଭିଭାବକମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇବା ସହ ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହା ଏକ ବିରାଟ ସଫଳତା ବୋଲି କହିବା ସହିତ ଛାତ୍ରୀଙ୍କୁ ସ୍ୱପ୍ନ ଦେଖ ଲକ୍ଷ ହାସଲ କର, ସଫଳ ହୁଅ' ବୋଲି ଦିଗଦର୍ଶନ ଦେଇଥିଲେ। ସେହିପରି ବିଦ୍ୟାଳୟରେ ଅପୂରଣିୟ ହୋଇ ରହିଥିବା ଲେବୋରଟାରୀ ଏବଂ ଲାଇବ୍ରେରୀ ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ଘୋଷଣା କରିଥିଲେ। ଛାତ୍ରୀଙ୍କୁ ଅପୂର୍ବ କୃତିତ୍ୱକୁ ଦୃଷ୍ଟିରେ ରଖି ସେମାନଙ୍କ ପରିଶ୍ରମକୁ ଦେଖି ଏଇ ଲେବୋରଟାରୀ ଏବଂ ଲାଇବ୍ରେରୀ ଉତ୍ସର୍ଗୀକୃତ ବୋଲି ମୁକ୍ତକଣ୍ଠରେ ଘୋଷଣା କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଉପଦେଷ୍ଟା ଗୁରୁଚରଣ ସାହୁ, ପୂର୍ବତନ ସମ୍ପାଦକ ମଦନ ମୋହନ ପଟେଲ, ଗୌରୀଶଙ୍କର ନାଏକ, ଗୌତମ ନାଏକ, କୁଳଦୀପ ନେଟୀ, ଜେମାମଣୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥି କୋଲାବିରା ଗୋଷ୍ଠୀ ଶିକ୍ଷାଧିକାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ତାଙ୍କ ଚାକିରିକାଳ ଭିତରେ ଅବିଭକ୍ତ ସମ୍ବଲପୁରର ହାତୀବାରିଠାରେ ଥିବା ଉଚ୍ଚ ବିଦ୍ୟାଳୟ ସେ ସମୟରେ ଆଦର୍ଶ ବିଦ୍ୟାଳୟ ଭାବରେ ପରିଗଣିତ ହେଉଥିଲା। ଦୂରଦୂରାନ୍ତରୁ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ସେଇ ବିଦ୍ୟାଳୟକୁ ଧାଉଁଥିଲେ। ବର୍ତ୍ତମାନ ଗୁରୁକୂଳ ଆଶ୍ରମ ପରି ଚହଟୁଥିବା ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ବିଦ୍ୟାଳୟର ଶିକ୍ଷା ଶତପ୍ରତିଶତ ପାସହାର, ଅନୁଶାସନ, କ୍ରୀଡା ସବୁଥିରେ ଅଗ୍ରଣ ହୋଇ ଏକ ଆଦର୍ଶ ବିଦ୍ୟାଳୟର ଉଦାହରଣ ସୃଷ୍ଟି କରିଛି। ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରଶିକ୍ଷକ ଶଚିନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସାହୁ , ପୂର୍ଣ୍ଣଚନ୍ଦ୍ର ଚାନ୍ଦ, କୌଶଳ ଜୟପୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମିଶନ ୨୦୧୯ ନାମକ ଏକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟରତ ଛାତ୍ରୀମାନେ ଭବିଷ୍ୟତର ପରିକଳ୍ପନା ବିଷୟରେ ନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥିଗଣ ମେଧାବୃତ୍ତି ଏବଂ ଭାଷା ବୃତ୍ତିରେ ସମସ୍ତ କୃତୀ ହାସଲ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା କାରିକଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ସେ ଦ୍ୱିତୀୟ ଥର ପାଇଁ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଝାରସୁଗୁଡା ଜିଲାକୁ ପ୍ରତିନିଧିତ୍ୱ କରି ଅପୂର୍ବ ସଫଳତା ହାସଲ କରି ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ଆଶାମଞ୍ଜରୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।





କ୍ଷିରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମେଧାବୃତ୍ତି-ଭାଷାବୃତ୍ତିରେ କୃତୀ ଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରୀ ଓ ମଞ୍ଚାସୀନ ଅତିଥି।